

## ଅଲୀନଗରରୁ ମୈଥିଳୀ ବିଜେପି ପ୍ରାର୍ଥୀ

ପୃଷ୍ଠା ୫


# ସଂଚାର THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 203 | ଭାଗ ୩୩ | ସଂଖ୍ୟା ୨୦୩ | Thursday 16 October 2025 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର ୧୬ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ନୂଆପଡ଼ା ଉପନିର୍ବାଚନ ପାଇଁ ବଢ଼ିଲା ତାତି

# ମୈଦାନରେ ସ୍ନେହାଙ୍ଗିନୀ-ଜୟ-ଘାସିରାମ

- ନବୀନ ଖେଳିଲେ ମହିଳା କାର୍ଡ
- ଆଜି ଶକ୍ତି ପ୍ରଦର୍ଶନ କରିବ ବିଜେପି
- ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ନାମାଙ୍କନ ଭରିବେ ଜୟ
- ୧୮ରେ ଘାସିରାମ ଦାଖଲ କରିବେ ପ୍ରାର୍ଥିପତ୍ର
- ଏକ ନମ୍ବର ଜିଲ୍ଲା କରିବାକୁ ଦାୟିତ୍ୱ ନେଇଛନ୍ତି ମୋହନ
- ନିର୍ବାଚନ ପରେ ନୂଆପଡ଼ାରେ ହେବ ମେଡିକାଲ କଲେଜ: ମନମୋହନ
- ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ନବୀନ



**ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନ ପାଇଁ ତିନି ଦଳର ପ୍ରାର୍ଥୀ ଚୂଡ଼ାନ୍ତ ହୋଇଛି। ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ, ବିଜେପିରୁ ଜୟ ଢୋଲକିଆ ଓ କଂଗ୍ରେସରୁ ଘାସିରାମ ମାଝୀ ପ୍ରାର୍ଥୀ ହୋଇଛନ୍ତି। ଆଜି ଉଭୟ ବିଜେପି ଓ ବିଜେଡି ନିଜ ନିଜ ଦଳର ପ୍ରାର୍ଥୀ ଘୋଷଣା କରିଛନ୍ତି। ତିନି ଦଳର ପ୍ରାର୍ଥୀ ଚୂଡ଼ାନ୍ତ ହେବା ପରେ ଏବେ ନୂଆପଡ଼ା ରାଜନୀତି ସରଗରମ ହୋଇଛି।

ଜୟ ଢୋଲକିଆ ବିଜେପିକୁ ଚାଲିଯିବା ପରେ ନବୀନ ପଟ୍ଟନାୟକ ମହିଳା କାର୍ଡ ଖେଳିଛନ୍ତି। ଶିକ୍ଷୟିତ୍ରୀରୁ ରାଜନେତ୍ରୀ ସାଜିଥିବା ସ୍ନେହାଙ୍ଗିନୀଙ୍କୁ ପ୍ରାର୍ଥୀ କରିଛନ୍ତି ସେ। ବିଜେଡିର ସଭାନେତ୍ରୀ ସ୍ନେହାଙ୍ଗିନୀ ପୂର୍ବରୁ ଦୁଇ ଥର ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଗତ ୨୦୧୪ ଓ ୨୦୧୯ରେ ଅତାବିରା ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହୋଇଥିଲେ ସ୍ନେହାଙ୍ଗିନୀ। ନବୀନ ସରକାରରେ ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଥାଇ ନିଜର ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି ଏହି ମହିଳା ନେତ୍ରୀ। ସେ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତ୍ରୀ ଭାବେ ପରିଚିତା। ବିଜେଡିର ସବୁ ନେତା ତାଙ୍କୁ ଜିତାଇବାକୁ ଚେଷ୍ଟା କରିବେ ବୋଲି ସ୍ନେହାଙ୍ଗିନୀ କହିଛନ୍ତି। ଏଥିସହ ନବୀନ ନିଜେ ସ୍ନେହାଙ୍ଗିନୀଙ୍କ ପାଇଁ ପ୍ରଚାର ମୈଦାନକୁ ଓହ୍ଲାଇବେ ବୋଲି ମଧ୍ୟ ଆଶା କରାଯାଉଛି। ଏଥିସହ ସେ ନୂଆପଡ଼ାବାସୀଙ୍କ ସହଯୋଗ ଲୋଡ଼ିଛନ୍ତି। ନିଜେ ସ୍ନେହାଙ୍ଗିନୀ ମଧ୍ୟ ଆଜିଠୁ ନୂଆପଡ଼ା ତାଙ୍କ ପରିବାର ବୋଲି କହିବା ସହ ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ନୂଆପଡ଼ାବାସୀଙ୍କ ସେବା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହା ପୂର୍ବରୁ ସେ ୪ ଥର ନୂଆପଡ଼ା ପାଇଁ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇଥିଲେ। ତେଣୁ ଏହି ଉପନିର୍ବାଚନ ତାଙ୍କ ପାଇଁ ଆଦୌ କଷ୍ଟସାଧ୍ୟ ହେବନାହିଁ ବୋଲି ସ୍ନେହାଙ୍ଗିନୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସେପଟେ ବିଜେପି ସଂସଦୀୟ ବୋର୍ଡ ପକ୍ଷରୁ ଆଜି ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ପ୍ରାର୍ଥୀ ଭାବେ ଜୟ ଢୋଲକିଆଙ୍କ ନାମ ଘୋଷଣା କରାଯାଇଛି। ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆ ଆସନ୍ତାକାଲି ନାମାଙ୍କନପତ୍ର ଦାଖଲ କରିବେ। ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ନୂଆପଡ଼ାସ୍ଥିତ 'ଗୋଡମା' ଏୟାରଷ୍ଟ୍ରିପଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ ଏବଂ ଏଥିରେ ବିଜେଡି ଓ କଂଗ୍ରେସ ଦଳର ଶତାଧିକ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବରଙ୍କ ସମେତ ପୂର୍ବତନ ଜନପ୍ରତିନିଧି ଓ ସମର୍ଥକମାନେ ବିଜେପିରେ ସାମିଲ ହେବେ। ଏହାପରେ ଏକ ବିଶାଳ ଶୋଭାଯାତ୍ରାରେ ଜୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲ କରିବେ। ➪ପୃଷ୍ଠା-୬

### ତୁଟିଲା ଦ୍ୱନ୍ଦ୍ୱ

## ୨୦ରେ ଦୀପାବଳି



**ପୁରୀ,୧୫।୧୦(ସଂଚାର ବ୍ୟୁରୋ):** ୨୦ରେ ଅମାବାସ୍ୟା ଓ ପୟାଶ୍ରାଦ୍ଧ। ଦୀପାବଳିରେ ହିଁ ହେବ ପୟାଶ୍ରାଦ୍ଧ। ୨୧ ତାରିଖରେ ଦୀପାବଳି ଓ ପୟା ଶ୍ରାଦ୍ଧକୁ ବାରଣ କରିଛି ପୁରୀ ମୁକ୍ତି ମଣ୍ଡପ ପଣ୍ଡିତ ସଭା। ଫଳତଃ କେଉଁଦିନ ଦୀପାବଳି ପାଳନ କରାଯିବ, ସେନେଇ ରହିଥିବା ଦ୍ୱନ୍ଦ୍ୱରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପୁରୀ ଭକ୍ତ ସାଲବେଗ ପୀଠରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ୨୦ ଓ ୨୧ ତାରିଖକୁ ନେଇ ଲାଗି ରହିଥିଲା ଦ୍ୱନ୍ଦ୍ୱ। ତେବେ ୨୦ ତାରିଖ ଅପରାହ୍ନ ୩ଟା ୨୩ରୁ ଆରମ୍ଭ ହେବ ପୟା ଶ୍ରାଦ୍ଧ। କାଳୀ ପୂଜା ଏବଂ ଦୀପାବଳୀ ମଧ୍ୟ ପାଳନ କରାଯିବ। ସେହିପରି ୨୧ ତାରିଖରେ ମାତ୍ର ୧୪ ମିନିଟ୍ ପାଇଁ ଅମାବାସ୍ୟା ରହିଛି। ଏଥିପାଇଁ ସରକାରଙ୍କ ନିକଟରେ ୨୦ ତାରିଖ ଛୁଟି କରିବା ଲାଗି ମୁକ୍ତି ମଣ୍ଡପ ପଣ୍ଡିତ ସଭା ନିବେଦନ କରିଛି। ଆଶ୍ୱିନ କୃଷ୍ଣ ପ୍ରତିପଦାଠାରୁ ପିତୃପକ୍ଷରେ ମର୍ତ୍ତ୍ୟଲୋକରୁ ଆସିଥିବା ପିତୃପୁରୁଷଙ୍କୁ ଦୀପାବଳିରେ ଆଲୋକର ମାର୍ଗ ଦେଖାଇ ମେଲାଣି ଦେବାର ବିଧି ରହିଛି। କାଉଁରିଆ କାଠି ଜାଳି ବଡ଼ବଡୁଆ ଡାକନ୍ତି ଶ୍ରଦ୍ଧାଳୁ। ବିଧି ମୁତାବକ ଫଳ, ଫୁଲ, ଚନ୍ଦନ ଆଦି ଦ୍ରବ୍ୟରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ଶ୍ରାଦ୍ଧ ଦାନ କରିଛନ୍ତି।

### ● ଏସ୍ଆଇ ପରୀକ୍ଷା କେଲେଙ୍କାରୀ

## ଶଙ୍କର ପୃଷ୍ଟି ସମେତ ୫ ଜଣଙ୍କ ଆଗୁଆ ଜାମିନ ଆବେଦନ



**କଟକ,୧୫।୧୦(ସଂଚାର ବ୍ୟୁରୋ):** ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି)ର ଏସ୍ଆଇ ପରୀକ୍ଷା କେଲେଙ୍କାରୀରେ ଶଙ୍କର ପୃଷ୍ଟି, ଖାସ୍ ସହଯୋଗୀ ମୁନା ମହାନ୍ତିଙ୍କ ସମେତ ପାଞ୍ଚ ଜଣ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ ଦାୟର କରିଛନ୍ତି। ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ପାଇଁ ଶଙ୍କର ପୃଷ୍ଟି, ମୁନା ମହାନ୍ତି, ଦୀପ୍ତିମୟୀ ସାହୁ, ଶ୍ରୀକାନ୍ତ ମହାରଣା, ସୁକାନ୍ତ ମହାରଣା ଓରଫ ରିଙ୍କୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଶଙ୍କର ପୃଷ୍ଟି ଓ ମୁନା ମହାନ୍ତିଙ୍କ ବିରୋଧରେ ➪ପୃଷ୍ଠା-୬

### ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ଗଣଦୁଷ୍କର୍ମ ମାମଲାରେ ବଡ଼ ଟ୍ୱିଷ୍ଟ୍

## ପୁରୁଷ ବନ୍ଧୁ ମାଷ୍ଟରମାଇଣ୍ଡ୍

### ୭ ଦିନିଆ ରିମାଣ୍ଡରେ ଗଲେ

**କୋଲକାତା,୧୫।୧୦(ସଂଚାର ବ୍ୟୁରୋ):** ଗତ ସପ୍ତାହରେ ପଶ୍ଚିମବଙ୍ଗର ଦୁର୍ଗାପୁରଠାରେ ୨୩ ବର୍ଷୀୟା ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ହୋଇଥିବା ନେଇ ଖୋଳତାଡ଼ ଚାଲିଥିବା ବେଳେ ଆଜି ଏହି ମାମଲାରେ ବଡ଼ ଟ୍ୱିଷ୍ଟ୍ ଆସିଛି। ଛାତ୍ରୀଙ୍କ ସହ ଥିବା ପୁରୁଷ ବନ୍ଧୁଙ୍କ ବୟାନ ଅନୁସାରେ, ଏହି ମାମଲାରେ ୫ ଜଣ ଦୁଷ୍କର୍ମ କରିଥିବା ବେଳେ ସେମାନଙ୍କୁ ପୁଲିସ୍ ଗିରଫ କରିସାରିଛି।



ଗତକାଲି ମଧ୍ୟ ସେମାନଙ୍କୁ ନେଇ ପୁଲିସ୍ ଘଟଣାର ରିକ୍ରିଏସନ୍ କରିସାରିଛି। କିନ୍ତୁ ଆଜି ଏହି ମାମଲାରେ ପୁରୁଷ ବନ୍ଧୁ ମାଷ୍ଟରମାଇଣ୍ଡ୍ ବୋଲି ପୁଲିସ୍ କହିଛି। ଏଥିସହ ଏହା ଏକ ଗଣଦୁଷ୍କର୍ମ ନୁହେଁ ବୋଲି ମଧ୍ୟ ଦୁର୍ଗାପୁର ପୁଲିସ୍ ସ୍ପଷ୍ଟ କରିଛି। ଉକ୍ତ ଛାତ୍ରୀଙ୍କୁ କେବଳ ପୁରୁଷ ବନ୍ଧୁ ହିଁ ଦୁଷ୍କର୍ମ କରିଥିବା ମଧ୍ୟ ପୁଲିସ୍ ପକ୍ଷରୁ କୁହାଯାଇଛି। ମାଲ୍‌ଦାନିବାସୀ ଏହି ଛାତ୍ର ଜଣଙ୍କୁ ଗତ ୧୧ ତାରିଖରେ ଅଟକ ରଖାଯିବା ପରେ ଗତକାଲି ଗିରଫ କରାଯାଇଛି। ଅସନସୋଲ୍-ଦୁର୍ଗାପୁର ପୁଲିସ୍ କମିଶନର୍ ସୁନୀଲ କୁମାର ଚୌଧୁରୀ କହିଛନ୍ତି ଯେ ଅଦ୍ୟାବଧି ହୋଇଥିବା ତଦନ୍ତ ଓ ➪ପୃଷ୍ଠା-୬

## ଥମୁନି ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି

### ସାଇବର ଥାନାରେ ଦିଆଗଲା ଏତଲା
### କାର୍ତ୍ତିକ ମାସ ପାଇଁ ସ୍ୱତନ୍ତ୍ର ଅଫର



**ଭୁବନେଶ୍ୱର, ୧୫।୧୦(ସଂଚାର ବ୍ୟୁରୋ):** ମହାପ୍ରସାଦ ନାଁ ନେଇ ମୁନାଫା କମାଇବାର ମାଧ୍ୟମ ସାଜିଛି ଅନ୍‌ଲାଇନ୍। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜେଲ୍ ଦଣ୍ଡର ଭୟ ଦେଖାଯାଇଛି। ସେବାୟତମାନେ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ତଥାପି ଅନଲାଇନ୍‌ରେ ମହାପ୍ରସାଦ ନାଁରେ ବ୍ୟବସାୟ କରିବାର ମୋହ ଭଙ୍ଗ ହୋଇନାହିଁ। ପୁଣି ଏକ ସଂସ୍ଥା ସୋସିଆଲ ମିଡିଆରେ ଅନ୍ନପ୍ରସାଦ ଅର୍ଡର ଦେବାକୁ ନିବେଦନ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ସ୍ୱିଗି ପରି ଏକ ବ୍ରାଣ୍ଡ ଅନଲାଇନ ଫୁଡ ଡେଲିଭରି ସଂସ୍ଥା ପୋଷ୍ଟରେ ଅନ୍ନପ୍ରସାଦ ମୂଲ୍ୟ ସୂଚିତ କରିଛି। କାର୍ତ୍ତିକ ମାସ ପାଇଁ ବିଶେଷ ରିହାତି ରହିଛି, ଯାହାର ମୂଲ୍ୟ ୪୯ ଟଙ୍କା। ଯଦିଓ ମହାପ୍ରସାଦ ଲେଖା ନକରି ଅନ୍ନପ୍ରସାଦ ଲେଖା ରହିଛି, କିନ୍ତୁ ଜଗନ୍ନାଥ ମନ୍ଦିର ଅନ୍ନପ୍ରସାଦ ସହ ଅଭଡ଼ା କୁଡ଼ିଆ ରହିଛି । ଜଗନ୍ନାଥ ମନ୍ଦିର ଅନ୍ନପ୍ରସାଦ ସହିତ ମା' ତାରିଣୀ ଅନ୍ନପ୍ରସାଦ, ପ୍ରସାଦମ ଟେମ୍ପଲ ଅନ୍ନପ୍ରସାଦ ଓ ବାବା ଆଖଣ୍ଡଳମଣି ଅନ୍ନପ୍ରସାଦ ଡେଲିଭରି ପାଇଁ ବ୍ୟବସ୍ଥା ରହିଛି । ମହାପ୍ରଭୁଙ୍କ ମହାପ୍ରସାଦ ନାଁ ନନେଇ ଅନ୍ନପ୍ରସାଦ କହି ଭକ୍ତଙ୍କ ନିକଟରେ ପହଞ୍ଚାଇବା ଅର୍ଥ ଭକ୍ତଙ୍କ ଭାବାବେଗ ସହ ଖେଳିବା। ମାଛ ମାଂସ ବିକା ଯାଉଥିବା ପ୍ଲାଟଫର୍ମରେ ଅନ୍ନପ୍ରସାଦ ବିକା ଯିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ବାରମ୍ବାର ଏଭଳି ଦୃଶ୍ୟ ସାମ୍ନାକୁ ଆସୁଥିବା ସତ୍ତ୍ୱେ ଏହାକୁ ➪ପୃଷ୍ଠା-୬

## ୩କୁ ଖସିଲା ସର୍ବାଧିକ ନକ୍ସଲ ପ୍ରଭାବିତ ଜିଲ୍ଲା

- ● ନିପାତ ହୋଇଛନ୍ତି ୩୧୨ ବାମପନ୍ଥୀ ଉଗ୍ରବାଦୀ କ୍ୟାଡର୍
- ● ୧୬୩୯ ଜଣ ଆତ୍ମସମର୍ପଣ କରିଛନ୍ତି
- ● ଗିରଫ ହୋଇଛନ୍ତି ୮୩୬ ଏଲ୍‌ଡବ୍ଲ୍ୟୁଇ କର୍ମୀ



**ନୂଆଦିଲ୍ଲୀ,୧୫।୧୦:** ଦେଶରେ ନକ୍ସଲ ପ୍ରଭାବିତ ଅଞ୍ଚଳରେ ନିୟମିତ ଭାବେ ସୁରକ୍ଷାକର୍ମୀ କମ୍ବିଂ ଅପରେସନ୍ କରିବା ସହ ସରକାର ଆକର୍ଷଣୀୟ ଥଇଥାନ ନୀତି ଆପଣେଇଛନ୍ତି। ଏହାଦ୍ୱାରା ଦେଶରେ ମାଓବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଗୋଟିଏ ପଟେ ସୁରକ୍ଷାକର୍ମୀଙ୍କ ଗୁଳିରେ ମାଓବାଦୀ ନିହତ ହେଉଥିବା ବେଳେ ନିୟମିତ ବ୍ୟବଧାନରେ ଆତ୍ମସମର୍ପଣ ମଧ୍ୟ ଚାଲିଛି। ତେଣୁ ଦିନକୁ ଦିନ ଲାଲ୍‌ଗଡ଼ ଦୁର୍ବଳ ହେବାରେ ଲାଗିଛି। ଏହି କ୍ରମରେ ଦେଶରେ ସର୍ବାଧିକ ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୬ରୁ ୩କୁ ଖସିଆଯାଇଛି। ଏବେ କେବଳ ଛତିଶଗଡ଼ର ବିଜାପୁର, ସୁକମା ଓ ନାରାୟଣପୁର ବାମପନ୍ଥୀ ଉଗ୍ରବାଦ (ଏଲଡବ୍ଲ୍ୟୁଇ) ଦ୍ୱାରା ସର୍ବାଧିକ ପ୍ରଭାବିତ ଜିଲ୍ଲା ରହିଛି। ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲ୍ଲା ବର୍ଗରେ ମଧ୍ୟ ଏହି ସଂଖ୍ୟାକୁ ୧୮ରୁ ୧୧କୁ ହ୍ରାସ କରାଯାଇଛି। ବର୍ତ୍ତମାନ କେବଳ ୧୧ଟି ଜିଲ୍ଲା ବାମପନ୍ଥୀ ଉଗ୍ରବାଦ ଦ୍ୱାରା ପ୍ରଭାବିତ ରହିଛି। ମୋଦି ସରକାର ➪ପୃଷ୍ଠା-୬

## ଲାଞ୍ଚ ଲୋଭ ଭିଜିଲାନ୍ସ ପଞ୍ଝାରେ ଏଏଫ୍ଓ ଓ ଡିଇଓ



**ଭୁବନେଶ୍ୱର,୧୫।୧୦ (ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରାୟ ପ୍ରତିଦିନ ଲାଞ୍ଚ ନେଇ ସରକାରୀ ଅଧିକାରୀମାନେ ଭିଜିଲାନ୍ସ ଜାଲରେ ପଡୁଥିଲେ ମଧ୍ୟ ଏନେଇ ସଚେତନତା ପ୍ରକାଶ ପାଉନାହିଁ। ତେଣୁ ନିୟମିତ ଗିରଫଦାରୀ ସତ୍ତ୍ୱେ ଲାଞ୍ଚ ଲୋଭ ଧାରା ଜାରି ରହିଛି। ଏହି କ୍ରମରେ ଆଜି ଦୁଇ ଜଣ କର୍ମଚାରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେମାନେ ହେଲେ ଖୋର୍ଦ୍ଧା ବେଗୁନିଆ ତହସିଲ ଅଫିସ୍‌ର ଡାଟା ଏଣ୍ଟ୍ରି ଅପରେଟର୍ (ଡିଇଓ) ସ୍ମୃତି ଜୟସିଂହ ଓ ଗଞ୍ଜାମ ଜିଲ୍ଲା ପୋଲସରାର ଅତିରିକ୍ତ ମତ୍ସ୍ୟ ଅଧିକାରୀ (ଏଏଫ୍ଓ) ସୁରେଶ କୁମାର ବେହେରା। ଉଭୟ ଅଭିଯୋଗକାରୀଙ୍କଠାରୁ ୮ ହଜାର ଟଙ୍କା ଲେଖାଏଁ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି। ମିଳିଥିବା ସୂଚନାନୁସାରେ, ଡିଇଓ ସ୍ମୃତି ଜୟସିଂହ ଜମି ପଟ୍ଟାର କିସମ ପରିବର୍ତ୍ତନ ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ବେଗୁନିଆ ଗଡମାଣିତ୍ରୀ ଗ୍ରାମର ଶିଶିର ମଙ୍ଗରାଜଙ୍କ ଜମି ପଟ୍ଟାର କିଶମ ଘରବାଡ଼ି କରିବା ପାଇଁ ବାରମ୍ବାର ଦୌଡୁଥିଲେ ମଧ୍ୟ ସ୍ମୃତି ଏହାକୁ ଟାଳିଆସୁଥିଲେ। ଶେଷରେ ସେ ୮ ହଜାର ଟଙ୍କା ଲାଞ୍ଚ ମାଗିବାରୁ ଏନେଇ ଶ୍ରୀ ମଙ୍ଗରାଜ ଭିଜିଲାନ୍ସର ଖୋର୍ଦ୍ଧା ଟିମ୍‌କୁ ଅବଗତ କରାଇଥିଲେ। ଯୋଜନା ମୁତାବକ ସ୍ମୃତି ଆଜି ଲାଞ୍ଚ ଟଙ୍କା ନେବା ସମୟରେ ସେଠାରେ ପୂର୍ବରୁ ମହଜୁଦ ଥିବା ଭିଜିଲାନ୍ସ ଟିମ୍ ସ୍ମୃତିଙ୍କୁ ପ୍ରମାଣ ସହ ଧରିଥିଲା। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ଟିମ୍ ସ୍ମୃତିଙ୍କ କାର୍ଯ୍ୟାଳୟ ସହ ବେଗୁନିଆସ୍ଥିତ ବାସଭବନରେ ଚଢ଼ାଉ କରିଛି।

ସେହିପରି ଏକ ସରକାରୀ ଯୋଜନାରେ ୧.୩୮ ଲକ୍ଷ ଟଙ୍କାର ସବ୍‌ସିଡି ଅର୍ଥ ରିଲିଜ୍ କରିବା ସକାଶେ ଶ୍ରୀ ବେହେରା ଅଭିଯୋଗକାରୀଠାରୁ ୮ ➪ପୃଷ୍ଠା-୬

## ୭୮ ମାଓବାଦୀଙ୍କ ଆତ୍ମସମର୍ପଣ



୧୬ ଜଣଙ୍କ ମୁଣ୍ଡରେ ଥିଲା ୫୦ ଲକ୍ଷର ପୁରସ୍କାର

**ମାଲକାନଗିରି,୧୫।୧୦(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ମାଓ ଅଧ୍ୟୁଷିତ ଅଞ୍ଚଳରେ ଯବାନମାନେ ଦିନରାତି ଅଭିଯାନ ଚାଲୁ ରଖିଛନ୍ତି। ଏହାର ପ୍ରଭାବ ସ୍ୱରୂପ ବିଭିନ୍ନ ସମୟରେ ମାଓବାଦୀମାନେ ଅସ୍ତ୍ରତ୍ୟାଗ କରି ସାମାଜିକ ସ୍ରୋତରେ ସାମିଲ୍ ହେଉଛି। ଗତକାଲି ଶୀର୍ଷ ମାଓନେତା ବେଣୁଗୋପାଲ ତା'ର ୬୦ ଜଣ ସହଯୋଗୀଙ୍କୁ ନେଇ ଆତ୍ମସମର୍ପଣ କରିଥିବା ବେଳେ ଆଜି ବି ଏହି ଧାରା ଜାରି ରହିଛି। ଆଜି ମୋଟ ୭୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୪୩ ଜଣ ମହିଳା ମାଓବାଦୀ ସିପିଆଇ(ମାଓ)ର ଦଣ୍ଡକାରଣ୍ୟ ସ୍ପେଶାଲ୍ ଜୋନ୍ କମିଟିର ୨ ଜଣ ସଦସ୍ୟ ଅଛନ୍ତି। ବୁଧବାର ଏହି ଆତଙ୍କବାଦୀମାନେ ଛତିଶଗଡ଼ର ୩ଟି ଜିଲ୍ଲାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଛତିଶଗଡ଼ର ବସ୍ତର ଅଞ୍ଚଳରେ ଆତ୍ମସମର୍ପଣ କରିଥିବା ଜଣେ ମାଓବାଦୀ ୩ ଡଜନ୍‌ରୁ ଅଧିକ ଅସ୍ତ୍ରଶସ୍ତ୍ର ପ୍ରତ୍ୟର୍ପଣ କରିଛନ୍ତି। ଏଥିରେ କେ-୪୭ ରାଇଫଲ୍ ରହିଛି। ସେହିପରି ସୁକମା ଜିଲ୍ଲାରେ ୨୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ➪ପୃଷ୍ଠା-୬



### କାନ ଡେରିଥା

କାର ଖଣ୍ଡେ ଖଣ୍ଡେ ମିଳିଯିବ ଏବେ
ସ୍ୱାମୀ ହେବେ ଡ୍ରାଇଭର
ଇନ୍‌ଷ୍ଟଲମେଣ୍ଟ ଟା ସ୍ୱାମୀ ହିଁ ସୁଝିବ
ଯିଏ ବି ଷ୍ଟାଇଲ ମାର
ଆଉ ରହିବନି ଡର...
ମହିଳାମାନଙ୍କୁ ଖୁସିରେ ମିଳିବ
ସରକାରୀ ପୁରସ୍କାର ।

■ ଦେବାଶିଷ

## କ୍ରୀତଦାସଙ୍କ ପାଇଁ ଜୟ ପଳାଇଲେ



**ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନରେ ତିନିଦଳ ନଜର ପ୍ରାର୍ଥୀ ଘୋଷଣା କରିଥିବାବେଳେ ବିଜେଡିର ଜୟ ଢୋଲକିଆ ଶେଷ ମୂହୂର୍ତ୍ତରେ କାହିଁକି ବିଜେପିକୁ ପଳାଇଲେ ତାହାକୁ ନେଇ ଚର୍ଚ୍ଚା ଥମିନାହିଁ। ତେବେ କ୍ରୀତଦାସଙ୍କ ହୀନ ରାଜନୀତି ଯୋଗୁଁ ଜୟ ଛୁ' ମାରିଥିବାର ଗୁମର ଧିରେ ଧିରେ ଫିଟିବାର ଲାଗିଛି।

ହେଉଥିବା ଆଲୋଚନା ଅନୁଯାୟୀ ଜୟ ବିଜେପିକୁ ପଳାଇବାର ମୂଳ କାରଣ ହେଉଛନ୍ତି ଖୋଦ୍ କ୍ରୀତଦାସ। ଏହାର କାରଣ ହେଉଛି ଜୟଙ୍କ ପିତା ତଥା ବିଜେଡିର ସ୍ୱର୍ଗତଃ ବିଧାୟକ ରାଜେନ୍ଦ୍ର ଢୋଲକିଆ ଚେନ୍ନାଇରେ ଚିକିତ୍ସିତ ହେଉଥିବାବେଳେ ଜୟ ସେତେବେଳେ ଭି କେ ପାଣ୍ଡିଆନଙ୍କ ସହାୟତା ଚାହିଁଥିଲେ। ପାଣ୍ଡିଆନ ଚେନ୍ନାଇର ହୋଇଥିବାରୁ ବଡ ସାହାଯ୍ୟ ଆଶା କରିଥିଲେ ଜୟ। ସେହି ଆଶାରେ ଭିକେ ପାଣ୍ଡିଆନଙ୍କ ସହ କଥା ହେବାକୁ ସେ କ୍ରୀତଦାସଙ୍କ ସହାୟତା ଲୋଡିଥିଲେ। ଥରୁଟିଏ କଥା କରାଇ ଦେବାକୁ ନେହୁରା ବି ହୋଇଥିଲେ ଜୟ। ହେଲେ କ୍ରୀତଦାସ ବିଭିନ୍ନ ବାହାନା କରି ଜୟଙ୍କୁ ସିଧାସଳଖ ପାଣ୍ଡିଆନଙ୍କ ସହ କଥା କରାଇ ଦେଇନଥିଲେ କି ନିଜେ ଖବରଟିକୁ ପାଣ୍ଡିଆନଙ୍କ ନିକଟରେ ପହଞ୍ଚାଇନଥିଲେ। ପାଣ୍ଡିଆନଙ୍କ ସହ ଯୋଗାଯୋଗ ହୋଇନପାରିବାରୁ ଏଥିରେ ନିରାଶ ହୋଇ ସେ ନବୀନଙ୍କ ସହ କଥା ହେବା ପାଇଁ ମଧ୍ୟ କ୍ରୀତାଦାସଙ୍କୁ ଫୋନ୍ କରିଥିଲେ। ହେଲେ କ୍ରୀତଦାସ ତାହା ମଧ୍ୟ କରାଇ ଦେଇନଥିଲେ।

- ● ପିତାଙ୍କ କଥା ଜଣାଇ ପାରିନଥିଲେ
- ● ଧୀରେ ଧୀରେ ଫିଟୁଛି ଗୁମର

ଏଥିଯୋଗୁଁ ରାଜେନ୍ଦ୍ର ବାବୁ ଚେନ୍ନାଇରେ ଚିକିତ୍ସିତ ହେବା ସମୟରେ ପାଣ୍ଡିଆନ କିମ୍ବା ନବୀନ କେହି ସାହାଯ୍ୟ କରିପାରିନଥିଲେ। ରାଜେନ୍ଦ୍ରଙ୍କ ଅସୁସ୍ଥତାର ଖବର ମଧ୍ୟ ସେଭଳି କୌଣସି ଗଣମାଧ୍ୟମରେ ପ୍ରସାର ➪ପୃଷ୍ଠା-୬

### ଘାତକ ହେଲା ଅପରିପକ୍ୱ ଟିମ୍

ନୂଆପଡ଼ାରେ ଡେରା ପକାଇଥିବା ବିଜେଡିର ବରିଷ୍ଠ ନେତାମାନେ ଗଠନ କରିଥିବା ଅପରିପକ୍ୱ ଟିମ୍ ଦଳ ପାଇଁ ଘାତକ ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ନିର୍ବାଚନ ଘୋଷଣା ପରେ କ୍ରୀତଦାସଙ୍କ ସହିତ ଦଳର ଅନ୍ୟ ନେତାମାନେ ନୂଆପଡ଼ାରେ ଘାଟ ଜଗିଥିଲେ। ସ୍ଥିତି ସମ୍ଭାଳିବା ପାଇଁ କିଛି ଉପକୂଳ ଓ ପଶ୍ଚିମ ଓଡ଼ିଶା ନେତାଙ୍କୁ ନେଇ ଗଠନ କରିଥିଲେ ଟିମ୍। ହେଲେ ଗଠନ ବେଳେ ଭୁଲିଗଲେ ଯେ ନୂଆପଡ଼ା ବିଧାନସଭା କ୍ଷେତ୍ରଟି କଳାହାଣ୍ଡି ଲୋକସଭା ଇଲାକାରେ ଆସୁଛି। କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ବିଧାୟକ କଳିକେଶ ସିଂହଦେଓ ଭଳି ନେତାଙ୍କୁ ଏଥିରେ ସ୍ଥାନ ଦେଲେ ନାହିଁ। ଯେଉଁମାନଙ୍କୁ ➪ପୃଷ୍ଠା-୬

## ବିଡିଏରେ ଆଲ୍ଲିବାବା ଖେଳ ୧



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ରେ ଏବେ ଆଲ୍ଲିବାବା ଚାଳିଶ୍ ଚୋରଙ୍କ ଖେଳ। ଏଠାରେ ବାବୁ ଗୋଟିଏ ହାତରେ ଟାଉନ ପ୍ଲାନର ସାଜିଥିବାବେଳେ ଅନ୍ୟ ହାତରେ ପୁଅର ଆର୍କିଟେକ୍ ଫାଇଲରେ ମୋହର ମାରୁଛନ୍ତି। ବିଡିଏରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ଏହି ଆଲ୍ଲିବାବା ଗ୍ୟାଙ୍ଗ କରିଛନ୍ତି ବାବୁ-ପୁଅ ଯୋଡ଼ି। ବାପ ଜଣଙ୍କ ବିଡିଏର ବରିଷ୍ଠ ଟାଉନ ପ୍ଲାନର ଓ ସେ ବିଭିନ୍ନ ପ୍ରକଳ୍ପ ଅନୁମୋଦନ ଦାୟିତ୍ୱରେ ଥିବା ବେଳେ ପୁଅ ପ୍ରକଳ୍ପର ସ୍ଥପତି ଦାୟିତ୍ୱ ତୁଲାଉଛନ୍ତି। ତେଣୁ ପୁଅ ଯେଉଁ ଡିଜାଇନ ଦେଉଛନ୍ତି, ବାପା ତାକୁ ତୁରନ୍ତ ଅନୁମୋଦନ କରୁଛନ୍ତି। ଅର୍ଥାତ୍ ବାପ୍ ନମ୍ବରୀ ତ ବେଟା ଦଶ ନମ୍ବରୀ। ଏହି ବାପ-ପୁଅଙ୍କ ଖେଳ ଯୋଗୁଁ ରାଜ୍ୟର ଅନେକ ନାମକରା ସ୍ଥପତି ଏବେ ହାତବାନ୍ଧି ବସିଗଲେଣି। ବିଡିଏ, ବିଏମସି, କଟକ, ଢେଙ୍କାନାଳ, ଜଟଣୀ, ରାଉରକେଲା, ସମ୍ବଲପୁର ଓ ସୁନ୍ଦରଗଡରୁ ଯେତେ ସବୁ କୋଠାବାଡ଼ିର ପ୍ଲାନିଂ ଆସୁଛି, ଅଧିକାଂଶର ଆର୍କିଟେକ୍ ହେଉଛନ୍ତି ଆଲ୍ଲିବାବାଙ୍କ ପୁଅ। ତେଣୁ ଫାଇଲ୍ ଅଟକିବାର ଚାନ୍ସ ହିଁ ନାହିଁ। ଅନ୍ୟ ଆର୍କିଟେକଙ୍କ ଫାଇଲ୍ ଆସିଲେ, ଏପଟସେପଟ ହେଉଛି। ସରକାରୀ ଦପ୍ତରରେ ବାପ-ପୁଅଙ୍କର ଏଭଳି ଯୋଡ଼ି ସମ୍ପୂର୍ଣ୍ଣ ଅନୈତିକ ଓ ନିୟମ ବହିର୍ଭୂତ ହୋଇଥିବା ବେଳେ ଏ ନେଇ କେହି ପାଟି ଖୋଲୁନାହାନ୍ତି। ଆଲ୍ଲିବାବାଙ୍କ ଏଭଳି କାରନାମା ଯୋଗୁଁ ପୂର୍ବ ସରକାର ତାଙ୍କୁ ବିଡିଏରୁ ବିତାଡ଼ିତ କରିଥିଲେ। କିନ୍ତୁ ନୂଆ ସରକାର ଆସିବା ପରେ ପୁଣିଥରେ ବିଡିଏକୁ ଫେରିବା ସହ ସେମାନେ ତାଙ୍କ ଖେଳ ଆରମ୍ଭ କରିଦେଇଛନ୍ତି। ଏହି ବାପ-ପୁଅ ଯୋଡ଼ିକୁ ନେଇ ଏବେ ରାଜଧାନୀରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଏହି ଏକ ନମ୍ବରୀ ଓ ଦଶ ନମ୍ବରୀଙ୍କୁ ସରକାର କେବେ ଧରିବେ, ତାହା ଉପରେ ସମସ୍ତଙ୍କ ନଜର। ■

# ଚୋରାମଦ ସହ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗର ଜବତ, ୫ ଗିରଫ




କେନ୍ଦ୍ରାପଡ଼ା, ୧୫।୧୦(ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଟାଉନ ଓ ଆଳି ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପଟ୍ଟାମୁଣ୍ଡାଇ ପୌରସଂସ୍ଥା ଅନ୍ତର୍ଗତ ୱାର୍ଡ ନମ୍ବର ୧୧ ଅଳରୁ ସେକ ମୁଜାଫର ଅଲି(୨୫)ଙ୍କ ଠାରୁ ୫୫ ଗ୍ରାମ ବ୍ରାଉନସୁଗାର ଓ ସେକ ଗରିବୁଲ୍ଲା(୩୪)ଙ୍କ ଠାରୁ ୬୦ ଗ୍ରାମ ବ୍ରାଉନ ସୁଗାର, ନାଳପାଇ ଗ୍ରାମର ପ୍ରଫୁଲ୍ଲ ନାୟକ(୩୫)ଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ, ଏକମାଣିଆ ଗ୍ରାମର ମାନସ ରଞ୍ଜନ ଦାସ(୨୮)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ ଓ କାନ ସାହୁ(୨୪)ଙ୍କ ଠାରୁ ୧୭ ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୫୭ ଲିଟର ବିଦେଶୀ ମଦ ସହ ୧୧୫ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇ ଜଣେ ମହିଳାଙ୍କ ସମେତ ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାୟକ, ଅବକାରୀ ଉପନିରୀକ୍ଷକ ରୁତୁପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ଛାୟକାନ୍ତ ନାୟକ, ନରେଶ କୁମାର ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ପୁରୁଣା ଆନନ୍ଦବଜାରର କରାଯିବ ସୌନ୍ଦର୍ଯ୍ୟକରଣ

# ବଳଦେବଜୀଉ ମନ୍ଦିର ବୁଲି ଦେଖିଲା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ





**କେନ୍ଦ୍ରାପଡ଼ା, ୧୫।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉ ମନ୍ଦିରର ସର୍ବେକ୍ଷଣ ପାଇଁ ପ୍ରତ୍ନତତ୍ତ୍ୱ ବିଭାଗର ଏକ ଦଳ ବୁଧବାର କେନ୍ଦ୍ରାପଡ଼ାରେ ପହି ମନ୍ଦିରର ସ୍ଥିତି ପରଖିଛନ୍ତି। ଏହି ଦଳ ପ୍ରଥମେ ଶ୍ରୀଜୀଉଙ୍କ ମୁଖ୍ୟ ଦେଉଳର ଜଗମୋହନରେ ଥିବା ଖୁମ୍ବର ଫାଟକୁ ତଦାରଖ କରିଥିଲେ। ପୂର୍ବରୁ ପ୍ଲେଟ୍ ପଡ଼ିବା ଯୋଗୁଁ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ଏବେ ଯେଉଁ ଡିପିଆର ପ୍ରସ୍ତୁତ ହେବ ସେଥିରେ ପ୍ଲେଟ୍ ଲାଗିବାର ବ୍ୟବସ୍ଥା ରହିବ ନାହିଁ। ଏକ ସ୍ୱତନ୍ତ୍ର ପଥର ଦ୍ୱାରା ଜଗମୋହନର ଖୁମ୍ବକୁ ସୌନ୍ଦର୍ଯ୍ୟକରଣ କରାଯିବ। ମନ୍ଦିରର ନୀଳଚକ୍ର ହୁଗୁଳି ଯାଇଥିବାରୁ ତାହାର ମରାମତି କରାଯିବ। ଝୁଲଣ ଘରର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାରୁ ଫାଟର ମରାମତି କରାଯିବ। ପୁରୁଣା ଆନନ୍ଦବଜାରର ସୌନ୍ଦର୍ଯ୍ୟକରଣ କରାଯିବ। ବିବାହ ମଣ୍ଡପ ପଛପାଶ୍ୱର୍ରେ ଥିବା ପୁରୁଣା ଆଜବେଷ୍ଟସ ଘର ଭଙ୍ଗାଯାଇ ଯାତ୍ରୀ ବିଶ୍ରାମଗାର ନିର୍ମାଣ କରାଯିବ। ମନ୍ଦିର ପରିସରରେ ଥିବା ବିବାହ ମଣ୍ଡପକୁ ସ୍ଥାନାନ୍ତର କରାଯାଇ ପାର୍କ ନିକଟରେ ନୂତନ ବିବାହ ମଣ୍ଡପ ନିର୍ମାଣ କରାଯିବ। ପୁରୁଣା ଚନ୍ଦନ ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯିବ। ଭଣ୍ଡାର ଘରର ଅବସ୍ଥା ଭଲ ନଥିବାରୁ ଏହି ଦଳ ତାହାର ତଦାରଖ କରି ସୌନ୍ଦର୍ଯ୍ୟକରଣ କରାଯିବ ବୋଲି କହିଥିଲେ। ମନ୍ଦିର ମଧ୍ୟରେ ଥିବା ପାଶ୍ୱର୍ଦ୍ଦ ଦେବାଦେବୀ ମନ୍ଦିର ଯଥା କନକ ଦୁର୍ଗା ମନ୍ଦିର, ରାମଜୀ ମନ୍ଦିର, ସରସ୍ୱତୀ ମନ୍ଦିର ପ୍ରଭୃତିର ସୌନ୍ଦର୍ଯ୍ୟକରଣ କରାଯିବ। ବଳଦେବଜୀଉ ପାର୍କର ଓ ଯାତ୍ରୀ ନିବାସର ଉନ୍ନତିକରଣ କରାଯିବ। ନୂଆ ଚନ୍ଦନ ପୋଖରୀର ସୌନ୍ଦର୍ଯ୍ୟକରଣ କରାଯିବ। ଗୁଣ୍ଡିଚା ମନ୍ଦିରର ମଧ ଉନ୍ନତିକରଣ କରାଯିବ। ଏ ନେଇ ଏକ ଘରୋଇ ଆର୍କିଟେକ୍ ସଂସ୍ଥାକୁ ଡିପିଆର ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦି ଆ ଯା ଇ ଛି ବୋଲି ସେମାନେ କହିଛନ୍ତି। ସେହି ସଂସ୍ଥା ଡିପିଆର ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବା ପରେ ଏଷ୍ଟିମେଟ୍ ଅନୁଯାୟୀ ସରକାର ଅର୍ଥ ମଞ୍ଜୁର କରିବେ ବୋଲି ପ୍ରତ୍ନତ୍ତ୍ୱ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଟିମ୍‌ରେ ପ୍ରତ୍ନତ୍ତ୍ୱ ବିଭାଗର ଅଧୀକ୍ଷକ ଦେବଯାନୀ ଭୂୟାଁ, ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ, ସହ ସଂଗ୍ରହାଧକ୍ଷ ରୁଦ୍ରପ୍ରସାଦ ବେହେରା, ଆର୍କିଟେକ୍ଟ ରୋସନ ମହନ୍ତ ପ୍ରମୁଖ ଆସିଥିଲେ। ସେମାନଙ୍କ ସହ ଜିଲ୍ଲାପାଳ ରଘୁରାମ ଆର. ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ମନ୍ଦିର ପ୍ରଶାସନ ପକ୍ଷରୁ ଟ୍ରଷ୍ଟ ବୋର୍ଡ ସଭ୍ୟ ହୃଷିକେଶ ରଥ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ସଭ୍ୟ ଧୀରେନ୍ ସାହୁ, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଆଲୋଚନା କରିଥିଲେ। ଆର୍କିଟେକଚର ସଂସ୍ଥା ପ୍ରାଥମିକ ପର୍ଯ୍ୟାୟରେ ପ୍ରସ୍ତୁତ କରିଥିବା ଏକ ମଡେଲ ନକ୍ସା ଜିଲ୍ଲାପାଳଙ୍କୁ ଦେଖାଇ ଆଲୋଚନା କରିଥିଲେ। ଜିଲ୍ଲାପାଳ ସୂଚନା ଦେଇଥିଲେ ମନ୍ଦିରର ବିକାଶ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଫଳରେ ଜିଲ୍ଲା ପ୍ରଶାସନ ରାଜ୍ୟ ପ୍ରତ୍ନ ତ୍ୱ ବିଭାଗକୁ ଚିଠି ଲେଖିଥିଲା। ଫଳରେ ଆଇନ୍ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପ୍ରତ୍ନତ୍ତ୍ୱ ବିଭାଗର ଏକ ଟିମ କେନ୍ଦ୍ରାପଡ଼ାରେ ପହି ଶ୍ରୀଜୀଉଙ୍କ ମନ୍ଦିର ଓ ପାଶ୍ୱର୍ବୀ ଅଳର ଅନୁଧାନ କରିଥିଲେ।

## ଭିନ୍ନକ୍ଷମ ଶିଶୁ ଥେରାପି କେନ୍ଦ୍ର ପାଇଁ ଦାନ




**କେନ୍ଦ୍ରାପଡା,୧୫।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଥେରାପି ସେବା, ଭିନ୍ନକ୍ଷମଙ୍କ ଅଧିକାର ସଚେତନତା ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଭିନ୍ନକ୍ଷମ ଶିଶୁଙ୍କ ଥେରାପି ସେବା ନିମନ୍ତେ ଏକ ନୂତନ ଥେରାପି କେନ୍ଦ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି। କେନ୍ଦ୍ରାପଡ଼ା ସହରର ସ୍ଥାନୀୟ ମାଧପୁର ସ୍ଥିତ ଅମର ଉଦ୍ୟାନ ମଣ୍ଡପ ପ୍ରଥମ ମହଲାରେ ଖୁବ୍ ଶୀଘ୍ର ଏହି ବୃହତ୍ ଏକକ କେନ୍ଦ୍ରର ଶୁଭାରମ୍ଭ କରାଯିବ। ଏହି ଅତ୍ୟାଧୁନିକ କେନ୍ଦ୍ର ନିମନ୍ତେ ଆବଶ୍ୟକ ପଡୁଥିବା ଥେରାପି ଉପକରଣ କ୍ରୟ ନିମନ୍ତେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ଏକଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି।ଏହି ଉପକରଣ ବ୍ୟବହାର ଦ୍ୱାରା ବିଶେଷ କରି ମସ୍ତିଷ୍କ ପକ୍ଷାଘାତ, ଅଟିଜିମ୍ ପୀଡିତ, ବିକାଶ ବାଧିତ ଓ ଚଳନଶକ୍ତି ବାଧିତ ଶିଶୁ ଥେରାପି ଗ୍ରହଣ ପ୍ରକ୍ରିୟାରେ ବିଶେଷ ଭାବେ ଉପକୃତ ହୋଇ ପାରିବେ। ପୁନର୍ବାସ କାର୍ଯ୍ୟାଳୟରେ ଅନୁଷ୍ଠାନର କୋଷାଧକ୍ଷ ଶିବ ଚରଣ ସାମଲଙ୍କୁ ଚେକ୍ ମାଧମରେ ସେ ଏହି ଅର୍ଥରାଶି ପ୍ରଦାନ କରିଛନ୍ତି। ଏହି ଆର୍ଥିକ ଅନୁଦାନ ପ୍ରଦାନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସହ ସମ୍ପାଦକ ବଂଶୀଧର ମହାନ୍ତି ଓ ଉପ ସଭାପତି ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପୋଷଣ ମାସ ପାଳନରେ କେନ୍ଦ୍ରାପଡ଼ା ରାଜ୍ୟରେ ତୃତୀୟ



**କେନ୍ଦ୍ରାପଡା, ୧୫।୧୦(ସଂଚାର ବ୍ୟୁରୋ):** ରାଜ୍ୟ ସ୍ତରୀୟ ପୋଷଣ ମାସ -୨୦୨୫ ପାଳନ ସମାରୋହ ରେ କେନ୍ଦ୍ରାପଡ଼ା ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଛି। ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ରେ ରାଜ୍ୟର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିବା ଜଣାପଡ଼ିଛି। ଜାତୀୟ ପୋଷଣ ଯୋଜନାରେ ପୋଷଣ ଜନିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ତୃଣମୂଳ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ କରାଯାଇଥିଲା। ୩୦ ଗୋଟି ଜିଲ୍ଲା ମଧ୍ୟରେ ପୋଷଣକୁ ନେଇ ଜନ ଆନ୍ଦୋଳନ କେନ୍ଦ୍ରାପଡ଼ା ଜିଲ୍ଲା ଉଚକୋଟୀର ପ୍ରଦର୍ଶନ କରିଥିଲେ। ଆଜିର ରାଜ୍ୟ ସ୍ତରୀୟ ପୋଷଣ ମାସ ପାଳନ ଅବସରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲାର ଅଗମ୍ୟ ଅଞ୍ଚଳ ଗୁଡିକୁ ପୋଷଣ ଅଭିଯାନର ବାର୍ତ୍ତା ପହଞ୍ଚାଇବା ସହ ବହୁ ମାତ୍ରାରେ ଜନ ସଚେତନତା ସୃଷ୍ଟି କରିପାରି ଜିଲ୍ଲାକୁ କୁପୋଷଣ ମୁକ୍ତ କରିବା ନିମନ୍ତେ ମାନ୍ୟବର ମୁଖ୍ୟ ଶାସନ ସଚିବଙ୍କ କରକମଳରୁ ପୁରସ୍କାର ଗ୍ରହଣ କରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ସୁଷମା ମହାନ୍ତି ଏଠି ନିମନ୍ତେ ଜିଲ୍ଲାପାଳଙ୍କ ମାର୍ଗଦର୍ଶନ, ଜିଲ୍ଲା ସଂଯୋଜକ ସଞ୍ଜୟ ପାତ୍ର ଏବଂ ଆଇ ସି ଡି ଏସ ର ସମସ୍ତ କର୍ମକର୍ତ୍ତା ଏବଂ ଅଙ୍ଗନୱାଡି କର୍ମୀ ମାନଙ୍କର କର୍ତବ୍ୟ ନିଷ୍ଠା ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ମତ ପ୍ରକାଶ କରିଛନ୍ତି।

# ପରିବହନ ଓ ଯାଜପୁର ପୁଲିସ ମିଳିତ ଚଢ଼ାଉ



**ଯାଜପୁର,୧୫।୧୦(ସଂଚାର ବ୍ୟୁରୋ):** ଯାଜପୁରର ଗଣପର୍ବ କାଳୀପୂଜା ପାଇଁ ଦୁଇ ଚକିଆ ଓ ଚାରି ଚକିଆ ଯାନବାହନକୁ ଯାଞ୍ଚ କରାଯାଇଥିଲା। ଯାଜପୁରର ପରିବହନ ବିଭାଗ ଏବଂ ଯାଜପୁର ଟାଉନ୍ ପୁଲିସ ବିଭାଗ ପକ୍ଷରୁ ମିଳିତ ଯାଞ୍ଚ କରୁଥିବା ସମୟରେ ଯାଜପୁର ସହରର ବୈଦ୍ୟରାଜପୁର ଛକ ଠାରେ ସମୁଦାୟ ୬୭ଟି ଗାଡିକୁ ଯାଞ୍ଚ କରାଯାଇଥିଲା। ଏଥି ମଧ୍ୟରୁ ୨ଗୋଟି ଗାଡି ଚାଳକ ମଦ୍ୟପାନ କରି ଗାଡି ଚଳାଉଥିବା ବେଳେ ଯାଜପୁର ପୁଲିସ ୨ଟି ପୃଥକ ପୃଥକ ମାମଲା ରୁଜୁ କରି ଗାଡିଟିକୁ ଜବତ କରି ଯାଜପୁର ଥାନାରେ ଅଟକ ରଖିଛି। ଏହି ଚଢ଼ାଉ ସମୟରେ ଯାଜପୁର ଏମଭିଆଇ ପ୍ରଶାନ୍ତ ବେହେରା ଓ ଟ୍ରାଫିକ ପୁଲିସଙ୍କ ସହ ଯାଜପୁର ଥାନା ଏସଆଇ ମହେନ୍ଦ୍ର ସେଠୀ ଏବଂ ଅନ୍ୟ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ୮ ଫୁଟ ୨ ଇଞ୍ଚର ବଉଳା କୁମ୍ଭୀର ଉଦ୍ଧାର



**ରାଜନଗର,୧୫।୧୦ (ସଂଚାର ବ୍ୟୁରୋ):** ରାଜନଗର ଅଞ୍ଚଳରେ କୁମ୍ଭୀର ଉପଦ୍ରବ ଆତଙ୍କ ସୃଷ୍ଟି କରିଛି। ପୂର୍ବରୁ ପୋଖରୀ ଓ କେନାଲରୁ କୁମ୍ଭୀର ଉଦ୍ଧାର ହେଉଥିବା ବେଳେ ଆଜି ପେଣ୍ଠ ବେଳାଭୂମିରୁ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ପେଣ୍ଠ ବେଳାଭୂମି ନିକଟରେ ଥିବା ପାଣିରୁ ବିରାଟ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ପେଣ୍ଠ ବେଳାଭୂମିକୁ ବୁଲିବାକୁ ଯାଇଥିବା ପର୍ଯ୍ୟଟକ କୁମ୍ଭୀରକୁ ଦେଖି ବନବିଭାଗକୁ ଖବର ଦେଇଥିଲେ। ରାଜନଗର ବନବିଭାଗର କର୍ମଚାରୀମାନେ ଆଜି ସନ୍ଧ୍ୟାରେ ପେଣ୍ଠ ବେଳାଭୂମିରେ ପହଞ୍ଚି କୁମ୍ଭୀରକୁ ଉଦ୍ଧାର କରିଛନ୍ତି। ପେଣ୍ଠ ସମୁଦ୍ରକୂଳରେ ଥିବା ଜିଓ ଶିନ୍ଥେଟିକ ୱାଲ ନିକଟରେ ସମୁଦ୍ର ଜୁଆର ପାଣି ଜମାହୋଇ ଥିବା ନାଳରେ କୁମ୍ଭୀର ଧରିବାକୁ ଜାଲ ବିଛାଇଥିଲେ। ଜାଲ ମାଧ୍ୟମରେ ବନ କର୍ମଚାରୀମାନେ ୮ ଫୁଟ ୨ ଇଞ୍ଚର ବଉଳା ଅଣ୍ଡିରା କୁମ୍ଭୀର ଉଦ୍ଧାର କରିଥିଲେ। କୁମ୍ଭୀରକୁ ଉଦ୍ଧାର ପରେ ପିକ ଅପ ଭ୍ୟାନରେ କୁମ୍ଭୀରକୁ ନିଆଯାଇ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଗୁପ୍ତି ନିକଟସ୍ଥ ହବାଳି କ୍ରିକରେ ଛାଡି ଦିଆଯାଇଛି। ସବୁଠୁ ବଡ କଥା ହେଲା ଗତ ୫ ମାସ ମଧ୍ୟରେ ପେଣ୍ଠ ଓ ଏହି ପଞ୍ଚାୟତର ଏଣ୍ଡୁଳାପୁର ଗାଁରୁ ୮ଟି କୁମ୍ଭୀର ଉଦ୍ଧାର ହେବା ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କର କାରଣ ହୋଇଛି।

## ପୂର୍ବତନ ସରପଞ୍ଚ ନୃସିଂହ ବିଶ୍ୱାଳଙ୍କ ପରଲୋକ

**ପଟ୍ଟାମୁଣ୍ଡାଇତା, ୧୫।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ବର୍ଷିଆନ ସମାଜସେବୀ ନୃସିଂହ ଚରଣ ବିଶ୍ୱାଳଙ୍କ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇ ଯାଇଛି ଓ ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲାଓ ତାଙ୍କ ମରଶରୀରକୁ ତରଡ଼ିପାଳ ଠାରେ ପହଂଚିବା ପରେ ସମଗ୍ର ପଞ୍ଚାୟତ ପରିକ୍ରମା କରାଯାଇଥିଲା ଓ ଏହି ଶୋଭାଯାତ୍ରାରେ ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ୧୫ନଂ ଜୋନ ଜିଲ୍ଲା ପରିଷଦ ପ୍ରତିନିଧି ପୁରୁଷୋତ୍ତମ ତରାଇ, ପୂର୍ବତନ ସରପଞ୍ଚ ଅଜୟ ବିଶ୍ୱାଳ ଓ ସମିତି ସଭ୍ୟ ଦେବେନ୍ଦ୍ର ବିଶ୍ୱାଳ ବରିଷ୍ଠ ନେତା ହିମାଂଶୁ ବିଶ୍ୱାଳ ପ୍ରମୁଖ ସାମିଲ ହୋଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଋଣ ସଂପର୍କରେ ସମୀକ୍ଷା




**କେନ୍ଦ୍ରାପଡା, ୧୫।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆପିକଲ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଜିଲ୍ଲା ସ୍ତରୀୟ ବ୍ୟାଙ୍କ ଓ କୃଷି ଉଦ୍ୟୋଗଙ୍କ ଋଣ ସଂପର୍କରେ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ମୁଖ୍ୟ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଡିଡିଏମ ନାବାର୍ଡ ସ୍ମିତା ବଡଜେନା, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡଃ ମାନସ ରଂଜନ ସାହୁ, ପଶୁ ସମ୍ପଦ ବିକାଶ ଅଧିକାରୀ ଡ଼ଃ ମନୋଜ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ତ୍ରିପାଠୀ, ଏଲ୍‌ଡିଏମ୍ ରମାକାନ୍ତ ମାଝି, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଉଦ୍ୟାନ କୃଷି ବିଭାଗର ଦେବଦାସ ଦତ, ବ୍ୟାଙ୍କ ପରାମର୍ଶ ଦାତା ଚିନ୍ମୟୀ ପୃଷ୍ଟି, ଯୋଜନା ଅଧିକାରୀ ପବନ ମିଞ୍ଜ ପ୍ରମୁଖ ଯୋଗ ଦେଇ କୃଷି ଓ ଆନୁସଙ୍ଗିକ କୃଷି ର ବିଭିନ୍ନ ଋଣ ଯୋଜନା ସଂପର୍କରେ ଆଲେଚନା କରିଥିଲେ। ଏଗୁଡିକୁ ସମାଧାନ କରିବା ପାଇଁ ଉଦ୍ୟମ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା କୃଷକ ମାନଙ୍କ ପଇଁ କୃଷି ଋଣ ଗୁଡିକୁ ଯଥାଶିଘ୍ର ପ୍ରଦାନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏଥି ସଜିତ ଯୋଜନା ଗୁଡିକ କୃଷକଙ୍କ ନିକଟରେ ପହଁଚି ବ୍ୟାଙ୍କ ଋଣ ନେଇ ସେମାନେ କିଭଳି ଉପକୃତ ହୋଇପାରିବେ ସେ ସଂପର୍କରେ ସମୀକ୍ଷା କରାଯାଇ ଥିଲା। ଆପିକଲ ର ସଂଯୋଜକ ପ୍ରତାପ କୁମାର ରାଉତ ସହଯୋଗ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ କୋକିଳା ମଞ୍ଜରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

● ସାମାଜିକ କର୍ମୀଙ୍କ ଅକାଳ ବିୟୋଗ

## ଶ୍ରଦ୍ଧାଞ୍ଜଳି ଜଣେଇଲେ କଂଗ୍ରେସ ନେତା ବିଭ୍ରାଂଶୁ ଲେଙ୍କା



**ମହାକାଳପଡ଼ା, ୧୪।୧୦(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ର ସାମାଜିକ କର୍ମୀ ବିଷ୍ଣୁ ରାୟ (୫୦)ଙ୍କର ଅକାଳ ବିୟୋଗ ଘଟିଥିଲା। ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲରେ ପୋଷ୍ଟମର୍ଟମ କରାଯାଇ ରାମନଗରରେ ପହଂଚିବା ପରେ ଶୋଭାଯାତ୍ରାରେ ନିଆଯାଇ ଗ୍ରାମଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମହାକାଳପଡ଼ା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କା, ମହାକାଳପଡ଼ା ବ୍ଲକ କଂଗ୍ରେସ ର ପୂର୍ବତନ ସଭାପତି କବିନ୍ଦ୍ର ସାମଲ, ସରପଞ୍ଚ ରଞ୍ଜନ ରାଉତ, ରାମନଗର ପଞ୍ଚାୟତ କଂଗ୍ରେସ ନେତା ଉପାନନ୍ଦ ଚକ୍ରବର୍ତ୍ତୀ, ରଞ୍ଜନ ରାଉଳ, ମାର୍ଶାଘାଇ କଂଗ୍ରେସର ଆଗଧାଡିର କର୍ମୀ ରଶ୍ମିରଂଜନ ମଲ୍ଲିକ, ପ୍ରଭାସ ଦାସ ପ୍ରମୁଖ ରାମନଗର ବାସଭବନରେ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ଭଲିବଲ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଚମ୍ପିୟାନ



**କେନ୍ଦ୍ରାପଡା, ୧୫।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ୬୯ ତମ ରାଜ୍ୟ ସ୍ତରୀୟ ଭଲିବଲ ପ୍ରତିଯୋଗିତା ଭଦ୍ରକ ଜିଲ୍ଲାର ଚରମ୍ପା ଠାରେ ହନୁମାନଜୀୟୁ ମନ୍ଦିର ରେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ରେ ୪ ଗୋଟି ପ୍ରତିଯୋଗିତା ହୋଇଥିଲା। ଏଥିରେ ୩ ଗୋଟି ପ୍ରତିଯୋଗିତା ରେ କେନ୍ଦ୍ରାପଡା ଚମ୍ପିୟାନ ହୋଇଛି। ୧୪ ବର୍ଷରୁ କମ୍ ବାଳକ ବିଭାଗରେ, ୧୭ ବର୍ଷରୁ କମ ବାଳକ/ବାଳିକା ବିଭାଗରେ କେନ୍ଦ୍ରାପଡା ଚମ୍ପିୟାନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଉଚ୍ଚଶିକ୍ଷା, କ୍ରୀଡା, ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଠାରୁ ଛାତ୍ରଛାତ୍ରୀ ମନେ ଟ୍ରଫି ଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟ ରେ ଚମ୍ପିୟାନ ହୋଇଥିବା ଖେଳାଳୀ ମାନଙ୍କ ମଧ୍ୟରୁ ୪୮ ଜଣ ପ୍ରତିଯୋଗୀ ଜାତୀୟ ସ୍ତରରେ ଖେଳିବାକୁ ମନୋନିତ ହୋଇଛନ୍ତି। ଏଥିପାଇଁ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ଏମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସ୍ମିତା ପ୍ରତିଭା ସାହୁ ଖେଳକୁ ପରିଚାଳନା କରିଥିଲେ। ଏଥିରେ ମନୋଜ କୁମାର ସାହୁ, ମ୍ୟାନେଜର ଶଶାଙ୍କ ଶେଖର ସାହୁ, ତୃପ୍ତିମୟୀ ତରାଇ, କୋଚ ଉତ୍କଳ ମହାପାତ୍ର, ଶୁଶ୍ରୀ ସଙ୍ଗିତା ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କେନ୍ଦ୍ରାପଡା ଦଳ ଚମ୍ପିୟାନ ହୋଇ ଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ପ୍ରତିଯୋଗୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଧାର ଟଙ୍କା ମଗାକୁ କେନ୍ଦ୍ରକରି ମାରପିଟ, ୨ ଗୁରୁତର

**ଧର୍ମଶାଳା, ୧୫ ।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲା ଧର୍ମଶାଳା ଥାନା ଜାଲସୁଖା ଗ୍ରାମରେ ଧାର ଟଙ୍କା ମଗାକୁ କେନ୍ଦ୍ରକରି ଦୁଇ ଜଣଙ୍କ ମଧ୍ୟରେ ମାରପିଟ ଘଟି ଉଭୟ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଜାଲସୁଖା ଗ୍ରାମରେ ରହୁଥିବା କୁଳମଣି ଦେଉରୀଙ୍କ ପୁଅ ଚିତରଞ୍ଜନ ଦେଉରୀ ସେହି ଗ୍ରାମର ନରୀ ଦାସଙ୍କ ପୁଅ ସୁକାନ୍ତ ଦାସକୁ ଧାର ଟଙ୍କା ମାଗିବାରୁ ସୁକାନ୍ତ ତାକୁ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ଉଭୟଙ୍କ ମଧ୍ୟରେ ମାରପିଟ ଲାଗିବା ଯୋଗୁଁ ଉଭୟ ଗୁରୁତର ଆହତ ହୋଇଥିଲେ।

## ଲକ୍ଷ୍ମୀ ଭସାଣି ଉତ୍ସବ ଅନୁଷ୍ଠିତ, ଆବାହକ ଦୁର୍ଗାପୂଜା କମିଟିକୁ ସମ୍ବର୍ଦ୍ଧନା




**ମାର୍ଶାଘାଇ,୧୫।୧୦(ସଂଚାର ବ୍ୟୁରୋ):** ମାର୍ଶାଘାଇର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ର ଭଷାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ବଜାରର ୮ ଗୋଟି ମେଢ଼ ଯଥା କୁମ୍ଭାରସାହିର ଥାନପତି ମେଢ଼, ଲକଛକ ମେଢ଼, ହାଟମେଢ଼, ଜୁଣ ଛକ ମେଢ଼, ବନମାଳୀ ଛକ ମେଢ଼, ଅନନ୍ତ ଶୟନ ମେଢ଼, କଣକଷୋଟି ମେଢ଼ ଏବଂ ହନୁମାନ ମେଢ଼ ଶୋଭାଯାତ୍ରାରେ ଯାଇ ବିସର୍ଜିତ ହୋଇଥିଲା। ସକାଳ ୭ ଟାରୁ ମେଢ଼ ଗୁଡ଼ିକ ବାହାରି ବିଭିନ୍ନ ଗ୍ରାମ ଏବଂ ବଜାର ପରିକ୍ରମା କରି ରାତିରେ ବିସର୍ଜନ ହୋଇଥିଲା । ପ୍ରାୟ ୨୦ ହଜାରରୁ ଅଧିକ ଜନ ସାମଗମ ହୋଇଥିଲା ।ଏହି ଅବସରରେ ମାର୍ଶାଘାଇ ସାମ୍ବାଦିକ ସଙ୍ଘ ଏବଂ ଉତ୍କଳ ସାମ୍ବାଦିକ ସଙ୍ଘ ପକ୍ଷରୁ ଲକ୍ଷ୍ମୀ ପୂଜା ଭଷାଣି ଉତ୍ସବର ଆବାହକ ମାର୍ଶାଘାଇ ଦୁର୍ଗାପୂଜା କମିଟିକୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୀର୍ଘ ୫୭ ବର୍ଷ ହେଲାଣି ଗଜଲକ୍ଷ୍ମୀ ପୂଜା ଆରମ୍ଭରୁ ଭଷାଣି ଉତ୍ସବ ପାଇଁ ମାର୍ଶାଘାଇ ଦୁର୍ଗାପୂଜା କମିଟି ଆବାହକ ଭାବେ କାର୍ଯ୍ୟ କରିଆସିଛି। ଗଜଲକ୍ଷ୍ମୀ ମେଢ଼ଗୁଡ଼ିକୁ କ୍ରମାନ୍ୱୟରେ ଶୋଭାଯାତ୍ରାରେ ନିଆଯାଇ ଦୁର୍ଗା ମଣ୍ଡପ ନିକଟକୁ ନିଆଯାଇ ସେଠାରେ ଦୁର୍ଗାପୂଜା ଅନୁଷ୍ଠାନ ପକ୍ଷରୁ ଭୋଗ ଲାଗି ହେବା ପରେ ମୁଖ୍ୟବଜାର, ପୋଷ୍ଟାଲ ଛକ, ମେଡିକାଲ ଛକ ଜୁଣଛକ ଦେଇ ସମସ୍ତ ମେଢ଼ ଶୋଭାଯାତ୍ରାରେ ଯାଇ ନିଜ ନିଜର ବିସର୍ଜନ ଘାଟକୁ ଯିବେ। ଏହି ମେଳଣ ଉତ୍ସବର ମୁଖ୍ୟ ଆବାହକ ମାର୍ଶାଘାଇ ଦୁର୍ଗାପୂଜା କମିଟିର କାର୍ଯ୍ୟକାରୀ ସଭାପତି ରନେନ୍ଦ୍ର କୁମାର ସ୍ୱାଇଁ, ସୁନାକାର ଗାହାଣ ଏବଂ ଓରିଏଣ୍ଟାଲ କ୍ଲବ ସଭାପତି ମନୋରଞ୍ଜନ ଦଳାଇ ଙ୍କୁ ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା ସଭାପତି ହିମାଂଶୁ ଶେଖର ନାୟକ, ମାର୍ଶାଘାଇ ସାମ୍ବାଦିକ ସଙ୍ଘ ପକ୍ଷରୁ ସମ୍ପାଦକ ପ୍ରମୋଦ କୁମାର ଦାସ, ଶୁଭେନ୍ଦୁ ପ୍ରସାଦ ଚୌଧୁରୀ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମ୍ବାଦିକ ସଙ୍ଘ ପକ୍ଷରୁ ବିଚିତ୍ରାନନ୍ଦ ବେହେରା, ଶୁଭେନ୍ଦୁ ପ୍ରକାଶ ଦାସ, ହେମନ୍ତ କୁମାର ସ୍ୱାଇଁ, ମନ୍ମଥ ସାହୁ, ମନୋଜ କୁମାର ଦାସ, ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର

**ମାର୍ଶାଘାଇ୧୫।୧୦(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ମଧୁସାଗର ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ଗୋପୀନାଥ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'କ୍ୱାଣ୍ଟମ ଯୁଗର ଆରମ୍ଭ- ସମ୍ଭାବନା ଏବଂ ଆହ୍ୱାନ' ଶୀର୍ଷକ ବିଜ୍ଞାନ ଭିତ୍ତିକ ଆଲୋଚନା ଚକ୍ର କରାଯାଇଥିଲା। ମଧୁସାଗର ବିଦ୍ୟାପୀଠର ଛାତ୍ରୀ ମିତାଲି ପଲାଇ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ମାଣିକପୁର ନୃସିଂହଜୀଉ ବିଦ୍ୟାଳୟ ର ଛାତ୍ରୀ ପ୍ରତୀକ୍ଷା ବେହେରା ଦ୍ୱିତୀୟ ଏବଂ ଶିଳିପୁର ମଣିନାଗେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମେଘନା ପ୍ରିୟଦର୍ଶିନୀ ମିଶ୍ର ତୃତୀୟ ସ୍ଥାନ ହାସଲ କରି ପ୍ରମାଣପତ୍ର ସହିତ ପୁରସ୍କୃତ ହୋଇଥିଲେ। ମଧୁସାଗର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ଗରଜଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁ, ପ୍ରାକ୍ତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭଗବାନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ କେନ୍ଦ୍ରାପଡ଼ା ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଷିଦ୍ଧ କୁମାର ବାରିକ ଏବଂ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭାଗିରଥି ମହାନ୍ତି ବିଚାରକ ଭାବେ ଯୋଗଦେଇ ଥିଲେ। ବ୍ଲକର ୨୭ଟି ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ମଧୁସାଗର ବିଦ୍ୟାପୀଠର ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମଲ ଏବଂ ପିକାରାଣୀ କପିଳମୁନି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରସନ କୁମାର ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଧୁସାଗର ବିଦ୍ୟାପୀଠର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ରାଜଧାନୀରୁ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ

**ଭୁବନେଶ୍ୱର, ୧୫ ।୧୦ (ସଂଚାର ବ୍ୟୁରୋ):** ରାଜଧାନୀରୁ ନାବାଳିକା ଅପହରଣ। ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ନେଇ ପରିବାର ଲୋକଙ୍କ ଅଭିଯୋଗ। ଦଶହରା ଭସାଣି ଦେଖିବାକୁ ଆସି ଅପହରଣର ଶିକାର। ମଞ୍ଚେଶ୍ୱର ଥାନା ଗାଡ଼କଣ ଅଞ୍ଚଳରୁ ନିଖୋଜ ହୋଇଯାଇଛି ନାବାଳିକା। ଗତ ୩ ତାରିଖରୁ ଛାତ୍ରୀଙ୍କୁ ଅପହରଣ କରିଥିବା ନେଇ ପରିବାର ଲୋକ କରିଛନ୍ତି ଅଭିଯୋଗ। ଅଭିଯୋଗ ପାଇବା ପରେ ମଞ୍ଚେଶ୍ୱର ଥାନାରେ କେସ ନମ୍ବର ୬୩୬/୨୫ ରେ ବିଏନଏସ ୧୩୭(୨) ଅନୁସାରେ ମାମଲା ରୁଜୁ କରିଛି ମଞ୍ଚେଶ୍ୱର ଥାନା ପୁଲିସ।

# ମଣ୍ଡଳସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର




**ପଟ୍ଟାମୁଣ୍ଡାଇ,୧୫।୧୦(ସଂଚାର ବ୍ୟୁରୋ):** ମଣ୍ଡପଡା ଭଜନେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୋଲକ ବିହାରୀ ଭୂୟାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ର ଉଦଘାଟନ କରିଥିଲେ ପଟ୍ଟାମୁଣ୍ଡାଇ ମଣ୍ଡଳ ଶିକ୍ଷା ଅଧିକାରୀ ଅଜିତ କୁମାର ବାରିକ, ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀମତୀ ପ୍ରେମବାଳା ମହାପାତ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ନୋଡାଲ ପ୍ରଧାନ ଶିକ୍ଷକ ଶ୍ରୀମନ୍ତ କୁମାର ବେହେରା, ବିଜ୍ଞାନ ସଂଯୋଜକ ପ୍ରଭାସ ରଞ୍ଜନ ପ୍ରଧାନ, ସି ଆର ସି ସି ମଳୟ ଜେନା ଯୋଗଦେଇଥିଲେ।କ୍ୱାଣ୍ଟମ ଯୁଗର ଆରମ୍ଭ ସମ୍ଭାବନା ଓ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ରରେ ବିଚାରକ ଭାବରେ ଶୁଭ୍ରକାନ୍ତ ମିଶ୍ର ଓ ସଞ୍ଜୟ ବେହେରା ଛାତ୍ରଛାତ୍ରୀ ମାନଙ୍କର ଉପସ୍ଥାପନାକୁ ମୂଲ୍ୟାୟନ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକର ୪୩ ଟି ସ୍କୁଲର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ମଣ୍ଡପଡା ଭଜନେଶ୍ୱର ହାଇସ୍କୁର ପିୟୁଷ ସାହୁ, ଏମ ଏନ ହାଇସ୍କୁଲର ସତ୍ୟମ ଦାସ, ମାଟିଆପଡା ଇୟୁଜି ହାଇସ୍କୁଲର ତେଜସ୍ୱିନ ସାମଲ ଯଥାକ୍ରମେ ପ୍ରଥମ, ଦ୍ୱତୀୟ ତୃତୀୟ ସ୍ଥାନ ଅଧିକାର କରିଥିଲେ।ଏହି ଅବସରରେ ବିଇଓଙ୍କ ଅଧକ୍ଷତାରେ ଚଳିତ ବର୍ଷର ବ୍ଲକ ସ୍ତରୀୟ ସୁରଭି, ବିଜ୍ଞାନମେଳା, ବିଜ୍ଞାନ ଡ୍ରାମା ଓ କଳା ଉତ୍ସବ ପାଇଁ ପ୍ରସ୍ତୁତି ଆଲୋଚନା କରାଯାଇଥିଲା।

■ ବ୍ୟାଙ୍କ ଅନିୟମିତତା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ

# କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତି ନିଲମ୍ବିତ

**ଭୁବନେଶ୍ୱର.୧୫।୧୦(ସଂଚାର ବ୍ୟୁରୋ):** ବ୍ୟାଙ୍କ ଅନିୟମିତତା ବିରୁଦ୍ଧରେ ସମବାୟ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନିଯୁକ୍ତି ପ୍ରଦାନରେ ଅନିୟମିତତା, ନିୟମ ବିରୁଦ୍ଧ ଅବୈଧ କାର୍ଯ୍ୟ, ବ୍ୟାଙ୍କର ନିୟମ, ଅଧିନିୟମ ଓ ମାର୍ଗଦର୍ଶିକାକୁ ଅତିକ୍ରମ କରି କାର୍ଯ୍ୟକରିବା, ଋଣ ପ୍ରଦାନରେ ନିୟମକୁ ପାଳନ ନକରିବା ଆଦି ବିଭିନ୍ନ ଅଭିଯୋଗରେ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତିର ସଭାପତି ଓ ସମସ୍ତ ସଦସ୍ୟଙ୍କୁ ତତ୍କାଳ ନିଲମ୍ବନ ଆଦେଶ ଜାରି କରାଯାଇଛି। ଓଡ଼ିଶା ସମବାୟ ସମିତି ଆଇନ-୧୯୬୨ (ସେକ୍ସନ-୩୨, ସବ୍-ସେକ୍ସନ-୭) ଅନୁସାରେ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସ ଏହି ନିଲମ୍ବନ ଆଦେଶ ଜାରି କରିଛନ୍ତି। ପରବର୍ତ୍ତି ଆଦେଶନାମା ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାପାଳ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନାର ପ୍ରଶାସକ ଭାବେ କାର୍ଯ୍ୟ କରିବେ। ଅନିୟମିତତାଠାରୁ ଦୂରରେ ରହି ନୀତିନିଷ୍ଠ କର୍ତ୍ତବ୍ୟ ସମ୍ପାଦନ ପାଇଁ ସମବାୟ ବିଭାଗ ପକ୍ଷରୁ ସମସ୍ତ ବ୍ୟାଙ୍କ ଅଧିକାରୀ ଓ ବ୍ୟାଙ୍କ ପରିଚାଳନା ସମିତିକୁ ନିର୍ଦ୍ଦେଶ ଦିଆଯାଇଛି।

# ୨୩ରୁ ଦୁଇଦିନିଆ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ

**ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ):** ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଆସନ୍ତା ୨୩ରୁ ଏଠାରେ ଏକ ଦୁଇଦିନିଆ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫ ଆୟୋଜିତ ହେବ। ଏହି ସମ୍ମିଳନୀ 'ନିରନ୍ତର ସହରାଞ୍ଚଳ ବିକାଶ ଏବଂ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଦିଗରେ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ଗୁଡ଼ିକୁ ଏକତ୍ର କରି ସହରାଞ୍ଚଳ ଶାସନ, ସେବା ପ୍ରଦାନ ଓ ନିରନ୍ତର ଅଭିବୃଦ୍ଧିର ପ୍ରମୁଖ ଦିଗ ଉପରେ ବିଚାର ବିମର୍ଶ ହେବ। ସମ୍ମିଳନୀକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଉଦଘାଟନ କରିବେ। ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସମେତ ବିଭିନ୍ନ ସହରାଞ୍ଚଳ ଅନୁଷ୍ଠାନର ପ୍ରତିନିଧି ଓ ରାଜ୍ୟର ସମସ୍ତ ୟୁଏଲବିର ପ୍ରତିନିଧି ଆଲୋଚନାରେ ଭାଗନେବେ। ଏନେଇ ମନ୍ତ୍ରୀ ଡ, ମହାପାତ୍ର କହିଛନ୍ତି ଯେ ଓଡ଼ିଶାର ସହରଗୁଡ଼ିକ କେବଳ ଅର୍ଥନୈତିକ ଅଭିବୃଦ୍ଧିର ଇଞ୍ଜିନ ନୁହେଁ, ବରଂ ଆମର ସାମୂହିକ ଆକାଂକ୍ଷାର ଦର୍ପଣ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମେ ସ୍ଥାୟୀ, ନମନୀୟ ଓ ନାଗରିକକୈନ୍ଦ୍ରିକ ସହରୀ ଇକୋସିଷ୍ଟମ ନିର୍ମାଣ କରିବା ସକାଶେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫ 'ବିକାଶିତ୍ ଓଡ଼ିଶା'ର ରୋଡମ୍ୟାପ୍ ପ୍ରସ୍ତୁତ କରିବା ସହ 'ବିକଶିତ ଭାରତ'ର ଜାତୀୟ ଦୃଷ୍ଟିକୋଣରେ ଯୋଗଦାନ ଦେବାରେ ଏକ ମାଇଲଖୁଣ୍ଟ ହେବ। ସେହିପରି ସମ୍ମିଳନୀର ଉଦ୍ଦେଶ୍ୟ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି ଯେ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫ ଏକ ସହଯୋଗୀ ପ୍ଲାଟଫର୍ମ ଭାବେ ପରିକଳ୍ପନା କରାଯାଇଛି, ଯେଉଁଠାରେ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ବିଚାର, ନବସୃଜନ ଓ ସର୍ବୋତ୍ତମ ଅଭ୍ୟାସ ବାଣ୍ଟିପାରିବେ। ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫କୁ ଜ୍ଞାନ ଆଦାନପ୍ରଦାନ, ଅଭିଜ୍ଞତା ବିନିମୟ ଓ ସହଯୋଗୀ ଯୋଜନା ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ଭାବେ ପରିକଳ୍ପନା କରାଯାଇଛି।

'ସମାଜ'ର ସ୍ୱନକ୍ଷତ୍ର ଦିବସରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ରାଜ୍ୟବାସୀଙ୍କୁ ଦେଶସେବା ପାଇଁ ପ୍ରେରଣା ଦେଇଆସିଛି

**କଟକ,୧୫।୧୦(ସଂଚାର ବ୍ୟୁରୋ):** ଆଜି ପ୍ରମୁଖ ଓଡ଼ିଆ ଖବରକାଗଜ 'ସମାଜ'ର ୧୦୬ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ 'ସମାଜ' ରାଜ୍ୟବାସୀଙ୍କୁ ଦେଶସେବା ପାଇଁ ପ୍ରେରଣା ଦେଇଆସିଛି ବୋଲି କହିଛନ୍ତି।

ସେ କହିଛନ୍ତି ଯେ ଶହେ ବର୍ଷରେ ଖବରକାଗଜ ଦୁନିଆଁରେ ଅନେକ ଝଡ଼ଝଞ୍ଜା, ଅନେକ ଉତ୍ଥାନ ପତନ, ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି। ବ୍ରିଟିଶ ସରକାରଙ୍କ କଟକଣାଠାରୁ ଆରମ୍ଭ କରି ଏମର୍ଜେନ୍ସି ସମୟରେ ଗଣମାଧ୍ୟମରେ ଲାଗିଥିବା ଅଙ୍କୁଶ ସବୁକିଛି ଦେଖିଛି ସମାଜ। ସ୍ୱାଧୀନତା ପରବର୍ତ୍ତୀ ଭାରତର ପ୍ରତ୍ୟେକ ସରକାର ଓ ତାଙ୍କର କାର୍ଯ୍ୟକଳାପକୁ ଦେଖି ଖବର ପରିବେଷଣ କରିବା ସହିତ ସମ୍ପାଦକୀୟ ସ୍ତମ୍ଭ ମାଧ୍ୟମରେ ନିଜର ସୁଚିନ୍ତିତ ମତାମତ ଦେଇଛି। ଓଡ଼ିଶା ସହିତ 'ସମାଜ' ଏପରି ଭାବେ ଯୋଡିହୋଇ ରହିଛି ଯେ ସମ୍ବାଦପତ୍ର ସମାଜକୁ ଛାଡି ଓଡ଼ିଶା ବିଷୟରେ ଚିନ୍ତା କରାଯାଇପାରିବ ନାହିଁ। ସମ୍ବାଦ ପରିବେଷଣ ସହିତ ସମାଜ ସେବା ହେଉଛି 'ସମାଜ'ର ଏକ ଅଭିନ୍ନ ଅଂଶ। ଏହା ଲୋକସେବକ ମଣ୍ଡଳର ତତ୍ତ୍ୱାବଧାନରେ ଚାଲୁଥିବା ହେତୁ ସମାଜସେବା ଏହାର ଧମନୀରେ




ପ୍ରବାହିତ। ସମାଜର ଜନକଲ୍ୟାଣମୂଳକ ପଦକ୍ଷେପ- ଗୋପବନ୍ଧୁ ସେବା ସଦନ, ଶିକ୍ଷାଗତ ବୃତ୍ତି, ସ୍ୱାସ୍ଥ୍ୟ ଶିବିର ଓ ରିଲିଫ୍ କାର୍ଯ୍ୟ ଗ୍ରାମାଞ୍ଚଳରେ ପହଞ୍ଚିବା ମାଧ୍ୟମରେ କରାଯାଇଥିବା ନିଃସ୍ୱାର୍ଥପର ସେବା ପାଇଁ ସମସ୍ତେ ଗୌରବାନ୍ୱିତ। ପରିବର୍ତ୍ତନଶୀଳ ବିଶ୍ୱରେ ଗଣମାଧ୍ୟମର ବି ଦାୟିତ୍ୱ ଓ ଭୂମିକା ବଦଳୁଛି। ଗଣମାଧ୍ୟମ ଅନୁଷ୍ଠାନ ସ୍ତରରେ ତଥା ଖବରଦାତାମାନେ ବ୍ୟକ୍ତିଗତ ସ୍ତରରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

# ପୂର୍ବତନ ବିଧାୟକ ହେମେନ୍ଦ୍ର ମହାପାତ୍ରଙ୍କ ପରଲୋକ



**ବଣାଇ, ୧୫।୧୦ (ସଂଚାର ବ୍ୟୁରୋ) :** ବଣାଇର ପୂର୍ବତନ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ରଙ୍କର ବୁଧବାର ପରଲୋକ ଘଟିଛି। ଖୁଟୁଗାଁରେ ୯୨ ବର୍ଷ ବୟସରେ ଆଖି ବୁଜିଲେ ହେମେନ୍ଦ୍ର ପ୍ରସାଦ ମହାପାତ୍ର। ଲଗାତାର ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ ହେମେନ୍ଦ୍ର। ୧୯୬୧, ୧୯୬୭ ଓ ୧୯୭୧ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

# ଓଡ଼ିଶା ଗସ୍ତରେ ହରିଆଣାର ବିଧାନସଭା ପ୍ରତିନିଧିମଣ୍ଡଳୀ

## ବିଭିନ୍ନ କମିଟିର କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହେଲେ



**ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ):** ଆଜି ହରିଆଣା ବିଧାନସଭାର ଶିକ୍ଷା, ବୈଷୟିକ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ମେଡିକାଲ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ସବ୍‌ଜେକଫ କମିଟିର ଅଧ୍ୟକ୍ଷ ରାମ କୁମାର କାଶ୍ୟପଙ୍କ ଅଧ୍ୟକ୍ଷତାରେ ଏକ ୧୧ଜଣିଆ ସଦସ୍ୟ ଦଳ ଓଡ଼ିଶା ଗସ୍ତରେ ଆସିଛନ୍ତି।

ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏହି ସଦସ୍ୟମାନେ ବିଧାନସଭା ଷ୍ଟାଣ୍ଡିଂ କମିଟି-୪ର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାନସଭା ଷ୍ଟାଣ୍ଡିଂ କମିଟି-୫ର ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନ, ସଦସ୍ୟ ଗଣେଶ୍ୱର ବେହେରା, ବଦ୍ରିନାରାୟଣ ପାତ୍ର, ରୂପେଶ କୁମାର ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ସେଠୀ, ଉମାଚରଣ ମଲ୍ଲିକ, ଡ. ଫକୀର ନାୟକ, ବିଜୟ କୁମାର ଦଳବେହେରା ଓ ସୀମାରାଣୀ ନାୟକଙ୍କ ସହ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ହରିଆଣାର ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସବ୍‌ଜେକଫ କମିଟିର ସଦସ୍ୟମାନେ ସେଠାକାର ସରକାରଙ୍କ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ଭଲ ଯୋଜନା ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ। ଓଡ଼ିଶାର ସଦସ୍ୟମାନେ ମଧ୍ୟ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବହୁ ଅଭିନବ ଯୋଜନା ବାବଦରେ ସୂଚନା ପ୍ରଦାନ କରିଥିଲେ। ଉଭୟ ରାଜ୍ୟ ଶିକ୍ଷା କ୍ଷେତ୍ରରେ ଲାଗୁ ହେଉଥିବା ଭଲ ଯୋଜନାକୁ ଆପଣାଇବା ପାଇଁ ବୈଠକରେ ସହମତି ପ୍ରକାଶ ପାଇଥିଲା। ଏହି ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଏହି କମିଟି ଗସ୍ତ ସମୟରେ ପୁରୀ, କୋଣାର୍କ ସମେତ ଚିଲିକା, ସାତପଡ଼ା ଓ ଓଡ଼ିଶାର ଅନ୍ୟ ଦର୍ଶନୀୟ ସ୍ଥାନ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି।

● 'ଇସ୍କନ'କୁ ବ୍ୟାନ୍ ଦାବିରେ ବିକ୍ଷୋଭ

# ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ):** ଗତ ୭ ତାରିଖ ଶରଦ ପୂର୍ଣ୍ଣିମା ଅବସରରେ ଉତ୍ତରାଖଣ୍ଡର ମଧୁବନ ଋଷିକେଶରେ ଇସ୍କନ୍ ପକ୍ଷରୁ ୨୮ତମ ରଥଯାତ୍ରା ଅନୁଷ୍ଠିତ ହୋଇଛି। ପୂର୍ବରୁ ଆମେରିକା, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଭଳି ଦେଶରେ ଇସ୍କନ୍ ପକ୍ଷରୁ ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହେବା ପରେ ଜଗନ୍ନାଥ ମନ୍ଦିର ପ୍ରଶାସନ, ଶଙ୍କରାଚାର୍ଯ୍ୟ, ମହାରାଜା ଦିବ୍ୟସିଂହ ଦେବ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସର୍ବୋପରି ଓଡ଼ିଶା ସରକାର ଅଦନିଆ ରଥଯାତ୍ରା ନ କରିବା ପାଇଁ ଇସ୍କନ୍ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ। ଏପରିକି ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଦୁଇ ମାସ ତଳେ ଅନୁଷ୍ଠିତ ବୈଠକରେ ଅଦିନିଆ ରଥଯାତ୍ରା କରି ଜଗନ୍ନାଥ ସଂସ୍କୃତିକୁ ଅପମାନିତ କରୁଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବ ଗୃହୀତ ହୋଇଥିଲା। ନିଜେ ଗଜପତି ମହାରାଜା ଇସ୍କନ୍ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅଦିନିଆ ରଥଯାତ୍ରା ନ କରିବା ପାଇଁ ମଧ୍ୟ ନିବେଦନ କରିଥିଲେ। କିନ୍ତୁ ଦୁଃଖର କଥା




ଓଡ଼ିଶା ସରକାରଙ୍କର ଅନୁରୋଧକୁ ବେଖାତିର କରି ଇସ୍କନ୍ କର୍ତ୍ତୃପକ୍ଷ ମଧୁବନ ଋଷିକେଶ, ଉତ୍ତରାଖଣ୍ଡଠାରେ ଅଦିନିଆ ରଥଯାତ୍ରା କରିବା ଓଡ଼ିଆ ଅସ୍ମିତା ପ୍ରତି ଓ ଜଗନ୍ନାଥ ସଂସ୍କୃତି ପ୍ରତି ଚରମ ଅପମାନ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ପରିଷଦର ଆବାହକ ରବି ବେହେରାଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ଇସ୍କନ୍‌ର ଏହି ଅଦିନିଆ ରଥଯାତ୍ରା ପ୍ରତିବାଦରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଇସ୍କନ୍‌କୁ ଓଡ଼ିଶାରେ ବ୍ୟାନ୍ କରିବାକୁ ଏହି ସ୍ମାରକପତ୍ରରେ ଦାବି କରାଯାଇଛି। ଏହି ଗଣବିକ୍ଷୋଭରେ ଅସ୍ମିତା ପରିଷଦ ପକ୍ଷରୁ କରୁଣାକର ହୋତା, ନାରାୟଣ ଡାଲୁଆ, ଶଙ୍କର ଭୂୟାଁ, ନାରୀ ନେତ୍ରୀ ସାବିତ୍ରୀ ବେହେରା, ସୁଷମା ସାହୁ ଓ ଡଲି ମଲ୍ଲିକ ନେତୃତ୍ୱ ନେଇଥିଲେ। ଆଗାମୀ ଦିନରେ ଯଦି ଇସ୍କନ୍ କର୍ତ୍ତୃପକ୍ଷ ତାଙ୍କର ଭୁଲ୍ ପାଇଁ ଯଦି କ୍ଷମା ନ ମାଗନ୍ତି ଏବଂ ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ନ ଦିଅନ୍ତି, ତାହେଲେ ସେମାନଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ଇସ୍କନ୍‌କୁ ରାଜ୍ୟ ସରକାର ଭୁବନେଶ୍ୱରରେ ମନ୍ଦିର ତିଆରି ପାଇଁ ଦେଇଥିବା ଜମି ପ୍ରତ୍ୟାହାର କରିନେବାକୁ ପରିଷଦ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି।

● ସାଇଜର ପକ୍ଷରୁ ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡ଼ି ଦିବସ ପାଳିତ

# ଧଳା ବାଡ଼ି ଦୃଷ୍ଟିବାଧିତଙ୍କ ସ୍ୱାଧୀନତାର ପ୍ରତୀକ



**ଭୁବନେଶ୍ୱର,୧୫।୧୦ (ସଂଚାର ବ୍ୟୁରୋ):** ଧଳାବାଡି ଦୃଷ୍ଟିବାଧିତଙ୍କ ସ୍ୱାଧୀନତା ଓ ସ୍ୱାଭିମାନର ପ୍ରତୀକ। ଜଣେ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ସମାଜରେ ଆତ୍ମନିର୍ଭରଶୀଳ କରିବା ପାଇଁ ଧଳାବାଡିର ମହତ୍ୱପୂର୍ଣ୍ଣ ଅବଦାନ ରହିଛି। ଦୃଷ୍ଟିବାଧିତ ବ୍ୟକ୍ତି ଯେପରି ସମାନତାର ଅଧିକାରକୁ ସାବ୍ୟସ୍ତ କରିପାରିବ, ସେଥିନିମନ୍ତେ ଏଇ ଧଳାବାଡ଼ି ଆତ୍ମବିଶ୍ୱାସ ଜାଗ୍ରତ କରାଇଥାଏ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ପାରୁଲ ପଟାୱରୀ କହିଛନ୍ତି। ଆଜି ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର ପକ୍ଷରୁ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡି ଦିବସ ୨୦୨୫ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଶ୍ରୀ ପଟାୱରୀ ଏକ ଅନ୍ତର୍ନିବେଶୀ ସମାଜ ଗଠନରେ ଧଳାବାଡି ଦିବସର ଗୁରୁତ୍ୱ ଦର୍ଶାଇବା ସହ ରାଜ୍ୟ ସରକାର ଦୃଷ୍ଟିବାଧିତଙ୍କ ପାଇଁ ଦେଶରେ ପ୍ରଥମ କରି ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି ବୋଲି କହିଥିଲେ। ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକ ଯୁଗଳ କିଶୋର ପ୍ରଧାନ ଓ ଭୀମ ଭୋଇ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବରିଷ୍ଠ ଶିକ୍ଷକ ତାପସ କୁମାର ମହାନ୍ତି ମଧ୍ୟ ଧଳାବାଡ଼ି ଦିବସର ଆଭିମୁଖ୍ୟ ନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନିର୍ଦ୍ଦେଶିକା ସୁଶ୍ରୀ ପଟାୱରୀ ଧଳାବାଡି ଦିବସ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କୁ ଧଳାବାଡ଼ି ବିତରଣ କରିଥିଲେ। ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ, ସାଇଜରର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଲାନୋ, ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଭାସ୍କର ରଇତ, ସାଇଜରର ଉନ୍ନୟନ ଅଧିକାରୀ ସେଖ୍ ଇକ୍‌ବାଲ୍ ଅଲ୍ଲୀ ଉତ୍ସବରେ ଉପସ୍ଥିତ ଥିଲେ। ଶେଷରେ ଲୁଇ ବ୍ରେଲ୍ ଦୃଷ୍ଟିବାଧିତ ବିଦ୍ୟାଳୟର ଦୃଷ୍ଟିବାଧିତ ଶିକ୍ଷାର୍ଥୀମାନଙ୍କର ଡ୍ରମ, ତୁରୀ, ଝାଞ୍ଜ ଓ ଝୁମୁକା ଆଦି ବାଦ୍ୟଯନ୍ତ୍ର ପରିବେଷଣ କରିଥିଲେ। ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ପ୍ରଶିକ୍ଷାର୍ଥୀମାନଙ୍କ ପକ୍ଷରୁ 'ଶ୍ୱେତସାଥୀ' ଶୀର୍ଷକ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା। ସାଇଜରର ଓମ୍ ପ୍ରକାଶ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଜିଠୁ ଚାରିଦିନିଆ ପୁଲିସ୍ ବୃତ୍ତିଗତ ପ୍ରତିଯୋଗିତା

● ଭାଗନେବେ ୩୪ଟି ପୁଲିସ୍ ଜିଲ୍ଲା ଓ ପ୍ରତିଷ୍ଠାନ

**ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ):** ଓଡ଼ିଶା ପୁଲିସର କ୍ରାଇମ ବ୍ରାଞ୍ଚ ଶାଖା ପକ୍ଷରୁ ଆସନ୍ତାକାଲିଠାରୁ ୧୯ ତାରିଖ ପର୍ଯ୍ୟନ୍ତ କଟକ ବକ୍ସି ବଜାରସ୍ଥିତ ରିଜର୍ଭ ପୁଲିସ ପଡିଆଠାରେ ୭୦ତମ ପୁଲିସ ବୃତ୍ତିଗତ ପ୍ରତିଯୋଗିତା (ପୁଲିସ୍ ଡ୍ୟୁଟି ମିଟ୍) ଅନୁଷ୍ଠିତ ହେବ। ରାଜ୍ୟର ୩୪ଟି ପୁଲିସ ଜିଲ୍ଲା ଓ ପ୍ରତିଷ୍ଠାନରୁ ୨୭୬ ପୁଲିସ କର୍ମଚାରୀ, ୪୩ଟି ଶ୍ୱାନ ଓ ୪୩ ହ୍ୟାଣ୍ଡଲର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏଥିନିମନ୍ତେ ରାଜ୍ୟ କ୍ରାଇମ ବ୍ରାଞ୍ଚ ପକ୍ଷରୁ ବ୍ୟାପକ ଆୟୋଜନ ଓ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପୁଲିସ କର୍ମଚାରୀମାନଙ୍କର ବୃତ୍ତିଗତ ଦକ୍ଷତା ବୃଦ୍ଧି କରିବା ଓ ସେମାନଙ୍କୁ ଆଧୁନିକ ଅପରାଧ ନିୟନ୍ତ୍ରଣ ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ, ତଦନ୍ତ, ଫରେନସିକ୍, ସାଇବର କ୍ରାଇମ ଓ ଟେକ୍ନିକାଲ୍ ସର୍ଭେଲାନ୍ସ ଆଦି କ୍ଷେତ୍ରରେ ପୁଲିସର ଦକ୍ଷତା ବଢ଼ାଇବାରେ ଏହି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଫୋରେନସିକ୍ ବିଜ୍ଞାନ, ପ୍ରଦର୍ଶନୀଗୁଡିକର ଉତ୍ତୋଳନ, ପ୍ୟାକିଂ ଓ ଅଗ୍ରଗତି, ଅପରାଧର ତଦନ୍ତ,




ପର୍ଯ୍ୟବେକ୍ଷଣ ପରୀକ୍ଷା, ଆଣ୍ଟି ସାବୋଟେଜ, ଅଙ୍ଗୁଳି ଛାପ, କମ୍ପ୍ୟୁଟର ଜ୍ଞାନକୌଶଳର ଦକ୍ଷତା, ଫଟୋଗ୍ରାଫି, ଭିଡିଓଗ୍ରାଫି, ସାଇବର ଅପରାଧ ଓ ପରୀକ୍ଷଣ, ପୁଲିସ ଆଇନକାନୁନ, ପୁଲିସ ରୂପଚିତ୍ର, ମେଡିକୋ ଲିଗାଲ, ପୁଲିସ ଶ୍ୱାନ କୌଶଳ ପ୍ରଦର୍ଶନ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ, ଭୁବନେଶ୍ୱର ଓ ଓଏସ୍‌ଏପି ଷଷ୍ଠ ବାଟାଲିୟନ, କଟକ ଏବଂ ବକ୍ସି ବଜାରସ୍ଥିତ ରିଜର୍ଭ ପୁଲିସ ପଡିଆଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କର୍ମଚାରୀମାନଙ୍କର ଦକ୍ଷତା ମୂଲ୍ୟାୟନ ଓ ଲିଖିତ ପରୀକ୍ଷାକୁ ଆଧାର କରି ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ଚୟନ କରାଯିବ। ବିଭିନ୍ନ ବିଭାଗର ବରିଷ୍ଠ ବିଶେଷଜ୍ଞମାନେ ଏହି ମୂଲ୍ୟାୟନକୁ ପରିଚାଳନା କରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳ ହୋଇଥିବା ଶ୍ରେଷ୍ଠ ପ୍ରତିଯୋଗୀମାନେ ଆସନ୍ତା ମାସରେ ମହାରାଷ୍ଟ୍ରରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦଳରେ ଇନସ୍ପେକ୍ଟର, ସବ୍‌ଇନସ୍ପେକ୍ଟର ଓ କନଷ୍ଟେବଳ ସ୍ତରର କର୍ମଚାରୀ ଅଂଶଗ୍ରହଣ କରିବେ। ପୁଲିସ କର୍ମଚାରୀମାନଙ୍କ ଦକ୍ଷତା, କାର୍ଯ୍ୟକ୍ଷମତା ଓ ଆତ୍ମବିଶ୍ୱାସ ବୃଦ୍ଧିରେ ଏହି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଓ ମାମଲା ସମାଧାନକୁ ଅଧିକ କ୍ଷମତାଶୀଳ କରି ଜନସାଧାରଣଙ୍କ ମଧ୍ୟରେ ପୁଲିସ ପ୍ରତି ଆସ୍ଥା ଓ ଗ୍ରହଣୀୟତା ବଢ଼ାଇବ।

# ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ



**ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ):** ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ପାଳିତ ହୋଇଛି। ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନର ଉପଯୋଗିତା ଦ୍ୱାରା ମାନବ ଜୀବନ କଲ୍ୟାଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାର ସଠିକ ପରିଚାଳନା ହିଁ ସମାଜରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ ବୋଲି ସେ ଉଲ୍ଲେଖ କରିଥିଲେ। ଜାତିର ପ୍ରଗତି ପାଇଁ ବିଜ୍ଞାନ ତଥା ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ସହ କଳା, ସାହିତ୍ୟ, ସଂସ୍କୃତିର ବିକାଶ ଓ ପରିପ୍ରକାଶ ଏକାନ୍ତ ଅପରିହାର୍ଯ୍ୟ। ଏକ ମୂଲ୍ୟବୋଧଭିତ୍ତିକ ସୁରୁଚିସମ୍ପନ୍ନ ସମାଜ ଗଢ଼ିବାରେ ଏହା ଯଥେଷ୍ଟ ସହାୟକ ହୁଏ। ବାର୍ଷିକ ଉତ୍ସବ ପାଳନ ଦ୍ୱାରା ପାରସ୍ପରିକ ସଦଭାବ ଦୃଢ଼ ହୋଇଥାଏ ଓ କାର୍ଯ୍ୟକ୍ଷେତ୍ରରେ ଏହାର ସୁପ୍ରଭାବ ପଡିଥାଏ ବୋଲି ସେ କହିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ରଶ୍ମିତା ପଣ୍ଡା ଯୋଗ ଦେଇ ମଣିଷର କର୍ମ ହିଁ ଜୀବନାଦର୍ଶର ମାର୍ଗ ଉନ୍ମୁକ୍ତ କରିଥାଏ ବୋଲି କହିଥିଲେ। ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ କଳା, ସଂସ୍କୃତିର ଲୁକ୍କାୟିତ ପ୍ରତିଭା ଲୁଚି ରହିଛି ଏବଂ ଏଭଳି କାର୍ଯ୍ୟକ୍ରମ ଏହାକୁ ଆହୁରି ସୁଦୃଢ଼ କରିବ ବୋଲି ସେ କହିଥିଲେ। ସେହିଭଳି ପରିଷଦର ସଭାପତି ତଥା ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଉତ୍ସବ ପାଳନ ଆବଶ୍ୟକତା ସମ୍ପର୍କରେ ଉଲ୍ଲେଖ କରୁଥିଲେ। ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ପଦ୍ମଲୋଚନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଷଦର ଉପସଭାପତି ତଥା ପଠାଣି ସାମନ୍ତ ପ୍ଲାନେଟାରିୟମ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପରିଷଦର ବାର୍ଷିକ ପତ୍ରିକା ବିଜ୍ଞାନ 'କଳିକା-୨୦୨୫' ଉନ୍ମୋଚିତ ହୋଇଛି। ଏଥିସହ ନାଟକ 'ସଳିତା' ପରିବେଷିତ ହୋଇଥିବା ବେଳେ ନାଟ୍ୟକାର ଜଷ୍ଟିସ ଅରୁଣ ପରିଛା, ନିର୍ଦ୍ଦେଶକ ଅବିନାଶ ଦଣ୍ଡପାଟ, ସହନିର୍ଦ୍ଦେଶକ ଅଭିଷେକ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ବିନୟ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

● ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ଚାପ ପରେ ପଦକ୍ଷେପ ନେଲେ ମମତା



**ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗର ଦୁର୍ଗାପୁରରେ ଘଟିଥିବା ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ପ୍ରଥମେ ପଶ୍ଚିମବଙ୍ଗ ସରକାର କୌଣସି ଠୋସ୍ ପଦକ୍ଷେପ ନେଇନଥିଲେ। କିନ୍ତୁ ଓଡ଼ିଶା ସରକାର ତାଙ୍କ ଉପରେ ଚାପ ପକାଇବା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୁଷ୍କର୍ମକାରୀମାନଙ୍କୁ ଗିରଫ କରିବା ଉପରେ ଜୋର୍ ଦେଇଥିଲେ ବୋଲି କହିଛନ୍ତି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଗତକାଲି ବିଜେପି ମହିଳା ମୋର୍ଚ୍ଚାର ଏକ ଟିମ୍ ସହ ସେ ଓ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ ଦୁର୍ଗାପୁର ଗସ୍ତ କରି ପୀଡ଼ିତାଙ୍କୁ ଭେଟିଥିଲେ। ପୀଡିତାଙ୍କ ସହ ଆଲୋଚନା ସମୟରେ ସେ ଯଥେଷ୍ଟ ମାନସିକ ଚାପରେ ଥିବା ଜଣାପଡ଼ିଥିଲା। ଅପରପକ୍ଷେ ମମତା ବାନାର୍ଜୀ ପୀଡ଼ିତାଙ୍କ ନାମରେ ମିଛ ବୟାନବାଜି କରିବା ଦୁଃଖଦାୟକ। ମମତା କହିଥିଲେ ଯେ ପୀଡ଼ିତା ଜଣଙ୍କ ରାତି ୧୨ଟା ପରେ ମେଡିକାଲ କ୍ୟାମ୍ପସ ବାହାରକୁ ଯାଇଥିଲେ। କିନ୍ତୁ ବାସ୍ତବତା ହେଉଛି ଯେ ପୀଡ଼ିତା ସନ୍ଧ୍ୟା ପ୍ରାୟ ୮ଟା ବେଳେ କ୍ୟାମ୍ପସ ବାହାରକୁ ଯାଇଥିଲେ। ଏଥିରୁ ମମତାଙ୍କ ମିଛ ପଦାରେ ପଡ଼ିଯାଇଛି। ଜଣେ ମହିଳା ହିସାବରେ ମମତା ପୀଡ଼ିତାଙ୍କ ସହାନୁଭୂତି ଦେଖାଇବା ପରିବର୍ତ୍ତେ ମିଛ କହିବା ଆଦୌ ସ୍ପୃହଣୀୟ ନୁହେଁ। ବରଂ ସେ ଅପରାଧୀମାନଙ୍କୁ ବଞ୍ଚାଇବାକୁ ଯାଇ ଏପରି ମିଛ କହିଛନ୍ତି। ରାତିରେ ମହିଳାମାନେ ବାହାରକୁ ବାହାରିବା ଉଚିତ ନୁହେଁ ବୋଲି ମମତା ଦେଇଥିବା ବୟାନ ଦୁର୍ଭାଗ୍ୟପୂର୍ଣ୍ଣ। ତେଣୁ ଏନେଇ ସେ ସମସ୍ତଙ୍କୁ କ୍ଷମା ପ୍ରାର୍ଥନା କରିବା ଉଚିତ ବୋଲି ଡା. ବିଶ୍ୱାଳ ଦାବି କରିଛନ୍ତି।

ଏଥିସହ ସେ କହିଛନ୍ତି ଯେ ମମତା ସବୁବେଳେ ଓଡ଼ିଶା ସରକାରଙ୍କ ବିରୋଧରେ ବିରୋଧୀ ଦଳ ନେତା ଭଳି ଆପତ୍ତିଜନକ ମନ୍ତବ୍ୟ ଦେଇଆସିଛନ୍ତି। ଗଣମାଧ୍ୟମକୁ ଭୁଲ ତଥ୍ୟ ଦେଇ ନବୀନ ପଟ୍ଟନାୟକଙ୍କୁ ସମର୍ଥନ ଦେଇଆସୁଛନ୍ତି। ପୀଡ଼ିତାଙ୍କୁ ଗଣଦୁଷ୍କର୍ମ ଘଟଣାରେ ମମତାଙ୍କ ମିଛ ବୟାନବାଜୀ ଓ ନବୀନଙ୍କ ନୀରବତା ମହିଳାଙ୍କ ପ୍ରତି ସେମାନଙ୍କ ହେୟ ମନୋଭାବର ପ୍ରମାଣ। ମମତା ପ୍ରବାସୀ ଓଡ଼ିଆମାନଙ୍କୁ କେବଳ ଭୋଟ ବ୍ୟାଙ୍କ ଭଳି ବ୍ୟବହାର କରୁଥିବା ଏଥିରୁ ସ୍ପଷ୍ଟ ହୋଇଛି ବୋଲି ଡା. ବିଶ୍ୱାଳ କହିଛନ୍ତି।

# ଅର୍ଥ ନିଗମ: ଋଣ ୨୪୪ କୋଟି, ସୁଧ ୯୬୧୬ କୋଟି

**ଭୁବନେଶ୍ୱର,୧୫।୧୦:** ରାଜ୍ୟ ଅର୍ଥ ନିଗମ ଏବେ ବି କାର୍ଯ୍ୟକ୍ଷମ ଥିବାବେଳେ ଦିଆଯାଇଥିବା ଋଣ ଆଦାୟ ହୋଇପାରୁ ନାହିଁ। ତେବେ ସୁଧ ପରିମାଣ ମୂଳ ଠାରୁ ପ୍ରାୟ ୪୦ ଗୁଣ ବୃଦ୍ଧି ହୋଇଗଲାଣି। ତେଣୁ ଏହି ଅର୍ଥ ଆଦାୟ ହେବ କି ନାହିଁ ତାହାକୁ ନେଇ ସଂଶୟ ରହିଛି।

ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାକୁ ସୁଗମ କରିବା ସହିତ ଛୋଟ ଓ ବଡ ବ୍ୟବସାୟୀମାନଙ୍କୁ ବ୍ୟବସାୟ ଲାଗି ସହଜରେ ଋଣ ଯୋଗାଇ ଦେବାକୁ ଗଠନ ହୋଇଥିଲା ଅର୍ଥ ନିଗମ। ଏହି ନିଗମ ୫୦୮୯ଟି ଆକାଉଣ୍ଟରେ ଋଣ ପ୍ରଦାନ କରାଯାଇଛି। ଏହି ଋଣର ପରିମାଣ ହେଉଛି ମାତ୍ର ୨୪୪ କୋଟି ଟଙ୍କା। ଏହି ଋଣ ଅର୍ଥ ଆଦାୟ ହୋଇନପାରିବାରୁ ଏହା ଉପରେ ସୁଧର ବୋଝ ବଢ଼ି ବଢ଼ି ଚାଲିଛି। ଏହି ସୁଧ ବୋଝ ଏବେ ୯୬୧୬ କୋଟି ଟଙ୍କାରେ ପହଞ୍ଚିଛି।

ତେବେ ନିଗମର କଟକ ଶାଖାରେ ଉଭୟ ଋଣ ଓ ସୁଧ ପରିମାଣ ସର୍ବାଧିକ ରହିଛି। ଏହି ଶାଖା ଅଧିନରେ ରହିଛି ୧୦ଟି ଜିଲ୍ଲା। ଏଥିରେ କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୁଳ ଓ ଭଦ୍ରକ। ଏହିସବୁ ଜିଲ୍ଲାରେ ୩୦୯୪ ଟି ଋଣ ଆକାଉଣ୍ଟ ଥିବାବେଳେ ଏମାନେ ନେଇଛନ୍ତି ୧୦୯ କୋଟି ଟଙ୍କାର ଋଣ। ତେବେ ଏହା ଉପରେ ସୁଧ ପରିମାଣ ବଢ଼ି ୩୧୫୪ କୋଟି ୩୫ଲକ୍ଷ ଟଙ୍କାରେ ପହଞ୍ଚିଲାଣି।

ସେହିଭଳି ଭୁବନେଶ୍ୱର ଶାଖାରେ ରହିଛି ୧୧ଟି ଜିଲ୍ଲା। ଏହିସବୁ ଜିଲ୍ଲା ମଧ୍ୟରେ ରହିଛି ଖୋର୍ଦ୍ଧା, ନୟାଗଡା, ପୁରୀ, ଗଞ୍ଜାମ, ଗଜପତି, ରାୟଗଡା, ନବରଙ୍ଗପୁର, କନ୍ଧମାଳ, ବୌଦ୍ଧ, କୋରାପୁଟ ଓ ମାଲକାନଗିରି। ଏହିସବୁ ଜିଲ୍ଲାରେ ୧୩୩୯ ଟି ଋଣ ଆକାଉଣ୍ଟ ଥିବାବେଳେ ସେମାନଙ୍କୁ ୮୮ କୋଟି ଟଙ୍କାର ଋଣ ଦିଆଯାଇଥିଲା। ଏବେ ଏହି ଋଣ ଉପରେ ସୁଧର ପରିମାଣ ୪୦୧୪ କୋଟି ଟଙ୍କାକୁ ଟପିଯାଇଛି।

ସମ୍ବଲପୁର ଶାଖାରେ ମଧ୍ୟ ଅନୁରୂପ ଅବସ୍ଥା। ଏହି ଶାଖା ଅଧିନରେ ରହିଛି ୯ଟି ଜିଲ୍ଲା। ଏଥି ମଧ୍ୟରେ ସମ୍ବଲପୁର, ସୁନ୍ଦରଗଡ, ବଲାଙ୍ଗିର, କଳାହାଣ୍ଡି, ଝାରସୁଗୁଡା, ଦେବଗଡ, ନୂଆପଡା, ବରଗଡ ଓ ସୋନପୁର। ଏହି ୯ଟି ଜିଲ୍ଲାରେ ୭୦୧ଟି ଋଣ ଆକାଉଣ୍ଟ ରହିଥିବାବେଳେ ଏଥିରେ ୪୭ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ତେବେ ଏହା ଉପରେ ସୁଧ ପରିମାଣ ବୃଦ୍ଧି ପାଇ ୨୪୪୭ କୋଟି ଟଙ୍କାକୁ ଟପିଗଲାଣି।

ଗୋଟିଏ ପଟେ ନିଗମ ଋଣ ଓ ସୁଧ ଆଦାୟ କରିପାରୁନଥିବାବେଳେ ଅନ୍ୟ ପଟେ ଘରୋଇ ବ୍ୟାଙ୍କ୍‌ଗୁଡିକ ସହିତ ପ୍ରତିଯୋଗିତା କରିପାରୁ ନାହିଁ। ଏହା ଫଳରେ ରାଜ୍ୟ ଅର୍ଥ ନିଗମ ଏବେ ଏକ ପ୍ରକାର ମୃତ୍ୟବତ ଅବସ୍ଥାରେ ରହିଛି। ଯେତିକି ମୂଳ ଋଣ ଅର୍ଥ ରହିଛି ତାହାକୁ ବି ଆଦାୟ କରିବା ନିଗମ ପକ୍ଷେ କଷ୍ଟକର ହୋଇଛି। ଅନେକ ଋଣ ଗ୍ରହିତା ସଂସ୍ଥା ବନ୍ଦ କରିଦେବା ଓ ଅଦାଲତରେ ମାମଲା ଚାଲିବା ଯୋଗୁଁ ଋଣ ଆଦାୟ ହୋଇପାରୁ ନାହିଁ। ଏହି ଋଣ ଓ ସୁଧ ଅର୍ଥ କିଭଳି ଆଦାୟ ହେବ ସେ ନେଇ ସରକାରୀ ସ୍ତରରେ କୌଣସି ଠୋସ୍ ନିଷ୍ପତ୍ତି ହୋଇପାରୁ ନଥିବା ବେଳେ ଋଣ ନେଇଥିବା ସଂସ୍ଥା ଓ ବ୍ୟକ୍ତିମାନେ ନିଶ୍ଚିତରେ ରହିଛନ୍ତି। (ତଥ୍ୟ)

# ଝାରପଡ଼ା ଜେଲରେ ମାଓନେତା ଆଜାଦଙ୍କ ଆମରଣ ଅନଶନ

**ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ):** ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ମାଓ ନେତା ଆଜାଦ ଅନଶନ ଆରମ୍ଭ କରିଛନ୍ତି। ତାଙ୍କ ବିରୋଧରେ ଥିବା ମାମଲାଗୁଡିକର ଯଥାଶୀଘ୍ର ଫଇସଲା କରିବା ସକାଶେ ଦାବି କରି ସେ ଏପରି ପଦକ୍ଷେପ ନେଇଛନ୍ତି। ଝାରପଡା ଜେଲ୍‌ର ୱାର୍ଡ ନମ୍ବର ୬ରେ ଆଜାଦ ରହୁଥିବା ବେଳେ ଆଜି ସକାଳେ ସେ ଜଳଖିଆ ଖାଇବାକୁ ଆସିନଥିଲେ। ଜେଲ କର୍ମଚାରୀ ତାଙ୍କୁ ଖାଇବାକୁ ଡାକିଥିଲେ ହେଁ ସେ ଖାଇବାକୁ ମନା କରିଦେଇଥିଲେ। ତାଙ୍କ ଦାବି ପୂରଣ ନ ହେବା ଯାଏ ଆମରଣ ଅନଶନ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି। ତାଙ୍କ ବିରୋଧରେ ଥିବା ସମସ୍ତ ମାମଲାକୁ ଏକ ସ୍ୱତନ୍ତ୍ର ଅଦାଲତ ଜରିଆରେ ତ୍ୱରିତ ଫଇସଲା କରିବା ସକାଶେ ସୁପ୍ରିମକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଗତ ଅଗଷ୍ଟ ଶେଷ ସୁଦ୍ଧା ଏହି ପ୍ରକ୍ରିୟା ସାରିବାକୁ ଉକ୍ତ ନିର୍ଦ୍ଦେଶନାମାରେ ଦର୍ଶାଯାଇଥିଲା। କିନ୍ତୁ ଇତିମଧ୍ୟରେ ଦେଢ଼ ମାସ ବିତିବା ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଏହା ପ୍ରତିବାଦରେ ଆଜାଦ ଜେଲରେ ଆମରଣ ଅନଶନର ପନ୍ଥା ବାଛିଛନ୍ତି। ଗତ ୨୦୧୬ରେ ମଧ୍ୟ ଆଜାଦ ଅନ୍ୟ ୬ କଏଦୀଙ୍କ ସହ ଜେଲରେ ଅନଶନ କରିଥିଲେ।

জীবন অমৃত অনুচিন্তা

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ | ଗୁରୁବାର ୧୬ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Thursday 16 October 2025, Bhubaneswar

# ପଶ୍ଚିମବଙ୍ଗରେ ଅନ୍ଧକାର ଚିତ୍ର

ପଶ୍ଚିମବଙ୍ଗର ଦୁର୍ଗାପୁରରେ ଏକ ଘରୋଇ ଚିକିତ୍ସା ମହାବିଦ୍ୟାଳୟ ନିକଟରେ ଏକ ଦ୍ୱିତୀୟ ବର୍ଷର ଚିକିତ୍ସା ଛାତ୍ରୀଙ୍କ ସାମୂହିକ ଧର୍ଷଣ ଘଟଣା ସମଗ୍ର ଦେଶକୁ ଆହୁରି ଥରେ ଆଲୋଡ଼ିତ କରିଛି। ଏହି ଘଟଣା କେବଳ ଏକ ଅପରାଧ ନୁହେଁ, ବରଂ ମହିଳାମାନଙ୍କର ସୁରକ୍ଷା ଓ ସମାନତା ପ୍ରତି ସମାଜର ବ୍ୟର୍ଥତାର ଏକ ଜ୍ୱଳନ୍ତ ଉଦାହରଣ। ଗତ ବର୍ଷ କୋଲକାତାର ଆର୍‌ଜି କାର୍ ମେଡିକାଲ୍ କଲେଜରେ ଜଣେ ପିଜି ଟ୍ରେନି ଡାକ୍ତରଙ୍କର ଧର୍ଷଣ ଓ ହତ୍ୟା ଘଟଣାର କ୍ଷତ ଏବେ ବି ଶୁଖି ନଥିବା ବେଳେ, ଏହି ନୂଆ ଘଟଣା ରାଜ୍ୟରେ ମହିଳା ସୁରକ୍ଷାର ଅବସ୍ଥାକୁ ପ୍ରଶ୍ନବାଚୀ କରିଛି।

ଏହି ଘଟଣାରେ ପୋଲିସ୍ ପ୍ରଥମେ ତିନି ଜଣଙ୍କୁ ଗିରଫ କରିଥିଲା, ପରେ ଆଉ ତିନି ଜଣଙ୍କୁ ମିଶାଇ ମୋଟ୍ ଛଅ ଜଣଙ୍କୁ ଗିରଫ କରାଯାଇଛି। ଆଶ୍ଚର୍ଯ୍ୟର କଥା, ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ପୀଡ଼ିତାଙ୍କର ଜଣେ ବନ୍ଧୁ ବା ବ୍ୟାଚ୍‌ମେଟ୍ ଅଛନ୍ତି, ଯାହା ବିଶ୍ୱାସର ଅପବ୍ୟବହାରକୁ ସୂଚାଉଛି। ପୋଲିସ୍ ଘଟଣାସ୍ଥଳର ପୁନର୍ନିର୍ମାଣ କରିଛି ଏବଂ ଅଦାଲତ୍ ଅଭିଯୁକ୍ତଙ୍କୁ ପୋଲିସ୍ ହେପାଜତରେ ପଠାଇଛି। କିନ୍ତୁ ଏହି ପଦକ୍ଷେପଗୁଡ଼ିକ କେବଳ ଘଟଣା ପରେ ପ୍ରତିକ୍ରିୟା; ଏହା ରୋକିବା ପାଇଁ କଣ କରାଯାଉଛି?



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘଟଣାକୁ ଆଘାତଜନକ ବୋଲି କହିଛନ୍ତି ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ତାଙ୍କର ବୟାନ "ଝିଅମାନେ ନିଜକୁ ସୁରକ୍ଷିତ ରଖିବାକୁ ପଡ଼ିବ" ବିବାଦ ସୃଷ୍ଟି କରିଛି, ଯାହା ପୀଡ଼ିତଙ୍କୁ ଦୋଷାରୋପ କରିବା ପରି ଲାଗୁଛି। ଏହା ରାଜ୍ୟ ସରକାରର ମନୋଭାବକୁ ପ୍ରତିଫଳିତ କରୁଛି କି? ଏହି ଘଟଣା କେବଳ ପଶ୍ଚିମବଙ୍ଗର ନୁହେଁ, ସମଗ୍ର ଭାରତର ମହିଳା ସୁରକ୍ଷା ସମସ୍ୟାକୁ ଉଜାଗର କରୁଛି। ଚିକିତ୍ସା ପେସାରେ ଥିବା ମହିଳାମାନେ, ଯେଉଁମାନେ ରାତ୍ରି ଡ୍ୟୁଟି ଓ ଅସୁବିଧାଜନକ ସମୟରେ କାମ କରନ୍ତି, ସେମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା କେତେ ଦୁର୍ବଳ? କ୍ୟାମ୍ପସ୍‌ରେ ସିସିଟିଭି, ନିରାପତ୍ତା କର୍ମଚାରୀ ଓ ଜରୁରୀ ସହାୟତା ବ୍ୟବସ୍ଥାର ଅଭାବ ଏହି ଅପରାଧଗୁଡ଼ିକୁ ଉତ୍ସାହିତ କରୁଛି। ଏହା ବ୍ୟତୀତ, ସମାଜରେ ପୁରୁଷବାଦୀ ମନୋଭାବ, ମହିଳାଙ୍କୁ ବସ୍ତୁ ଭାବରେ ଦେଖିବା ଏବଂ ନ୍ୟାୟର ବିଳମ୍ବ ଏହି ସମସ୍ୟାକୁ ଆହୁରି ଜଟିଳ କରୁଛି।

ଏହି ଘଟଣା ପରେ ଡାକ୍ତର ଓ ଛାତ୍ରମାନଙ୍କ ମଧ୍ୟରେ ଆନ୍ଦୋଳନ ଦେଖାଦେଇଛି, ଯାହା ଉଚିତ୍। କିନ୍ତୁ କେବଳ ଆନ୍ଦୋଳନ ଯଥେଷ୍ଟ ନୁହେଁ। ସରକାରକୁ କଠୋର ଆଇନ୍ ପ୍ରଣୟନ କରିବାକୁ ପଡ଼ିବ, ଯେପରିକି ଧର୍ଷଣ ମାମଲାରେ ଫାଷ୍ଟ ଟ୍ରାକ୍ କୋର୍ଟ ଏବଂ ଦୋଷୀଙ୍କୁ କଠୋର ଦଣ୍ଡ। ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ମହିଳା ସୁରକ୍ଷା କମିଟି ଗଠନ ଓ ସକ୍ରିୟକରଣ ଆବଶ୍ୟକ। ପୋଲିସ୍ ବିଭାଗରେ ମହିଳା ଅଧିକାରୀଙ୍କ ସଂଖ୍ୟା ବଢ଼ାଇବା ଏବଂ ସମ୍ବେଦନଶୀଳ ତାଲିମ୍ ଦେବା ଦରକାର। ସମାଜରେ ଜେଣ୍ଡର୍ ସମାନତା ଶିକ୍ଷାକୁ ପ୍ରୋତ୍ସାହିତ କରିବାକୁ ହେବ, ଯାହା ପିଲାମାନଙ୍କରୁ ଆରମ୍ଭ ହେବ।

ଏହି ଘଟଣା ଆମକୁ ସ୍ମରଣ କରାଉଛି ଯେ ମହିଳାମାନେ ଅଧା ଜନସଂଖ୍ୟା, କିନ୍ତୁ ସେମାନଙ୍କର ସୁରକ୍ଷା ଅବହେଳିତ। ପଶ୍ଚିମବଙ୍ଗ ସରକାରକୁ ଏହି ଘଟଣାରୁ ଶିକ୍ଷା ନେଇ ତୁରନ୍ତ ପଦକ୍ଷେପ ନେବାକୁ ପଡ଼ିବ। ଯଦି ନୁହେଁ, ତେବେ ଏହି ଅନ୍ଧକାର ଆହୁରି ଗାଢ଼ ହେବ ଏବଂ ଆମର ସମାଜର ଭବିଷ୍ୟତ ଅସୁରକ୍ଷିତ ହୋଇଯିବ। ପୀଡ଼ିତାଙ୍କୁ ନ୍ୟାୟ ମିଳୁ ଏବଂ ଏପରି ଘଟଣା ଆଉ ଘଟୁ ନାହିଁ – ଏହା ହେଉ ଆମର ପ୍ରତିଜ୍ଞା।

# ଗାଁ ଦାଣ୍ଡରେ ଚକୁଳିଆ ପଣ୍ଡାଙ୍କ ସଚେତନତା ଗୀତା



**ସନ୍ତୋଷ କୁମାର ଦାଶ**

କାର୍ତ୍ତିକ ମାସକୁ ପବିତ୍ର ଧର୍ମ ମାସ ଭାବେ ଆମ ଓଡ଼ିଆ ସଂସ୍କୃତି ରେ ବିଚାର କରାଯାଏ। ଏହି ମାସ ରେ ଲୋକ ମାନେ ଦାନ ଧର୍ମ କରିବା ସହିତ ଭକ୍ତି ଓ ନିଷ୍ଠାର ସହିତ କାର୍ତ୍ତିକ ଓଷା/ବ୍ରତ ପାଳନ କରିଥାନ୍ତି। ଅନେକ ବ୍ୟକ୍ତି ଓ ପରିବାର ଆମିଷ ଭୋଜନ ତ୍ୟାଗ କରି ମାସ ସାରା ହବିଷାନ୍ନ ଓ ଶୁଦ୍ଧ ନିରାମିଷ ଭୋଜନ ଗ୍ରହଣ କରିଥାନ୍ତି।ଏହି ସମୟ ରେ ଗାଁ ଗଣ୍ଡା ଗୁଡ଼ିକ ରେ ଚକୁଳିଆ ପଣ୍ଡା ଙ୍କୁ ଦେଖିବାକୁ ମିଳେ। ହାତ ରେ ତାଳ ପତ୍ର ଛତା ଓ କାନ୍ଧ ରେ ଝୁଲା ମୁଣି ଧରି ଏମାନେ ଗାଁ ଦାଣ୍ଡ ରେ ବୁଲି ବୁଲି କାର୍ତ୍ତିକ ପୁରାଣ ସହିତ ଅନ୍ୟ ପୁରାଣ କୁ ଗୀତ ଆକାର ରେ ବୋଲି ଲୋକ ମାନଙ୍କୁ ଧର୍ମୋପଦେଶ ଦେବା ସହିତ ଭୁଲ କାମ ନ କରିବାକୁ ସଚେତନ କରିଥାନ୍ତି। ଅତୀତରେ ଡ଼ାକ ବାଜି ଯନ୍ତ୍ର ନ ଥିଲା କି ମୋବାଇଲ, ଟିଭି ପ୍ରଭୃତି ନ ଥିଲା।କଣ କାର୍ଯ୍ୟ କଲେ ମଣିଷ ସୁଖ ରେ ରହି ପାରିବ, ପରିବାର ରେ ଅଶାନ୍ତି ସୃଷ୍ଟି ନ ହେବ , ମଣିଷ ଜୀବନ ସୁଖମୟ ହୋଇ ପାରିବ। ମୃତ୍ୟୁ ପରେ ସ୍ୱର୍ଗ ପ୍ରାପ୍ତି



ହେବ ସେ ସମ୍ପର୍କ ରେ ଏହି ଚକୁଳିଆ ପଣ୍ଡା ମାନେ ଗୀତ ରେ ଗୀତ ରେ ଗାଁ ଗଣ୍ଡା ର ଲୋକ ମାନଙ୍କୁ ସଚେତନ କରୁଥିଲେ। ଯିଏ ଯାହା ଚକୁଳିଆ ପଣ୍ଡା ଙ୍କ ଝୁଲା ମୁଣି ରେ ଦାନ ପ୍ରଦାନ ପ୍ରଦାନ କରୁଥିଲା ସେଥିରେ ସେ ଆଉ ତାଙ୍କ ପରିବାର ଖୁସି ରେ ଚଳି ଯାଉଥିଲେ। ଚକୁଳିଆ ପଣ୍ଡା ଙ୍କ ଏହି କାର୍ଯ୍ୟ କୁ କେହି ଭିକ୍ଷା ବୃତ୍ତି ବୋଲି ଭାବୁ ନ ଥିଲେ। ସମସ୍ତେ ଏମାନଙ୍କୁ ଶ୍ରଦ୍ଧା ଓ ଆଦର କରୁ ଥିଲେ। ଚକୁଳିଆ ପଣ୍ଡା ଙ୍କ ଗୀତ ଶୁଣି ଦେଲେ ମନରେ ଭକ୍ତି ଭାବନା ସୃଷ୍ଟି ହେଉଥିଲା। କାର୍ତ୍ତିକ ମାସ ରେ ଚକୁଳିଆ ପଣ୍ଡା ମାନଙ୍କୁ ବିଭିନ୍ନ ଗାଁ ରେ ଦେଖିବାକୁ ମିଳୁ ଥିଲା।ଏବେ ସମୟ ବଦଳିଛି। ଚକୁଳିଆ ପଣ୍ଡା ବୃତ୍ତି ଲୋପ ପାଇବାକୁ ବସିଛି। ଆଉ ପୂର୍ବପରି ଗାଁ ଦାଣ୍ଡ ରେ ଶୁଭୁନି ଏମାନଙ୍କ ଗୀତ। ଏହି କାର୍ଯ୍ୟ କୁ ଭିକ୍ଷା ବୃତ୍ତି ବୋଲି ମନେ କରି ଏହି ପରିବାର ର ଯୁବ ପିଢ଼ୀ ଆଉ ଏହି କାର୍ଯ୍ୟ କରିବାକୁ ଇଛା ପ୍ରକାଶ କରୁ ନାହାନ୍ତି ବୋଲି ସଂସ୍କୃତି ପ୍ରେମୀ ମାନେ କହିଛନ୍ତି ।ଏବେ ଚକୁଳିଆ ପଣ୍ଡା ଙ୍କୁ ଆଉ ପବିତ୍ର କାର୍ତ୍ତିକ ମାସରେ ଗାଁ ଗଣ୍ଡା ରେ ଦେଖିବାକୁ ମିଳୁନି। ହଜିଯିବାକୁ ବସିଛି ଚକୁଳିଆ ପଣ୍ଡା ଙ୍କ ଗୀତ ଆଉ ସଂସ୍କୃତି। ଯାହା ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହିତ ଜଡିତ ହୋଇ ରହି ଆସିଥିଲା କାହିଁ କେତେ କାଳରୁ।

**ତୁଳସୀପୁର, ପୁରୀ, ମୋବାଇଲ୍: ୯୪୩୯୩୬୧୮୮**

# ଭଦ୍ରକର ମା' ଭଦ୍ରାକାଳୀ

**ବିଦ୍ୟାଶ୍ରୀ ପଣ୍ଡା**

ଭଦ୍ରକ ଜିଲ୍ଲାରେ ମା'ଭଦ୍ରାକାଳୀଙ୍କ ପୀଠ ହେଉଛି ବହୁ ପୁରାତନ କାଳରୁ। ଭଦ୍ରକ ସହର ଅର୍ନ୍ତଗତ ଆହାରପଦା ସ୍ଥିତ କୁଳୁକୁଳୁ ନିନାଦିନୀ ପୁଣ୍ୟତୋୟା ସାଳନ୍ଦୀନଦୀ ନିକଟସ୍ଥ ଭଦ୍ରକାଳୀସାହି ଗ୍ରାମରେ ଅବସ୍ଥାପିତ ମା'ଙ୍କର ପୀଠ। ଏହା ଭଦ୍ରକ ସହର ଠାରୁ ୭କି.ମି. ଦୂରରେ ଅବସ୍ଥିତ। ଏହାର ଚତୁଃପାର୍ଶ୍ୱ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ମନ୍ଦିରମାଳିନୀ ଓଡ଼ିଶାର ଏହା ମୁଖ୍ୟ ଅଙ୍ଗ କହଲେ ଅତ୍ୟୁକ୍ତି ହେବ ନାହିଁ। ଭଦ୍ରକରେ ଅବସ୍ଥାପିତ ମା' ଭଦ୍ରକାଳୀଙ୍କର ମନ୍ଦିରଟି ୫୦୦ ବର୍ଷର ବହୁ ପୁରାତନ ଏବଂ ବର୍ତ୍ତମାନର ମନ୍ଦିରଟି ପ୍ରାୟତଃ ୭୦ ବର୍ଷର। ମନ୍ଦିରଟିର ଉଚ୍ଚତା ୪୦ଫୁଟ୍। ମା'ଙ୍କର ବିଗ୍ରହଟି ୪ଫୁଟ୍ ଉଚ୍ଚତା ବିଶିଷ୍ଟ କଳା ମୁଗୁନି ପଥରର। ଆଦ୍ୟାଶକ୍ତି ମା ଭଦ୍ରାକଳୀ ଚତୁର୍ଭୁଜା ବିଶିଷ୍ଟ। ଉପର ଡାହାଣ ହସ୍ତରେ ଖଡ଼୍‌ଗ, ଉପର ବାମ ହସ୍ତରେ ଖର୍ପରଏବଂ ତଳ ଏକ ହସ୍ତରେ କମଣ୍ଡଳୁ ଏବଂ ଅନ୍ୟ ହସ୍ତରେ ପ୍ରଭୁ ବାଳଗୋପାଳଙ୍କ ଧାରଣ କରି ମାତୃବତ୍ସଳା ଜନନୀର ଅପରୂପ ମାତୃଶକ୍ତିର ଅନୁପମ ଦୃଷ୍ଟାନ୍ତ ଅନୁଭବ କରିହୁଏ। ମା' ପଦ୍ମଫୁଲ ଉପରେ ଅଧିଷ୍ଠିତା ହୋଇ ରୌପ୍ୟରେ ନିର୍ମିତ ମସ୍ତକରେ ବିମଣ୍ଡିତ ମୁକୁଟରେ ସୁସଜ୍ଜିତ ତଥା ଭକ୍ତମାନଙ୍କୁ ବରଦାନ ପୂର୍ବକ ବରଦାମୁଦ୍ରା ଧାରଣ କରି ସାରା ସଂସାରରେ ସନ୍ତାନବତ୍ସଳା ଦେବୀ ଭାବରେ ସର୍ବ ପୂଜିତା।



ବିଗ୍ରହଟିର ସୌନ୍ଦର୍ଯ୍ୟ ଯେତିକି ମନୋରମ ସେତିକି ମଧ ଆନନ୍ଦଦାୟକ। ମା'ଙ୍କୁ ଥରେ ଯିଏ ଦର୍ଶନ କରିଛି ସିଏ ସଂସାରର ସୁବୁ ଦୁଃଖ ଶୋକକୁ ଭୁଲିଯାଇ ଆନନ୍ଦର ଅପାର ସାଗରରେ ଲୀନ ହୋଇଯାଇଛି। ଭାରତର ଅନ୍ୟ ଦେବୀ ପୀଠମାନଙ୍କରେ ମା' କାଳୀ ଉଗ୍ର ରୂପ ଧାରଣ କରିଥିବା ବେଳେ ମା'ଭଦ୍ରକାଳୀ କିନ୍ତୁ ଶାନ୍ତ ରୂପ ଧାରଣ କରି ସନ୍ତାନବତ୍ସଳା ମାତୃଶକ୍ତିର ଅପାର କରୁଣାର ଅଧିକାରିଣୀ ଭାବରେ ସାରା ବିଶ୍ୱରେ ପ୍ରତିଷ୍ଠିତା। ଅନ୍ୟ ପୀଠମାନଙ୍କ ଭଳି ଏହି ପୀଠରେ କୌଣସି ପଶୁବଳି ଦିଆଯାଇ ନଥାଏ। ଏହା ହେଉଛି ଏହି ପୀଠର ଅନନ୍ୟ ତଥା ବିଶେଷ ପରମ୍ପରା। କ୍ଷୀର, କଦଳୀ, ନଡ଼ିଆ ଏବଂ ଫଳ ହେଉଛି ମା'ଙ୍କର ଅତି ପ୍ରିୟ ଭୋଗ। ଏଠାରେ ମା'ଙ୍କୁ ସକାଳେ ମଙ୍ଗଳଆଳତି ସହ ମଧ୍ୟାହ୍ନରେ ଅନ୍ନପ୍ରସାଦ ସହ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଏବଂ ସନ୍ଧ୍ୟାରେ ଆଳତି ଭୋଗ, ଏଭଳି ଭାବରେ ଦିନରେ ତିନିଥର ପୂଜାର୍ଚ୍ଚନା କରାଯାଇଥାଏ। ମା'ଙ୍କର କାଳୀପୂଜାର ପରମ୍ପରା ସବୁଠାରୁ ଅନ୍ୟତମ ତଥା ନିଆରା। ଏଠାରେ ସପ୍ତଦିନ ବ୍ୟାପୀ ଉତ୍ସବ ପାଳନ କରାଯାଇଥାଏ। ଏହି ସାତଦିନରେ ମା' ୧.ବେଦମାତା, ୨. ମହାକାଳୀ, ୩. ସିଂହବାହିନୀ, ୪. ଜଗଦ୍ଧାତ୍ରୀ, ୫. ରାଜରାଜେଶ୍ୱରୀ, ୬. ମହାଲକ୍ଷ୍ମୀ ଏବଂ ୭. ମହାସରସ୍ୱତୀ ବେଶ ଧାରଣ, ଏହିଭଳି ଭାବରେ ସାତଟି ବେଶ ଧାରଣ କରି ପୂଜା ପାଇଥାନ୍ତି। ମା'ଙ୍କ ମନ୍ଦିର ଉଭୟ ପାର୍ଶ୍ୱରେ ଜୟ ଏବଂ ବିଜୟ ମୂର୍ତ୍ତି ସ୍ଥାନିତ ହୋଇଛି। ପଞ୍ଚ ଦେବତା ତଥା ପ୍ରଭୁ ଶ୍ରୀମନ୍ ନାରାୟଣ, ଦେବ ଦେବ ମହାଦବେ, ଅଗ୍ରପୂଜ୍ୟ ଗଜାନନ, ସୂର୍ଯ୍ୟନାରାୟଣ ଏବଂ ଦେବୀ ଦୂର୍ଗାଙ୍କର ମୂର୍ତ୍ତି ପୂଜା ପାଉଥିବା ବେଳେ, ପତିତପାବନ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ମଧ ଅନ୍ୟ ଏକ ମନ୍ଦିରରେ ସ୍ଥାପିତ କରାଯାଇ ପୂଜାର୍ଚ୍ଚନା ମଧ କରାଯାଇଥାଏ। ବାର ମାସରେ ତେର ପର୍ବ ମଧ ମା'ଙ୍କ ପୀଠରେ ପାଳନ କରାଯାଇଥାଏ। ମା'ଭଦ୍ରାକାଳୀଙ୍କୁ ମଧ ପରମ ବୈଷ୍ଣବୀ ଭାବରେ ନାମିତ କରାଯାଇଛି। ଭକ୍ତର ଦୁଃଖଦ ମନସ୍କାମନା ମା' ତୁରନ୍ତ ପୂରଣ କରିଥାନ୍ତି ତେଣୁ ତାଙ୍କୁ ବରଦାୟିନୀ ବୋଲି ମାନ୍ୟତା ଦିଆଯାଇଛି। ମଙ୍ଗଳ ବାର ହେଉଛି ମା'ଙ୍କର ଅତି ପ୍ରିୟ ବାର ହୋଇଥିବାରୁ ହଜାର ହଜାର ଶ୍ରଦ୍ଧାଳୁ ମଧ ଏଠାରେ ଏକତ୍ରିତ ହୋଇ ମା'ଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଲାଭ କରିଥାନ୍ତି। ଦେଶ ବିଦେଶରୁ ମଧ ଅନେକ ଶ୍ରଦ୍ଧାଳୁ ମା'ଙ୍କ ପରିଦର୍ଶନରେ ଆସିଥାନ୍ତି। ଏଠାରେ ବାରମାସରେ ତେର ପର୍ବ ପାଳନ ପୂର୍ବକ ରଥଯାତ୍ରାରେ ପ୍ରଭୁ ବଳଭଦ୍ର, ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରାଙ୍କୁ ରଥାରୂଢ଼ କରାଯାଇ ପବିତ୍ର ରଥଯାତ୍ରା ଉତ୍ସବ ମଧ ପାଳନ ଅତି ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଥାଏ। ଚଇତ୍ର ମାସରେ ଚଇତିଘୋଡ଼ାର ନାଚ ମଧ ଏ ପରିବେଶକୁ ଆହୁରି ଆନନ୍ଦମୁଖର କରି ଗଢ଼ିତୋଳେ। ଶାନ୍ତ ନିର୍ମଳ ଏବଂ ମନୋରମ ପୂତ ପବିତ୍ରମୟ ପରିବେଶ ମଧରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା ଏ ଅଞ୍ଚଳକୁ ଆହୁରି ଉତ୍ସବମୁଖର କରି ଗଢ଼ିତୋଳେ। ରଜସଂକ୍ରାନ୍ତି ଦିନ ମା'ଙ୍କର ସୁବର୍ଣ୍ଣବେଶ ଅତ୍ୟନ୍ତ ଉଲ୍ଲାସଦାୟକ, ରଜ ତିନିଦିନ ଧରି ମା'ଙ୍କ ପାଖରେ ଭିଡ଼ ଲାଗିରହେ। ଦୋକାନବଜାର ମଧ ପଡ଼େ, ଦୂରଦୂରାନ୍ତରୁ ଅନେକ ଭକ୍ତ ମା'ଙ୍କ ଦର୍ଶନ ଲାଗି ଆସି ମେଳା କରିଥାନ୍ତି।

ଶକ୍ତି ସ୍ୱରୁପିଣୀ ସନ୍ତାନବତ୍ସଳା ବରଦାଦାୟିନୀ ମା'କାଳୀଙ୍କୁ ଭକ୍ତି ଆରାଧନା କରି ସଂସାରର ଦୁଃଖ ଶୋକର ପରିତ୍ରାଣ ଲାଭ କରିବା ପାଇଁ ଯୁଗେ ଯୁଗେ ଭକ୍ତ ନିରନ୍ତର ବିଶ୍ୱାସ କରି ଆସିଛି। ମା'ର ପଣତକାନି ସନ୍ତାନ ପାଇଁ ସର୍ବୋତ୍କୃଷ୍ଟ ସ୍ଥାନ। ମା'ର କରୁଣା ହେଲେ ସନ୍ତାନ ସମସ୍ତ ଦୁଃଖ ଶୋକରୁ ପରିତ୍ରାଣ ପାଇ ପାରିବ। ମା' ଖୁସିରେ ସନ୍ତାନ ସୁଖୀ ହୁଏ। ଏହାର ବ୍ୟତିକ୍ରମ ହେଲେ ସନ୍ତାନ ଦୁଃଖରେ ପଡ଼ିଥାଏ।

ଦୁଷ୍ଟ ମାନଙ୍କ ପାଇଁ ମା' ଭୟଙ୍କରୀ, ଦୁଷ୍କର୍ମୀଙ୍କ ପାଇଁ ସଂହାର କାରିଣୀ ହେଲେ ସାଧୁମାନଙ୍କ ପାଇଁ ମା' କରୁଣାମୟୀ, ସ୍ନେହମୟୀ ଜନନୀ ଭାବରେ ଆବିର୍ଭୁତା। ମା' ଦୟା, କ୍ଷମା, କରୁଣା, ପ୍ରେମ, ସ୍ନେହ, ଆନନ୍ଦ, ଶାନ୍ତି, ମମତା, କଲ୍ୟାଣମୟୀ। ପରମବୈଷ୍ଣବୀ ଙ୍କୁ ଶୁଦ୍ଧପୂତ ଭକ୍ତିନେବ÷ଦ୍ୟ ଅର୍ପଣ ପୂର୍ବକ ବନ୍ଦାପନା କରି ମା'ର ଅପାର କରୁଣା ଲାଭ କରିପାରିଲେ ସାରା ସଂସାର ଆନନ୍ଦମୟ ହୋଇ ଉଠିବ। ମା' ଆମକୁ ସଦ୍‌ଗତି, ସଦ୍‌ଚିନ୍ତାରେ ସହାୟକ ହୁଅନ୍ତୁ। ପ୍ରତିକ୍ଷଣ ଆମକୁ ଦୂରିତ ଦୂର କରି ମାଆର ପରୋପକାର ନୀତି, ଆଦର୍ଶମୟ ଜୀବନ ଆମକୁ ପ୍ରେରିତ କରନ୍ତୁ। ମା'ର ଆଶୀର୍ବାଦ ଯିଏ ପାଏ ତା'ର ଏ ସଂସାରରେ କାହାକୁ ଭୟ ନଥାଏ ମାତ୍ର ଯିଏ ମା'ର ଆଦେଶକୁ ଉଲଙ୍ଘନ କରେ, ନୀତି ନିୟମକୁ ଭାଙ୍ଗିଦିଏ, ସିଏ କାଳର କରାଳ ଗର୍ଭରେ ଲୀନ ହୋଇଯାଏ।

ଚିତ୍ର ଯେପରି ଚରିତ୍ର ଶିକ୍ଷା ଦେଇଥାଏ। ମା' ମାତୃସ୍ୱରୁପିଣୀ ମହାମାୟା ଯୋଗମାୟା ଶକ୍ତିମୟୀ ନୃମୁଣ୍ଡମାଳିନୀ, ବିଶ୍ୱକଲ୍ୟାଣମୟୀ ସେହିପରି ଏ ଧରାରେ କେତେବେଳେ କେଉଁ ରୂପରେ ଅବତାର ଧାରଣ କରି ଆମକୁ ଶିକ୍ଷା ଦେଇଥାନ୍ତି। ହେ ମନୁଷ୍ୟ ତୁମର ସମସ୍ତ ରାଗ, ହିଂସା, ଦ୍ୱେଷ, ଅହଙ୍କାରକୁ ସାଥିରେ ଧରି ନିଜକୁ ଅହଂକାରୀ, ଗର୍ବି ଭାବରେ ପରିଚୟ ଦିଅନାହିଁ। ନିଜକୁ ସବୁଠାରୁ ଜ୍ୟେଷ୍ଠ ବା ଶ୍ରେଷ୍ଠ ନ ମଣ। ପ୍ରବଳପ୍ରତାପି ମହିଷାସୁର ହେଉ ଅବା ମହାକୋପି ରାବଣ ହେଉନା କାହିଁକି ସମସ୍ତ ଦୁଷ୍ଟ ଶକ୍ତି ମାତୃଶକ୍ତି ଆଗରେ ହାର୍ ମାନିଛି। ତେଣୁ ଆଜିର ଏହି ପବିତ୍ର ଦିବସରେ ମାତା ଆମକୁ ମତି ନିର୍ବାଣରେ ସହାୟକ ହୁଅନ୍ତୁ। ଜୀବନର ପ୍ରତିଟି କ୍ଷଣ ଆମକୁ ଦୂରିତ ଦୂର କରି ଆମକୁ ପ୍ରେରିତ, ଉତ୍ସାହିତ କରନ୍ତୁ। ଏହି ଦିବ୍ୟ ସନ୍ଦେଶକୁ ପାଥେୟ କରି ହୃଦୟରେ ସଭକ୍ତି ତଥା ପ୍ରସନ୍ନଚିତ୍ତକୁ ବହନ କରି, ଜୀବନକୁ ଯଥୋଚିତ ଭାବରେ ସଦ୍ ବ୍ୟବହାର କରି, ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ମାଆର ଆଶିଷକୁ ନେଇ ବଞ୍ଚିବା।

କୋରକୋରା, ଭଦ୍ରକ
ମୋବାଇଲ୍: ୯୦୯୦୮୯୯୮୨୬

# ବୟସ୍କ ନାଗରିକ: ସମାଜର ମୂଲ୍ୟବାନ ସମ୍ପତ୍ତି

**ଇନ୍ଦୁ ଭୂଷଣ ଭୂୟାଁ**

ବୟସ୍କ ନାଗରିକମାନେ ସମାଜର ମୂଲ୍ୟବାନ ସମ୍ପତ୍ତି। ସେମାନଙ୍କ ଦୀର୍ଘ ବର୍ଷର ଓ ଜୀବନର ଅଭିଜ୍ଞତା ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇ ଦେଇଥାଏ। ବିଶ୍ୱର ସମସ୍ତ ବୟସ୍କ ବ୍ୟକ୍ତିଙ୍କ ପାଇଁ ଦିନଟିଏ ଉତ୍ସର୍ଗ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ଏକ ତାରିଖ ପାଳନ କରାଯାଏ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ। ୧୯୯୦ ଡିସେମ୍ବର ୧୪ରେ ଜାତିସଂଘର ସାଧାରଣ ସଭାରେ ଏହି ନିଷ୍ପତ୍ତି ନିଆଯାଇଥିଲା। ୧୯୯୧ ଅକ୍ଟୋବର ଏକରେ ଏହି ଦିବସ ପାଇଁ ପ୍ରଥମ ଥର ଛୁଟି ହୋଇଥିଲା। ବୟସ୍କମାନଙ୍କୁ ପ୍ରଭାବିତ କରୁଥିବା ବିଷୟ ପ୍ରତି ସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ। ସମାଜ ଗଠନରେ ବୟସ୍କ ବ୍ୟକ୍ତିଙ୍କ ଅବଦାନକୁ ମନେପକାଇବା ସହ ସେମାନଙ୍କୁ ଉତ୍ସାହିତ କରିବା ମଧ ଏହାର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ। ଆମେରିକା ଓ କାନାଡ଼ାରେ ପାଳିତ ଜାତୀୟ ଜେଜେ, ଜେଜେମା' ଦିବସ, ଚୀନ୍‌ରେ ପାଳିତ ଡବଲ ନିନ୍‌ଥ ଫେଷ୍ଟିଭାଲ ଓ ଜାପାନର ବୟସ୍କ ସମ୍ମାନ ଦିବସ ସହ ଏହି ଦିବସ ସମାନ। ଏ ଅବସରରେ ଜାତିସଂଘ ପକ୍ଷରୁ ଓ ବିଭିନ୍ନ ସଂଗଠନରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ। ବୟସ୍କ ବ୍ୟକ୍ତିଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବା ଆମ କର୍ତ୍ତବ୍ୟ। ସେମାନଙ୍କୁ ସମାଜର ମାର୍ଗଦର୍ଶକ ଭାବେ ସମ୍ମାନ ଦେବା ଉଚିତ। ଖୁସିର କଥା କଟକ ଅଲିଶା ବଜାର ବରିଷ୍ଠ ନାଗରିକ ଟ୍ରଷ୍ଟର ବାର୍ଷିକ ଉତ୍ସବ ସ୍ଥାନୀୟ ଅଲିଶା ବଜାର ଯୋଗଶିକ୍ଷା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କିଶୋର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଲିଭର ବିଶେଷଜ୍ଞ ତଥା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶ୍ରିତ ଅନୁରାଗୀ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ବୟସ୍କମାନେ ସମାଜର ମୂଲ୍ୟବାନ ସମ୍ପତ୍ତି ବୋଲି ମତବ୍ୟକ୍ତ କରିବା ସହ ସେମାନଙ୍କ ଆଶୀର୍ବାଦ କାମନା କରିଥିଲେ। ମୁଖ୍ୟବକ୍ତା ଭାବରେ ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି ଚକ୍ରଧର ବେହେରା, ସମ୍ପାଦକ ମନମୋହନ ବେହେରା, ବରିଷ୍ଠ ସଭ୍ୟ ଶିବ କୁମାର ଜେନା, ଇଞ୍ଜିନିୟର ସଚ୍ଚିଦାନନ୍ଦ ନନ୍ଦ, ମହେନ୍ଦ୍ର କୁମାର ସାହୁ, ସିଦ୍ଧାର୍ଥ କୁମାର ସାହୁ, ବସନ୍ତ କୁମାର ସିଂହ, ଜାହିର ଖାନ୍, ଶଙ୍କର ଦାସ, ନାରାୟଣ ବେହେରା, ସଚ୍ଚିଦାନନ୍ଦ ଦାସ, ଉମେଶ ଚନ୍ଦ୍ର ସେଠୀ, ଭାସ୍କର ବେହେରା ପ୍ରମୁଖ ପରିଚାଳନା କରିଥିବାବେଳେ ଯୋଗ ବିଦ୍ୟାଳୟର କର୍ମକର୍ତ୍ତା ରଘୁନାଥ ବେହେରା, ଫକୀର ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ସଂଘମିତ୍ରା ଜେନା, ଗୀତାଞ୍ଜଳୀ ବେହେରା, ଗାୟତ୍ରୀ ପଣ୍ଡା, ଏମ.ଏ.ଟି. ବେଗ ପ୍ରମୁଖ ସହାୟତା କରିଥିଲେ। ଏହି ଅବସରରେ ଅଲିଶା ବଜାର ମେଢ଼ ଓ ସହରରେ ଚାନ୍ଦିମେଢ଼ର କୁଶଳୀ ଭାସ୍କର୍ଯ୍ୟ ଶିଳ୍ପୀ ତଥା ଆନ୍ତର୍ଜାତିକ ସ୍ତରରେ ସମ୍ମାନୀତ ଓ ପ୍ରଶଂସିତ ହୋଇଥିବା ବର୍ଷୀୟାନ ଭାସ୍କର୍ଯ୍ୟଶିଳ୍ପୀ ଦେବେନ୍ଦ୍ର କୁମାର ସାହୁଙ୍କୁ ତାଙ୍କ ଜୀବନବ୍ୟାପୀ ସାଧନା ନିମିତ୍ତ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଥାଉକି ବର୍ଷର ବିଭିନ୍ନ ସମୟରେ ଟ୍ରଷ୍ଟ ପକ୍ଷରୁ ନିୟମିତ କାର୍ଯ୍ୟକ୍ରମ ଓ ସେବାକାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଅନ୍ତର୍ଜାତୀୟ ବୟସ୍କ ଦିବସର ବିଷୟ ରହିଛି - ବୟସବାଦ ବିରୋଧରେ ଠିଆ ହୁଅ। ଯେଉଁ ବୟସ୍କ ବ୍ୟକ୍ତି ଅନ୍ୟ ଉପରେ ନିଜକୁ ବୋଝ ମନେକରନ୍ତି ଏବଂ ନିଜ ଜୀବନକୁ ମୂଲ୍ୟହୀନ ବୋଲି ଅନୁଭବ କରନ୍ତି, ଏହି ଧାରଣା ସେମାନଙ୍କୁ ସାମାଜିକ ବାସନ୍ଦ ଓ ଅବସାଦ ଘେରକୁ ନେଇଯାଏ। ସକାରାତ୍ମକ ଚିନ୍ତାଧାରାଯୁକ୍ତ ବୟସ୍କ ତୁଳନାରେ ଏହି ବିଚାରଧାରା ସମ୍ପନ୍ନ ବୟସ୍କ ୭.୫ ବର୍ଷ କମ୍ ବଞ୍ଚନ୍ତି। ଏକ ଗବେଷଣାରୁ ଏହା ଜଣାପଡ଼ିଛି। ବୟସ୍କ ନାଗରିକ ମାନଙ୍କ ଆଶୀର୍ବାଦ ଆମ ସମସ୍ତଙ୍କ ଉପରେ ଝରିପଡୁ ଏହା ହିଁ ପ୍ରାର୍ଥନା ଏବଂ ଏହା ସହିତ ସମାଜର ବରିଷ୍ଠ ନାଗରିକମାନଙ୍କ ପ୍ରତି ଆମର ଯେ ଗୁରୁଦାୟିତ୍ୱ ରହିଛି ଏଥିପ୍ରତି ଯତ୍ନବାନ ହେବା ସହ ଏହାହିଁ ଯଥାର୍ଥ ମାନବୀୟ ମୂଲ୍ୟବୋଧ ବୋଲି ପ୍ରତୀୟମାନ ହୋଇପାରିବ।

**ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ମୋବାଇଲ୍: ୭୪୮୮୯୯୮୫୩୨**

# ଅବଦୁଲ୍ କଲାମ୍ ଓ ଓଡ଼ିଶା



**ଡକ୍ଟର ସୁରେଶ କୁମାର ନାୟକ**

କିଏ ତାଙ୍କୁ କହୁଥିଲା ଅଗ୍ନି ପୁରୁଷ, କିଏ କହୁଥିଲା ପୃଥ୍ୱୀର ପାର୍ଥ। ଆକାଶ ଥିଲା ତାଙ୍କ ହାତ ପାଆନ୍ତାରେ। ତାଙ୍କ ମସ୍ତିଷ୍କ ଥିଲା ବୈଜ୍ଞାନିକର, ମନ ଥିଲା ଦାର୍ଶନିକର, ହୃଦୟ ଏକ ଚଞ୍ଚଳ ବାଳକର। ପିଲାଦିନେ ସମୁଦ୍ର କୂଳରେ ବସି ସେ ସ୍ୱପ୍ନ ଦେଖିଥିଲେ ଆକାଶର। କିନ୍ତୁ ତାଙ୍କ କାର୍ଯ୍ୟ ଦକ୍ଷତା ଓ କର୍ମବୀରତା ତାଙ୍କୁ ପହଞ୍ଚାଇ ପାରିଥିଲା ଅନ୍ତରୀକ୍ଷର ଅଭ୍ୟନ୍ତରରେ। ପରମାଣୁ ବୋମା ଭିତରେ ବି ସେ ଦେଖୁଥିଲେ ଶାନ୍ତି ଓ ସବୁଜିମାର ସ୍ୱପ୍ନ। ଆଜି ମହାନ ପରମାଣୁ ବିଜ୍ଞାନୀ ପୃଥିବୀ ବିଖ୍ୟାତ ଦାର୍ଶନିକ ଓ ଭାରତର ରତ୍ନ କୁହାଯାଉଥିବା ସ୍ୱର୍ଗତଃ ଡକ୍ଟର ଏ.ପି.ଜେ. ଅବଦୁଲ୍ଲ କଲାମଙ୍କ ଜନ୍ମଦିନ। ଡକ୍ଟର କଲାମଙ୍କ ଓଡ଼ିଶା ସହିତ ସମ୍ପର୍କ ଅତ୍ୟନ୍ତ ଘନିଷ୍ଠ। ତାମିଲନାଡୁରେ ସେ ଜନ୍ମ ହୋଇଥିଲେ ବି ତାଙ୍କର ଅନ୍ୟତମ କର୍ମଭୂମି ଥିଲା ଓଡ଼ିଶା। ଡିଆରଡିଓ ବା ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନରେ ଜଣେ ଆଗ ଧାଡ଼ିର ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଥିବାବେଳେ ଦୁଇ ଦଶନ୍ଧି ଧରି ଏହି ଅନୁଷ୍ଠାନ ସହିତ ତାଙ୍କର ସମ୍ପର୍କ ରହିଥିଲା। ୧୯୮୯ରେ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍) ପ୍ରତିଷ୍ଠା ହେବା ପରଠାରୁ ଅଗ୍ନି, ନାଗ ଓ ବ୍ରହ୍ମୋସ୍ ଭଳି ସ୍ୱଦେଶୀ କ୍ଷେପଣାସ୍ତ୍ର ଗବେଷଣା ଓ ପରୀକ୍ଷଣ କାର୍ଯ୍ୟରେ ସେ ବାରମ୍ବାର ଏହି ସ୍ଥାନକୁ ଆସିଛନ୍ତି। ତେବେ ହ୍ୱିଲର ଦ୍ୱୀପରେ କ୍ଷେଣାସ୍ତ୍ର ପରୀକ୍ଷାବେଳେ ବିରଳ ଓ ଲୁପ୍ତପ୍ରାୟ ଅଲିଭ୍ ରିଡଲେ କଇଁଛଙ୍କ ଏହି ଏକ୍ତୁଡିଶାଳ ଆଇଟିଆର୍‌ର ଉଜ୍ଜ୍ୱଳ ଆଲୋକ ଯୋଗୁଁ ବିପଦରେ ପଡ଼ିଯାଇଥିବା ଏହି କଇଁଛଙ୍କ ପାଇଁ ସେ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତାହା ପରବର୍ତ୍ତୀ ସମୟରେ ୨୦୦୭ରେ ହାଇଦ୍ରାବାଦରେ ବିଲୁପ୍ତ ପ୍ରାୟ ପ୍ରାଣୀଙ୍କ ସଂରକ୍ଷଣ ପାଇଁ ପରୀକ୍ଷାଗାରକୁ ଦେଶ ଉଦ୍ଦେଶ୍ୟରେ ସମର୍ପଣ କଲାବେଳେ ସେ ନିଜ ହ୍ୱିଲର ଦ୍ୱୀପରେ ଅନୁଭୂତି ବର୍ଣ୍ଣନା କରିଥିଲେ। କଇଁଛଙ୍କ ସୁରକ୍ଷା ପାଇଁ ଆଇଟିଆର୍‌ର ଆଲୋକମାଳାକୁ ନିୟନ୍ତ୍ରିତ କରାଯିବା ସହ ଆବଶ୍ୟକବେଳେ ବନ୍ଦ ରଖାଗଲା ଓ ମାଛଧରା ଟ୍ରଲରକୁ ମଧ ନିଷେଦ୍ଧ କରାଗଲା। ସେହିପରି ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ବନୀକରଣ ପାଇଁ ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷଣ ବେଳେ ଚାନ୍ଦିପୁର ଆସିଥିବା ତତ୍କାଳୀନ ପ୍ରତିରକ୍ଷାମନ୍ତ୍ରୀ କେ.ସି.ପନ୍ତଙ୍କୁ ପ୍ରସ୍ତାବ ଦେଇ ତାହା କାର୍ଯ୍ୟକାରୀ କରାଇଥିଲେ। ସେହିପରି ଚାନ୍ଦିପୁରରେ ଏକ ପକ୍ଷୀବିହାର 'ନିସର୍ଗ' ସୃଷ୍ଟି କରିବାରେ ସେ ଥିଲେ ଅନ୍ୟତମ ବିନ୍ଧାଣୀ। ସେ ରାଷ୍ଟ୍ରପତି ଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ଦୁଇଜଣ ଏଡ୍‌ସ ଆକ୍ରାନ୍ତ ପିଲାଙ୍କ ପୋଷ୍ଟକାର୍ଡ଼ ଚିଠି ପାଇ ସେମାନଙ୍କୁ ତୁରନ୍ତ ସହଯୋଗର ହାତ ବଢ଼ାଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡାଙ୍କ 'ଆଇ



ଆମ୍ କଲାମ୍' ଦେଖିଲା ପରେ ସେ ଧନ୍ୟବାଦ ଜଣାଇଥିଲେ। ୨୦୦୮ ମେ ୧୧ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ପିଲାମାନଙ୍କୁ ନିଜ ଜୀବନ ରାଷ୍ଟ୍ରପତି ସମର୍ପିତ ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ସେହିପରି ୨୦୧୧ ଜାନୁଆରୀ ୫ରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ, ୨୦୦୫ ନଭେମ୍ବର ୧୯ରେ ଚାନ୍ଦିପୁର ପକ୍ଷୀ ବିହାର ଉଦ୍‌ଘାଟନ, ୨୦୧୪ ନଭେମ୍ବର ୨୯ରେ ସମ୍ବଲପୁରସ୍ଥିତ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ୧୫୦ତମ ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିଲେ। ୨୦୧୫ ମାର୍ଚ୍ଚ ୨ ତାରିଖରେ ରାଜଗାଙ୍ଗପୁର ଡାଲମିଆଁ ବିଦ୍ୟାମନ୍ଦିରରେ ଛାତ୍ରଛାତ୍ରୀଙ୍କ ସହ ସ୍ମରଣୀୟ ମୁହୂର୍ତ୍ତ ବିତାଇଥିଲେ, ୨୦୧୨ ଜାନୁଆରୀ ୫ ତାରିଖରେ ଭୁବନେଶ୍ୱରସ୍ଥିତ ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟରେ ଦୀକ୍ଷାନ୍ତ ଭାଷଣ ଦେବା ସହ ୨୦୧୨ ଜାନୁଆରୀ ୪ରେ ଭୁବନେଶ୍ୱରସ୍ଥିତ କିସ୍ ଅନୁଷ୍ଠାନର ପିଲାଙ୍କ ବିଜ୍ଞାନ କଂଗ୍ରେସ ଉଦ୍‌ଘାଟନ କରିଥିଲେ। ୨୦୧୪ ଜାନୁଆରୀ ୨୫ରେ ଭୁବନେଶ୍ୱରରେ ସ୍ୱାମୀ ଚିଦାନନ୍ଦ ଜନ୍ମଶତବାର୍ଷିକୀ ମହୋତ୍ସବ, ୨୦୧୨ ଜାନୁଆରୀ ୫ ବାଲେଶ୍ୱର ଜିଲ୍ଲା ଲଙ୍ଗଳେଶ୍ୱରରେ ସଚିତ୍ରକୁମାର ହାଇସ୍କୁଲର ଉତ୍ସବରେ ଯୋଗ ଦେଇଥିଲେ। ୨୦୦୫ ଡିସେମ୍ବର ମାସରେ ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ। ସେ ରାଷ୍ଟ୍ରପତି ପରି ଗୁରୁଦାୟିତ୍ୱ ନିର୍ବାହ କରୁଥିବାବେଳେ ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ସତ୍ତ୍ୱେ ସେ ଶିକ୍ଷାନୁଷ୍ଠାନ ଓ ପିଲାଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସ୍ୱତଃ ଆଗ୍ରହ ରଖିଥିଲେ। ରାଷ୍ଟ୍ରପତି ଦାୟିତ୍ୱ ପରବର୍ତ୍ତୀ ସମୟରେ ମଧ ସେ ଅନେକ କାର୍ଯ୍ୟକ୍ରମରେ ଯୋଗଦେଇ କେବଳ ପିଲାମାନେ ନୁହଁନ୍ତି ଲୋକମାନଙ୍କ ସହ ସେମାନଙ୍କ ସୁଖଦୁଃଖରେ ସାମିଲ ହେବାପାଇଁ ଶ୍ରଦ୍ଧା ରଖୁଥିଲେ। ଦେଶକୁ ଦୁର୍ନୀତି ମୁକ୍ତ ଓ ଉତ୍ତମ ନାଗରିକଙ୍କ ଦେଶ ଭାବେ ଗଢ଼ି ତୋଳିବା ପାଇଁ ତିନିଜଣଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅନୁଭବ କରୁଥିଲେ। ତାଙ୍କ ମତରେ ସେ ତିନିଜଣ ଥିଲେ ବାପା, ମାଆ ଓ ଶିକ୍ଷକ। ସେ ଥିଲେ ବହୁ ସ୍ୱପ୍ନର ନାୟକ। ମାଟିରୁ ମହାକାଶ ପର୍ଯ୍ୟନ୍ତ ତାଙ୍କ ସ୍ୱପ୍ନ ଥିଲା ପରିବ୍ୟାପ୍ତ। ୧୯୮୧ରେ ସେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ସେ ଭାରତ ରତ୍ନ ପାଇଥିଲେ। ୧୯୩୧, ୧୫ ଅକ୍ଟୋବରରେ ଜନ୍ମ ଗ୍ରହଣ କରିଥିବା କଲାମ୍‌ଙ୍କ ସ୍ମୃତି ଓଡ଼ିଶା ପାଇଁ ଚିରସ୍ମରଣୀୟ। ବିଶେଷକରି ବିଦ୍ୟାର୍ଥୀ ମାନଙ୍କୁ ସେ ଯେଉଁ ସ୍ମରଣୀୟ ଜୀବନର ସ୍ୱପ୍ନ ଦେଖାଇଯାଇଛନ୍ତି ତାହାକୁ ସାକାର କରିପାରିଲେ ତାଙ୍କ ଜନ୍ମତିଥି ପାଇଁ ତାହା ନିଶ୍ଚିନ୍ତ ହେବ ଏକ ମୂଲ୍ୟବାନ ସ୍ମୃତି ଅର୍ଘ୍ୟ।

ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ

ଦିଲ୍ଲୀବାସୀଙ୍କୁ ସୁପ୍ରିମକୋର୍ଟଙ୍କ ଉପହାର

# ଦିଲ୍ଲୀରେ ସବୁଜ ବାଣକୁ ମିଳିଲା ଅନୁମତି



**ନୂଆଦିଲ୍ଲୀ, ୧୫।୧୦ :** ଦିଲ୍ଲୀବାସୀଙ୍କ ଆଶଙ୍କାକୁ ଦୂର କଲେ ସୁପ୍ରିମକୋର୍ଟ। ଦିଲ୍ଲୀରେ ସବୁଜ ବାଣକୁ ମିଳିଲା ଅନୁମତି। କୋର୍ଟ ଦିଲ୍ଲୀ-ଏନସିଆରରେ ସବୁଜ ବାଣ ବିକ୍ରୟ ଉପରେ ପ୍ରତିବନ୍ଧକ ଉଠାଇ ଦେଇଛନ୍ତି ଏବଂ ବାଣ ଫୁଟାଇବାକୁ ମଧ ଅନୁମତି ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗାଭାଇ ଓ ଜଷ୍ଟିସ୍ ବିନୋଦ ଚନ୍ଦ୍ରନ୍ ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଅକ୍ଟୋବର ୧୮ ରୁ ୨୦ ମଧରେ ସବୁଜ ବାଣ ବିକ୍ରି କରିବାକୁ ଅନୁମତି ଦେଇଛନ୍ତି। ସେହିପରି ଦୀପାବଳି ପୂର୍ବଦିନ ଏବଂ ଦୀପାବଳି ଦିନ ସକାଳ ୬ଟାରୁ ୭ଟା ଏବଂ ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ଅନୁମତି ଦିଆଯିବ। କେବଳ କ୍ୟୁଆର କୋଡ୍ ଥିବା ଅନୁମତିପ୍ରାପ୍ତ ବାଣ ଯେପରି ବିକ୍ରି ହୁଏ, ତା ଉପରେ ନଜର ରଖିବା ପାଇଁ ପୋଲିସ କର୍ତ୍ତୃପକ୍ଷଙ୍କୁ ପାଟ୍ରୋଲିଂ ଟିମ୍ ଗଠନ କରିବାକୁ ପଡିବ।

ନିୟମଉଲ୍ଲଂଘନକରୁଥିବାବ୍ୟକ୍ତିଙ୍କବିରୁଦ୍ଧରେନୋଟିସ୍‌ଜାରିକରାଯିବଏବଂସେମାନଙ୍କ ଲାଇସେନ୍ସ ବାତିଲ କରାଯିବ। ଖଣ୍ଡପୀଠ କହିଛନ୍ତି ଯେ, ଇ-କମର୍ସ ୱେବସାଇଟରୁ କୌଣସି ବାଣ ଯୋଗାଇ ଦିଆଯିବ ନାହିଁ। ଜିଲ୍ଲାପାଳଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ଏନସିଆରରେ କେବଳ ନିର୍ଦ୍ଦିଷ୍ଟ ସ୍ଥାନରେ ଏହା ବିକ୍ରି ହେବ ଏବଂ ଏ ବିଷୟରେ ବ୍ୟାପକ ପ୍ରଚାର କରାଯିବ। ବିକ୍ରି ସ୍ଥାନଗୁଡିକରେ ନଜର ରଖିବା ପାଇଁ ପୋଲିସ୍ କର୍ତ୍ତୃପକ୍ଷଙ୍କୁ ପାଟ୍ରୋଲିଂ ଟିମ୍ ଗଠନ କରିବାକୁ ପଡିବ। ଯେଉଁଥିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀମାନେ ରହିବେ। ପାଟ୍ରୋଲିଂ ଟିମ୍ ସୁନିଶ୍ଚିତ କରିବେ ଯେ, କେବଳ କ୍ୟୁଆର କୋଡ୍ ଥିବା ଅନୁମତିପ୍ରାପ୍ତ ବାଣ ବିକ୍ରି ହେବ। ଏହା ସହିତ ସେମାନେ ଯାଞ୍ଚ ପାଇଁ କିଛି ନମୁନା ମଧ ନେଇପାରିବେ।

ବିହାର ନିର୍ବାଚନ

# ଜେଡିୟୁର ୫୭ ପ୍ରାର୍ଥୀଙ୍କ ନାମ ଘୋଷଣା



**ପାଟନା, ୧୫।୧୦:** ବିହାର ବିଧାନସଭା ନିର୍ବାଚନ ୨୦୨୫ ପାଇଁ ପ୍ରାର୍ଥୀ ଘୋଷଣା କରିଛି ଜେଡିୟୁ। ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଜନତା ଦଳ ୟୁନାଇଟେଡ୍ (ଜେଡିୟୁ) ମଙ୍ଗଳବାର ଦିନ ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ କରିଛି। ଏହି ତାଲିକାରେ ୫୭ ଜଣ ପ୍ରାର୍ଥୀଙ୍କ ନାମ ରହିଛି। ଜେଡିୟୁ ଏଲଜେପି (ରାମ ବିଳାସ) ମୁଖ୍ୟ ଚିରାଗ ପାସୱାନ ଦାବି କରୁଥିବା ଚାରୋଟି ଆସନରେ ମଧ ପ୍ରାର୍ଥୀ ଦେଇଛି। ଦଳର କାର୍ଯ୍ୟକାରୀ ସଭାପତି ସଞ୍ଜୟ ଝା କହିଛନ୍ତି ଯେ, ଏନଡିଏ ସମ୍ପୂର୍ଣ୍ଣ ଏକଜୁଟ ଏବଂ ବିହାରର ବିକାଶ ପ୍ରସଙ୍ଗରେ ନିର୍ବାଚନ ଲଢ଼ିବ। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆସନ୍ତାକାଲି ତାଙ୍କର ପ୍ରଚାର ଆରମ୍ଭ କରିବେ। ସେ ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲରେ ମଧ ଯୋଗ ଦେବେ ଏବଂ କୋସୀ ଅଞ୍ଚଳରେ କ୍ୟାମ୍ପ କରିବା ସମୟରେ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବେ। ପ୍ରଥମ ଥର ପାଇଁ ଜେଡିୟୁ ଦ୍ୱାରା ଜାରି ହୋଇଥିବା ତାଲିକାରେ ୪ ଜଣ ମହିଳାଙ୍କୁ ସାମିଲ କରାଯାଇଛି।

## ନିର୍ବାଚନ ଲଢ଼ିବେ ନାହିଁ ପ୍ରଶାନ୍ତ କିଶୋର



**ପାଟନା, ୧୫।୧୦:** ଜନ ସୁରାଜ ପାର୍ଟି(ଜେଏସ୍‌ପି)ର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର ଓରଫ ପିକେ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ବଡ଼ ଘୋଷଣା କରିଛନ୍ତି। କ୍ଷମତାସୀନ ଏନଡିଏ ଓ ବିରୋଧୀ ମହାଗଠବନ୍ଧନ ଠାରୁ ଦୂରେଇ ରହିଥିବା ପିକେ ବିହାର ବିଧାନସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି କହିଛନ୍ତି। ବ୍ୟାପକ ଦଳୀୟ ସ୍ୱାର୍ଥ ପାଇଁ ସେ ନିର୍ବାଚନ ନ ଲଢ଼ିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ତେବେ ୪୮ ବର୍ଷୀୟ ପିକେ ନିଜ ଦଳ ଜନ ସୁରାଜ ପାଇଁ ୧୫୦ ଆସନ ବିଜୟର ଟାର୍ଗେଟ ସେଟ କରିଛନ୍ତି। ଜେଏସ୍‌ପି ପକ୍ଷରୁ ୨ଟି ପର୍ଯ୍ୟାୟରେ ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଦୁଇଟି ଯାକ ପ୍ରାର୍ଥୀ ତାଲିକାରେ ପିକେ କେଉଁ ଆସନରୁ ଲଢ଼ିବେ, ସେକଥା ସ୍ପଷ୍ଟ ହୋଇ ନଥିଲା। ଏହାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଆଜି ପିକେ ନଜ ତରଫରୁ ନିର୍ବାଚନ ଲଢ଼ିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପ୍ରଶାନ୍ତ କିଶୋରଙ୍କ କହିଛନ୍ତି ନିର୍ବାଚନ ପରେ ନୀତୀଶ କୁମାର ଆଉ ମୁଖ୍ୟମନ୍ତ୍ରୀ ପଦକୁ ଫେରିବେ ନାହିଁ। ବିହାରରେ ବିଜେପି ନେତୃତ୍ୱାଧୀନ ଏନଡିଏ ହାରିବାକୁ ଯାଉଥିବା ସେ ଦମ୍ଭୋକ୍ତି କରିଛନ୍ତି।

## ରାଘୋପୁରରୁ ତେଜସ୍ୱୀ ଦାଖଲ କଲେ ପ୍ରାର୍ଥୀପତ୍ର



**ରାଘୋପୁର ୧୫।୧୦:** ବିହାର ବିଧାନସଭା ନିର୍ବାଚନକୁ ନେଇ ରାଜ୍ୟରେ ଜାରି ହଲଚଲ ମଧରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ବୁଧବାର ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଓ ମା ରାବଡୀ ଦେବୀଙ୍କ ସହ ଯାଇ ତେଜସ୍ୱୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ପ୍ରାର୍ଥୀପତ୍ର ଦାଖଲ କାଳରେ ତେଜସ୍ୱୀଙ୍କ ସହ ତାଙ୍କ ଭଉଣୀ ମିସା ଭାରତୀ ମଧ ଉପସ୍ଥିତ ଥିଲେ। ରାଘୋପୁର ଆସନରୁ ତେଜସ୍ୱୀ ୨୦୧୫ ଓ ୨୦୨୦ ନିର୍ବାଚନରେ ବିଜୟୀ ହୋଇଥିଲେ। ଏଣୁ ପ୍ରାର୍ଥୀପତ୍ର ଦାଖଲ କାଳରେ ତେଜସ୍ୱୀଙ୍କ ସମର୍ଥକ ଭିଡ ଦେଖିବାକୁ ମିଳିଛି।

ବିହାରରେ ବିଜେପିର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶିତ

## ଅଲୀନଗରରୁ ମୈଥିଳୀ ଠାକୁର ବିଜେପି ପ୍ରାର୍ଥୀ



**ପାଟନା, ୧୫।୧୦:** ବିହାର ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ତା'ର ଦ୍ୱିତୀୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଏହି ତାଲିକାରେ ୧୨ଜଣ ପ୍ରାର୍ଥୀଙ୍କ ନାମ ରହିଛି। ୧୨ଜଣଙ୍କ ମଧରେ ରହିଛନ୍ତି ମଙ୍ଗଳବାର ବିଜେପିରେ ଯୋଗ ଦେଇଥିବା ମୈଥିଳୀ ଠାକୁର। ତାଙ୍କୁ ଅଲୀନଗରରୁ ପ୍ରାର୍ଥୀ କରାଯାଇଛି। ମୈଥିଳୀଙ୍କୁ ଅଲୀନଗରରୁ ପ୍ରାର୍ଥୀ କରାଯାଇଥିବା ବେଳେ ଡକ୍ଟର ସିଆରାମ ସିଂହଙ୍କୁ ବାଢ଼ରୁ, ପୂର୍ବତନ ଆଇପିଏସ୍ ଅଧିକାରୀ ଆନନ୍ଦ ମିଶ୍ରାଙ୍କ ବକ୍ସରରୁ, ହାୟାଘାଟରୁ ରାମଚନ୍ଦ୍ର ପ୍ରାସାଦଙ୍କୁ, ମୁଜଫରନଗରରୁ ରଞ୍ଜନ କୁମାରଙ୍କୁ, ଗୋପାଳଗଞ୍ଜରୁ ସୁବାଷ ସିଂହଙ୍କୁ, ବନିୟାପୁରରୁ କେଦାର ନାଥ ସିଂହଙ୍କୁ, ଛପରାରୁ ଛୋଟି କୁମାରୀଙ୍କୁ, ସୋନପୁରରୁ ବିନୟ କୁମାର ସିଂହଙ୍କୁ, ରୋସଡା(ଅଜାର)ରୁ ବିରେନ୍ଦ୍ର କୁମାରଙ୍କୁ, ଅଗିଆଓଁ(ଅଜାରୁ ମହେଶ ପାସୱାନଙ୍କୁ ଏବଂ ଶାହପୁରରୁ ରାକେଶ ଓଝାଙ୍କୁ ପ୍ରାର୍ଥୀ କରିଛି ବିଜେପି।

ବିଜେପି ତା'ର ପ୍ରଥମ ତାଲିକାରେ ମୋଟ ୭୧ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା। ଯାହା ଦ୍ୱାରା ଏପର୍ଯ୍ୟନ୍ତ ଘୋଷଣା ହୋଇଥିବା ପ୍ରାର୍ଥୀଙ୍କ ସଂଖ୍ୟା ୮୩କୁ ବୃଦ୍ଧି ପାଇଛି। ଏନଡିଏ ଚୁକ୍ତି ଅନୁଯାୟୀ, ବିଜେପି ରାଜ୍ୟର ୨୪୩ ବିଧାନସଭା ଆସନ ମଧରୁ ୧୦୧ ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ଜନତା ଦଳ ୟୁନାଇଟେଡ୍ (ଜେଡିୟୁ) ମଧ ୧୦୧ ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି।

ଭାରତୀୟ ସେନାର ଚେତାବନୀ

# ଅଭ୍ୟାସ ନବଦଳାଇଲେ ପରିଣାମ ଭୋଗିବ ପାକିସ୍ତାନ

**ନୂଆଦିଲ୍ଲୀ, ୧୫।୧୦:** ସୁଧୁରିଯାଉ ପାକିସ୍ତାନ। ଅଭ୍ୟାସ ନବଦଳାଇଲେ ପରିଣାମ ଭୋଗିବ ପାକିସ୍ତାନ। ଶତ୍ରୁ ଦେଶକୁ ଏମିତି କିଛି ଚେତାବନୀ ଦେଇଛି ଭାରତୀୟ ସେନା। ପହଲଗାମ ଭଳି ଘଟଣା ଦୋହରାଇଲେ ଭୟଙ୍କର ହେବ ଅପରେସନ ସିନ୍ଦୂର ୨.୦। ଭାରତୀୟ ସେନା ଦେଶର ସୁରକ୍ଷା ପାଇଁ ପ୍ରତିବଦ୍ଧ ଏବଂ କୌଣସି ପ୍ରକାରର ଆତଙ୍କବାଦୀ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ବୋଲି ସେନା ଚେତାବନୀ ଦେଇଛି । ପଶ୍ଚିମ ସେନା କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ମନୋଜ କୁମାର କଟିୟାର କହିଛନ୍ତି ଯେ ଅପରେସନ ସିନ୍ଦୂର ୨.୦ ପୂର୍ବ ଅପେକ୍ଷା ଅଧିକ ଘାତକ ଏବଂ ଶକ୍ତିଶାଳୀ ହେବ। ଜେନେରାଲ କଟିୟାରଙ୍କ କହିଛନ୍ତି , "ଅପରେସନ ସିନ୍ଦୂର ସମୟରେ ଆମେ ଅନେକ ପାକିସ୍ତାନୀ ପୋଷ୍ଟ ଏବଂ ଏୟାରବେସ୍ ଧ୍ୱଂସ କରିଦେଇଥିଲୁ। କିନ୍ତୁ ସେମାନେ ପୁଣି କିଛି ଷଡ଼ଯନ୍ତ୍ର କରିପାରନ୍ତି। ଆମକୁ ସତର୍କ ରହିବାକୁ ପଡ଼ିବ ଏବଂ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ପଡିବ। ପାକିସ୍ତାନ ତା'ର ପୂର୍ବ କାର୍ଯ୍ୟକୁ ପୁନରାବୃତ୍ତି କରିବାକୁ ଚେଷ୍ଟା କରୁଛି, କିନ୍ତୁ ଖୋଲାଖୋଲି ଭାବରେ ଆମକୁ ମୁକାବିଲା କରିବା ପାଇଁ ତା'ର ସାହସ ନାହିଁ। ଭାରତୀୟ ସେନା ସମ୍ପୂର୍ଣ୍ଣ ସଜାଗ ଏବଂ ଯେକୌଣସି ଆକ୍ରମଣକୁ ପ୍ରତିହତ କରିବା ପାଇଁ ଆମେ ପ୍ରସ୍ତୁତ। ସେ ପୁଣି କହିଛନ୍ତି ଯେ, ପାକିସ୍ତାନର ଚିନ୍ତାଧାରା ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଏପରି ଘଟଣା ଜାରି ରହିବ, କିନ୍ତୁ ଭାରତୀୟ ସେନା ପ୍ରତ୍ୟେକ ସ୍ତରରେ ଉଚିତ୍ ଜବାବ ଦେବାକୁ ପ୍ରସ୍ତୁତ।

ତେବେ ଆଗାମୀ ଦିନରେ ପାକିସ୍ତାନ ପହଲଗାମ ଭଳି ଘଟଣା ଦୋହରାଇବାକୁ ଯୋଜନା କରୁଛି। ଯଦି ପାକିସ୍ତାନ ଏଭଳି କିଛି ଷଡ଼ଯନ୍ତ୍ର କରୁଛି ତେବେ ଏହାର ପରିଣାମ ଭୟଙ୍କର ହୋଇପାରେ ବୋଲି ଭାରତୀୟ ସେନା ଚେତାବନୀ ଦେଇଛି। ପାକିସ୍ତାନ ବର୍ତ୍ତମାନ ଆଫଗାନିସ୍ତାନ ଓ ବାଲୁଚିସ୍ତାନର ଆକ୍ରମଣରେ ବେହାଲ ହୋଇ ସାରିଛି। ଆଉ ଭାରତ ଯଦି ଆକ୍ରମଣ କରେ ପାକିସ୍ତାନର ସର୍ବନାଶ ନିଶ୍ଚିତ।

## ୨ ମାସ ପରେ ହଟିଲା ପ୍ରତିବନ୍ଧକ ଆମେରିକାକୁ ଡାକସେବା ଆରମ୍ଭ କଲା ଭାରତ

**ନୂଆଦିଲ୍ଲୀ, ୧୫।୧୦:** ଆମେରିକାକୁ ଡାକସେବା ଆରମ୍ଭ କଲା ଭାରତ। ୨ମାସ ତଳେ ସମସ୍ତ ପାର୍ସଲକୁ ସ୍ଥଗିତ ରଖାଯାଇଥିଲା। ହେଲେ ଏବେ ଭାରତୀୟ ଡାକ ବିଭାଗ ଆମେରିକାକୁ ସମସ୍ତ ବର୍ଗର ଆନ୍ତର୍ଜାତୀୟ ଡାକ ସେବା ପୁନଃଆରମ୍ଭ କରିଛି। ଭାରତ ଚଳିତ ବର୍ଷ ଅଗଷ୍ଟରେ ଆମେରିକାକୁ ଅସ୍ଥାୟୀ ଭାବରେ ଡାକ ସେବା ସ୍ଥଗିତ କରିଥିଲା। ଯେତେବେଳେ ଟ୍ରମ୍ପ ଭାରତ ଉପରେ ଶୁଳ୍କ ଦ୍ୱିଗୁଣିତ କରିଥିଲେ ଏବଂ କଷ୍ଟମ୍ ନିୟମ ପରିବର୍ତ୍ତନ କରିଥିଲେ, ସେତେବେଳେ ଭାରତୀୟ ଡାକ ବିଭାଗ ଏହି ପ୍ରତିବନ୍ଧକ ଲଗାଇଥିଲା।

ଏବେ ୨ମାସ ପରେ ପ୍ରତିବନ୍ଧକ ହଟିବାରୁ ଭାରତ ଏବଂ ଆମେରିକା ମଧରେ ଅଟକି ରହିଥିବା ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଆଗକୁ ବଢ଼ିବା ପରି ମନେ ହେଉଛି। କାରଣ ଏହି ନିଷ୍ପତ୍ତି ପୂର୍ବରୁ ଭାରତର ଏକ ଟିମ୍ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ ଏହି ସପ୍ତାହରେ ଆମେରିକା ଯାଉଥିବା ଜଣାପଡ଼ିଥିଲା।

ଦୀପାବଳିରେ ମହିଳାମାନଙ୍କୁ ମିଳିବ ଖୁସି ଖବର

## ମାଗଣାରେ ମିଳିବ ରୋଷେଇ ଗ୍ୟାସ୍ ସିଲିଣ୍ଡର



**ଲକ୍ଷ୍ନୌ, ୧୫।୧୦:** ଦୀପାବଳିରେ କୋଟି କୋଟି ମହିଳାଙ୍କୁ ଖୁସି ଖବର ଦେବେ ସରକାର। ମହିଳା ଓ ଯୁବତୀଙ୍କୁ ମାଗଣାରେ ଗ୍ୟାସ୍ ସିଲିଣ୍ଡର ଯୋଗାଇବେ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ଲୋକଭବନରେ ଆୟୋଜିତ ଏକ ସମାରୋହରେ ମାଗଣା ଏଲପିଜି ସିଲିଣ୍ଡର ରିଫିଲ୍ ଯୋଜନା ଆରମ୍ଭ କରିବେ। ଏହା ଅଧୀନରେ ମହିଳାମାନଙ୍କୁ ମାଗଣା ଏଲପିଜି ସିଲିଣ୍ଡର ମିଳିବ।

ସୂଚନା ଅନୁସାରେ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରକୁ ପ୍ରତିବର୍ଷ ଦୁଇଟି ମାଗଣା ଏଲପିଜି ସିଲିଣ୍ଡର ରିଫିଲ୍ ଯୋଗାଇ ଦିଆଯିବ। ଏହି ଯୋଜନା ଅଧୀନରେ, ୨୦୨୫-୨୬ ଆର୍ଥିକ ବର୍ଷରେ ଦୁଇଟି ପର୍ଯ୍ୟାୟରେ ମାଗଣା ସିଲିଣ୍ଡର ରିଫିଲ୍ ବଣ୍ଟନ କରାଯିବ। ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୨୦୨୫ରୁ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲିବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୨୦୨୬ ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଯୋଗୀ ସରକାର ଏଥିପାଇଁ ୧୫୦୦ କୋଟିର ବଜେଟ ବ୍ୟବସ୍ଥା କରିଛନ୍ତି। ହିତାଧିକାରୀମାନେ ବଜାର ହାରରେ (ସବସିଡି ସମେତ) ୧୪.୨ କିଲୋଗ୍ରାମ ଏଲପିଜି ସିଲିଣ୍ଡର କିଣିବେ ଏବଂ ସମ୍ପୂର୍ଣ୍ଣ ସବସିଡି ରାଶି ୩-୪ ଦିନ ମଧରେ ସେମାନଙ୍କର ଆଧାର-ସଂଲଗ୍ନ ଥିବା ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ। ଯେଉଁମାନଙ୍କର ପୂର୍ବରୁ ୫ କିଲୋଗ୍ରାମ ସିଲିଣ୍ଡର ଅଛି, ସେମାନେ ମଧ ୧୪.୨ କିଲୋଗ୍ରାମ ସିଲିଣ୍ଡର ପାଇପାରିବେ। ଏହି ଯୋଜନା ସିଙ୍ଗଲ କନେକ୍ସନ ଧାରକଙ୍କୁ ମଧ ଲାଭ ଦେବ।

## ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପରଲୋକ



**ପଣାଜୀ, ୧୫।୧୦ :** ଗୋଆର କୃଷି ମନ୍ତ୍ରୀ ତଥା ପୂର୍ବ ମୁଖ୍ୟମନ୍ତ୍ରୀ ରବି ନାୟକଙ୍କ ହାର୍ଟଆଟାକରେ ପରଲୋକ ହୋଇଛି। ୭୯ ବର୍ଷ ବୟସରେ ତାଙ୍କ ବାସଭବନରେ ହାର୍ଟଆଟାକ ହେବା ଯୋଗୁଁ ତାଙ୍କ ଜୀବନ ଚାଲିଯାଇଛି। ତାଙ୍କୁ ଏକ ପ୍ରାଇଭେଟ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଯେଉଁଠାରେ ତାଙ୍କର ରାତି ୧ ଟାରେ ପରଲୋକ ହୋଇଥିବା ପରିବାର ଲୋକ ସୂଚନା ଦେଇଛନ୍ତି। ତାଙ୍କର ପତ୍ନୀ, ଦୁଇଜଣ ପିଲା, ଜଣେ ବୋହୂ ଏବଂ ୩ ଜଣ ନାତି-ନାତୁଣୀ ରହିଛନ୍ତି। ତାଙ୍କ ପାର୍ଥିବ ଶରୀରକୁ ପୋଣ୍ଡାର ଖଡପାବାନ୍ଧ ସ୍ଥିତି ତାଙ୍କ ବାସଭବନରେ ରଖାଯାଇଛି। ଏଠାରେ ହଜାର ହଜାର ଲୋକ ଶ୍ରଦ୍ଧାଞ୍ଜଳି ଦେବାକୁ ଏକାଠି ହୋଇଛନ୍ତି।

ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ମୋଦି ଏକ୍ସରେ ଲେଖିଛନ୍ତି, ଗୋଆ ସରକାରରେ ଥିବା ମନ୍ତ୍ରୀ ରବି ନାୟକଜୀଙ୍କ ନିଧନରେ ମୁଁ ଦୁଃଖିତ। ସେ ଜଣେ ଅନୁଭବୀ ପ୍ରଶାସନ ଏବଂ ସମର୍ପିତ ଲୋକ ସେବକ। ସେ ଗୋଆର ବିକାଶ ପଥକୁ ସମୃଦ୍ଧି କରିଥିଲେ। ଏଭଳି ଦୁଃଖ ସମୟରେ ମୋ ସମବେଦନା ତାଙ୍କ ପରିବାର ଓ ସମର୍ଥକଙ୍କ ପ୍ରତି ରହିଛି।

## ଚନ୍ଦନ କାଠ ବିକାଶ ସମିତିର ରିପୋର୍ଟ ଉନ୍ମୋଚିତ



**ନୂଆଦିଲ୍ଲୀ, ୧୫।୧୦:** ବୁଧବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଚନ୍ଦନ କାଠ ବିକାଶ କମିଟିର ରିପୋର୍ଟ ଉନ୍ମୋଚିତ ହୋଇଛି। ଏହି ରିପୋର୍ଟ ଉନ୍ମୋଚନ କାର୍ଯ୍ୟକ୍ରମ ଭାରତୀୟ ପ୍ଲାଏଉଡ୍ ଏବଂ ପ୍ୟାନେଲ୍ ଶିଳ୍ପ ମହାସଂଘ ଦ୍ୱାରା ପ୍ରାୟୋଜିତ ହୋଇଥିଲା। ଭାରତ ସରକାରଙ୍କ ପୂର୍ବତନ ଅର୍ଥ ସଚିବ ରତନ ପି. ୱାଟଲ ଏହି ଉନ୍ମୋଚନ କାର୍ଯ୍ୟକ୍ରମର ଅଧକ୍ଷତା କରିଥିବା ବେଳେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ/ ବିଭାଗର ପ୍ରତିନିଧିମାନଙ୍କ ବ୍ୟତୀତ, ଗ୍ରୀନ୍ ପ୍ଲାଏ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ସିଏଣ୍ଡଏମଡି ଏବଂ ଏଫଆଇପିପିଆଇର ସଭାପତି ରାଜେଶ ମିତ୍ତଲ ମଧ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଭାରତ ସରକାରଙ୍କ ପୂର୍ବତନ ଅର୍ଥ ସଚିବ ରତନ ପ୍ରକାଶ ୱାଟଲଙ୍କ ଅଧକ୍ଷତାରେ ଚନ୍ଦନ କାଠ ବିକାଶ ସମିତି ଗଠିତ ହୋଇଥିଲା। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ବାଣିଜ୍ୟ ମନ୍ତ୍ରଣାଳୟ, ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଜାତୀୟ ଔଷଧୀୟ ଉଦ୍ଭିଦ ବୋର୍ଡ ଭଳି ସମସ୍ତ ସମ୍ପୃକ୍ତ ମନ୍ତ୍ରଣାଳୟ / ବିଭାଗଗୁଡ଼ିକର ପ୍ରତିନିଧିମାନେ ଏହି କମିଟିର ସଦସ୍ୟ ଅଛନ୍ତି। ବେଙ୍ଗାଲୁରୁର କାଠ ବିଜ୍ଞାନ ଏବଂ ପ୍ରଯୁକ୍ତି ପ୍ରତିଷ୍ଠାନ ଏବଂ ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟର ବନ ମହାବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନର ପ୍ରତିନିଧିମାନେ ମଧ ଏହି କମିଟିରେ ପ୍ରତିନିଧିତ୍ୱ କରୁଛନ୍ତି। ଦେଶରେ ଚନ୍ଦନ କାଠର ବିକାଶ ପାଇଁ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ଏବଂ ସୁପାରିସ କରିବା ପାଇଁ ଶ୍ରୀ ୱାଟଲ ଏହି ଆନ୍ତଃମନ୍ତ୍ରୀସ୍ତରୀୟ ଚନ୍ଦନ କାଠ ବିକାଶ ସମିତି ଗଠନ କରିବା ଲାଗି ପଦକ୍ଷେପ ନେଇଥିଲେ। ଏହି ସମିତି ପ୍ରମୁଖ ରାଜ୍ୟ ସରକାରଙ୍କ ବନ ବିଭାଗ ସମେତ ବିଭିନ୍ନ ଅଂଶୀଦାରଙ୍କ ସହିତ ବ୍ୟାପକ ବିଚାରବିମର୍ଶ କରିଛି ଏବଂ ଭାରତରେ ଚନ୍ଦନ କାଠର ବିକାଶ ଏବଂ ଅତୀତ ଗୌରବ ଫେରିପାଇବା ପାଇଁ ଏହାର ରିପୋର୍ଟରେ ବ୍ୟାପକ ପଦକ୍ଷେପ ସୁପାରିସ କରିଛି।

ମହାପ୍ରଭୁଙ୍କ ପରମ୍ପରାକୁ ପୁଣି ଅଣଦେଖା

## ଋଷିକେଷରେ ଇସ୍କନର ଅଦିନିଆ ରଥଯାତ୍ରା



**ଋଷିକେଶ, ୧୫।୧୦:** ବାରମ୍ବାର ତାଗିଦ ସତ୍ତ୍ୱେ ମହାପ୍ରଭୁ ଜଗନ୍ନାଥଙ୍କ ପରମ୍ପରାକୁ ମାନିବାକୁ ପ୍ରସ୍ତୁତ ହେଉନାହିଁ ଇସ୍କନ । ବାସ୍ତବରେ ଇସ୍କନର ଅଦିନିଆ ରଥଯାତ୍ରାକୁ ନେଇ ପୁଣି ବିବାଦ ମୁଣ୍ଡ ଟେକିଛି। ଋଷିକେଷରେ ଥିବା ମଧୁବନ ଆଶ୍ରମ ଦ୍ୱାରା ୨୮ତମ ଶ୍ରୀଜଗନ୍ନାଥ ରଥଯାତ୍ରା ଅଦିନରେ ଆୟୋଜନ କରାଯାଇଛି। ଚଳିତମାସ ଅକ୍ଟୋବର ୭ ତାରିଖ ଦିନ ଏଭଳି ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି। ମଧୁବନ ଆଶ୍ରମଠାରୁ ବାହାରି ତ୍ରିବେଣୀ ଘାଟ ଚୌକ ଦେଇ ଗୁରୁଦ୍ୱାର ଶ୍ରୀ ଗୁରୁ ସିଂ ସଭା ରେଲୱ୍ୱ ରୋଡ ପର୍ଯ୍ୟନ୍ତ ଏହି ଅଦିନିଆ ରଥଯାତ୍ରା ଆୟୋଜିତ ହୋଇଥିଲା। ରଥଯାତ୍ରା ପାଇଁ ଏକ ନିର୍ଦ୍ଦିଷ୍ଟ ବିଧି ପରମ୍ପରା ଥିବାବେଳେ ଏହାକୁ ଭାଙ୍ଗି ଇସ୍କନ ବାରମ୍ବାର ଅଦିନିଆ ରଥଯାତ୍ରା କରୁଛି। ରଥଯାତ୍ରାରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏକ ଚାରିଚକିଆ ଗାଡିରେ ବସି ଯାଉଥିବା ଦେଖିବାକୁ ମିଳିଛି।

ଅନ୍ୟପଟେ ଇସ୍କନର ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ପ୍ରସଙ୍ଗରେ ଗତମାସ ସେପ୍ଟେମ୍ବର ୬ ତାରିଖରେ ଗଜପତି ମହାରାଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନୀତି ବିରୋଧୀ ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ୧୦୦ ପୃଷ୍ଠାର ଏକ ପୂର୍ଣ୍ଣାଙ୍ଗ ଉତ୍ତର ଇସ୍କନକୁ ପ୍ରଦାନ କରାଯାଇଥିଲା। ନୀତି ଓ ପରମ୍ପରାକୁ ନମାନିଲେ ଆଇନର ଆଶ୍ରୟ ନିଆଯିବ ବୋଲି ଗଜପତିଙ୍କ ଦ୍ୱାରା ଇସ୍କନକୁ ଚିଠି ଲେଖାଯାଇଥିଲା। ମାତ୍ର ଏକମାସ ପରେ ଇସ୍କନ ପୁନର୍ବାର ତା'ର ମନମାନି ଜାରି ରଖି ଅଦିନିଆ ରଥଯାତ୍ରା ଆୟୋଜନ କରିଥିଲା। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରାକୁ ଅପମାନ ହୋଇଥିବା ବେଳେ ଏଥର ଇସ୍କନର ଅଦିନିଆ ରଥଯାତ୍ରା ପାଇଁ ଆଇନର ଆଶ୍ରୟ ନେବାକୁ ଶ୍ରୀମନ୍ଦିର ପ୍ରଶାସନକୁ ସବୁରି ମହଲରୁ ଅନୁରୋଧ କରାଯାଇଛି।

## ମହାଭାରତ ଧାରାବାହିକର 'କର୍ଣ୍ଣ' ପଙ୍କଜ ଧୀରଙ୍କ ପରଲୋକ



**ମୁମ୍ବାଇ, ୧୫।୧୦:** ଆରପାରିକୁ ଚାଲିଗଲେ ଲୋକପ୍ରିୟ ଅଭିନେତା ତଥା ମହାଭାରତ ଧାରାବାହିକର 'କର୍ଣ୍ଣ' ପଙ୍କଜ ଧୀର୍। ୬୮ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି। ସେ ବି.ଆର. ଚୋପ୍ରାଙ୍କ ମହାଭାରତରେ କର୍ଣ୍ଣ ଭୂମିକାରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ। ସେ କିଛି ବର୍ଷ ହେଲା କର୍କଟ ରୋଗରେ ଜୀବନ-ମୃତ୍ୟୁ ସହ ଲଢ଼େଇ କରିଚାଲିଥିଲେ। ଖାଲି ଏତିକି ନୁହେଁ ପଙ୍କଜ ଟିଭି ସୋ' ଚନ୍ଦ୍ରକାନ୍ତା ଏବଂ ଦି ଗ୍ରେଟ୍ ମରାଠା ଭଳି ପୌରାଣିକ ସୋ' ସମେତ ଚଳଚ୍ଚିତ୍ରରେ ମଧ କାମ କରିଛନ୍ତି। ସେ ସୋଲଜର, ବାଦଶାହ ଏବଂ ସଡକ ଭଳି ହିନ୍ଦୀ ଫିଲ୍ମରେ ମଧ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟରେ ଘର କରିଥିଲେ। ପଙ୍କଜ ଧୀର ୧୯୭୦ ମସିହାରେ ରିଲିଜ୍ ହୋଇଥିବା ଚଳଚ୍ଚିତ୍ର 'ପରୱାନା' ରେ ଜଣେ ସହ ନିର୍ଦ୍ଦେଶକ ଭାବରେ ଚଳଚ୍ଚିତ୍ର ଜଗତରେ ପ୍ରବେଶ କରିଥିଲେ। ଏହା ପରେ, ସେ ଚଳଚ୍ଚିତ୍ରରେ ଛୋଟ ଛୋଟ ଭୂମିକାରେ ଅଭିନୟ କରିବା ଆରମ୍ଭ କରିଥିଲେ। ତେବେ ପଙ୍କଜଙ୍କ ଦେହାନ୍ତ ଖବର ପୂରା ବଲିଉଡ ଜଗତକୁ ସ୍ତବ୍ଧ କରିଦେଇଛି।

# ଭାରତରେ କେନ୍ୟା ବିରୋଧୀ ଦଳ ନେତାଙ୍କ ମୃତ୍ୟୁ

ଆୟୁର୍ବେଦିକ ଚିକିତ୍ସା ନିମନ୍ତେ କେରଳ ଆସିଥିଲେ



**ଏର୍ଣ୍ଣାକୁଲମ ୧୫।୧୦:** ଆୟୁର୍ବେଦିକ ଚିକିତ୍ସା ନିମନ୍ତେ କେରଳର ଏର୍ଣ୍ଣାକୁଲମ ଜିଲ୍ଲା କୁଥଟ୍ଟୁକୁଲମ ଆସିଥିବା କେନ୍ୟା ବିରୋଧୀ ଦଳ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରେଲା ଓଡିଙ୍ଗାଙ୍କର ବୁଧବାର ମୃତ୍ୟୁ ହୋଇଛି। ପୋଲିସ ଓ ହସ୍ପିଟାଲ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଆୟୁର୍ବେଦିକ ନେତ୍ର ହସ୍ପିଟାଲର ମୁଖପାତ୍ର କହିଛନ୍ତି ଯେ, ଓଡିଙ୍ଗା ସକାଳେ ହସ୍ପିଟାଲ ପରିସରରେ ବୁଲୁଥିବା ବେଳେ ଅଚାନକ ଅଚେତ ହୋଇଯାଇଥିଲେ। ତାଙ୍କୁ ତୁରନ୍ତ କୁଥଟ୍ଟୁକୁଲମର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି।

ପୋଲିସ ସୂଚନା ଅନୁସାରେ ଓଡିଙ୍ଗାଙ୍କ ପାର୍ଥୀବ ଶରୀର ଏବେ ହସ୍ପିଟାଲରେ ରହିଛି। ହସ୍ପିଟାଲ ମୁଖପାତ୍ର କହିଛନ୍ତି ଯେ, ଓଡ଼ିଙ୍ଗା ଓ ତାଙ୍କ ପରିବାର ପୂର୍ବରୁ ମଧ୍ୟ ହସ୍ପିଟାଲ ଆସୁଥିଲେ। ଏହି ହସ୍ପିଟାଲରେ ଚିକିତ୍ସା ପରେ ତାଙ୍କ ଝିଅ ପୁଣି ଦେଖି ପାରିଥିଲେ। ପୋଲିସ ଅଧିକାରୀ କହିଛନ୍ତି ଯେ ଓଡିଙ୍ଗାଙ୍କ ମୃତ୍ୟୁ ସୂଚନା ପ୍ରୋଟକଲ ଅନୁସାରେ ବିଦେଶୀ କ୍ଷେତ୍ରିୟ ପଞ୍ଜିକରଣ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି, ଯାହାଦ୍ୱାରା ଆବଶ୍ୟକ ପଦକ୍ଷେପ ନିଆ ଯାଇପାରିବ।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ୟାର ପୂର୍ବତନ ପ୍ରଧାନମନ୍ତ୍ରୀ ରୈଲା ଓଡିଙ୍ଗାଙ୍କ ପରଲୋକରେ ଶୋକ ପ୍ରକଟ କରିଛନ୍ତି। ଏ ନେଇ ମୋଦି ସୋସିଆଲ ମିଡିଆ ଏକ୍ସ ରେ ଏକ ପୋଷ୍ଟ କରିଥିବା ବେଳେ ତାଙ୍କୁ ଜଣେ ମହାନ ରାଜନେତା ଓ ଭାରତର ପ୍ରିୟ ମିତ୍ର ଭାବେ ସମ୍ବୋଧନ କରିଛନ୍ତି। ମୋଦି କହିଛନ୍ତି ଯେ, ସେ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ଥରେ ଓଡିଙ୍ଗାଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ଭାରତ, ଆମ ସଂସ୍କୃତି ଓ ପ୍ରାଚୀନ ଜ୍ଞାନ ପ୍ରତି ତାଙ୍କର ଗଭୀର ଅନୁରକ୍ତି ଥିଲା।

ମୋଦି କହିଛନ୍ତି ଯେ, ଓଡିଙ୍ଗା ଭାରତର ପାରମ୍ପରିକ ପ୍ରାକୃତିକ ଚିକିତ୍ସା ଆୟୁର୍ବେଦର ପ୍ରଶଂସକ ଥିଲେ। ସେ ତାଙ୍କ ଝିଅଙ୍କ ସ୍ୱାସ୍ଥ୍ୟରେ ଏହାର ସକରାତ୍ମକ ପ୍ରଭାବକୁ ପ୍ରତ୍ୟକ୍ଷ ରୂପେ ଅନୁଭବ କରିଥିଲେ। ଦୃଷ୍ଟି ଶକ୍ତି ହରାଇଥିବା ତାଙ୍କ ଝିଅ ଭାରତରେ ଆୟୁର୍ବେଦ ଚିକିତ୍ସା ପରେ ଦୃଷ୍ଟି ଶକ୍ତି ଫେରିପାଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଦୀପାବଳି ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ



**ଭୁବନେଶ୍ୱର,୧୫।୧୦ (ସଂଚାର ବ୍ୟୁରୋ):** ଆଜି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦୀପାବଳି ଶୁଭେଚ୍ଛା ଜଣାଇଛନ୍ତି। ଆଜି ସନ୍ଧ୍ୟାରେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ଉପହାର ପ୍ରଦାନ ପୂର୍ବକ ଦୀପାବଳି ଉପଲକ୍ଷେ ଶୁଭେଚ୍ଛା ଜଣାଇଛନ୍ତି। ବାସଭବନରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଧର୍ମପତ୍ନୀ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏହି ଅବସରରେ ଉଭୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

## ଏସିଆନ୍ ଟିଟି ଟିମ୍ ଚାମ୍ପିଅନ୍‌ଶିପ୍ ଉଦ୍‌ଯାପିତ

# ଚୀନ୍‌କୁ ଡବଲ୍ ଟାଇଟଲ୍

● ଅଷ୍ଟମରେ ରହିଲା ଭାରତ



**ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ର ଆଥ୍‌ଲେଟିକ୍ସ ଏଚ୍‌ପିସି ବିଲ୍ଡିଂରେ ଗତ ୧୧ରୁ ଚାଲିଥିବା ୨୮ତମ ଆଇଟିଟିଏଫ୍-ଏଟିଟିୟୁ ଏସିଆନ୍ ଟିମ୍ ଟେବଲ୍ ଟେନିସ୍ ଚାମ୍ପିଅନ୍‌ଶିପ୍ ଆଜି ଉଦ୍‌ଯାପିତ ହୋଇଛି। ଏହି କଣ୍ଟିନେଣ୍ଟାଲ୍ ଇଭେଣ୍ଟ୍‌ରେ ପୁଣିଥରେ ନିଜର ଆଧିପତ୍ୟ ଜାହିର କରି ଚୀନ୍ ଉଭୟ ପୁରୁଷ ଓ ମହିଳା ବର୍ଗରେ ଟାଇଟଲ୍ ହାସଲ କରିଛି। ଆଜି ଅନୁଷ୍ଠିତ ମହିଳା ଫାଇନାଲ୍‌ରେ ଚୀନ୍ ଟିମ୍ ଜାପାନକୁ ୩-୦ରେ ହରାଇ ୨୦୨୪ (ଅସ୍ତାନା) ଫାଇନାଲ୍ ପରାଜୟର ପ୍ରତିଶୋଧ ନେବା ପରେ ପୁରୁଷ ଟିମ୍ ଏକତରଫା ଫାଇନାଲ୍‌ରେ ସମାନ ୩-୦ ବ୍ୟବଧାନରେ ହଂକଂକୁ ହରାଇ ୨୫ତମ ଟାଇଟଲ୍ ହାସଲ କରିଛି।

ସକାଳେ ମହିଳା ଫାଇନାଲ୍‌ର ପ୍ରଥମ ମ୍ୟାଚ୍‌ରେ ବିଶ୍ୱର ଦୁଇ ନମ୍ବର ଖେଳାଳି ୱାଙ୍ଗ୍ ମାନ୍‌ୟୁ ଏକାଦଶ ର୍‍ୟାଙ୍କର ଜାପାନୀ ଖେଳାଳି ହୋନୋକା ହୋଶିମୋତୋଙ୍କୁ ୧୨-୧୦, ୧୧-୩, ୧୧-୬, ୧୧-୩ରେ ହରାଇଥିଲେ। ଏହାପରେ ସୁନ୍ ୟିଙ୍ଗଶା ୧୧-୯, ୧୧-୫, ୧୧-୭ରେ ମିଭା ହାରିମୋତାଙ୍କୁ ମାତ୍ ଦେଇଥିଲେ। ତୃତୀୟ ତଥା ଶେଷ ମ୍ୟାଚ୍‌ରେ କୁଆଇ ମାନ୍ ଜାପାନର ହିନା ହୟାତାଙ୍କୁ ୮-୧୧, ୧୨-୧୦, ୧୧-୬, ୧୧-୯ରେ ହରାଇ ଟାଇଟଲ୍ ଦେଶ ନାମରେ କରିଥିଲେ। ସନ୍ଧ୍ୟାରେ ପୁରୁଷ ଫାଇନାଲ୍‌ରେ ବିଶ୍ୱ ନମ୍ବର-ଏ ଖେଳାଳି ଲିନ୍ ଶିଡୋଙ୍ଗ୍ ୧୧-୮, ୧୧-୪, ୧୧-୪ରେ ହଂକଂର ୱୋଙ୍ଗ୍ ଚୁନ୍ ଟିଙ୍ଗଙ୍କ ହରାଇ ଚୀନ୍‌ର ବିଜୟ ଅଭିଯାନ ଆରମ୍ଭ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ର ବିଶ୍ୱର ଦ୍ୱିତୀୟ ନମ୍ବର ଖେଳାଳି ୱାଙ୍ଗ୍ ଚକିନ୍ ୧୨-୦, ୧୧-୯, ୫-୧୧, ୧୪-୧୨ରେ ଚାନ୍ ବାଲ୍‌ଡ଼ିୱିନ୍‌ଙ୍କୁ ମାତ୍ ଦେଇଥିଲେ। ଅନ୍ତିମ ମ୍ୟାଚ୍‌ରେ ଲିୟାଙ୍ଗ୍ ଜିଙ୍ଗ୍କୁନ୍ ୩-୧୧, ୧୧-୬, ୧୨-୧୦ରେ ୟିଉ କୱାନ୍ ଗୋ'ଙ୍କୁ ହରାଇ ଚୀନ୍‌ର ଟାଇଟଲ୍ ବିଜୟ ସୁନିଶ୍ଚିତ କରିଥିଲେ। ଅନ୍ୟପକ୍ଷରେ ଚାମ୍ପିଅନ୍‌ଶିପ୍‌ରେ ଭାରତୀୟ ପୁରୁଷ ଟିମ୍ ଷଷ୍ଠ ଏବଂ ମହିଳା ଟିମ୍ ଅଷ୍ଟମ ସ୍ଥାନରେ ଅଭିଯାନ ଶେଷ କରିଛନ୍ତି। ମଙ୍ଗଳବାର ୫-୬ ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେଅଫ୍ ମ୍ୟାଚ୍‌ରେ ଭାରତୀୟ ପୁରୁଷ ଟିମ୍ କୋରିଆ ଗଣରାଜ୍ୟଠାରୁ ୩-୦ରେ ପରାସ୍ତ ହୋଇଥିଲା। ସେହିପରି ହଂକଂଠାରୁ ୩-୨ରେ ଅଳ୍ପକେ ହାରି ଭାରତୀୟ ମହିଳା ଟିମ୍ ଅଷ୍ଟମରେ ରହିଥିଲା।

# ଅହମଦାବାଦରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା!

## ସୁପାରିଶ ନେଇ ୨୬ ନଭେମ୍ବରରେ ଚୂଡ଼ାନ୍ତ ନିଷ୍ପତ୍ତି



**ନୂଆଦିଲ୍ଲୀ,୧୫।୧୦:** ରାଜ୍ୟଗୋଷ୍ଠୀ କ୍ରୀଡାର କାର୍ଯ୍ୟନିର୍ବାହୀ ବୋର୍ଡ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ପ୍ରସ୍ତାବିତ ଆୟୋଜକ ସହର ଭାବରେ ଅହମଦାବାଦକୁ ସୁପାରିଶ କରିବ। ଆୟୋଜକ ସହର ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନଭେମ୍ବର ୨୬ରେ ଗ୍ଲାସଗୋରେ ୨୦୨୫ ସାଧାରଣ ପରିଷଦରେ ନିଆଯିବ। ଅହମ୍ମଦାବାଦ ଏବଂ ଆବୁଜା (ନାଇଜେରିଆ) ଏହି ମାର୍କି ଇଭେଣ୍ଟର ୨୦୩୦ ସଂସ୍କରଣ ଆୟୋଜନ କରିବା ପାଇଁ ପ୍ରସ୍ତାବ ଦାଖଲ କରିଥିଲେ।

ବୁଧବାର କମନୱେଲଥ କ୍ରୀଡାର କାର୍ଯ୍ୟନିର୍ବାହୀ ବୋର୍ଡ ନିଶ୍ଚିତ କରିଛି ଯେ, ଏହା ୨୦୩୦ ଶତାବ୍ଦୀ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ପ୍ରସ୍ତାବିତ ଆୟୋଜକ ସହର ଭାବରେ ଅହମ୍ମଦାବାଦକୁ ସୁପାରିଶ କରିବ। ଏହାର ଚୂଡ଼ାନ୍ତ ନିଷ୍ପତ୍ତି ୨୬ ନଭେମ୍ବର ୨୦୨୫ରେ ଗ୍ଲାସଗୋରେ ଅନୁଷ୍ଠିତ କମନୱେଲଥ କ୍ରୀଡା ସାଧାରଣ ସଭାରେ ନିଆଯିବ ବୋଲି ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

ଭାରତ ଶେଷ ଥର ପାଇଁ ୨୦୧୦ ମସିହାରେ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା। କମନୱେଲଥରେ ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତ, ଏକ ଗର୍ବିତ କ୍ରୀଡା ଇତିହାସ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡା ସଫଳତାର ଏକ ଦୃଢ଼ ରେକର୍ଡ ରଖିଛି। ବର୍ମିଂହାମ ୨୦୨୨ରେ ପଦକ ତାଲିକାରେ ଭାରତ ଚତୁର୍ଥ ସ୍ଥାନ ହାସଲ କରିଛି।

ଏହା ବ୍ୟତୀତ, ନାଇଜେରିଆର ପ୍ରଭାବଶାଳୀ ଏବଂ ମହତ୍ୱାକାଂକ୍ଷୀ ଉପସ୍ଥାପନକୁ ଦୃଷ୍ଟିରେ ରଖି, କମନୱେଲଥ ସ୍ପୋର୍ଟ୍ସ କାର୍ଯ୍ୟନିର୍ବାହୀ ବୋର୍ଡ ଭବିଷ୍ୟତର କ୍ରୀଡା ପାଇଁ ନାଇଜେରିଆର ଆୟୋଜନ ମହତ୍ତ୍ୱାକାଂକ୍ଷାକୁ ସମର୍ଥନ ଏବଂ ତ୍ୱରାନ୍ୱିତ କରିବା ପାଇଁ ଏକ ରଣନୀତି ବିକଶିତ କରିବାକୁ ରାଜି ହୋଇଛି, ଯେଉଁଥିରେ ୨୦୩୪ ପାଇଁ ବିଚାର ଅନ୍ତର୍ଭୁକ୍ତ। ଏହି ନିଷ୍ପତ୍ତି ଭବିଷ୍ୟତର କ୍ରୀଡା ପାଇପଲାଇନକୁ ସୁରକ୍ଷିତ କରିବା ଏବଂ ଆଫ୍ରିକାରେ ଏକ କ୍ରୀଡା ଆୟୋଜନ କରିବା ପାଇଁ କମନୱେଲଥ ସ୍ପୋର୍ଟର ରଣନୈତିକ ପ୍ରତିବଦ୍ଧତାକୁ ସମର୍ଥନ କରିଥାଏ।

କମନୱେଲଥ କ୍ରୀଡାର ମଧ୍ୟବର୍ତ୍ତୀକାଳୀନ ସଭାପତି ଡକ୍ଟର ଡୋନାଲ୍ଡ ରୁକାରେ କହିଛନ୍ତି, ୨୦୩୦ କମନୱେଲଥ କ୍ରୀଡା ଆୟୋଜନ କରିବା ପାଇଁ ପ୍ରସ୍ତାବ ପ୍ରସ୍ତୁତ କରିବାରେ ଭାରତ ଏବଂ ନାଇଜେରିଆ ଉଭୟଙ୍କ ଦୃଷ୍ଟିକୋଣ ଏବଂ ପ୍ରତିବଦ୍ଧତା ପାଇଁ ଆମେ ସେମାନଙ୍କ ପ୍ରତି କୃତଜ୍ଞ। ଉଭୟ ପ୍ରସ୍ତାବ ପ୍ରେରଣାଦାୟକ ଥିଲା, ଯାହା ଆମ କମନୱେଲଥ ପରିବାର ମଧ୍ୟରେ ସୁଯୋଗର ପରିମାଣକୁ ପ୍ରତିଫଳିତ କରେ। କାର୍ଯ୍ୟନିର୍ବାହୀ ବୋର୍ଡ ମୂଲ୍ୟାଙ୍କନ କମିଟିର ନିଷ୍କର୍ଷକୁ ଯତ୍ନର ସହ ବିଚାର କରିଛି ଏବଂ ଆମ ସଦସ୍ୟତା ପାଇଁ ଆମଦାବାଦକୁ ସୁପାରିଶ କରୁଛି। ଏହା ଆମ ଶତବାର୍ଷିକୀ କ୍ରୀଡାକୁ ଦେଖୁଥିବାରୁ ଆନ୍ଦୋଳନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ଏବଂ ଆମେ ବର୍ତ୍ତମାନ ଗ୍ଲାସଗୋରେ ସାଧାରଣ ସଭାକୁ ଅପେକ୍ଷା କରୁଛୁ ଯେଉଁଠାରେ ଆମର ସଦସ୍ୟମାନେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

କମନୱେଲଥ ଗେମ୍ସ ଆସୋସିଏସନ ଇଣ୍ଡିଆର ସଭାପତି ଡକ୍ଟର ପିଟି ଉଷା କହିଛନ୍ତି, ଅହମଦାବାଦରେ ଶତବାର୍ଷିକୀ କମନୱେଲଥ ଗେମ୍ସ ଆୟୋଜନ କରିବା ଭାରତ ପାଇଁ ଏକ ଅସାଧାରଣ ସମ୍ମାନର ବିଷୟ ହେବ। ଆମେ ୨୦୩୦ ଗେମ୍ସକୁ ଆମର ଯୁବପିଢ଼ିଙ୍କୁ ପ୍ରେରଣା ଦେବା, ଆନ୍ତର୍ଜାତୀୟ ସହଭାଗୀତାକୁ ସୁଦୃଢ଼ କରିବା ଏବଂ କମନୱେଲଥରେ ଏକ ସହଭାଗୀ ଭବିଷ୍ୟତ ପାଇଁ ଯୋଗଦାନ ଦେବା ପାଇଁ ଏକ ଶକ୍ତିଶାଳୀ ସୁଯୋଗ ଭାବରେ ଦେଖୁଛୁ।

## ଝୁଲନ୍ତା ଅବସ୍ଥାରେ ୨ ଜଣଙ୍କ ଶବ ଉଦ୍ଧାର

**ଜୟପୁର,୧୫।୧୦ (ସଂଚାର ବ୍ୟୁରୋ):** ଜୟପୁର ଗୋପବନ୍ଧୁ ନଗରରେ ଝୁଲନ୍ତା ଅବସ୍ଥାରେ ୨ ଜଣଙ୍କ ଶବ ଜବତ କରିଛି ଟାଉନ ପୋଲିସ। ଗୋପବନ୍ଧୁ ନଗରରେ ଥିବା କନକ ଦୁର୍ଗା ମନ୍ଦିର ପରିସରରେ ୨ଟି ଶବ ଝୁଲନ୍ତା ଅବସ୍ଥାରେ ଥିଲା। ମୃତ ୨ ଜଣ ହେଲେ ମନ୍ଦିରର ପୂଜକ ତୃତୀୟ ଲିଙ୍ଗୀ ରାଜୁ ମାଛ ଓ ପାଇକ ସାହି ସମରା ଜାନୀ। ସୂଚନା ଅନୁଯାୟୀ, ଗୋପବନ୍ଧୁ ନଗରରେ ଥିବା କନକ ଦୁର୍ଗା ମନ୍ଦିର ପୂଜକ ଭାବେ ରାଜୁ ମାଛ କାର୍ଯ୍ୟ କରୁଥିଲେ। ଜୟନଗରର ସମରା ଜାନୀ ମିସ୍ତ୍ରୀ କାମ କରନ୍ତି। ସେହି ଅଞ୍ଚଳରେ ସମରା କାର୍ଯ୍ୟ କରୁଥିବା ବେଳେ ରାଜୁ ସହ ସମ୍ପର୍କ ଗଢ଼ି ଉଠିଥିଲା। ମନ୍ଦିର ପରିସରରେ ଗୋଟିଏ ଲାଲ ରଙ୍ଗର ଶାଢ଼ୀରେ ୨ ଜଣ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଜୟପୁର ଟାଉନ ପୋଲିସ ପହଞ୍ଚି ଶବକୁ ଜବତ କରି ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯାଇଛି। ଏନେଇ ଜୟପୁର ଟାଉନ ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ୨ ଜଣ ଆତ୍ମହତ୍ୟା କରିଥିବା ବେଳେ ସାଇଂଟିଫିକ୍ ଟିମ୍ ତଦନ୍ତ କରିଥିବା ବିଷୟ ଜୟପୁର ଏସଡିପିଓ ପାର୍ଥ କଶ୍ୟପ ସୂଚନା ଦେଇଛନ୍ତି। ଦୁଇ ଜଣଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ପର୍ଯ୍ୟଟକଙ୍କ ପାଇଁ ୧୮ରୁ ଖୋଲିବ ଶିମିଳିପାଳ




**ବାରିପଦା,୧୫।୧୦(ସଂଚାର ବ୍ୟୁରୋ):** ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଆସନ୍ତା ଅକ୍ଟୋବର ୧୮ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟ ପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ବୁଧବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଦୈନିକ ଚାରି ଚକିଆ ଯାନ କଳିଆଣି ତନଖି ଫାଟକ (ଯଶିପୁର) ପଟୁ ୩୫ ଗାଡି ଓ ପିଠାବଟା (ବାରିପଦା) ତନଖି ଫାଟକ ଦେଇ ୨୫ ଗାଡି ଜଙ୍ଗଲ ଭିତରକୁ ପ୍ରବେଶ କରିବ ବୋଲି ସ୍ଥିରୀକୃତ ହୋଇଛି। ସେହିପରି ଏଥର ତାଳବନ୍ଧ, ଜାମୁଆଣି ଓ ଗୁଡୁଗୁଡିଆ ସକାଳ ୫.୩୦ ଓ ଅପରାହ୍ନ ୩ଟା ରେ ନୂତନ ୩୫ଟି ଖୋଲା ଜିପ୍ ବା ସଫାରୀ ଗାଡିରେ ୫ଘଣ୍ଟା ଲେଖାଏଁ ବୁଲିବାର ମଜା ନେବେ ପର୍ଯ୍ୟଟକ। ପିଠାବଟା ତନଖି ଫାଟକରେ ପ୍ରବେଶ ଅନୁମତି ପତ୍ର ସକାଳ ୮ ଟା ରୁ ୯ ଟା ଏବଂ ଯଶୀପୁର ତନଖି ଫାଟକ ସକାଳ୫ ରୁ ୯ ପର୍ଯ୍ୟନ୍ତ ବୁକିଂ କାଉଣ୍ଟରରେ ଉପଲବ୍ଧ ରହିବ। ଅନୁମତି ପତ୍ର ଅନଲାଇନ୍ ମାଧ୍ୟମରେ ପାଇପାରିବେ। ପର୍ଯ୍ୟଟକମାନେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ ସମୟରେ ରହିଥିବା ନିୟମାବଳୀକୁ ପାଳନ କରିବେ ବୋଲି ଏକ ଲିଖିତାନାମା ଦାଖଲ କରିବେ ଏବଂ ସାଥୀରେ ଜଣେ ଗାଇଡଙ୍କୁ ନେବା ବାଧ୍ୟତାମୂଳକ ଅଟେ। ପ୍ରତି ପର୍ଯ୍ୟଟକଙ୍କ ପିଛା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଥିବା ବେଳେ, ମାର୍ଗଦର୍ଶିକା ଅନୁପାଳନ ସହିତ ଅଭୟାରଣ୍ୟକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକ ମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥୀରେ ପ୍ଲାଷ୍ଟିକ ସାମଗ୍ରୀ, ମାଦକ ଦ୍ରବ୍ୟ, ଆମିଷ ଓ ଅଗ୍ନି ସଂଯୋଗକାରୀ ସାମଗ୍ରୀ ଆଦି ପର୍ଯ୍ୟଟକମାନେ ନେବା ଉପରେ କଟକଣା ଜାରି କରାଯାଇଛି। ଶିମିଳିପାଳରେ ଥିବା ଯାତ୍ରୀ ନିବାସ ଗୁଡିକରେ ରାତ୍ରି ଯାପନ ପାଇଁ ପର୍ଯ୍ୟଟକ ମାନେ ୱେବସାଇଟରେ ଅଗ୍ରୀମ ବୁକିଂ କରି ପାରିବେ।

## ବିସ୍ଫୋରକ ସାମଗ୍ରୀ ଜବତ : ୨ ଗିରଫ

**ପୁରୀ,୧୫।୧୦(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ ବିସ୍ଫୋରକ ପଦାର୍ଥ ଓ ପଟାକା ଗଛିତ ରଖିବା ଅଭିଯୋଗରେ ଦୁଇଟି ମାମଲା ରୁଜୁ ହେବା ସହ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ମାମଲା ନମ୍ବର ୨୮୪/୨୫ ବିଏନଏସ ଧାରା ୨୮୮ ଓ ୫ ଫାୟାର ୱାରକ୍ସ ଓ ଲାଉଡ ସ୍ପିକର ଆକ୍ଟ/୯ ବି ଇଣ୍ଡିଆନ ଏକ୍ସପ୍ଲୋସିଭ ଅନୁସାରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଇପିଙ୍ଗା ଗ୍ରାମର ନାରାୟଣ ପାତ୍ରଙ୍କ ପୁଅ ଅଶେଷ ପାତ୍ର ( ୪୮) ଙ୍କୁ ଗିରଫ କରାଯାଇଛି। ତଲାଫଟାକା ୨୦୦ ଟି, ସ୍ନେକ୍ କ୍ରାକର ୨ ପ୍ୟାକେଟ, କ୍ରାକର ବମ୍ ୨ ପ୍ୟାକେଟ, କିଟକାଟ ସାଉଣ୍ଡ ୩ ପ୍ୟାକେଟ, ଟାଇଗର କ୍ରାକର ୩ ପ୍ୟାକେଟ, ମାଚିସ ବକ୍ସ ୧୦ ପ୍ୟାକେଟ, ରୋଲ କ୍ୟାପ ୮ ପ୍ୟାକେଟ, ଝୁରଝୁରି ୨ ପ୍ୟାକେଟ। ଗ୍ରାମର ପୋଖରୀ ମୁଣ୍ଡରୁ ଜବତ କରାଯାଇଛି। ସେହିପରି ଅନ୍ୟ ଘଟଣାରେ ସେହି ଗ୍ରାମର କୈଳାସ ପରିଡ଼ା (୫୨)ଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଗ୍ରାମର ଶେଷ ଅଞ୍ଚଳରୁ ତଲାଫଟାକା ୧୦୦ ଟି, ଗଙ୍ଗା ଜମୁନା କ୍ରାକର ୧ ପ୍ୟାକେଟ, ଧପଧପି ୫ ପ୍ୟାକେଟ, ଟୁ ସାଉଣ୍ଡ କ୍ରାକର ୨୫ଟି, ବିଜୁଳି କ୍ରାକର ୨ ପ୍ୟାକେଟ, ମାଚିସ ବକ୍ସ ୩୦ ପ୍ୟାକେଟ, ରୋଲ କ୍ୟାପ ୭ ପ୍ୟାକେଟ ଜବତ କରାଯାଇଛି।

# ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ୪୮ ଘଣ୍ଟାର ଯୁଦ୍ଧବିରତି



**ନୂଆଦିଲ୍ଲୀ,୧୫।୧୦:** ପାକିସ୍ତାନୀ ସେନା ଓ ଆଫଗାନ ତାଲିବାନ ଶାସନ ମଧ୍ୟରେ ଗତ ଏକ ସପ୍ତାହ ଧରି ଜାରିଥିବା ଯୁଦ୍ଧ ପରେ ଏବେ ଦୁଇ ଦେଶ ୪୮ ଘଣ୍ଟାର ଯୁଦ୍ଧବିରତି ଘୋଷଣା କରିଛନ୍ତି। ପାକିସ୍ତାନ ବିଦେଶ ମନ୍ତ୍ରଣାଳୟ କହିଛି ଯେ, ପାକିସ୍ତାନ ଓ ଅଫଗାନିସ୍ତାନ ବୁଧବାର ସନ୍ଧ୍ୟା ୬ଟାରୁ ୪୮ ଘଣ୍ଟା ପାଇଁ ଏକ ଅସ୍ଥାୟୀ ଯୁଦ୍ଧବିରତି କାର୍ଯ୍ୟକାରୀ କରିବାକୁ ରାଜି ହୋଇଛନ୍ତି। ପାକିସ୍ତାନ ବିଦେଶ ମନ୍ତ୍ରଣାଳୟ କହିଛି ଯେ ଏହି ଯୁଦ୍ଧବିରତିର ଉଦ୍ଦେଶ୍ୟ ଶତ୍ରୁତା କମ କରିବା, ଶାନ୍ତି ସ୍ଥାପନ କରିବା ଓ ଆଲୋଚନାର ବାଟ ଖୋଲିବା। ଉଭୟ ପକ୍ଷ ଜଟିଳ କିନ୍ତୁ ସମାଧାନଯୋଗ୍ୟ ସମସ୍ୟାର ସମାଧାନ ପାଇଁ ଯୁଦ୍ଧବିରତି କୂଟନୈତିକ ଆଲୋଚନାକୁ ପ୍ରୋତ୍ସାହିତ କରିବ ଓ ଭବିଷ୍ୟତରେ ଜୀବନ ଏବଂ ସମ୍ପତ୍ତିର କ୍ଷତିକୁ ରୋକିବ। ଆଫଗାନିସ୍ତାନର ଦକ୍ଷିଣ କାନ୍ଦାହାର ପ୍ରଦେଶରେ ଭୀଷଣ ଲଢେଇ ପରେ ଏହି ଅସ୍ତ୍ରବିରତି ହୋଇଛି। ବୁଧବାର ସକାଳେ ପାକିସ୍ତାନୀ ସେନା ଏୟାର ଷ୍ଟ୍ରାଇକ୍ କରିଥିଲା। ଆଫଗାନ ଅଧିକାରୀଙ୍କ ଅନୁଯାୟୀ,ସ୍ପିନ୍ ବୋଲଡାକ୍ ଜିଲ୍ଲାର ଆବାସିକ ଅଞ୍ଚଳରେ ଏୟାର ଷ୍ଟ୍ରାଇକ୍‌ରେ ଅତି କମରେ ୧୫ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିଲା । ମହିଳା ଏବଂ ଶିଶୁଙ୍କ ସମେତ ୧୦୦ରୁ ଅଧିକ ଆହତ ହୋଇଥିଲେ। ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ କହିଛନ୍ତି ଯେ ଆଫଗାନ ସେନାକୁ ପ୍ରତିଶୋଧ ନେବାକୁ ବାଧ୍ୟ କରାଯାଇଥିଲା। ସେ ସ୍ପଷ୍ଟ କରିଛନ୍ତି ଯେ ୮୦ରୁ ଅଧିକ ମହିଳା ଏବଂ ଶିଶୁ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଅନେକ ଘର ଧ୍ୱଂସାବଶେଷରେ ପରିଣତ ହୋଇଛି। ପାକିସ୍ତାନ ଦାବି କରିଛି ଯେ ଏହାର ସେନା ଦକ୍ଷିଣ-ପଶ୍ଚିମ ଏବଂ ଉତ୍ତର-ପଶ୍ଚିମରେ ଏହାର ସୀମା ପୋଷ୍ଟ ଉପରେ ତାଲିବାନ ଆକ୍ରମଣର ଜବାବ ଦେଉଛି ଏବଂ ଏଥିରେ ଛଅ ଜଣ ଅର୍ଦ୍ଧସାମରିକ ସୈନିକ ପ୍ରାଣ ହରାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୈଦାନରେ...

ଏହି ଅବସରରେ ହଜାର ହଜାର କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତାଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ସାଂସଦ ଓ ବିଧାୟକ ଏବଂ ଦଳୀୟ ପଦାଧିକାରୀ ମଧ୍ୟ ଉପସ୍ଥିତ ରହିବେ। ପ୍ରାର୍ଥୀ ଘୋଷଣା ହେବା ପରେ ଜୟ ଦଳୀୟ ପଦାଧିକାରୀଙ୍କୁ କୃତଜ୍ଞତା ଜଣାଇବା ସହ ବାପା ରାଜେନ୍ଦ୍ର ଢୋଲକିଆଙ୍କ ଅଧୁରା ସ୍ୱପ୍ନ ପୂରଣ କରିବେ ବୋଲି କହିଛନ୍ତି।

ବିଜେପି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ ଆଗାମୀ ଦିନରେ ନୂଆପଡ଼ାକୁ ରାଜ୍ୟର ୧ ନଂ ଜିଲ୍ଲାରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ଦାୟିତ୍ୱ ନେଇଛନ୍ତି। ୧୧୦୦ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟ ଘୋଷଣା କରିଛନ୍ତି। ନୂଆପଡ଼ାରେ ନିର୍ବାଚନ ପରେ ମେଡିକାଲ କଲେଜ ଖୋଲାଯିବ। ନୂଆପଡ଼ାରେ ଶିକ୍ଷାଠାରୁ ଆରମ୍ଭ କରି ଜଳସେଚନ, ଗମନାଗମନ ପର୍ଯ୍ୟନ୍ତ ସମସ୍ତ ସମସ୍ୟାର ସମାଧାନ କରାଯାଇ ଜିଲ୍ଲାର ସାମଗ୍ରିକ ବିକାଶ କରାଯିବ।

ନୂଆପଡ଼ା ଉପନିର୍ବାଚନ ପାଇଁ ଆସନ୍ତା ୧୮ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିବେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ। କଂଗ୍ରେସ ପ୍ରାର୍ଥୀ ଘାସିରାମ ଗତ ୨୦୨୪ ସାଧାରଣ ନିର୍ବାଚନରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିଲେ। ସେ କଂଗ୍ରେସ ଟିକେଟ୍ ପାଇଁ ଦାବିଦାର ଥିଲେ ମଧ୍ୟ ଦଳର ପ୍ରାର୍ଥୀ ହୋଇଥିଲେ ତତ୍କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ। ଫଳରେ ଅସନ୍ତୁଷ୍ଟ ଘାସିରାମ ସ୍ୱାଧୀନ ପ୍ରାର୍ଥୀ ଭାବେ ମୈଦାନକୁ ଓହ୍ଲାଇଥିଲେ। ବିଜେଡି ପ୍ରାର୍ଥୀ ଶ୍ରୀ ଢୋଲକିଆଙ୍କ ସହ ଘାସିରାମଙ୍କର ହିଁ କଡ଼ା ମୁକାବିଲା ହୋଇଥିଲା। ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ତୃତୀୟ ସ୍ଥାନରେ ରହିଥିଲେ। ଘାସିରାମ ଏବେ ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି ରହିଛନ୍ତି। ନାମାଙ୍କନପତ୍ର ଦାଖଲ ସମୟରେ ୩ ଦଳ ନିଜର ଶକ୍ତି ପ୍ରଦର୍ଶନ କରିବେ।

## ଶଙ୍କର ...

ଲୁକ୍ ଆଉଟ ସର୍କୁଲାର ଜାରି କରାଯାଇଥିଲା। ଫଳରେ ସେମାନେ ଦେଶ ଛାଡ଼ି ବିଦେଶକୁ ଆଉ ଖସି ଯାଇପାରିବେ ନାହିଁ। ସେପ୍ଟେମ୍ବର ୩୦ରେ ତିନୋଟି ବସରେ ଯାଉଥିବା ୧୧୪ ପ୍ରାର୍ଥୀଙ୍କୁ ମୁନା ହିଁ ଯୋଗାଡ଼ କରିନେଇଥିବା ଅଭିଯୋଗ ରହିଛି। ପ୍ରାର୍ଥୀ ଯୋଗାଡ଼ ପଛରେ ମୁନା ମୁଖ୍ୟ କାର୍ପଟଦାର ଥିଲା।

## ପୁରୁଷ...

ପ୍ରତି ଗଣଦୁଷ୍କର୍ମ ହୋଇନାହିଁ, ବରଂ ଏହି କାଣ୍ଡରେ ଜଣେ ହିଁ ସାମିଲ୍ ରହିଥିବା ପ୍ରମାଣ ମିଳିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତକାଲି ପୁରୁଷ ବନ୍ଧୁଙ୍କୁ ଅନ୍ୟ ୫ ଅଭିଯୁକ୍ତଙ୍କ ସହ ଘଟଣାସ୍ଥଳକୁ ନିଆଯିବା ସହ ସେ ପିନ୍ଧିଥିବା ପୋଷାକକୁ ମଧ୍ୟ ଜବତ କରାଯାଇଛି। ସେହିପରି ପୁରୁଷ ବନ୍ଧୁ ଜଣଙ୍କ ମଧ୍ୟରେ ପଚରାଉଚରା ସମୟରେ ନିୟମିତ ଭାବେ ନିଜ ବୟାନରେ ଭିନ୍ନ ଭିନ୍ନ କଥା କହିଥିବା କମିଶନର୍ ସ୍ପଷ୍ଟ କରିଛନ୍ତି।

ଏହି ଘଟଣାରେ ପୁଲିସ୍ ଯାଞ୍ଚ୍ କରୁଥିବା ସିସିଟିଭି ମଧ୍ୟ ଉକ୍ତ ପୁରୁଷ ବନ୍ଧୁଙ୍କ ଭୂମିକାକୁ ସନ୍ଦେହ ଘେରକୁ ନେଇଛି। ଉକ୍ତ ଘରୋଇ ମେଡିକାଲ୍ କଲେଜର ସିସିଟିଭିରେ କଏଦ ହୋଇଥିବା ଦୃଶ୍ୟ ଅନୁସାରେ, ଉଭୟ ଛାତ୍ରୀ ଓ ପୁରୁଷ ବନ୍ଧୁ ଗତ ୧୦ ତାରିଖ ସନ୍ଧ୍ୟା ୭ଟା ୫୪ ମିନିଟ୍ ସମୟରେ କ୍ୟାମ୍ପସ୍ ବାହାରକୁ ଯାଇଛନ୍ତି। ଏହାପରେ ୮ଟା ୪୨ ମିନିଟ୍‌ରେ ପୁରୁଷ ବନ୍ଧୁ ଜଣଙ୍କ କଲେଜକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଓ ସେଠାରେ କିଛି ସମୟ ଏପଟସେପଟ ହେବା ପରେ ପୁଣିଥରେ ୮ଟା ୪୮ ମିନିଟ୍‌ରେ ବାହାରକୁ ଯାଇଛନ୍ତି। ପରେ ଉଭୟ ରାତି ୯ଟା ୨୯ ମିନିଟ୍‌ରେ କ୍ୟାମ୍ପସ୍‌କୁ ଫେରୁଥିବା ଦେଖିବାକୁ ମିଳିଛି। ଏପରି ସ୍ଥିତିରେ ପୁରୁଷ ବନ୍ଧୁ ଜଣଙ୍କ ତାଙ୍କ ବାନ୍ଧବୀଙ୍କ ପ୍ରତି ହୋଇଥିବା ଦୁଷ୍କର୍ମ ନେଇ କାହାରିକୁ ବି ସୂଚନା ଦେଇନଥିବାରୁ ଏହା ସବୁଠାରୁ ବଡ଼ ସନ୍ଦେହ ସୃଷ୍ଟି କରିଛି। ସେହିପରି ଗତ ୧୧ ତାରିଖରେ ପୀଡ଼ିତାଙ୍କ ବାପା ମଧ୍ୟ ପୁରୁଷ ବନ୍ଧୁଙ୍କ ଆଚରଣ ଉପରେ ସନ୍ଦେହ କରିବା ସହ ଏନେଇ ଏଫ୍‌ଆଇଆର୍‌ରେ ଉଲ୍ଲେଖ କରିଥିଲେ। ଅନ୍ୟପକ୍ଷରେ ଆଜି ପୁରୁଷ ବନ୍ଧୁଙ୍କୁ ଦୁର୍ଗାପୁର କୋର୍ଟରେ ହାଜର କରାଯିବା ପରେ ସେଠାରେ କୋର୍ଟ ତାଙ୍କୁ ୭ ଦିନ ପାଇଁ ପୁଲିସ୍ ରିମାଣ୍ଡ୍‌ରେ ପଠାଇଦେଇଛନ୍ତି।

## ୩କୁ ...

ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ନକ୍ସଲଜନିତ ବିପଦର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ପରିଚାଳନାଗତ ସଫଳତା ଚଳିତ ବର୍ଷ ସମସ୍ତ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଫଳସ୍ୱରୂପ ସିପିଆଇ (ମାଓବାଦୀ) ସାଧାରଣ ସମ୍ପାଦକ ଓ ଅନ୍ୟ ୮ ଜଣ ପଲିଟ୍ ବ୍ୟୁରୋ/କେନ୍ଦ୍ରୀୟ କମିଟି ସଦସ୍ୟଙ୍କ ସମେତ ମୋଟ ୩୧୨ ଜଣ ବାମପନ୍ଥୀ ଉଗ୍ରବାଦୀ କ୍ୟାଡରଙ୍କୁ ନିପାତ କରାଯାଇଛି। ସେହିପରି ୮୩୬ ଜଣ ଏଲ୍‌ଡବ୍ଲ୍ୟୁଇ କର୍ମୀଙ୍କୁ ଗିରଫ କରାଯାଇଛି ଓ ୧୬୩୯ ଜଣ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ମଧ୍ୟରେ ଜଣେ ପଲିଟ୍ ବ୍ୟୁରୋର ସଦସ୍ୟ ଏବଂ ଜଣେ କେନ୍ଦ୍ରୀୟ କମିଟି ସଦସ୍ୟ ବି ଅଛନ୍ତି।

ଏକଦା ୨୦୧୦ରେ ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭାରତର 'ସବୁଠାରୁ ବଡ଼ ଆଭ୍ୟନ୍ତରୀଣ ସୁରକ୍ଷା ଆହ୍ୱାନ' ବୋଲି କୁହାଯାଉଥିବା ନକ୍ସଲବାଦ ଏବେ ମୂଳୋତ୍ପାଟନ ପାଖାପାଖି ସ୍ତରରେ ପହଞ୍ଚିଛି। ନେପାଳର ପଶୁପତିଠାରୁ ଆନ୍ଧ୍ରପ୍ରଦେଶର ତିରୁପତି ପର୍ଯ୍ୟନ୍ତ ଏକ ରେଡ୍ କରିଡର ନିର୍ମାଣ ପାଇଁ ନକ୍ସଲମାନେ ଯୋଜନା କରିଥିଲେ। ୨୦୧୩ରେ ବିଭିନ୍ନ ରାଜ୍ୟର ୧୨୬ଟି ଜିଲ୍ଲା ନକ୍ସଲ ସମ୍ବନ୍ଧୀୟ ହିଂସା ରିପୋର୍ଟ କରିଥିଲେ। କିନ୍ତୁ ଗତ ମାର୍ଚ୍ଚ ସୁଦ୍ଧା ଏହି ସଂଖ୍ୟା ମାତ୍ର ୧୮ ଜିଲ୍ଲାକୁ ଖସିଆସିଛି, ଯେଉଁଥିରେ କେବଳ ୬ଟି 'ସର୍ବାଧିକ ପ୍ରଭାବିତ ଜିଲ୍ଲା' ଭାବେ ବର୍ଗୀକୃତ ହୋଇଥିଲା ।

## ୭୮ ମାଓବାଦୀଙ୍କ...

ବେଳେ ସେମାନଙ୍କ ମଧ୍ୟରେ ୧୦ ଜଣ ମହିଳା ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ମୁଣ୍ଡରେ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଏହାଛଡ଼ା କାଙ୍କେର ଜିଲ୍ଲା ପୁଲିସ ନିକଟରେ ୫୦ ଜଣ ମାଓବାଦୀ ଅସ୍ତ୍ର ସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୩୨ ଜଣ ମହିଳା ଅଛନ୍ତି ଯେଉଁମାନେ ସୀମା ସୁରକ୍ଷା ବାହିନୀ କ୍ୟାମ୍ପରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ବ୍ୟବହାର କରୁଥିବା ଏକେ-୪୭ ରାଇଫଲ୍, ଦୁଇଟି ସେଲ୍‌ଫ ଲୋଡିଂ ରାଇଫଲ୍, ୪ଟି ଇନ୍‌ସାସ୍ ଏଲ୍‌ଏମ୍‌ଜି ଓ ଗୋଟିଏ ଷ୍ଟେନ୍ ଗନ୍ ସମେତ ୩୯ଟି ଅସ୍ତ୍ରଶସ୍ତ୍ର ସମର୍ପଣ କରିଥିବା ଜଣାପଡ଼ିଛି।

## ଭିଜିଲାନ୍ସ...

ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଭିଯୋଗକାରୀ ଜଣଙ୍କ ମାଛ ଚାଷ କରିବା ସକାଶେ ୨ ଲକ୍ଷ ୩୧ ହଜାର ୩୯୦ ଟଙ୍କା ଖର୍ଚ୍ଚ କରିଥିଲେ। ଏଥିରେ ୪୩ ହଜାର ଟଙ୍କାର ଯାଁଳ ମଧ୍ୟ ରହିଥିଲା। କିନ୍ତୁ ଏହି ୪୩ ହଜାର ଟଙ୍କା ପାଇବା ସକାଶେ ଶ୍ରୀ ବେହେରା ଅଭିଯୋଗକାରୀଙ୍କୁ ମନି ରିସିପ୍ଟ ଦେଇଥିଲେ। ପରେ ସେ ଏଥିସକାଶେ ଲାଞ୍ଚ ବାବଦରେ ଫୋନ୍ ପେ' ମାଧ୍ୟମରେ ୮ ହଜାର ଟଙ୍କା ପଠାଇବାକୁ ଅଭିଯୋଗକାରୀଙ୍କୁ କହିଥିଲେ। କିନ୍ତୁ ଅଭିଯୋଗକାରୀ ଜଣଙ୍କ ଏନେଇ ଭିଜିଲାନ୍ସକୁ ଜଣାଇବା ପରେ ପୂର୍ବ ଯୋଜନାନୁସାରେ, ଶ୍ରୀ ବେହେରାଙ୍କୁ ଲାଞ୍ଚ ଟଙ୍କା ସହ ଗିରଫ କରିଥିବା ଜଣାପଡ଼ିଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶ୍ରୀ ବେହେରାଙ୍କ ସହ ଜଡ଼ିତ ୨ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି।

## ଥମୁନି...

ରୋକିବାରେ ସାଇବର ଥାନା କାହିଁକି ଫେଲ୍ ମାରିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ଏନେଇ ଶ୍ରୀମନ୍ଦିର ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକଙ୍କ ପକ୍ଷରୁ ସାଇବର ଥାନାରେ ଦିଆଯାଇଛି ଏତଲା। ସୋସିଆଲ ମିଡିଆ ଆକାଉଣ୍ଟରେ ସ୍ୱିଗି ଦ୍ୱାରା ଫୁଡ୍ ୟୁଜେଡଆଇ ନାମକ ଏକ ସଂସ୍ଥା ଅନଲାଇନ ମହାପ୍ରସାଦ ବିକ୍ରି ନେଇ ବିଜ୍ଞାପନ ଦେଇଥିବାରୁ ଦିଆଯାଇଛି ଏତଲା। ମାତ୍ର ୪୯ ଟଙ୍କାରେ ଜଗନ୍ନାଥ ମନ୍ଦିର ମହାପ୍ରସାଦ ହୋମ୍ ଡେଲିଭରୀ ଦିଆଯାଉଥିବା ନେଇ ସମ୍ପୃକ୍ତ ସଂସ୍ଥା ଦ୍ୱାରା ଦିଆଯାଇଛି ବିଜ୍ଞାପନ।

## କ୍ରୀତଦାସଙ୍କ...

ହୋଇନଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ଖବରଟି ନବୀନ ନିବାସରେ ପହଞ୍ଚିବାରୁ ଏହା ପାଣ୍ଡିଆନଙ୍କ ନଜରକୁ ଆସିଥିଲା ଓ ସେ ତ୍ୱରିତ ପଦକ୍ଷେପ ଗ୍ରହଣ କରିଥିଲେ।

ବିଜେଡି ପକ୍ଷରୁ ମଧ୍ୟ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଥିଲା। ଏହି କଥାଟିକୁ ଜୟ ଭୁଲି ପାରିନଥିଲେ। ଯାହାର ଫଳ ହେଲା କ୍ରୀତାଦାସଙ୍କ ସହ ବିଜେଡିର ଦଳବଳ ଧରି ନୂଆପଡ଼ାରେ ଡେରା ପକାଇବା ସତ୍ତ୍ୱେ ଶେଷ ମୁହୂର୍ତ୍ତରେ ଜୟଙ୍କୁ ନେଇଯିବାରେ ବିଜେପି ସଫଳ ହେଲା। ଏହାଦ୍ୱାରା ସେ ଏକପ୍ରକାର ପିତୃ ଅପମାନର ପ୍ରତିଶୋଧ ନେଲେ। ଏ କଥାଟି ଏବେ ପଦାକୁ ଆସିବା ପରେ କ୍ରୀତଦାସଙ୍କ ଅସଲ ଗୁମର ଖୋଲିବା ସହ ଜୟଙ୍କ ପଳାୟନ ଉପରୁ କ୍ରମଶଃ ପରଦା ହଟିବାରେ ଲାଗିଛି।

## ଘାତକ ...

ନେଇ ଟିମ୍ ଗଠନ କଲେ ସେମାନଙ୍କୁ ବି ଜୟଙ୍କ ଉପରେ ନଜର ରଖିବାକୁ କୁହାଗଲା ନାହିଁ। କାମଚଳା ଢଙ୍ଗରେ ଟିମ୍ ଗଠନ ଶେଷରେ ଘାତକ ସାବ୍ୟସ୍ତ ହେଲା ଏବଂ ଜୟଙ୍କୁ ମନାଇବାରେ ବିଜେପି ନେତାମାନେ ସଫଳ ହେଲେ। ଏବେ ଜୟ ବିଜେପିକୁ ପଳାଇବା ପରେ ବିଜେଡି ନେତାମାନେ ଅସଲ କଥା ବୁଝିବା ସହିତ କ୍ରୀତଦାସଙ୍କ ଉପରେ ରକ୍ତଚାଉଳ ଚୋବାଉଛନ୍ତି।

## ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ

# ଏବେ ବି ୧୮୬ ପ୍ରାର୍ଥୀ ନିଖୋଜ

**ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ):** ରାଜ୍ୟର ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀରେ ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯିବା ପରେ ବିରାଟ ସ୍କାମ୍ ସାମ୍ନାକୁ ଆସିଥିବା ବେଳେ ବାସ୍ତବରେ ଏହି କାଣ୍ଡରେ ଆହୁରି ଅଧିକ ବିଦ୍ୟାର୍ଥୀ ସାମିଲ୍ ଥିବା କୁହାଯାଉଛି। ଟଙ୍କା ବଦଳରେ ପାଖାପାଖି ୩୦୦ ପଦବୀ ବିକ୍ରି ହୋଇଥିଲା ବୋଲି ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ଜଣାପଡ଼ିଛି। ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଓଡ଼ିଶା ପୁଲିସ୍ ଆନ୍ଧ୍ରପ୍ରଦେଶରୁ ଗିରଫ କରିଥିଲେ ହେଁ ୧୮୬ ଜଣ ଟ୍ରେନ୍‌ରେ ଯାଉଥିବା ବେଳେ ସେମାନଙ୍କୁ ପୁଲିସ୍ ଟ୍ରାକ୍ କରିପାରିନଥିଲା। ତଥ୍ୟ ଆଧାରରେ ସେମାନଙ୍କୁ କ୍ରାଇମ୍ ବ୍ରାଞ୍ଚ୍ ଖୋଜୁଛି। ପ୍ରାଥମିକ ତଦନ୍ତ ଅନୁସାରେ, ଆଶାୟୀ ପରୀକ୍ଷାର୍ଥୀମାନଙ୍କ ସାର୍ଟିଫିକେଟ୍ ବ୍ରୋକର୍‌ମାନେ ହାତେଇଥିଲେ, ଯାହାକି ଏହି ସ୍କାମ୍ ଆଡ଼କୁ ଇଙ୍ଗିତ କରିଥିଲା। ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଅଧୀନରେ ହେବାକୁ ଥିବା ଏହି ପରୀକ୍ଷା ପରିଚାଳନା ଦାୟିତ୍ୱ ସିଲିକନ୍ ଓ ପଞ୍ଚସଫ୍ଟ ପାଇଥିବା ବେଳେ ସେମାନଙ୍କର ଏହି ସ୍କାମ୍‌ରେ ପ୍ରମୁଖ ଭୂମିକା ଥିବା ସାମ୍ନାକୁ ଆସିବା ପରେ ମାଷ୍ଟର୍ ମାଇଣ୍ଡ୍ ଶଙ୍କର ପୃଷ୍ଠିର ତଲାସୀ ଜାରି ରହିଛି।

# ଚଳନ୍ତା କାରରୁ ଯୁବକଙ୍କୁ ଅପହରଣ

**ଗୋପ,୧୫।୧୦(ସଂଚାର ବ୍ୟୁରୋ):** କୋଣାର୍କରେ ଚାଞ୍ଚଲ୍ୟ। ଚଳନ୍ତା କାରରୁ ଯୁବକଙ୍କୁ ଅପହରଣ କରିନେଲେ। କୋଣାର୍କ ଥାନା ଅଧୀନ ବନାଖଣ୍ଡି ଛକରେ ଥିବା ତେଲଟାଙ୍କି ନିକଟରୁ ହୋଇଛି ଏହି ଅପହରଣ। ଅପହୃତ ହୋଇଥିବା ଯୁବକ ଜଣକ ହେଲେ ଜୟ ଚକ୍ରବର୍ତ୍ତୀ। ଅନ୍ୟ ଏକ କାରରେ ୨ଜଣ ଯୁବକ ବାହାରି ଜୟଙ୍କୁ ଜବରଦସ୍ତି ଉଠାଇ ନେଇଛନ୍ତି। ଦ୍ରୁତ ଗତିରେ କାର ଚଳାଇ ଫେରାର ହୋଇଛନ୍ତି ଦୁର୍ବୃତ୍ତ। ଚକ୍ରବର୍ତ୍ତୀ ସାଙ୍ଗମାନଙ୍କ ସହ କାରରେ କୋଣାର୍କ ବୁଲି ସାରି ସନ୍ଧ୍ୟାରେ ଭୁବନେଶ୍ୱର ଫେରୁଥିବା ବେଳେ ଅପହରଣ କରାଯାଇଛି। ସାଙ୍ଗମାନେ ତୁରନ୍ତ ଏନେଇ କୋଣାର୍କ ଥାନାରେ ଏତଲା ଦେଇଥିଲେ। କୋଣାର୍କ ପୋଲିସ ଓ ପୁରୀ ଅତିରିକ୍ତ ଏସ୍ ପି ସଚିନ ପଟେଲଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସିସିଟିଭି ଯାଞ୍ଚ ସହ ବିଭିନ୍ନ ସ୍ଥାନରେ ଜିଲ୍ଲା ପୋଲିସ ବ୍ଲକିଂ କରି ଗୋଟିଗୋଟି ଗାଡ଼ି ଯାଞ୍ଚ କରୁଛନ୍ତି। ଟଙ୍କା କାରବାରକୁ ନେଇ ଅପହରଣ କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶେଷ ଖବର ସୁଦ୍ଧା ଉକ୍ତ ଯୁବକଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି ।

## ସ'ମିଲ୍‌ରେ ଚଢ଼ଉ, କାଠ ଓ ଯନ୍ତ୍ରାଂଶ ଜବତ

**ଭଦ୍ରକ,୧୫।୧୦ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମନଗର ରେଞ୍ଜ ଅଧୀନ ମୁଡ଼ାପଦା ଠାରେ କିଛି ଦିନ ଧରି ବେଆଇନ ଭାବେ କରତକଳ ପ୍ରତ୍ୟେକ ଦିନ ଚାଲିଛି।ଧାମନଗର ବନ ବିଭାଗର ରେଞ୍ଜର ବବୁଲ ମଲିକଙ୍କ ନେତୃତ୍ୱରେ ମୁଡ଼ାପଦା ସ୍ଥିତ ବୈଦ୍ୟନାଥ ମନ୍ଦିର ନିକଟରେ ଚାଲୁଥିବା ବେଆଇନ କରତକଳ ଉପରେ ଧାମନଗର ବନବିଭାଗ ବୁଧବାର ଚଡାଉ କରି କାଠ ଓ ଯନ୍ତ୍ରାଂଶ ଜବତ କରିଛି।ଏହି ଚଢଉରେ ଅନ୍ୟ ମାନଙ୍କ ମଧ୍ୟରେ ବନବିଭାଗ ଅଧିକାରୀ ପ୍ରୀତିରାଣୀ ଦାସ, ବସନ୍ତ ମାଝୀ, କୃଷ୍ଣଚନ୍ଦ୍ର ବାସକେ, ଭଦ୍ରକ ବନବିଭାଗ ଅଧିକାରୀ ଓ ଭଣ୍ଡାରିପୋଖରୀ ପୁଲିସ ସହାୟତାରେ ଚଢାଉ କରିଥିଲେ। ଅୟ, ଆକାଶି, ପୁଂଟିଆ, ଫାସି ଆଦି କିସମ ୪୯ ଘନଫୁଟ କାଠଗଣ୍ଡି ଓ ପଟା ସହ ଭ୍ରାମ୍ୟମାଣ କରତକଳ ଯନ୍ତ୍ରାଂଶ ଜବତ ହୋଇଥିଲା। ଜବତ କାଠ ଓ ଯନ୍ତ୍ରାଂଶର ମୂଲ୍ୟ ଆନୁମାନିକ ୪ ଲକ୍ଷ ଟଙ୍କା ହେବ ବୋଲି ବନବିଭାଗ ସୂତ୍ରରୁ ଜଣାଯାଇଛି। ଏଥନେଇ ୪ଡି ୨୫-୨୭ନଂ ମାମଲା ରୁଜୁ ହୋଇଛି। ଏହି ଚଢାଉ ସମୟରେ କରତକଳ ମାଲିକ ଫେରାର ହୋଇଯାଇଥିବା ରେଞ୍ଜର ସୂଚନା ଦେଇଛନ୍ତି।

● ବନ୍ଦର ନିଷିଦ୍ଧାଞ୍ଚଳରେ ଅଘଟଣ :

## ଦୁଇ ଶ୍ରମିକଙ୍କ ଗୋଡ଼ କଟିଯାଇ ଗୁରୁତର

**ପାରାଦ୍ୱୀପ,୧୫।୧୦ (ସଂଚାର ବ୍ୟୁରୋ):** ପାରାଦ୍ୱୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଅଘଟଣ। ରେଳ ଟ୍ରାକ୍ ମରାମତି ବେଳେ ଦୁଇ ଶ୍ରମିକ ଗୁରୁତର। ଛିଟିକି ପଡ଼ିଲା ରେଳ ଧାରଣା। ଶ୍ରମିକ ଦୁଇ ଜଣଙ୍କ ର ଗୋଡ କଟିଯାଇଛି। ଜଣେ ଶ୍ରମିକ ଙ୍କର ଦୁଇଟି ଗୋଡ଼ କଟି ଯାଇଥିବା ବେଳେ, ଆଉ ଜଣେ ଶ୍ରମିକ ଙ୍କ ର ଗୋଟେ ଗୋଡ଼ କଟି ଯାଇଛି। ଦୁଇ ଶ୍ରମିକ ହେଲେ ସୁବାସ ଚନ୍ଦ୍ର ବେହେରା ଏବଂ ରମେଶ ମଲ୍ଲ। ସେମାନେ ଆଇପିଆରସିଏଲ ଠିକା କମ୍ପାନୀରେ କାମ କରୁଥିଲେ। ତାଙ୍କ ଘର ନିରାକାରପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେମାନଙ୍କୁ ଅଠରବାଙ୍କି ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

● ବିଜେପି ମଣ୍ଡଳ ସଭାପତିଙ୍କୁ ଦଶପଲ୍ଲା ପୋଲିସ ମାଡ଼ ମାରିବା ଘଟଣା

## ଛଅ ଦିନ ପରେ ଥାନାରେ ଏତଲା ଦେଲେ ମଣ୍ଡଳ ସଭାପତି



**ଫୁଲବାଣୀ,୧୫।୧୦(ସଂଚାର ବ୍ୟୁରୋ):** ଗତ ନଅ ତାରିଖ ରାତି ପ୍ରାୟ ୯ ଟା ସମୟରେ କନ୍ଧମାଳ ଭୁବନେଶ୍ୱର ରାସ୍ତାର ଦଶପଲ୍ଲା ଥାନା ଅନ୍ତର୍ଗତ ରଙ୍ଗ ମାଟିଆ ଟୋଲ ଗେଟ ନିକଟରେ କନ୍ଧମାଳ ଜିଲ୍ଲା ଫୁଲବାଣୀ ନିର୍ବାଚନ ମଣ୍ଡଳୀ ର ଫିରିଙ୍ଗିଆ ବ୍ଲକ ନୂଆପଦର ମଣ୍ଡଳ ସଭାପତି ଦେବେଶ୍ୱର ଦୀପ ଙ୍କୁ ଦଶପଲ୍ଲା ପୋଲିସ ମାଡ଼ ମାରିବା ଘଟଣାରେ ମଙ୍ଗଳବାର ଦେବେଶ୍ୱର ଦୀପ ଙ୍କ ସହ ଅଞ୍ଚଳ ର ବିଜେପି ନେତା ଓ କର୍ମୀ ମାନେ ଫିରିଙ୍ଗିଆ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି । ଏହାସହ ଏହାର ଏକ କିତା ନକଲ ରାଜ୍ୟପାଳ ଓଡିଶା, ବିଜେପି ରାଜ୍ୟ ସଭାପତି, ମୁଖ୍ୟ ମନ୍ତ୍ରୀ ଓଡିଶା, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଆରକ୍ଷୀ ଅଧିକ୍ଷକ କନ୍ଧମାଳ ଓ ଜିଲ୍ଲା ବିଜେପି ସଭାପତି ଙ୍କୁ ମଧ୍ୟ ପ୍ରେରଣ କରାଯାଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ଗତ ନଅ ତାରିଖ ଦିନ ଫିରିଙ୍ଗିଆ ବ୍ଲକ ସୁମେର ବନ୍ଧ ପଞ୍ଚାୟତ ର ଜଣେ ଅସହାୟ ବିଧବା ମୁଖ କର୍କଟ ରୋଗୀ ଙ୍କୁ ମଣ୍ଡଳ ସଭାପତି ଦେବସ୍ୱର ଦୀପ ତାଙ୍କ ନିଜ ଗାଡ଼ିରେ ତାଙ୍କର କିଛି ସହଯୋଗୀ ଙ୍କ ସହ କଟକ ବଡ଼ ମେଡିକାଲ କୁ ଦେଖିବାକୁ ଯାଉଥିବା ସମୟରେ ରଙ୍ଗ ମାଟିଆ ନିକଟରେ ଥିବା ଟୋଲ ଗେଟ ନିକଟରେ ଏକ ଧଳା ବୋଲେରୋ ଗାଡ଼ିର ସାତ ରୁ ଆଠ ଜଣ ବ୍ୟକ୍ତି ପୋଲିସ ଡ୍ରେସ ରେ ଦଶପଲ୍ଲା ପୋଲିସ ର ପରିଚୟ ଦେଇ ତାଙ୍କ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ ।

## ଗ୍ରାମୀଣ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ



**ଖୋର୍ଦ୍ଧା,୧୫।୧୦(ସଂଚାର ବ୍ୟୁରୋ):** ଜିଲ୍ଲା ଚିଲିକା ନିର୍ବାଚନ ମଣ୍ଡଳୀ ବାଣପୁର ବ୍ଲକର ଭବାନୀପୁର ଗ୍ରାମପଞ୍ଚାୟତ ସାହାସପୁର ଗ୍ରାମରେ ପ୍ରୟତ୍ନ ସଂସ୍ଥା ଓ ଏଚ୍. ଡି.ଏଫ୍.ସି ବ୍ୟାଙ୍କର ମିଳିତ ସହଯୋଗରେ ଗ୍ରାମୀଣ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଯାଇଅଛି। ସମଗ୍ର ଗ୍ରାମରେ ସ୍ୱଚ୍ଛତା ବାବଦରେ ଜାଗ୍ରତ କରିବାପାଇଁ ଏକ ବିଶେଷ ରାଲି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ଯୁବକ ମାନେ, ମହିଳା ମଣ୍ଡଳୀ, ଆଶା, ଅଙ୍ଗନବାଡ଼ି କର୍ମୀ, ବିଦ୍ୟାଳୟର ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଗ୍ରାମର ସମସ୍ତ ଗ୍ରାମବାସୀ ଏହି ଅଭିଯାନକୁ ଗୋଟିଏ ଉତ୍ସବ ଭାବେ ନେଇ ସମସ୍ତେ ଅଂଶ ଗ୍ରହଣ କରିଥିଲେ। ପରେ ଗ୍ରାମ ଶେଷରେ ମା' ଙ୍କ ପୀଠ ନିକଟରେ ଏକ ସଚେତନତା ସଭା ଆୟୋଜନ କରା ଯାଇଥିଲା। ଭବାନୀ ପୁର ସରପଞ୍ଚ କାର୍ତ୍ତିକ ବାରିକଙ୍କ ପୌରୋହିତ୍ୟ ରେ ମୁଖ୍ୟ ଅତିଥି ଥିଲେ ବାଣପୁର ପଞ୍ଚାୟତ ସମିତିର ଅଧକ୍ଷ ଅମରେନ୍ଦ୍ର ରଣସିଂହ, ସମ୍ମାନୀତ ଅତିଥି ମାନେ ଥିଲେ ବାଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବିକାଶ କୁମାର ମହାନ୍ତି, ବାଣପୁର ଏ ବି.ଇ.ଓ ପ୍ରଭାତ କୁମାର ସେଠୀ, ପ୍ରୟତ୍ନ ସଂସ୍ଥାର ପ୍ରୋଗ୍ରାମ ଡାଇରେକ୍ଟର ଯୋଗେଶ ଜୈନ, ଏଚ୍.ଡି.ଏଫ୍.ସି ବାଲୁଗାଁ ବ୍ରାଞ୍ଚ ମ୍ୟାନେଜର ହିମାଂଶୁ ମିଶ୍ର, ଡେପୁଟି ମ୍ୟାନେଜର ଦର୍ପନାରାୟଣ ମହାନ୍ତି, ବାଣପୁର ମ୍ୟାନେଜର ଅମୂଲ୍ୟ ନାୟକ, ଗ୍ରାମ ସଭାପତି ଅସିତ୍ ବରଣ ବଳିଆରସିଂ, ଗ୍ରାମ ଉପ ସଭାପତି ରଘୁନାଥ ମହାରଣା, ଗ୍ରାମ୍ୟ ଉନ୍ନୟନ କମିଟି ସଭପତି ବିଶ୍ୱନାଥ ନାୟକ, ସଂପାଦକ ରାଜେଶ୍ କୁମାର ସାହୁ ପ୍ରମୁଖ। କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ ।

## ହିଞ୍ଜିଳିରୁ ୨ଶିଶୁ ଶ୍ରମିକ ଉଦ୍ଧାର

## ମାଲିକ ଦେଉଥିଲେ ଅକଥନୀୟ ଅତ୍ୟାଚାର

**ହିଞ୍ଜିଳିକାଟୁ, ୧୫।୧୦ (ସଂଚାର ବ୍ୟୁରୋ):** ସକାଳୁ ମୁଠାଏ ଦାନା ଦେଇ କୁନି କୁନି ଛୁଆଙ୍କୁ ପଠାଯାଉଥିଲା ବଜାରକୁ ହାଯାଉଥିଲା, ଟାର୍ଗେଟ ପୂରଣ ହେବ ତ ଘରକୁ ଫେରିବା।ଲକ୍ଷ୍ୟ ପୂରଣ ନ ହେଲେ ରାତିରେ ଦିଆଯାଉଥିଲା ଦଣ୍ଡ।ପୁଣି ଶିଶୁଙ୍କୁ ବି ପାଉଣା



ଦିଆଯାଉ ନ ଥିଲା, ତାଙ୍କ ଅଭିଭାବକଙ୍କୁ ପ୍ରାୟ ୨ହଜାର ଟଙ୍କା ଦେଇ କେବଳ ମିଥ୍ୟା ଆଶ୍ୱାସନା ଦିଆଯାଉଥିଲା।ଦରମା ମିଳୁ ନ ଥିଲା, ଏମିତିକି ୭ମାସ ହେଲା ଦରମା ମିଳିବ କହି ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦିଆଯାଉଥିଲା। ଆଉ ଏହାରି ଉପରେ ରୋକ୍ ଲଗାଇଛି ପ୍ରଶାସନ। ସୂଚନାନୁସାରେ, ହିଞ୍ଜିଳିକାଟୁ ଇଲାକାର ଏକ ଗୁପଚୁପ ଭାଟି ଓ ଦୋକାନ ଉପରେ ମଙ୍ଗଳବାର ଦିନ ଚଢଉ କରି ବିହାରର ଦୁଇ ଶିଶୁ (୧୨, ୧୪)ପ୍ରାୟ ୧ବର୍ଷ ହେବ ମାଲିକ ଅମର ନାଥ ଚୌଧୁରୀଙ୍କ ଠାରେ କାମ କରୁଥିଲେ। ପ୍ରତିଦିନ ଶିଶୁ ଶ୍ରମିକଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଥିଲା। ପରେ କୌଣସି ସୂତ୍ରରୁ ଖବର ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ହିଞ୍ଜିଳି ତହସିଲଦାର ତପନ ମହାପାତ୍ର, ବିଡ଼ିଓ ସାଗରୀକା ଷଡ଼ଙ୍ଗୀ, ଅତିରିକ୍ତ ଶ୍ରମ ଅଧିକାରୀ ହୃଷିକେଶ ରାଓ ଓ ହିଞ୍ଜିଳି ପୋଲିସ ପହଞ୍ଚି ଦୋକାନ ଉପରେ ଚଢଉ କରିଥିଲେ।

**ରାତିରେ ଚାଲୁଛି ଟଙ୍କାର ଖେଳ**

## ଯାନୀଯାତ୍ରା ଆଳରେ ଚାଲିଛି ଜୁଆଖେଳ

**କାକଟପୁର/ଅସ୍ତରଙ୍ଗ,୧୫।୧୦ (ସଂଚାର ବ୍ୟୁରୋ):** ଯାନୀଯାତ୍ରା ଆଢୁଆଳରେ ଚାଲିଛି ଜୁଆଖେଳ।ଯାତ୍ରାରେ ଲୋକଙ୍କ ଗହଳି ଭିତରେ ବେଧଡକ ଜୁଆ ଖେଳ ହେଉଛି।ତେବେ ସଂସ୍କୃତି ପାଳିବା ବେଳେ ଜୁଆ ଖେଳ ଯେମିତି ପରମ୍ପରା ପାଲଟିଯାଇଛି।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ପନ୍ଦର ଟି ପଞ୍ଚାୟତ ଅସ୍ତରଙ୍ଗ ଥାନା, କୋଣାର୍କ ଥାନା, କାକଟପୁର ଥାନା ଓ ସାମୁଦ୍ରିକ ଥାନା ନୂଆଗଡ଼ ଥାନା ଅଞ୍ଚଳରେ ଯାଉଥିବା ବେଳେ କିନ୍ତୁ ଗ୍ରାମାଞ୍ଚଳରେ



ପରମ୍ପରା ଅନୁଯାଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହାକୁ ଆଧାର କରି ଅନେକ ଅସାମାଜିକ ବ୍ୟକ୍ତି ଜନାକୀର୍ଣ୍ଣ ପରିବେଶରେ ଖୁଲମଖୁଲା ଜୁଆ ଖେଳ କରୁଛନ୍ତି।ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସୋନ୍ତଷ ପ୍ରକାଶ ପାଇଛି।ଏହି ଖେଳଟି ଏକ ପାଲରେ ବିଭିନ୍ନ ରଙ୍ଗରେ ଚିତ୍ରିତ କରାଯାଇ ଚିଡ଼ିଆ, କଳାପାନ, ଲାଲ ପାନ, ପତାକା, ଫୁଲ ଏବଂ ଠିକିରି ଚିତ୍ର କରାଯାଇ ଗ୍ଲାସ ମାଧ୍ୟମରେ ଗୋଟି ଗଡ଼ାଯାଉଛି। ଏହା ଦ୍ୱାରା ଜୁଆ ଖେଳାଳି ସହ ସହ ଟଙ୍କାର ଜୁଆ ପାଲିରେ ଥୋଇଥାନ୍ତି। ଯାହା ଫଳରେ ପୁଲିସ ନିଷ୍କ୍ରିୟତା ଯୋଗୁଁ ଖୁଲମଖୁଲା ବିଳମ୍ବିତ ରାତ୍ରରେ ଚାଲିଛି ଜୁଆ ଆଡ୍ଡା।କେବେ ପୁଲିସ ଜୁଆ ଆଡ୍ଡା ଉପରେ ଚଢ଼ାଉ କରୁଛି ତାହା ହିଁ ଅପେକ୍ଷା।

## ଖଣି ଲୁଟି ରାଜସ୍ୱ ଦୋହଲାଇ ଦେଉଛନ୍ତି ଖଣି ମାଫିଆ

**ଆନନ୍ଦପୁର,୧୫।୧୦(ସଂଚାର ବ୍ୟୁରୋ):** ଓଡ଼ିଶାରେ ଗଚ୍ଛିତ ଅଛି ଖଣିଜ ସମ୍ପଦ ଲୁଟି ଲୁଟି ମାଲେମାଲ ମାଫିଆ। ଦିନ ରାତି ଲୁଟୁଛନ୍ତି ମାଫିଆ ଓ ନେତା। ରାଜସ୍ୱର ଏକ ପ୍ରମୁଖ ଉତ୍ସ ହେଉଛି ଖଣି ଖାଦାନ। ଖଣିଜ ପଦାର୍ଥ ମଧ୍ୟରେ ବହୁ ସ୍ଥାନରେ ଲଘୁଜାତ ଖଣିଜ ପଦାର୍ଥ ରହିଛି। ଲଘୁଜାତ ଖଣିଜ ପଦାର୍ଥରୁ ରାଜସ୍ୱ ଆଦାୟ ଦାୟିତ୍ୱ ରାଜସ୍ୱ ବିଭାଗ ହାତରେ ନ୍ୟସ୍ତ ଥିଲା। କିନ୍ତୁ ସରକାର ରାଜସ୍ୱ ବିଭାଗ ହାତରୁ ଦାୟିତ୍ୱ କାଢି ନେଇ ଓଡିଶା ଖଣି ନିଗମକୁ ଲଘୁଜାତ ଖଣିଜ ପଦାର୍ଥ ଦାୟିତ୍ୱ ପ୍ରଦାନ କରିଛନ୍ତି। ହେଲେ ଚୋରା ଲଘୁଜାତ ଖଣିଜ ପଦାର୍ଥ ଖନନ ବଢ଼ିବାରେ ଲାଗିଛି। ଫଳରେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବା ବେଳେ ମାଫିଆ ଓ ନେତା ମନ୍ତ୍ରୀ ମାଲେମାଲ ହେଉଛନ୍ତି। ସ୍ଥାନୀୟ ନେତା ଓ ପ୍ରଭାବଶାଳୀ ଲୋକଙ୍କୁ ହାତବାରସୀ କରି ଖଣି ମାଫିଆମାନେ ରାତି ଦିନ ଲଘୁଜାତ ଖଣିଜ ପଦାର୍ଥ ଲୁଟ ଓ ଚାଲାଣ କରି ମାଲେମାଲ୍ ହେଉଛନ୍ତି। ତେବେ କେବଳ ଖଣି ନୁହେଁ ବାଲି ଠୁ ନେଇ ମାଟି ସବୁଥିରେ ହେଉଛି ଦୁର୍ନୀତି। ପାହାଡ଼ କାଟି ହେଉଛି ଚୋରା ପଥର ଚାଲାଣ, ରାତି ଅଧରେ ଡିନାମାଇଟ ଲଗାଇ ଫଟା ଯାଉଛି ପାହାଡ଼। ଟ୍ରକରେ ହେଉଛି ଟନ୍ ଟନ୍ ପଥର ଚାଲାଣ। ସେହିଭଳି ସ୍ଥାନୀୟ ଲୋକଙ୍କୁ ଭୟଭୀତ କରି ବାଲି ମାଫିଆ କରୁଛନ୍ତି ଲୁଟ। ବାଲି ଠୁ ନେଇ ମାଟି, ମାଙ୍କଡ଼ା ପଥର ଏମିତି ଅନେକ କିଛି ଲୁଟି ଚାଲିଛନ୍ତି। ଆଉ ଯିଏ ମୁହଁ ଖୋଲିଲେ ତାଙ୍କୁ ମିଳୁଛି ହତ୍ୟା ଧମକ। ମାଫିଆ ଗୁଣ୍ଡାରାଜ୍ ଚଲାଇ ଲୁଟି ଚାଲିଛନ୍ତି।

● ସରକାର ବଦଳିଲା, ବିକାଶ ଧିମେଇଲା

## ଅସଂପୂର୍ଣ୍ଣ ପ୍ରକଳ୍ପ ହେଲା ଆଲୋଚନାର କେନ୍ଦ୍ରବିନ୍ଦୁ

**ଯାଜପୁର,୧୫।୧୦(ସଂଚାର ବ୍ୟୁରୋ):** ରାଜ୍ୟରେ ସରକାର ପରିବର୍ତ୍ତନ ସହିତ ଯାଜପୁର ଜିଲ୍ଲାର ବିକାଶ ଗତି ମନ୍ଥର ହୋଇପଡ଼ିଛି। ପୂର୍ବ ସରକାରଙ୍କ ଦିନରେ ଆରମ୍ଭ ହୋଇଥିବା ଶହଶହ କୋଟି ଟଙ୍କାର ପ୍ରକଳ୍ପ ଏବେ ନୀଳନକ୍ସା ଓ



ଫାଇଲ ରେକର୍ଡରେ ସୀମିତ ରହିଯାଇଛି। ତତ୍କାଳୀନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସହାୟତାରେ ଯାଜପୁର ସହରରେ ଅନେକ ଆଖିଦୃଶ୍ୟ ପ୍ରକଳ୍ପ ଆରମ୍ଭ ହୋଇଥିଲେ ମଧ, ସେଗୁଡ଼ିକ ମଧ୍ୟରୁ ବହୁତକିଛି ଅସଂପୂର୍ଣ୍ଣ ରହିଛି। ୧୮୩ ଫୁଟ ଶିବମୂର୍ତ୍ତି ଅଟକିଲା ଶେଷପର୍ଯ୍ୟାୟରେ ଯାଜପୁର ସହର ବରାହ ମନ୍ଦିର ନିକଟରେ ନିର୍ମିତ ହେଉଥିବା ୧୮୩ ଫୁଟ ଉଚ୍ଚ ଶିବମୂର୍ତ୍ତି ପ୍ରକଳ୍ପ ଏବେ ଅଟକି ରହିଛି। ପର୍ଯ୍ୟଟନ ବିଭାଗ ଜରିଆରେ ଟେଣ୍ଡର ହୋଇ ଦିଲ୍ଲୀର 'ମାତୁରାମ ଆର୍ଟ' ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯାଇଥିଲା। ଆରମ୍ଭିକ ଅଟକଳ ୧୦ କୋଟି ଥିଲେ ମଧ ବ୍ୟୟ ବଢ଼ି ୨୯ କୋଟି ହୋଇଯାଇଛି। ହଠାତ୍ ଏହି ବୃଦ୍ଧି ନେଇ ସ୍ଥାନୀୟମାନଙ୍କ ମଧ୍ୟରେ ସନ୍ଦେହ ଜନ୍ମ ନେଇଛି। ଯଯାତି ପାର୍କ ଓ ଭବନ ଅଧାରେ ଅଟକିଲା ସହର ପ୍ରବେଶପଥ ସଢ଼େଇପୋଖରୀଠାରେ ନିର୍ମିତ ହେଉଥିବା 'ଯଯାତି ପାର୍କ' ପାଇଁ ୪୫ ପରିବାରକୁ ଉଚ୍ଛେଦ କରି ଜମି ଅଧିଗ୍ରହଣ ହୋଇଥିଲା। ରାଜା ଯଯାତି କେଶରୀଙ୍କ ମୂର୍ତ୍ତି ପଦ୍ମବିଭୂଷଣ ସୁଦର୍ଶନ ସାହୁଙ୍କ ସଂସ୍ଥା ଦ୍ୱାରା ନିର୍ମିତ ହୋଇଛି। ୧୧.୫ ଫୁଟ ଉଚ୍ଚ ଏହି ମୂର୍ତ୍ତି ସହ ୧୧ ଜଣ ବ୍ରାହ୍ମଣଙ୍କ ୬ ଫୁଟ ମୂର୍ତ୍ତି ମଧ ସଜିଥିଲେ ମଧ, ଯଯାତି ଭବନ ଅଧାରେ ରହି ଜୀବନ୍ତ ସ୍ମାରକ ହୋଇ ରହିଛି।

## ୪୫୦ କେଜି ଗଞ୍ଜେଇ ଜବତ: ୧ଗିରଫ

**ବ୍ରହ୍ମପୁର,୧୫।୧୦(ସଂଚାର ବ୍ୟୁରୋ):** ବ୍ରହ୍ମପୁରକୁ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ସଦର ରେଞ୍ଜ ଏସପି ପ୍ରବୀଣ କୁମାର ପ୍ରଧାନ ଖବର ପାଇଥିଲେ। ତାଙ୍କରି ନିର୍ଦ୍ଦେଶରେ ଡ଼ିଏସପି ସ୍ନେହଲତା ନାୟକ ଓ କୁମୁଦ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇଥିଲା। ବୁଧବାର ସକାଳେ ବ୍ରହ୍ମପୁର ସହର ପ୍ରବେଶ ଜଗଦଳପୁର ଛକରେ ଟିମ ପେଟ୍ରୋଲିଂ କରୁଥିଲା। ସନ୍ଦେହଜନକ ଭାବେ ଆସୁଥିବା ଏକ ପିକଅପ ଭ୍ୟାନ ନଂ (ଓଡ଼ି- ୦୫ଏ ଏନ-୮୬୭୩)କୁ ଅଟକାଇ ଯାଞ୍ଚ ବେଳେ ସେଥିରେ ୧୫ ଗୋଟି ବସ୍ତାରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜଣାପଡ଼ିଥିଲା। ଗାଡ଼ି ଚାଳକ ତଥା ଗଞ୍ଜେଇ ଚାଲାଣକାରୀଙ୍କୁ କାବୁ କରାଯାଇଥିଲା। ସେ ହେଲେ ଉତ୍ତରପ୍ରଦେଶର ପରଭେଜ ଆଲମ (୩୨)। ଜେରା ବେଳେ ସେ ଉକ୍ତ ଗଞ୍ଜେଇ ଗଜପତି ଅଞ୍ଚଳରୁ ଆଣି ବ୍ରହ୍ମପୁର ଦେଇ ଉତ୍ତରପ୍ରଦେଶ ଚାଲାଣ କରିଥାନ୍ତେ ବୋଲି ଟିମ ଆଗରେ ସ୍ୱୀକାର କରିଛନ୍ତି। ଜବତ ଗଞ୍ଜେଇ ଓ ଗାଡ଼ିର ମୂଲ୍ୟ ପ୍ରାୟ ୫୨ ଲକ୍ଷ ହେବ ବୋଲି ଇନ୍ସପେକ୍ଟର ମନିଶା ଭୋଲ ସୂଚନା ଦେଇଛନ୍ତି।

## କୃଷି ବିଭାଗ ପକ୍ଷରୁ ଆଗୁଆ ସଚେତନତା ଓ କ୍ଷେତ୍ର ପରିଦର୍ଶନ

**ଧାମନଗର,୧୫।୧୦(ସଂଚାର ବ୍ୟୁରୋ):** ଧାମନଗର ବ୍ଲକ କୃଷି ଅଧିକାରୀଣୀ ଅନୁରାଧା ପଣ୍ଡା'ସହକାରୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ ଏବଂ ଗ୍ରାମ୍ୟ କୃଷି କର୍ମଚାରୀ ଭୀମସେନ ସାମଲ ଓ ଅନ୍ୟ ଯୋଗୀଙ୍କ ସହ ବୟାଙ୍ଗଡ଼ିହ ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତର ସମ୍ଭାବ୍ୟ ପ୍ରଭାବିତ ଚାଷ ଜମି ପରିଦର୍ଶନ ଅନୁଧ୍ୟାନ କରିଛନ୍ତି। ଦୀର୍ଘ ତିନି ମାସ ଧରି ଲଘୁଚାପ ବର୍ଷା ଓ କାଉଁଳିଆ ପାଗ ପାଇଁ ଚାଷ ଜମିରେ ମାଟିଆଗୁଣ୍ଡି ପୋକ ସମେତ ଚକଡା, ପତ୍ରମୋଡା ଓ ପତ୍ରପୋଡା ଭଳି ରୋଗର ପ୍ରଭାବରେ ଧାମନଗର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଚାଷ ଜମି ପ୍ରଭାବିତ ହୋଇପାରେ। ଅନେକ ସମୟରେ ପ୍ରଭାବିତ କିଛି ଚାଷୀ ଧାନ ଗଛ ଉପାଡି ଆଣି ଦୋକାନୀକୁ ଦେଖାଇ ପଚାରିଥାନ୍ତି ମୋ ଚାଷରେ ଏଭଳଇ ସମସ୍ୟା ହେଉଛି କେଉଁ ଔଷଧ ସିଞ୍ଚନ କରିବି ? ଦୋକାନୀ ନିଜ ଲାଭ ଥିବା କୀଟନାଶକ ଦେଇଥାନ୍ତି।

ଓଡ଼ିଶା ସେବାରତ୍ନ ସମ୍ମାନ

## ବ୍ରାଇଟ ଓଡ଼ିଶା ପକ୍ଷରୁ ୩୫ଙ୍କୁ ପୁରସ୍କାର ପ୍ରଦାନ

**ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ):** ବ୍ରାଇଟ ଓଡିଶା ପକ୍ଷରୁ ଆୟୋଜିତ ହୋଇଯାଇଛି ଓଡିଶା ସେବାରତ୍ନ ସମ୍ମାନ ପ୍ରଦାନ ଉତ୍ସବ ୨୦୨୫। ବିଭିନ୍ନ ସେବାରେ ନିୟୋଜିତ ୩୫ ଜଣ ସଫଳ ବ୍ୟକ୍ତିତ୍ୱଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଓଡିଶାର କଳା ସଂସ୍କୃତି ଓ ପରମ୍ପରର ସୁରକ୍ଷା ତଥା ପ୍ରଚାର ପ୍ରସାର ଦିଗରେ ନିରନ୍ତର କାର୍ଯ୍ୟରତ ତଥା ସାମାଜିକ ସଚେତନତା ସୃଷ୍ଟି କରିବାରେ ସର୍ବଦା ଅଗ୍ରଣୀ ଭୂମିକା ନିର୍ବାହ କରି ଆସିଥିବା ବ୍ରାଇଟ ଓଡ଼ିଶା ଫାଉଣ୍ଡେସନର ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ। ଜୟଦେବ ଭବନ ଠାରେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇ ଥିଲା।



ପରିଚୟ ଫାଉଣ୍ଡେସନ ସହଯୋଗୀତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଯାଜପୁର ସାଂସଦ ରବୀନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ମାନ୍ୟବର ଏକାମ୍ର ବିଧାୟକ ବାବୁ ସିଂ, ମାନ୍ୟବର ବିଧାୟକ ଦିଗପହଣ୍ଡି ସିଦ୍ଧାନ୍ତ ମହାପାତ୍ର, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ମୁଖ୍ୟ ବକ୍ତା କାଳନ୍ଦି ସାମଲ, ବିଜେପି ନେତା, ପ୍ରିୟଦର୍ଶୀ ମିଶ୍ର, ଅଧକ୍ଷ, ଓଡିଶା ସେବା ରତ୍ନ ସମ୍ମାନ, ସଞ୍ଜୟ ନାୟକ ମୁଖ୍ୟ ପରାମର୍ଶ ଦାତା ଓଡିଶା ସେବା ରତ୍ନ, ସ୍ୱତନ୍ତ୍ର ଅତିଥି ଡ. ବିପିନ ବିହାରୀ ମିଶ୍ର, ସୌମିତ୍ର ଲେଙ୍କା, କଲ୍ୟାଣ ଫାଉଣ୍ଡେସନ ପ୍ରତିଷ୍ଠାତା, ଡ. ରୋଜାଲିନ ପାଟଶାଣୀ ମିଶ୍ର, ପ୍ରତିଷ୍ଠାତ୍ରୀ ପରିଚୟ ଫାଉଣ୍ଡେସନ, ସଞ୍ଜୟ ମହାକୁଡ଼, ପ୍ରତିଷ୍ଠାତା ବ୍ରାଇଟ ଓଡିଶା ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ୩୫ ଜଣ ସଫଳ ବ୍ୟକ୍ତିତ୍ୱଙ୍କୁ ଏହା ପ୍ରଦାନ କରାଯାଇଛି।

## ଇଣ୍ଟରନ୍ୟାସନାଲ ହୋଟେଲରେ ଯୁବକଙ୍କ ଆତ୍ମହତ୍ୟା

**ପାରାଦ୍ୱୀପ,୧୫।୧୦(ସଂଚାର ବ୍ୟୁରୋ):** ପାରାଦ୍ୱୀପ ଇଣ୍ଟରନ୍ୟାସେନାଲ ହୋଟେଲ ର ଏକ ରୁମ ରେ ଯୁବକ ଜଣକ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣ ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ର ତେନ୍ତୁଳିକନ୍ଧା ଗ୍ରାମର ପ୍ରଭାସ ରାଉତ (୨୭) ଗତ ସୋମବାର ଦିନ ସକାଳ ୭ ଟା ସମୟ ରେ ୨୧୧ ନମ୍ବର ରୁମ ବୁକ୍ କରିଥିଲେ । ଦିନ ରେ ହୋଟେଲ ବାହାରକୁ ଯିବା ଆସିବା କରିବା ହୋଟେଲ ପିଲା ଦେଖିଥିବା ସୂଚନା ଦେଇଥିବା ବେଳେ କିନ୍ତୁ ମଙ୍ଗଳବାର ଦିନ ରୁମ କବାଟ ନ ଖୋଲିବାରୁ ହୋଟେଲ କର୍ମଚାରୀଙ୍କ ସନ୍ଦେହ ଘନୀଭୂତ ହୋଇଥିଲା। ଅପରପକ୍ଷେ ଉକ୍ତ ଯୁବକ ଙ୍କ ଘର ଫୋନ ରୁ ହୋଟେଲ କୁ ବାରମ୍ବାର ଫୋନ ଆସିଥିଲା।

● ପାଣିକୋଇଲି ଛକରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା

## ଦୁର୍ଘଟଣାରେ ଗଲାଣି ଶତାଧିକ ଜୀବନ

**ଯାଜପୁର, ୧୫।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ପାଣିକୋଇଲି ଛକ — ଯେଉଁଠାରେ ୧୬ ଓ ୨୦ ନମ୍ବର ଜାତୀୟ ରାଜପଥ ମିଶିଛି, ଏହି ଛକ ଦିନକୁ ଦିନ ମରଣଯନ୍ତ୍ରାର ରୂପ ଧାରଣ କରିଛି। ଏଠାରେ ପ୍ରତିଦିନ ଘଟୁଛି ଛୋଟ-ବଡ଼ ଦୁର୍ଘଟଣା। ଯାତ୍ରୀ ଓ ଚାଳକମାନେ ଭୟଭୀତ ଅବସ୍ଥାରେ ଯାତ୍ରା କରୁଛନ୍ତି।ସରକାରୀ ତଥ୍ୟ ଅନୁଯାୟୀ, ପିଛଲା ଦଶ ବର୍ଷରେ ଏଠାରେ ୧୯୬ ଜଣଙ୍କ ମୃତ୍ୟୁ ଘଟିଛି। କିନ୍ତୁ ବେସରକାରୀ ମାପଦଣ୍ଡରେ ଏହି ସଂଖ୍ୟା ୩୦୦ ଉର୍ଦ୍ଧ୍ୱ ବୋଲି ଅଭିଯୋଗ ରହିଛି। ଏହି ଛକଠାରୁ ମାତ୍ର ୫୦୦ ମିଟର ଦୂରରେ ଜିଲ୍ଲା ପୋଲିସ ମୁଖ୍ୟାଳୟ ଓ ପାଣିକୋଇଲି ଥାନା ଥିବା ସତ୍ତେ ମଧ ଏଠି ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ। ପାଣିକୋଇଲି ହେଉଛି ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଯାତାୟାତ ସ୍ଥଳି। ଯେଉଁଠାରୁ ଜାତୀୟ ରାଜପଥ-୨୦ ଆରମ୍ଭ ହୋଇ କେନ୍ଦୁଝର, ବାଡବିଲ, ଜୋଡା ଓ କଳିଙ୍ଗନଗର ଶିଳ୍ପାଞ୍ଚଳ ଦିଗରେ ଯାଏ। ପ୍ରତିଦିନ ହଜାର ହଜାର ଭାରୀ ଯାନ ଓ ସାଧାରଣ ଯାତ୍ରୀ ଏହି ଛକ ଦେଇ ଯାତ୍ରା କରୁଛନ୍ତି। ସ୍ଥାନୀୟ ଲୋକ ଏବଂ ସମାଜସେବୀ ସଂଗଠନମାନେ ବର୍ଷ ବର୍ଷ ଧରି ଏଠାରେ ସ୍ଥାୟୀ ଟ୍ରାଫିକ ପୋଷ୍ଟ ଓ ସିଗ୍ନାଲ ବ୍ୟବସ୍ଥା ପାଇଁ ଦାବି କରୁଥିଲେ, କିନ୍ତୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ସ୍ଥାନୀୟ ବାସିନ୍ଦା ଆଇନଜିବୀ 'ସଞ୍ଜୀବ ବୋଷ ନାୟକ' କହିବା ଅନୁଯାୟୀ "ପୋଲିସ ମୁଖ୍ୟାଳୟ ଠାରୁ ଅଳ୍ପ ଦୂରରେ ଏହି ଛକ ଥିଲେ ମଧ ଏଠି ଟ୍ରାଫିକ ନିୟନ୍ତ୍ରଣ ନ ଥିବା ଦୁଃଖଦ ଓ ଅପମାନଜନକ ଘଟଣା।"ପାଣିକୋଇଲି ଛକରେ ସଠିକ ଟ୍ରାଫିକ ବ୍ୟବସ୍ଥା ନ ହେଲେ ଆଗାମୀ ଦିନରେ ଆଉ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି।

**କାଳିଆ ଜେନାଙ୍କୁ ହତ୍ୟା ଉଦ୍ୟମ ମାମଲା**

## ସନ୍ତୋଷଙ୍କୁ ଛାଡ଼ିବାକୁ ବିଜେଡି କର୍ମୀଙ୍କ ଥାନା ସମ୍ମୁଖରେ ବିକ୍ଷୋଭ

**ବ୍ଲକ୍ ବିଜେଡି ଯୁବ ସଭାପତି ଗିରଫ**

**ବ୍ରହ୍ମପୁର, ୧୫।୧୦(ସଂଚାର ବ୍ୟୁରୋ):** ଗଂଜାମ ଜିଲ୍ଲା ଶେରଗଡ଼ ଥାନା ଅନ୍ତର୍ଗତ ସୁନାନ୍ତର ଛକରେ ଗତ ଜୁଲାଇ ୨୫ ତାରିଖ ସନ୍ଧ୍ୟାରେ ନିରଞ୍ଜନ ଜେନା ଓରଫ କାଳିଆ ଜେନାଙ୍କ ଉପରକୁ ବୋମା ଏବଂ ଗୁଳିମାଡ଼ ଘଟଣାରେ ପୁଲିସ ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ଗିରଫ କରିଛି। ଏହି ଖବର ସ୍ଥାନୀୟ





ଅଞ୍ଚଳରେ ପ୍ରଚାର ହେବା ମାତ୍ରେ ତାଙ୍କ ସମର୍ଥକ, ବହୁ ନିର୍ବାଚିତ ପ୍ରତିନିଧି, ବିଜେଡି କର୍ମୀମାନେ ଶେରଗଡ଼ ଥାନା ସମ୍ମୁଖରେ ପହଞ୍ଚି ଉତ୍ତେଜନା ସୃଷ୍ଟି କରିଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ସନ୍ତୋଷଙ୍କୁ ଗିରଫ କରାଯାଇଥିବା ପ୍ରତିବାଦ କରି ତୁରନ୍ତ ଖଲାସ ଦାବି କରିଛନ୍ତି। ସନ୍ତୋଷଙ୍କ ସମର୍ଥକମାନେ ଦୀର୍ଘ ଘଣ୍ଟା ଧରି ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା, ଶେରଗଡ଼ ଥାନା ଅଧିକାରୀ ବରେନ୍ଦ୍ର ଶିଆଳ, ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରାଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ମୁତୟନ ଥିବା ବେଳେ ଅପରାହ୍ନରେ କଡ଼ା ସୁରକ୍ଷା ବଳୟରେ ଶେରଗଡ଼ କୋର୍ଟକୁ ସନ୍ତୋଷଙ୍କୁ ନିଆଯାଇଥିଲା।ସନ୍ତୋଷଙ୍କ ଜାମିନ ନାମଞ୍ଜୁର ପରେ ତାଙ୍କୁ ଆସିକା ଜେଲ୍‌କୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, କାଳିଆ ଜେନାଙ୍କୁ ହତ୍ୟା ମାମଲାରେ ଶେରଗଡ଼ ପୁଲିସ ୧୧ଜଣଙ୍କୁ ଗିରଫ କରିଛି। ୧୦ଟି ମାଉଜର ଜବତ କରିଛି। ପୂର୍ବରୁ କୃଷ୍ଣ ସେଠୀ, କାମେଶ୍ୱର ଗୌଡ଼, ଅମିତାଭ ବିଷୋୟୀ, ସିମାଞ୍ଚଳ ବିଷୋୟୀ, ବଂଶୀଧର ବିଷୋୟୀ, ସୂରିଆ ନାଇକ, ଜମିର ଖାନ, ବଖାରି ଖାନ, ସୁଦର୍ଶନ ଗୌଡ଼, ତପନ ଗୌଡ଼, ସଲିମ ଖାନ ଗିରଫ ହୋଇଥିଲେ।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ 'ଫୁ' ; ନିଜ ମନମାନି ଚଳାଇଛନ୍ତି ବିଇଓ

**ବିଇଓଙ୍କ ବଦଳି ପାଇଁ ଜୋର୍ ଧରିଛି ଦାବି**

**ନିଶ୍ଚିନ୍ତକୋଇଲି,୧୫।୧୦(ସଂଚାର ବ୍ୟୁରୋ):** ଗତ ଜୁଲାଇ ମାସ ୨୦୨୫ରେ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କର ବଦଳି ରେସନାଲାଇଜେସନ ପ୍ରକ୍ରିୟାରେ କରିଥିଲେ। ଏହି ବଦଳିରେ ଅନେକ ଶିକ୍ଷା ମଣ୍ଡଳ ଅଧିକାରୀ ମାନେ ସ୍ୱାର୍ଥ ପିପାସୁ ହୋଇ ବେଆଇନି ଭାବେ ଅନେକ ବଦଳି କଲେ ଯାହାଦ୍ୱାରା ଶିକ୍ଷକମାନେ ମାନ୍ୟବର ଉଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ପାଇବା ସହ ସର୍ବସାଧାରଣରେ ଓଡିଶା ସରକାରଙ୍କ ଧଜିଆ ଉଡାଇ ଦେଇଥିଲେ। ଏପରିକି ବିଧାୟକ ଓ ସାଂସଦଙ୍କ ୧୫ ଶିକ୍ଷକ ବଦଳି କ୍ଷମତାକୁ ମଧ ଅଦାଲତଙ୍କ ଛାଟରେ ସରକାର ବିଧାନସଭାରେ ନିୟମ ବଦଳାଇଥିଲେ। ଉର୍ଦ୍ଧ୍ୱାହରଣ ସ୍ୱରୂପ କଟକ



ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ବରିଷ୍ଠ ଶିକ୍ଷକ ସୀତାକାନ୍ତ ସାମଲଙ୍କୁ ବିଇଓ ସଂଯୁକ୍ତା ମହାପାତ୍ର ତତ୍କାଳୀନ ଡିଇଓ ସନ୍ତୋଷ ରାଉତଙ୍କ ମାଧ୍ୟମରେ ବେଆଇନି ଭାବେ ବଦଳି କରି ମାନ୍ୟବର ଓଡିଶା ଉଚ୍ଚ ଅଦାଲତଙ୍କ ଦ୍ୱାରା ଶିକ୍ଷା ବିଭାଗ ଲଜ୍ଜିତ ହୋଇଥିଲା ଯାହା ବିଭିନ୍ନ ସମ୍ବାଦପତ୍ର ଓ ଇଲୋକ୍ଟ୍ରୋନିକ୍ସ ମେଡିଆରେ ପ୍ରଚାର ପ୍ରସାର ହେଲା। ରାଜ୍ୟ ସରକାର ଶିକ୍ଷା ବିଭାଗକୁ ଏକ ରକମର ହରଡ ଘଣାରେ ପକାଇବା ପରେ ମଧ ବିଇଓ ସଂଯୁକ୍ତା ମହାପାତ୍ରଙ୍କ ପାଇଁ ଶିକ୍ଷା ବିଭାଗ ସମଗ୍ର ରାଜ୍ୟରେ ଅପମାନିତ ହେଲା ଓ ବିଜେପି ସରକାର ତଥା ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରସାଦ ପ୍ରଧାନ ମଧ ଅପମାନିତ ହେଲେ। ସୀତାକାନ୍ତ ସାମଲ ବେଆଇନି ବଦଳିକୁ ବିରୋଧ କରି ବିଇଓ ଅଫିସ ସମ୍ମୁଖରେ ଧାରଣା ଦେବା ସମୟରେ ତାଙ୍କ ବ୍ୟାନରରେ ବିଇଓଙ୍କୁ ସରକାରୀ ଧନ ଲୁଣ୍ଠନକାରୀ, ଅଜ୍ଞ, ଅପାରଗ ଓ ଭ୍ରଷ୍ଟାଚାରୀ ବୋଲି ମଧ ଲେଖିଥିଲେ। ଏଥିରେ ବିଇଓଙ୍କୁ ଟିକେବି ଲଜ୍ଜା ଲାଗିଲା ନାହିଁ। ଟଙ୍କା ପାଇଁ ବିଇଓ ଯେତେ ସମ୍ଭବ ସେତେ ତଳକୁ ଖସି ପାରନ୍ତି ବୋଲି ଏବେ ସାଧାରଣରେ ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର ଧରିଥିବା ବେଳେ ରେଶନାଲାଇଯେସନ ବଦଳିର ମାତ୍ର ଦୁଇ ମାସ ନପୁରୁଣୁ ଏବେ ବିଇଓ ତାଙ୍କ ଅଫିସରେ କାର୍ଯ୍ୟରତ ଜୈନକ ଡାଟାଏଣ୍ଟ୍ରି ଅପରେଟର ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ବିନା ଡିଇଓ ବା କଲେକ୍ଟରଙ୍କ ସୁପାରିଶରେ ମିଉଚୁଆଲ ବଦଳି ଟେକ କ୍ଲାସ ମାଧ୍ୟମରେ କରିଚାଲିଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏପରିକି ଗୋଟିଏ ଶିକ୍ଷକ ବଦଳିରେ ୫୦ହଜାର ଟଙ୍କା ଟେଣ୍ଡର ହେଉଥିବା କଥା ସାଧାରଣରେ ଆଲୋଚନା ହେଉଛି।

## କୋଠିଶାଳ ପୂଜା ଉଦଯାପିତ

**ହିଞ୍ଜିଳିକାଟୁ,୧୫।୧୦(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରପରିଷଦରେ ଥିବା ନୂଆଗଡ ଗ୍ରାମରେ କୋଠିଶାଳ ପୂଜା ଉଦଯାପିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାର ପୁରପଲ୍ଲୀରେ ଏହି ପୂଜାକୁ ଏକ ନିଆର ଢଙ୍ଗରେ ପାଳିତ ହୋଇଥାଏ । ପ୍ରତିବର୍ଷ ଭଳି ଆଶ୍ୱିନ ମାସ ଦଶହାର ଦିନ ଏହି ପୂଜା ଆରମ୍ଭ ହୋଇଥାଏ। ଆଜି ଘଟକଳସ ଧାରୀମାନେ ନୂଆଗଡ ଗ୍ରାମ ବୁଲି ଉପର ରେଗିଡ଼ି ସାହି ପରିକ୍ରମା କରିଥିଲେ । ଏହି କୋଠିଶାଳ ପୂଜା ଦ୍ୱାରା ଗ୍ରାମର ମଙ୍ଗଳ କାମନା ସହ ପରିବାରରେ ସୁଖ ଓ ସମୃଦ୍ଧି ବଢ଼ିଥିବା ପରମ୍ପରା ରହିଛି । ଛୋଟ ପିଲା, ଦେଖଣାହାରୀ ଏବଂ ସ୍ଥାନୀୟ ଲୋକଙ୍କ ଭିଡ ଜମିଛି। ବର୍ଷ ବର୍ଷ ଧରି ଏହି ଗ୍ରାମରେ କୋଠିଶାଳ ପୂଜା ହୋଇଆସୁଛି ।

## ବରିଷ୍ଠ କଳାକାର ସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପାଳଙ୍କୁ ଦାବିପତ୍ର

**ଫୁଲବାଣୀ,୧୫।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବରିଷ୍ଠ କଳାକାର ସଂଘର ବ୍ଲକ କଳାକାର ସାଂସ୍କୃତିକ ସଂଘ କ, ନୂଆଗାଁ ସଭାପତି ଶ୍ରୀ ତ୍ରିନାଥ ପଣ୍ଡା ଙ୍କ ନେତୃତ୍ୱରେ ଜିଲ୍ଲାର




ଦୁଇ ଶହରୁ ଅଧିକ ବରିଷ୍ଠ ମହିଳା, ପୁରୁଷ କଳାକାର ସ୍ଥାନୀୟ ମା।ଦିକୁନ୍ଦା ଛକ ଠାରୁ ବାହାରି ମୁଖ୍ୟ ବଜାର ଦେଇ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟକୁ ଯାଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଙ୍କୁ ଜିଲ୍ଲାର ବରିଷ୍ଠ କଳା କରଙ୍କ ବିଭିନ୍ନ ସମସ୍ୟା ନେଇ ଜିଲ୍ଲା ପାଳଙ୍କ ଜରିଆରେ ସାତ ଦଫା ଦାବି ପତ୍ର ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରେରଣା କରିଥିଲେ।ଜିଲ୍ଲାରେ ବରିଷ୍ଠ କଳାକାର ମାନେ ବିଭିନ୍ନ ପ୍ରକାର ସୁବିଧାରୁ ବଞ୍ଚିତ ହେଉଥିବାରୁ ଏହି ଦାବି ମୁଖ୍ୟମନ୍ତ୍ରୀ ଙ୍କୁ ଦେଇଥିବା ଜଣାପଡ଼ିଛି। ରାମ ନାଟକ, ଘୁଡିକି, ଢ଼ଣକୋଇଲି ଭଳି ଲୁପ୍ତ ଲୋକକଳାର ପୁନରୁଦ୍ଧାର ସହିତ ତାହାର ପ୍ରଚାର ପ୍ରସାର ପ୍ରତି ଯାତା।ର୍ଥ ପଦକ୍ଷପ ସଂସ୍କୃତି ବିଭାଗ ଦ୍ୱାରା ନିଆଯାଉ। କେନ୍ଦ୍ରସରକାରଙ୍କର ଭେଟେରାନ୍ ଆର୍ଟିଷ୍ଟ୍ ପେନସନ ତାଲିକା ଶୀଘ୍ର ପ୍ରକାଶ ନିମନ୍ତେ ସରକାରୀ ସ୍ତରରେ ଅନୁରୋଧ କରାଯାଉ। କେନ୍ଦ୍ର ସଂସ୍କୃତି ପିପିଓନମ୍ବର୍ ପାଇ ଯଥାର୍ଥ କାଗଜ ପତ୍ରଦେବା ସତେ ଦୁଇ ତିନି ବର୍ଷ ଧରି କିଛି କଳାକାର କେନ୍ଦ୍ର ସରକାର ଭତ୍ତା ପ୍ରାପ୍ତିରୁ ବଞ୍ଚିତ ରହିଅଛି। ତାହାର ନିରାକରଣ ପ୍ରତି ଦୃଷ୍ଟି ଦିଆଯାଉ।

# ‘ନୂଆପଡ଼ା ବିକାଶ ପାଇଁ ସଂକଳ୍ପବଦ୍ଧ ବିଜେପି ସରକାର’

- ନୂଆପଡ଼ାରେ ଖୋଲିବ ମେଡିକାଲ କଲେଜ
- ରାଜ୍ୟରେ ୧ ନଂ. ଜିଲ୍ଲା ହେବ ନୂଆପଡ଼ା
- ଅନ୍ତିମ ନିଶ୍ୱାସ ପର୍ଯ୍ୟନ୍ତ ସେବା କରିବି: ଜୟ
- ଅନ୍ୟ ଦଳର ଶତାଧିକ ନେତା ଓ କର୍ମୀ ସାମିଲ



**ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ) :** କୋମନା ବ୍ଲକ ଏବଂ ଖରିଆର ରୋଡ ଏନଏସିର ଉପାଧ୍ୟକ୍ଷଙ୍କ ସମେତ ଆଜି ଅନେକ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର, ନିର୍ବାଚିତ ଜନପ୍ରତିନିଧିଙ୍କ ସମେତ ଉଭୟ ବିଜେଡି ଓ କଂଗ୍ରେସ ଦଳର ଶତାଧିକ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି।

ବିଜେପି ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ। ଏହା ଏକ ବିଚାରଧାରର ପାର୍ଟି। ସଂସଦରେ ପ୍ରାୟ ୪୦ ଜଣ ଆଦିବାସୀ ଓ ବନବାସୀ ସମ୍ପ୍ରଦାୟର ଭାଇ ଏବେ ସାଂସଦ ଅଛନ୍ତି। ଦଳ ପାଖରେ ଆଜି ସର୍ବାଧିକ ଆଦିବାସୀ ବିଧାୟକ ଅଛନ୍ତି। ପୂର୍ବ ସରକାର ସମୟରେ ଯେଉଁ ସବୁ ସମସ୍ୟାର ସମାଧାନ ହୋଇ ନଥିଲା ସେସବୁର ସମାଧାନ ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ ବୋଲି ନୂଆପଡ଼ାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ଆଗାମୀ ଦିନରେ ନୂଆପଡ଼ାକୁ ରାଜ୍ୟ ୧ ନଂ ଜିଲ୍ଲାରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିଜେ ଦାୟିତ୍ୱ ନେଇଛନ୍ତି। ୧୧୦୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ନୂଆପଡ଼ାରେ ନିର୍ବାଚନ ପରେ ମେଡିକାଲ କଲେଜ ଖୋଲାଯିବ। ନୂଆପଡ଼ାରେ ଶିକ୍ଷାଠାରୁ ଆରମ୍ଭ କରି ଜଳସେଚନ, ଗମନାଗମ ପର୍ଯ୍ୟନ୍ତ ସମସ୍ତ ସମସ୍ୟାର ସମାଧାନ କରାଯାଇ ସାମଗ୍ରିକ ବିକାଶ କରାଯିବ। ଏଠାକାର ଲୋକଙ୍କୁ ଯେପରି ଦାଦନ ଖଟିବାକୁ ଯିବେ ନାହିଁ, ସେଥିପାଇଁ ଶିଳ୍ପର ବିକାଶ କରାଯିବ। ପର୍ଯ୍ୟଟନ ଶିଳ୍ପ, ମତ୍ସ୍ୟ ଚାଷକୁ ଗୁରୁତ୍ୱ ଦିଆଯିବ। ଆଜି କେନ୍ଦ୍ରୀୟ ସଂସଦୀୟ ବୋର୍ଡ ତରଫରୁ ନୁଆପଡ଼ା ବିଧାସଭା ଆସନ ପାଇଁ ଶ୍ରୀ ଜୟ ଢୋଲକିଆଙ୍କ ନାମ ଘୋଷଣା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପ୍ରସନ୍ନ ପାଢ଼ୀ, ମାନ୍ୟବର ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସାଂସଦ ମାଳବିକା ଦେବୀ, ବିଧାୟକ ବାବୁ ସିଂ, ଇରାଶିଶ ଆଚାର୍ଯ୍ୟ, ଜିଲ୍ଲା ସଭାପତି କମଳେଶ ଦିକ୍ଷୀତ, ଅଭିନନ୍ଦନ ପଣ୍ଡା, ବରିଷ୍ଠ ନେତା ଅର୍କ କେଶରୀ ଦେଓ, ଖରିଆର ରୋଡ ଏନଏସି ଅଧ୍ୟକ୍ଷା ଡା.ସୋନିଆ ଜୈନ, ଜିଲ୍ଲା ଉପସଭାପତି ଗୋଲ୍ଡି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



## ମଦମୁକ୍ତ ଭାରତ ପାଇଁ ରାଷ୍ଟ୍ରପତିଙ୍କୁ ସାକ୍ଷାତ

**ନୂଆଦିଲ୍ଲୀ, ୧୫।୧୦(ସଂଚାର ବ୍ୟୁରୋ):** ପ୍ରବୀଣ ଗାନ୍ଧୀବାଦୀ, ମଦମୁକ୍ତ ଭାରତ ଅଭିଯାନର ଆବାହକ ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ନିଶା ନିବାରଣ କର୍ମୀଙ୍କ ଏକ ଛଅ ଜଣିଆ ପ୍ରତିନିଧି ଦଳ ଆଜି ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ। ପ୍ରତିନିଧି ଦଳ ବ୍ୟକ୍ତି, ପରିବାର ଏବଂ ସମାଜ ଉପରେ ମଦ ଏବଂ ନିଶାଦ୍ରବ୍ୟର ବିନାଶକାରୀ ପ୍ରଭାବ ବିଷୟରେ ରାଷ୍ଟ୍ରପତିଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ମଦ ନିଶା ସମଗ୍ର ଭାରତରେ ଘରୋଇ ହିଂସା, ଅପରାଧ, ଦାରିଦ୍ର୍ୟ, ସ୍ୱାସ୍ଥ୍ୟହାନୀ ଏବଂ ନୈତିକ ଅବକ୍ଷୟର ଏକ ପ୍ରମୁଖ କାରଣ ପାଲଟିଛି ବୋଲି ତଥ୍ୟ ଉପସ୍ଥାପନ କରିଥିଲେ। ସେମାନେ ଜୋର ଦେଇ କହିଥିଲେ ଯେ, ଜାତୀୟ ସମନ୍ୱୟ ବିନା ରାଜ୍ୟସ୍ତରୀୟ ନିଶା ନିବାରଣ ନୀତି ସଫଳ ହୋଇପାରୁ ନାହିଁ, କାରଣ ପଡ଼ୋଶୀ ରାଜ୍ୟଗୁଡ଼ିକରୁ ମଦ ଅନୁପ୍ରବେଶ ସମସ୍ତ ପ୍ରୟାସକୁ ଦୁର୍ବଳ କରିଦେଉଛି। ରାଷ୍ଟ୍ରପତି ଏଥିରେ ହସ୍ତକ୍ଷେପ କରି ମଦ ପ୍ରସାର ପରିବର୍ତ୍ତେ ଏହାର ପୂର୍ଣ୍ଣ ନିଷେଧକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରମାନଙ୍କୁ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ପରାମର୍ଶ ଦେବାକୁ ଅନୁରୋଧ କରିଥିଲେ । ରାଷ୍ଟ୍ରପତି ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥରେ ଦେଶବ୍ୟାପୀ ମଦ ଓ ଅନ୍ୟ ମାରାତ୍ମକ ନିଶା ଦ୍ରବ୍ୟର ପୂର୍ଣ୍ଣ ନିଷେଧ ପାଇଁ ଗମ୍ଭୀରତାର ସହ ବିଚାର କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଉଭୟ କେନ୍ଦ୍ର ସରକାର ଏବଂ ଓଡ଼ିଶା ସରକାରଙ୍କୁ ପତ୍ର ଲେଖି ପରାମର୍ଶ ଦେବେ ବୋଲି ପ୍ରତିନିଧିଦଳଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



## ଶ୍ୱଶୁର ଘରେ ନିଆଁ ଲଗାଇ ଜ୍ୱାଇଁ ଫେରାର

**କେନ୍ଦୁଝର, ୧୫।୧୦(ସଂଚାର ବ୍ୟୁରୋ):** ଶ୍ୱଶୁର ଘରେ ନିଆଁ ଲଗାଇ ଜ୍ୱାଇଁ ଫେରାର ହୋଇଯାଇଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ମଙ୍ଗଳପୁର ଗାଁରେ ଜ୍ୱାଇଁର ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଛି। ଶାଶୂ, ଶ୍ୱଶୁର, ସ୍ତ୍ରୀ ଓ ଝିଅ ଗୋଟିଏ ଘରେ ଶୋଇଥିବା ବେଳେ ସେମାନଙ୍କୁ ସେହି ଘରେ ବନ୍ଦକରି ଅନ୍ୟ ଘରେ ନିଆଁ ଲାଗାଇ ଦେଇଥିଲେ ଜ୍ୱାଇଁ ଅଙ୍କୁର ଷଡ଼ଙ୍ଗୀ। ପଡୋଶୀ ଲୋକଙ୍କ ସହାୟତାରେ ପରିବାର ଲୋକଙ୍କୁ ଉଦ୍ଧାର କରାଯିବା ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।ପାରିବାରିକ କଳହକୁ ନେଇ ଅଙ୍କୁର ଏପରି କରିଥିବା ଜଣାପଡ଼ିଛି। ଅଙ୍କୁର ମଙ୍ଗଳପୁର ବାସିନ୍ଦା ଶିବ ନାଏକଙ୍କ ଝିଅକୁ ବିବାହ କରିବା ପରେ ତାଙ୍କ ଘରେ ଘରଜ୍ୱାଇଁ ହୋଇ ରହୁଥିଲେ। ତେବେ ଏହି ଘଟଣା ଏବେ ଚମ୍ପୁଆ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

● ଆଇନଜୀବୀ ପୀତବାସ ପଣ୍ଡା ମର୍ଡର ମିଷ୍ଟ୍ରି

## ବିହାରୀ ବନ୍ଧୁକରେ ହତ୍ୟା କରାଯାଇଥିବା ସନ୍ଦେହ



**ବ୍ରହ୍ମପୁର, ୧୫।୧୦ (ସଂଚାର ବ୍ୟୁରୋ):** ବହୁ ଚର୍ଚ୍ଚିତ ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟାକାଣ୍ଡ ପଛରେ ବିହାର ଲିଙ୍କ୍ ଥିବା ସୂଚନା ମିଳିଛି। ବିହାରୀ ବନ୍ଧୁକରେ ପୀତବାସଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏ ଦିଗରେ ଏବେ ପୁଲିସ ଜୋରସୋର ତଦନ୍ତ ଚଳାଇଛି। ଅପରାଧ ଘଟାଇବା ପରେ ହତ୍ୟାକାରୀ କିଛି ସୁରାଗ ଛାଡ଼ିଯାଇଛି। କିଛି ନିର୍ଦ୍ଦିଷ୍ଟ ପ୍ରମାଣ ପୁଲିସ ହାତରେ ଲାଗିଥିବା ଜଣାପଡ଼ିଛି। ହତ୍ୟାକାରୀ ପୁଲିସ୍ ସ୍କାନରରେ ଥିବା କୁହାଯାଉଛି। ସିସିଟିଭି ସହ ଡ଼ମ୍ପ ଡାଟା ଏନାଲିସିସ୍ ଜରିଆରେ ପୁଲିସ ସୁଟରକୁ ଚିହ୍ନଟ କରିଥିବା କୁହାଯାଉଛି। ଜିଲ୍ଲାରେ ହୋଇଥିବା ଏକ ହତ୍ୟାକାଣ୍ଡ ମାମଲାରେ ଜଣେ ଯୁବକର ସମ୍ପୃକ୍ତି ରହିଥିଲା। ଅଭିଯୁକ୍ତ ସେହି କେସରୁ ନିର୍ଦ୍ଦୋଷରେ ଖଲାସ ହୋଇସାରିଛି। ତେବେ ପୀତବାସ ସେହି ମାମଲାରେ ଓକିଲ ଥିଲେ। ସନ୍ଦିଗ୍ଧ ଯୁବକକୁ ହତ୍ୟାକାଣ୍ଡର କିଛିଦିନ ପୂର୍ବରୁ ପୀତବାସଙ୍କ ଘର ପାଖରେ ଓ ସହର ଭିତରେ ବୁଲୁଥିବା ସିସିଟିଭିରୁ ପୁଲିସ ଦେଖିବା ପରେ ସନ୍ଦେହ ବଢ଼ିଛି। ଅଭିଯୁକ୍ତକୁ ଧରିବାକୁ ଏକ ନୂଆ ଟିମ୍ ଗଠନ ହୋଇଥିବା କୁହାଯାଉଛି। ତେବେ ବିହାରରୁ ବନ୍ଧୁକ ଆଣି ପୀତବାସଙ୍କୁ ହତ୍ୟା କରିଯାଇଥିବା ସହରରେ ଚର୍ଚ୍ଚା ହେଉଛି। ହତ୍ୟାକାଣ୍ଡର ୧୦ ଦିନ ପରେ ମଧ୍ୟ ପୁଲିସ ଏନେଇ ମୁହଁ ଖୋଲୁନଥିବା ବେଳେ ବିହାର ଲିଙ୍କ୍ ଘଟଣା ଏବେ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବ ବୋଲି ଆଶା କରାଯାଉଛି।

## ଜନ୍ମଦିନରେ ପଦଯାତ୍ରା କରିବେ ନବୀନ

● ବିଜେଡି ଜନସମ୍ପର୍କ ଯାତ୍ରାରେ ହେବେ ସାମିଲ

**ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ):** ଆସନ୍ତାକାଲି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଦୀର୍ଘ ଦିନର ବ୍ୟବଧାନ ପରେ ସାଧାରଣ ଲୋକଙ୍କ ଗହଣକୁ ଆସିବେ। ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ସାମିଲ ହେବେ। ପ୍ରତିବର୍ଷ ନବୀନ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେଉଥିବା ବିଜେଡି ଜନସମ୍ପର୍କ ପଦଯାତ୍ରାକୁ ଉଦଘାଟନ କରନ୍ତି। ଏଥର କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ପଦଯାତ୍ରା ପାଇଁ ନିର୍ଦ୍ଧାରିତ ଦିନ ପଦଯାତ୍ରା ହେଲାନାହିଁ। ୯ ତାରିଖରେ ଡେଲାଙ୍ଗରୁ ପଦଯାତ୍ରା ଆରମ୍ଭ ହେଲା। ଏଥିରେ ନବୀନ ଯୋଗଦେବେ ବୋଲି ଚର୍ଚ୍ଚା ହେଉଥିଲେ ବି ସେ ଗଲେନାହିଁ। ଆସନ୍ତାକାଲି ଗଙ୍ଗନଗର ଛକରୁ ପଦଯାତ୍ରା ଆରମ୍ଭ ହେବ। ଏହାପରେ ସେ ଏସଓଏସ୍ ଭିଲେଜରେ ରହୁଥିବା ଛୋଟ ପିଲାଙ୍କ ସହ ନିଜ ଜନ୍ମଦିନ ପାଳିବେ। ନବୀନ ପଟ୍ଟନାୟକ ୧୯୯୭ରେ ରାଜ୍ୟ ରାଜନୀତିକୁ ଆସିଥିଲେ ବି ୨୦୦୦ରେ କ୍ଷମତାକୁ ଆସିଲେ। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟରେ ତାଙ୍କ ନେତୃତ୍ୱରେ ବିଜେଡି-ବିଜେପି ମେଣ୍ଟ ସରକାର ଚାଲିଥିଲା। ୨୦୦୯ରେ ମେଣ୍ଟ ଭାଙ୍ଗିବା ପରେ ବିଜେଡି ଏକାକୀ ସରକାର ଗଠନ କଲା। ୨୦୨୪ ପର୍ଯ୍ୟନ୍ତ ନବୀନ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ। ହେଲେ ଗତ ସାଧାରଣ ନିର୍ବାଚନରେ ବିଭିନ୍ନ କାରଣରୁ ବିଜେଡି ହାରିଯାଇଥିଲା ଆଉ ପ୍ରଥମ ଥର ପାଇଁ ନବୀନ ବିରୋଧୀଦଳ ନେତା ଆସନରେ ବସିଲେ।

● କଂଗ୍ରେସକୁ ଆଗକୁ ବଢ଼ାଇବାକୁ ଚାହୁଁନାହାନ୍ତି ଭକ୍ତ ଦାସ

## ବୟସ୍କ ଲୋକ ନିଜ ସିଷ୍ଟାଚାର ଭିତରେ ରୁହନ୍ତୁ: ନାଣ୍ଟୁ

**ଭୁବନେଶ୍ୱର ୧୫।୧୦(ସଂଚାର ବ୍ୟୁରୋ):** ପିସିସି ସଭାପତି ଭକ୍ତଚରଣ ଦାସଙ୍କୁ ଖୋଲା ଚାଲେଞ୍ଜ ଦେଲେ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁ ବାବୁ। ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ଶତ୍ରୁ ପିସିସି ସଭାପତି ଭକ୍ତ ଦାସ ବୋଲି ନାଣ୍ଟୁ କହିଛନ୍ତି। ସେ କହିଛନ୍ତି, ମୋତେ ତାଲା ପକେଇ ନାହାନ୍ତି। କଂଗ୍ରେସକୁ ଆଗକୁ ବଢ଼ାଇବାକୁ ଚାହୁଁନାହାନ୍ତି ଭକ୍ତ ଦାସ। ଭକ୍ତ ଦାସଙ୍କ ନାଁରେ ୬୦ରୁ ଅଧିକ କ୍ରିମିନାଲ କେସ୍ ରହିଛି। ସେ କ'ଣ କହିବେ ମୋ ବିଷୟରେ। ବୟସ୍କ ଲୋକ ନିଜ ସିଷ୍ଟାଚାର ଭିତରେ ରୁହନ୍ତୁ। ଭକ୍ତ ଦାସଙ୍କ ମାନସିକ ସ୍ଥିତି ବିଗିଡି ଯାଇଛି। ତେବେ ଆସନ୍ତାକାଲି ପେଡ଼ି ଖୋଲିବି ବୋଲି ଖୋଲା ଚାଲେଞ୍ଜ ଦେଇଛନ୍ତି ନାଣ୍ଟୁ।

ଏହା ପୂର୍ବରୁ ଭକ୍ତ କହିଥିଲେ ଦଳରେ ସାମିଲ ହେବାକୁ ସେ କହିଥିଲେ, ମୁଁ ହଁ କରିଥିଲି। ହେଲେ ତାପରେ ଉପ ନିର୍ବାଚନ ଘୋଷଣା ହୋଇଛି। ଗଣନାଟ୍ୟ ଲୋକ ଜଏନ କରିବେ ବୋଲି କ'ଣ ମୁଁ ଏଠି ତିନୋଟି ଜଏନିଂ କାର୍ଯ୍ୟକ୍ରମ ଛାଡି ଯାଇଥାନ୍ତି। ସେ ଆହୁରି କହିଛନ୍ତି, ମୁଁ କ'ଣ ଶୁଣିଲି ସେ ଗୋଟିଏ ବଡ଼ ତୋପ। ତୋପ ମାନଙ୍କୁ ସମ୍ଭାଳିବା ମୋର ଦମ୍ ନାହିଁ , ମୁଁ ନିରୀହ ପ୍ରାଣୀ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ। ସୂଚନାଯୋଗ୍ୟ ଯେ, କଂଗ୍ରେସ ଭବନ ବାହାରେ ଆଜି ହାଇଡ୍ରାମା ଦେଖିବାକୁ ମିଳିଥିଲା। ଥାଟ ପାଟୁଆର ସହ ବେକରେ ଫୁଲମାଳ ପକାଇ କଂଗ୍ରେସ ଭବନ ଆଗରେ ପହଞ୍ଚିଥିଲେ ଯାତ୍ରା ପାର୍ଟି ମାଲିକ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁ। ବିରାଟ ପ୍ରସେସନରେ ରାମମନ୍ଦିର ଛକରୁ ସମର୍ଥକଙ୍କ ଗହଣରେ ଆସି ପହଞ୍ଚିଥିଲେ କଂଗ୍ରେସ ଭବନ ନିକଟରେ। ଉଦ୍ଦେଶ୍ୟ, କଂଗ୍ରେସରେ ମିଶି ରାଜନୀତି କରିବେ। ଏପଟେ କଂଗ୍ରେସ ଭବନରେ କିନ୍ତୁ ନାଣ୍ଟୁଙ୍କୁ ନୋ ଏଣ୍ଟ୍ରି। ନାଣ୍ଟୁଙ୍କୁ ପୁରାଇ ନଦେବାକୁ କଂଗ୍ରେସ ଅଫିସ୍‌ରେ ତାଲା ଠୁଙ୍କ ଦେଇଥିଲେ କର୍ମୀ। ଯାହାକୁ ନେଇ ବେଶ୍ କିଛି ସମୟ ଧରି ଚାଲିଥିଲା ହାଇଡ୍ରାମା। ପୋଲିସ ଏବଂ ନାଣ୍ଟୁଙ୍କ ସମର୍ଥକଙ୍କ ମଧ୍ୟରେ ଚାଲିଥିଲା ଧସ୍ତାଧସ୍ତି। ନାଣ୍ଟୁଙ୍କ ସମର୍ଥକଙ୍କୁ ଘଉଡ଼ାଇଥିଲା ପୋଲିସ। ପିସିସି ସଭାପତି କି ଅନ୍ୟ କୌଣସି ବରିଷ୍ଠ ନେତା ନଥିବାରୁ ମିଶ୍ରଣ ପାଇଁ ନାଣ୍ଟୁଙ୍କୁ କିଏ ଅନୁମତି ଦେଲା ବୋଲି କର୍ମଚାରୀ ପଚାରିଥିଲେ। ଫଳରେ ଯେଉଁ ବାଟେ ବାଟେ ଆସିଥିଲେ ସେହି ବାଟରେ ଶିଶୁପାଳ ହୋଇ ଫେରିଥିଲେ ନାଣ୍ଟୁ ବାବୁ।

## ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଅଷ୍ଟମ ପୋଷଣ ମାସ ପାଳିତ

● ରାଜ୍ୟରେ ୫୪.୮୧ ଲକ୍ଷ ଅଧିକ ବିଷୟଭିତ୍ତିକ ସଚେତନତା କାର୍ଯ୍ୟକ୍ରମ



**ଭୁବନେଶ୍ୱର, ୧୫।୧୦(ସଂଚାର ବ୍ୟୁରୋ):** ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନ ସମ୍ମେଳନ କକ୍ଷରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଅଷ୍ଟମ ପୋଷଣ ମାସ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚଳିତବର୍ଷ ପୋଷଣ ମାସରେ ଜନସଚେତନତା ଏକ ଜନ ଆନ୍ଦୋଳନରେ ପରିଣିତ ହେଇଛି ବୋଲି ମତ ପ୍ରକାଶ କରିଥିଲେ। ସାରା ରାଜ୍ୟରେ ୫୪,୮୧,୯୫୨ ଗୋଟି ବିଷୟଭିତ୍ତିକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦିଗଦର୍ଶନରେ ଶିଶୁଙ୍କ ଶିକ୍ଷା ସମ୍ବନ୍ଧୀୟ ସମସ୍ତ ତଥ୍ୟକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ସମନ୍ୱୟମୂଳକ ପଦକ୍ଷେପ ଓ ଡିଜିଟାଲିକରଣରେ ଶିଶୁଙ୍କ ଆପାର ଆଇଡି କରାଯାଉଛି। ଚିକିତ୍ସା ସମ୍ବନ୍ଧୀୟ ତଥ୍ୟ ସୁରକ୍ଷିତ ରଖିବା ପାଇଁ ଆଭା ଆଇଡି କରାଯାଇଛି।

କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନର୍ଜୀ ଦୈନିକ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱ ଦେଇଥିଲେ। ଦୈନିକ ବ୍ୟାୟାମ, ଯୋଗ, ପୁଷ୍ଟିକର ଖାଦ୍ୟ ଦ୍ୱାରା ଆମେ ଏକ ସୁସ୍ଥ ପରିବେଶ ସୃଷ୍ଟି କରିପାରିବା ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ମଧୁମିତା ରଥ ଯୋଗଦେଇ ପୋଷଣ ସହ ଜଡ଼ିତ ବିଭାଗୀୟ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଡ୍ୟାସବୋର୍ଡକୁ ତାକୁ ଆଧାର କରି ଶ୍ରେଷ୍ଠ ତିନୋଟି ଜିଲ୍ଲା ପୁରୀ, ଭଦ୍ରକ, କେନ୍ଦ୍ରପଡାକୁ ପୁରସ୍କାର ପ୍ରଦାନ କରଯାଇଥିଲା।

କାର୍ଯ୍ୟକ୍ରମରେ ସହଯୋଗୀ ବିଭାଗ ଜଙ୍ଗଲ- ପରିବେଶ ଓ ଜଳବାୟୁ ପରିବର୍ତ୍ତନର ସ୍ୱତନ୍ତ୍ର ସଚିବ ଜ୍ୟୋତି ଏମ. ପ୍ରଧାନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଗୀତାଞ୍ଜଳି ନାଏକ , ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସ୍ମୃତିଜିତ ପଟ୍ଟନାୟକ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ ଦାରିଦ୍ର୍ୟଭଞ୍ଜନ ମହାପାତ୍ର ,ଉଚ୍ଚ ଶିକ୍ଷା ବିଭାଗର ଡେପୁଟି ସଚିବ ରଜତ କୁମାର ମାନସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଡେପୁଟି ସଚିବ ସଙ୍ଘମିତ୍ରା ବେହେରା ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ‘ବାର୍ତ୍ତାଳାପ’ ଆୟୋଜିତ

ଗଣମାଧ୍ୟମ ବିକାଶ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର: ପିଆଇବି ଏଡିଜି



**କୋଣାର୍କ,୧୫।୧୦(ସଂଚାର ବ୍ୟୁରୋ):** ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ତୃଣମୂଳସ୍ତରରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସରକାର ଏବଂ ଗଣମାଧ୍ୟମ ମଧ୍ୟରେ ସମ୍ପର୍କ ସ୍ଥାପନ ଲାଗି ଆଜି କୋଣାର୍କ ଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ‘ବାର୍ତ୍ତାଳାପ’ ଅନୁଷ୍ଠିତ ହୋଇଯାଇଛି। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଓଡ଼ିଶା ଏବଂ ଝାଡ଼ଖଣ୍ଡ ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ ଅଖିଳ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଗଣମାଧ୍ୟମକୁ ବିକାଶ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ରୂପେ ଅଭିହିତ କରିଛନ୍ତି। ସାମାଜିକ ସମସ୍ୟାର ସମାଧାନ କରିବା ଏବଂ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଦ୍ୱିପାକ୍ଷିକ ଯୋଗାଯୋଗ ଏବଂ ପାରସ୍ପରିକ ମତବିନିମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଏଡିଜି ଶ୍ରୀ ମିଶ୍ର କହିଛନ୍ତି ।

ଭୁବନେଶ୍ୱର ସିଜିଏସଟି ଯୁଗ୍ମ ଆୟୁକ୍ତ ଡି କଲ୍ୟାଣ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମରେ “ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଏବଂ ଏହାର ଲାଭ” ସମ୍ପର୍କରେ ମତ ରଖିଥିଲେ। ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଗତ ସେପ୍ଟେମ୍ବର ୨୨ତାରିଖ ଠାରୁ ଲାଗୁ ହୋଇଛି। ନୂଆ ଜିଏସଟି ଦର ଦେଶର ଗରିବ ଏବଂ ମଧ୍ୟବିତ୍ତ ବର୍ଗ ସମେତ ସବୁ ବର୍ଗର ଲୋକଙ୍କୁ ଲାଭ ଦେବ। ଏହି ଅବସରରେ ସେ ଜିଏସଟି ଟିକସ ହାରରେ ହୋଇଥିବା ପରବର୍ତ୍ତନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।

ବରିଷ୍ଠ ସାମ୍ବାଦିକ ତଥା ଦୈନିକ ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ତାଙ୍କ ବକ୍ତବ୍ୟରେ ମାତୃଭାଷାର ଗୁରୁତ୍ୱ ଏବଂ ଆଞ୍ଚଳିକ ଭାଷାରେ ସମ୍ବାଦପତ୍ରର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରରର ସହାୟକ ନିର୍ଦ୍ଦେଶକ ତଥା ବାର୍ତ୍ତାଳାପର ନୋଡାଲ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି ଧନ୍ୟବାଦ ଅର୍ପଣ କରିଥିଲେ । ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ କର୍ମଶାଳାର ଉଦଘାଟନୀ ପର୍ଯ୍ୟାୟକୁ ପରିଚାଳନା କରିଥିଲେ। ସିବିସି ଭୁବନେଶ୍ୱରର କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଅଂଶଗ୍ରହଣ କରି ମତ ବିନିମୟ କରିଥିଲେ।

● ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

## ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

**ଭୁବନେଶ୍ୱର, ୧୫।୧୦(ସଂଚାର ବ୍ୟୁରୋ):** ସରକାରଙ୍କ ଦୁର୍ନୀତି, ବ୍ୟାପକ ଅନିୟମିତତା, ଜାଲିଆତି କାଗଜପତ୍ର ବଳରେ ଲାଇସେନ୍ସ ପ୍ରାପ୍ତ ଠିକାଦାର କୋଟିକୋଟି ଟଙ୍କାର ସରକାରୀ କାର୍ଯ୍ୟ କରିବା ଓ ସରକାରୀ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ଅଧିକାର ଆଇନରେ ତଥ୍ୟ ମାଗି ଲୋକଲୋଚନକୁ ଆଣିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିବା କଟକର ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁଙ୍କୁ ଅକ୍ଟୋବର ୯ରେ ଶିଖରପୁର କାଳୀମନ୍ଦିରରେ ଠିକାଦାର ବିଶ୍ୱଜିତ ସ୍ୱାଇଁ ଅସାମାଜିକ ଯୁବକଙ୍କୁ ଧରି ମରଣାନ୍ତକ ଆକ୍ରମଣ କରିଥିଲା। ସେ ସମୟରେ ଚାଉଳିଆଗଞ୍ଜ ପୁଲିସ ଜିତେନ୍ଦ୍ରଙ୍କୁ ଉଦ୍ଧାର କରି କଟକ ଏସସିବି ମେଡିକାଲରେ ଚିକିତ୍ସା କରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହୋଇଥିବା ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କଲେ ମାନବାଧିକାର କର୍ମୀ ସାଗର ଜେନା। ୪ ସପ୍ତାହ ମଧ୍ୟରେ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଓଡିଶା ପୁଲିସ ମହାନିର୍ଦ୍ଦେଶକଙ୍କୁ ନିବେଦନ କରିଛନ୍ତି। ପୂର୍ବରୁ ଓଡ଼ିଶାର ଏକାଧିକ ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା, ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ରାଜ୍ୟରେ ସୂଚନା ଅଧିକାର କର୍ମୀଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା ପାଇଁ ଜାତୀୟ ମାନବାଧିକାର କମିଶନରେ ଅଭିଯୋଗ କରିଛନ୍ତି ମାନବାଧିକାର କର୍ମୀ ସାଗର ଜେନା।

## ବନ୍ଧୁକ ଦେଖାଇ ଦୁର୍ବୃତ୍ତ ଲୁଟି ନେଲେ ଟଙ୍କା ଓ ଗହଣା

**ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ) :** ରାଜଧାନୀରେ ଅପରାଧିଙ୍କ ଦାଦାଗିରି । ନୟାପଲ୍ଲୀ ଏନ୍-୪ ରେ କଳାକନା ବୁଲାଇଲେ ଦୁର୍ବୃତ୍ତ । ଗନ ପଏଣ୍ଟରେ ଲୁଟି ନେଲେ ଟଙ୍କା ଓ ଗହଣା । ସନ୍ଧ୍ୟା ସମୟରେ ଘରେ ପଶି ମୁଣ୍ଡରେ ବନ୍ଧୁକ ଲଗାଇ ବାଲୁଙ୍କେଶ୍ୱର ପଟ୍ଟନାୟକଙ୍କ ଘରୁ ଲୁଟିନେଇଛନ୍ତି ଗହଣା ଓ ୧୦ଲକ୍ଷ ଟଙ୍କା । କେବଳ ସେତିକି ନୁହେଁ ପାଖରେ ଥିବା ଅନ୍ୟ ଜଣଙ୍କ ଘରୁ ମଧ୍ୟ ଟଙ୍କା, ଗହଣା ନେଇ ଛୁ' ମାରିଛନ୍ତି ଲୁଟେରା । ଏନେଇ ନୟାପଲ୍ଲୀ ଥାନାରେ ବାଲୁଙ୍କେଶ୍ୱର ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଛି । ଘଟଣା ସ୍ଥଳରେ ସିସିଟିଭି ଫୁଟେଜ ଜାଞ୍ଚ କରି ତଦନ୍ତ ଚଳାଇଛି । ଫୁଟେଜରେ ରାଜ୍ୟ ବାହାରର କିଛି ଅପରାଧୀ ସାମିଲ ଥିବା ସନ୍ଦେହ କରୁଛି ପୋଲିସ । ସହରର ବିଭିନ୍ନ ସ୍ଥାନରେ ସିସିଟିଭି ଓ ଅପରାଧିଙ୍କ କ୍ରାଇମ୍ ହିଷ୍ଟ୍ରିକୁ ନେଇ ଯାଞ୍ଚ ଚାଲିଛି । ଘଟଣାକୁ ନେଇ ଏପର୍ଯ୍ୟନ୍ତ ପୋଲିସର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

## ଲେଡି ବ୍ରାଉନସୁଗର ମାଫିଆ ଗିରଫ

ଜବତ ବ୍ରାଉନସୁଗର ମୂଲ୍ୟ ୧୮ ଲକ୍ଷ

**ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ) :** ରାଜଧାନୀରେ ଲେଡି ବ୍ରାଉନସୁଗର ମାଫିଆ । ୧୮ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କଲା ଅବକାରୀ ଟିମ୍। ଭୁବନେଶ୍ୱର ବଡଗଡ ମହିଷିଖାଲରୁ ୧୮୦ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି। ଅବକାରୀ ଟିମର ଅପରେସନରେ ଧରାପଡିଛି ଲେଡି ମାଫିଆ। ଗିରଫ ମହିଳାଙ୍କ ନାଁ ଅନ୍ନପୂର୍ଣ୍ଣା ବେହେରା ବୋଲି ଜଣାପଡିଛି। ଖୋର୍ଦ୍ଧାରୁ ବସରେ ଯାଇ ବ୍ରାଉନସୁଗର ପୁଡିଆ ଆଣଥିଲେ। ପ୍ରତି ପୁଡିଆକୁ ୩୫୦ ଟଙ୍କାରେ ବିକ୍ରି କରୁଥିଲେ । ମହିଳା ଜଣକ ପୁର୍ବରୁ ଅନେକ ଥର ଡ୍ରଗସ କାରବାରର ଗିରଫ ହୋଇଛନ୍ତି ।

## ଚାଲାଣ ବେଳେ ୩୫୦ କିଲୋ ଗଞ୍ଜେଇ ଜବତ

ଲାଲ ବାହାଦୂର ଦର୍ଜି ସମେତ ୫ ଗିରଫ,୨ ମାଉଜର ଜବତ



**କୋରାପୁଟ, ୧୫।୧୦ (ସଂଚାର ବ୍ୟୁରୋ) :** ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡ଼ି ବସିଲା ପାଡୁଆ ପୁଲିସ। ୩୫୦ କିଲୋ ଗଞ୍ଜେଇ ଜବତ। ହାର୍ଡକୋର୍ ଅପରାଧୀ ଲାଲ ବାହାଦୂର ଦର୍ଜି ସମେତ ୫ ଅଭିଯୁକ୍ତ ଗିରଫ। ଅଭିଯୁକ୍ତଙ୍କ ଠାରୁ ୨ଟି ମାଉଜର, ଗୁଳି, ମୋବାଇଲ୍ ଫୋନ ଓ ବିଭିନ୍ନ ପରିଚୟ ପତ୍ର ଜବତ ହୋଇଛି। ସୂଚନାନୁଯାୟୀ, ୧୪ ତାରିଖରେ ପାଡୁଆ ଥାନା ଏସଆଇ ସୁରେନ୍ଦ୍ର କୁମାର ସେଠୀ ପାଟ୍ରୋଲିଂ କରୁଥିବା ବେଳେ ଦୋକାନପୁଟ ଅଞ୍ଚଳରୁ ପଟାଙ୍ଗୀ ଆଡ଼କୁ ଏକ ବୋଲେରୋ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଖବର ପାଇଥିଲେ। ଏହାପରେ ପୁଲିସର ଏକ ଟିମ୍ ମାଲି ସବଲାର ଛକ ନିକଟରେ ଛକି ରହିଥିଲେ। ବୋଲେରୋକୁ ଦେଖି ଅଟକାଇବା ବେଳେ ଡ୍ରାଇଭର୍ ଦ୍ରୁତ ଗତିରେ ଅରଲାବପୁଟ ଆଡ଼କୁ ଫେରାର୍ ହେବାକୁ ଚେଷ୍ଟା କରିଥିଲା। ପୁଲିସ ଟିମ୍ ପିଛା କରି ବୋଲେରୋକୁ ଅଟକାଇଥିଲେ। ପୁଲିସକୁ ଦେଖି ଅଭିଯୁକ୍ତମାନେ ଚମ୍ପଟ ମାରିବାକୁ ବସିଥିଲେ। ହେଲେ ପୁଲିସ ୫ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ୨ଟି ବନ୍ଧୁକ ଜବତ କରାଯାଇଛି।

# ନକଲି ମାଓବାଦୀ ସାଜି ବାପାକୁ ମାଗିଲା ୩୫ ଲକ୍ଷ



**ଭବାନୀପାଟଣା,୧୫।୧୦ (ସଂଚାର ବ୍ୟୁରୋ):** ମାଓବାଦୀଙ୍କ ନାମରେ ଚିଠି ଦେଇ ବ୍ୟବସାୟୀ ବାପାଙ୍କୁ ଚାନ୍ଦା ମାଗିଥିଲେ ପୁଅ। ଏବେ ଧରାପଡ଼ି ଜେଲ୍ ଯାଇଛନ୍ତି। ଏହି ଖବର କଳାହାଣ୍ଡି ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ରୁପ୍ରାରୋଡ଼ ବାସିନ୍ଦା ଦୀନେଶ ଅଗ୍ରୱାଲ। ତାଙ୍କର ଏକମାତ୍ର ପୁଅ ଅଙ୍କୁଶ (୨୪)। ବାପାଙ୍କଠାରୁ ମୋଟା ଅଙ୍କର ଟଙ୍କା ପାଇଁ ସେ ସୁଚିନ୍ତିତ ଉପାୟ ବାହାର କରିଥିଲେ। ଗତ ୫ ତାରିଖରେ ମାଓବାଦୀଙ୍କ ନାମରେ ଏକ ଚିଠି ଲେଖି ଅଙ୍କୁଶ ନିଜ ଇନୋଭା ଗାଡ଼ିରେ ରଖି ଦେଇଥିଲେ। ‘ଶୀଘ୍ର ୩୫ ଲକ୍ଷ ଦିଅ; ନଚେତ ତୁମ ପରିବାରର ସମସ୍ତଙ୍କୁ ଜୀବନରୁ ମାରିଦେବୁ’ ବୋଲି ଚିଠିରେ ଲେଖା ହୋଇଥିଲା। ଚିଠି ପାଇବା ପରେ ଦୀନେଶ ଓ ପରିବାର ଲୋକଙ୍କ ହୋସ୍ ଉଡିଯାଇଥିଲା। ଦୀନେଶ ତୁରନ୍ତ ମାଓବାଦୀଙ୍କ ଚିଠି ଓ ଚାନ୍ଦା ସଂପର୍କରେ ନର୍ଲା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ବିଜୟ ମାଝୀ ଘଟଣାର ତଦନ୍ତ କରିଥିଲେ। ଚାନ୍ଦା ମାଗିବା ଓ ଚିଠିକୁ ଗାଡ଼ିରେ ଛାଡ଼ିବା ଆଉ କେହି ନୁହେଁ; ଖୋଦ୍ ଅଭିଯୋଗକାରୀଙ୍କ ପୁଅ ଅଙ୍କୁଶ ବୋଲି ପୁଲିସ ଜାଣିବାକୁ ପାଇଥିଲା। ଅଙ୍କୁଶଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ପୁଲିସ ମଙ୍ଗଳବାର ତାଙ୍କୁ ଗିରଫ କରିବା ସହ ମ.ରାମପୁର କୋର୍ଟକୁ ଚାଲାଣ କରିଛି। ଅଭିଯୋଗକାରୀ ଦୀନେଶ ଅଗ୍ରୱାଲ ଅଞ୍ଚଳର ଜଣେ ଜଣାଶୁଣା ଠିକାଦାର। ପୁଅ ଅଙ୍କୁଶ ଗିରଫ ହେବା ପରେ ତାଙ୍କ ପ୍ରତି ବାପା ତଥା ପରିବାର ବର୍ଗଙ୍କ ଅଙ୍କୁଶ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଭଡ଼ା ଘରୁ ମିଳିଲା କୃଷି ଅଧିକାରିଣୀଙ୍କ ଝୁଲନ୍ତା ମୃତଦେହ

**ବାସୁଦେବପୁର,୧୫।୧୦ (ସଂଚାର ବ୍ୟୁରୋ) :** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ କୃଷି ଅଧିକାରିଣୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ବ୍ଲକ୍ କୃଷି ଅଧିକାରିଣୀ ନିହାରିକା ଦଳେଇ ତାଙ୍କ ଭଡ଼ା ଘରେ ଜୀବନ ହାରିଛନ୍ତି । ସକାଳେ ନିହାରିକା ଝିଅକୁ ବିଦ୍ୟାଳୟରେ ଛାଡିଥିଲେ । ଏହାପରେ ତାଙ୍କୁ ବାଲିନଗର ସ୍ଥିତ ଭଡ଼ା ଘରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା । ସେ ଭିତରୁ କବାଟ ଦେଇ ବେକରେ ଓଢଣୀ ବାନ୍ଧି ଆତ୍ମହତ୍ୟା କରିଥିବା କୁହାଯାଉଛି । ଘରକୁ କ୍ଷୀର ଦେବାକୁ ଆସିଥିବା ଯୁବକ କବାଟ ବନ୍ଦ ଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଡାକ ପକାଇଥିଲେ। ଖେବରପାଇ ପୁଲିସ୍ ସ୍ଥାନୀୟ ତହସିଲଦାର ପ୍ରିୟବ୍ରତ ଦାଶଙ୍କ ଉପସ୍ଥିତିରେ ଘର କବାଟ ଭାଙ୍ଗି ଝୁଲନ୍ତା ମୃତଦେହ ଉଦ୍ଧାର କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# କୋହଳ ହେବ କଳାଧନ ନିୟମ

## ସମୀକ୍ଷା କରିବ ସରକାରୀ କମିଟି



ନୂଆଦିଲ୍ଲୀ, ୧୫।୧୦: ଦଶ ବର୍ଷ ପୁରୁଣା କଳାଧନ ନିୟମରେ ସଂଶୋଧନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ନିୟମର ସମୀକ୍ଷା କରିବା ଲାଗି ଉତ୍ତରପ୍ରଦେଶର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ଅମୁଲ ପୁଷ୍ପଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ଏଥି ସହିତ ମୁଖ୍ୟ ଆୟୁକ୍ତ ଜୟରାମ ରାୟପୁରାଙ୍କୁ ନେଇ ଏକ ଆଭ୍ୟନ୍ତରୀଣ କମିଟି ମଧ ଗଠନ ହୋଇଛି। ସରକାର ଉଦ୍ଦେଶ୍ୟ ହେଉଛି ନୂଆ ଆୟକର ନୀତି ଅନୁସାରେ କଳାଧନ ନିୟମରେ ଆବଶ୍ୟକ ପରିବର୍ତ୍ତନ ଆଣିବା। ସେଥିପାଇଁ ଏହି କମିଟି ପୁରୁଣା ନିୟମର ସମୀକ୍ଷା କରି ସରକାରଙ୍କୁ ପରିବର୍ତ୍ତନ ସମ୍ପର୍କିତ ସୁପାରିସ କରିବ। ସମ୍ପ୍ରତି ପ୍ରଚଳନରେ ଥିବା କଳାଧନ ନିୟମକୁ କୋହଳ କରାଯିବ। ୨୦୧୫ ଜୁଲାଇ ୧ରେ ଏହି ନିୟମ ଲାଗୁ କରାଯାଇଥିଲା। ଟିକସ ବିଶାରଦମାନଙ୍କ ସହ ଆଲୋଚନା କରି କମିଟି ନିୟମରେ ରହିଥିବା ଜରିମାନା, ଦଣ୍ଡବିଧାନ, ବିଚାର ପ୍ରକ୍ରିୟା ଆଦିରେ ପରିବର୍ତ୍ତନ ପାଇଁ ସୁପାରିସ କରିବ। ୨୦୨୪ ବଜେଟ୍‌ରେ ୨୦ ଲକ୍ଷ ଟଙ୍କାରୁ କମ୍ ଅଘୋଷିତ ବିଦେଶୀ ଆୟ ଉପରେ ମାମଲା ରୁଜୁ କରାଯିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଥିଲେ। ସେହି ଘୋଷଣା ଅନୁସାରେ କଳାଧନ ନିମୟରେ ଆବଶ୍ୟକ ପରିବର୍ତ୍ତନର ଆବଶ୍ୟକତା ରହିଛି। କଳାଧନ ନିୟମର ସବୁଠୁ ବଡ଼ ଶକ୍ତି ହେଉଛି, ଏହାକୁ ବହୁ ବର୍ଷ ପୁରୁଣା ମାମଲା ପାଇଁ ଲାଗୁ କରି ଜରିମାନା ଅସୁଲ କରାଯାଇପାରିବ। ଆୟକର ନିୟମ ଓ କଳାଧନ ନିୟମର ଦଣ୍ଡବିଧାନରେ ଅସଙ୍ଗତି ରହିଛି। ଆୟକର ନିୟମରେ ୯୦% ପର୍ଯ୍ୟନ୍ତ ରାଶିକୁ ଜରିମାନା ଭାବେ ଲାଗୁ କରିବା ବ୍ୟବସ୍ଥା ରହିଛି। କଳାଧନ ନିୟମରେ ଅତିରିକ୍ତ ୩୦% ଅର୍ଥାତ ମୋଟ୍ ଉପରେ ୧୨୦ ପ୍ରତିଶତ ଜରିମାନା ଲଗାଇବା ବ୍ୟବସ୍ଥା ରହିଛି। ବିଦେଶରେ ଥିବା କଳାଧନ ଭାରତ ଫେରାଇ ଆଣିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଏହି ନିୟମ ଆଣିଥିଲେ। ଗତ ୧୦ ବର୍ଷ ମଧରେ ବିଦେଶରୁ ୩୫,୧୦୪ କୋଟି ଟଙ୍କା ଫେରାଇ ଆଣିବାରେ ସରକାର ସଫଳ ହୋଇଛନ୍ତି। କିନ୍ତୁ ଯେଉଁ ସ୍ୱିସ୍ ବ୍ୟାଙ୍କଗୁଡ଼ିକରେ କଳାଧନ ଗଚ୍ଛିତ ରହୁଥିବା ସନ୍ଦେହ କରାଯାଉଥିଲା ସେଥିରେ ଭାରତୀୟଙ୍କ ଜମା ରାଶି ପରିମାଣ ତିନି ଗୁଣା ବୃଦ୍ଧି ପାଇ ୩୭,୬୦୦ କୋଟି ଟଙ୍କାରେ ପହଞ୍ଚିଛି।

୨୦୧୪ ଲୋକସଭା ନିର୍ବାଚନରେ ଉପା ସରକାରଙ୍କ ବିରୋଧରେ ଯେଉଁ କେତେକ ପ୍ରସଙ୍ଗ ନେଇ ମୋଦୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ, ସେଥିରୁ ଅନ୍ୟତମ ପ୍ରମୁଖ ପ୍ରସଙ୍ଗ ଥିଲା କଳାଧନ। ବିଦେଶରେ କୋଟି କୋଟି ଟଙ୍କାର କଳାଧନ ଲୁଚାଇ ରଖାଯାଇଥିଲା। ତାହାକୁ ଭାରତ ଫେରାଇ ଅଣାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କ୍ଷମତାକୁ ଆସିବା ପରେ ସେ ଏକ କଠୋର କଳାଧନ ନିୟମ ଲାଗୁ କରିଥିଲେ ଯାହା ବର୍ତ୍ତମାନ ସୁଦ୍ଧା ପ୍ରଚଳନରେ ରହିଛି। କିନ୍ତୁ ପରିସଂଖ୍ୟାନ ଉପରେ ନଜର ପକାଇଲେ ଏହି ନିୟମ ଦ୍ୱାରା ମିଳିଥିବା ଲାଭ ଆଶାନୁରୂପ ରହିନଥିବା କୁହାଯାଇପାରିବ।

## ଆଜିର ସୁନା ଦର



ଧୀରେ ଧୀରେ ବଢୁଛି ସୁନା ଏବଂ ରୁପା ଦର। ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୨୮,୮୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧, ୧୮,୧୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୨୮,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୧୮,୧୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୨୮,୯୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୧୮,୧୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୯,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୮,୩୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୨୯,୩୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧, ୧୮,୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୨୮,୮୯୦ ଓ ୧, ୧୭,୯୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୯୦,୦୦୦ ଟଙ୍କା ହୋଇଛି।

# ରୁପା କେଜି ୨ ଲକ୍ଷ ଟପିଲା



## ସୁନା ୨୯୫୦ ଟଙ୍କା ବଢ଼ିଲା

ଭୁବନେଶ୍ୱର, ୧୫।୧୦: ସୁନା ଦର ଲୋକମାନଙ୍କ ଦିନ ହଜାଇଥିଲା। କିନ୍ତୁ ସୁନାକୁ ବଳିଯାଇଛି ରୁପା। ଦାମ୍ ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଛି। ରୁପା କେବେ ଏଭଳି ମହଙ୍ଗା ହେବ ବୋଲି କେହି କେବେ ସ୍ୱପ୍ନରେ ଭାବିନଥିଲେ। କିନ୍ତୁ ସତରେ ସେଭଳି ସ୍ଥିତି ସୃଷ୍ଟି ହୋଇଛି। ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ରୁପାର କିଲୋପିଛା ଦାମ୍ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇଯାଇଛି। ବଜାର ତଥ୍ୟ ଅନୁଯାୟୀ ଏକ କେଜି ରୁପା ଦାମ୍ ମଙ୍ଗଳବାର ୯୦୦୦ ଟଙ୍କା ବୃଦ୍ଧି ପାଇ ୨,୦୬,୦୦୦ ଟଙ୍କାରେ ପହଞ୍ଚିଛି। ପୂର୍ବରୁ ରୁପା ଦରକୁ ଏଭଳି ସ୍ତରରେ କେବେ ବି ଦେଖିବାକୁ ମିଳିନଥିଲା। ଗତକାଲି ଏହାର ମୂଲ୍ୟ ଗୋଟିଏ ଦିନରେ ୭୦୦୦ ହଜାର ଟଙ୍କା ବଢ଼ିବା ପରେ ଆଜି ଆଉ ୯୦୦୦ ଟଙ୍କା ବଢ଼ିଛି। ଫଳରେ ଦୁଇଦିନରେ ରୁପା ୧୬ ହଜାର ଟଙ୍କା ମହଙ୍ଗା ହୋଇଛି। ଚଳିତ ମାସ ୬ ତାରିଖ ପରଠାରୁ ରୁପା ଦାମ୍‌ରେ ୪୧ ହଜାର ଟଙ୍କାର ବୃଦ୍ଧି ହୋଇଛି।

କେବଳ ରୁପା ନୁହେଁ, ଆଜି ସୁନା ଦରରେ ବି ବଡ଼ଧରଣର ବୃଦ୍ଧି ଘଟିଛି। ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୨୭୦୦ ଟଙ୍କା ବୃଦ୍ଧି ପାଇ ୧,୧୭,୬୫୦ ଟଙ୍କା ହୋଇଛି। ସେହିପରି ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୨୯୫୦ ଟଙ୍କା ବୃଦ୍ଧି ପାଇ ୧,୨୮,୩୫୦ ଟଙ୍କା ହୋଇଛି। ଗତ ୯ ଦିନ ମଧରେ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ଦାମ୍ ୮୬୦୦ ଟଙ୍କା ବଢ଼ିଛି। ସେହି ସମୟରେ ୨୪ କ୍ୟାରେଟ୍ ସୁନା ମୂଲ୍ୟରେ ୯,୩୯୦ ଟଙ୍କାର ବୃଦ୍ଧି ଘଟିଛି। ସୁନା ଓ ରୁପା ଦରରେ ହେଉଥିବା ବୃଦ୍ଧିର ଭିନ୍ନ ଭିନ୍ନ କାରଣ ରହିଛି। ବିଶେଷଜ୍ଞମାନଙ୍କ ମତରେ ଅନ୍ତର୍ଜାତୀୟ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ୪୦୦୦ ଡଲାରରୁ ଅଧିକ ହୋଇଯାଇଥିବାରୁ ଭାରତରେ ସୁନା ଆମଦାନି ମହଙ୍ଗା ହୋଇଛି। ଅନ୍ୟ ପକ୍ଷରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ଦୁର୍ବଳ ରହିବା ସ୍ଥିତିକୁ ଆହୁରି ଜଟିଳ କରିଛି। ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତା ଲାଗି ରହିଥିବାବେଳେ ନିବେଶକମାନେ ସୁନାରେ ବିପୁଳ ନିବେଶ କରୁଥିବାରୁ ତାହାର ଚାହିଦା ବଢ଼ିଛି, ଯାହା ଦରବୃଦ୍ଧି ନିଆଁରେ ଘିଅ ଭଳି କାମ କରୁଛି।

ରୁପା ମହଙ୍ଗା ହେବାର ପ୍ରମୁଖ କାରଣ ହେଉଛି ବଜାରରେ ଅଧିକ ରୁପା ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚଡ଼ା ଶୁଳ୍କ ଘୋଷଣା କରିବା ପରେ ଲଣ୍ଡନ ମେଟାଲ୍ ଏକ୍ସଚେଞ୍ଜରୁ ବିପୁଳ ପରିମାଣର ରୁପା ଆମେରିକା ପଠାଇ ଦିଆଯାଇଥିଲା। ସେଥିପାଇଁ ଏବେ ଯେତିକି ରୁପାର ଚାହିଦା ରହିଛି ତାହା ଯୋଗାଇ ହେଉନାହିଁ। ରୁପାକୁ ଗହଣା, ବାସନକୁସନ, ଉପହାର ସାମଗ୍ରୀ ବ୍ୟତୀତ ବିପୁଳ ପରିମାଣରେ ଶିଳ୍ପ କାରଖାନାଗୁଡ଼ିକରେ ବ୍ୟବହାର କରାଯାଉଛି। ଚଢ଼ା ଦରରେ ବି ବର୍ତ୍ତମାନ ରୁପାର ଚାହିଦା ରହିଛି। ଭାରତରେ ଧନୀ ବ୍ୟକ୍ତି ଓ ବଡ଼ ବଡ଼ ସଂସ୍ଥାଗୁଡ଼ିକ ରୁପାରେ ନିବେଶ କରୁଛନ୍ତି। ସେଥିପାଇଁ ଗତ ମେ' ମାସରୁ ବିପୁଳ ପରିମାଣର ରୁପା ଆମଦାନି କରାଯାଉଛି। କିନ୍ତୁ ଅକ୍ଟୋବରରେ ରୁପାର ଯୋଗାଣ ବାଧାପ୍ରାପ୍ତ ହୋଇଛି। ଆମଦାନି ହୋଇଆସୁଥିବା ରୁପାଗୁଡ଼ିକୁ ଶୁଳ୍କମୁକ୍ତ ଅଞ୍ଚଳରେ ସଂରକ୍ଷିତ ରଖାଯାଏ। ସେହି ସବୁ ଅଞ୍ଚଳର ଭଲ୍ଟଗୁଡ଼ିକ ଏବେ ଖାଲି ପଡ଼ିଛି। ସେହି ଭଲ୍ଟଗୁଡ଼ିକୁ ପୁଣି ଥରେ ଭର୍ତ୍ତି କରିବା ଲାଗି ଅତିକମ୍‌ରେ ଗୋଟିଏ ମାସ ସମୟ ଲାଗିବ ବୋଲି ଆକଳନ କରାଯାଇଛି। ତେବେ ଗହଣା ବଜାରକୁ ରୁପା ଯୋଗାଣରେ ଦେଖାଦେଇଥିବା ବିଭ୍ରାଟ ପ୍ରଭାବିତ କରିବ ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। କାରଣ ପାର୍ବଣ ଋତୁରେ ଅଧିକ ଗହଣା ବିକ୍ରି ହେଉଥିବାରୁ ବହୁ ପୂର୍ବରୁ ଗହଣା ବ୍ୟବସାୟୀମାନେ ନିଜ ଆବଶ୍ୟକତା ଅନୁଯାୟୀ ଷ୍ଟକ୍ ରଖିଛନ୍ତି। ପୁରୁଣା ଦରରେ ଗହଣା ଓ ଅନ୍ୟାନ୍ୟ ଜିନିଷ ଷ୍ଟକ୍ ରଖିଥିବା ବ୍ୟବସାୟୀମାନେ ଗ୍ରାହକମାନଙ୍କୁ ଆକର୍ଷଣୀୟ ଅଫର୍ ଜରିଆରେ ଆକର୍ଷିତ କରିବାକୁ ଉଦ୍ୟମ କରୁଛନ୍ତି। ସୁନା କ୍ଷେତ୍ରରେ ମଧ ସମାନ ରଣନୀତି ଲାଗୁ ହୋଇଛି।

# ଗାଁରେ ଦରବୃଦ୍ଧି ଅତି ନଗଣ୍ୟ

## ରାଜ୍ୟ ଖୁଚୁରା ମୁଦ୍ରାସ୍ଫୀତି ୦.୨%



ଭୁବନେଶ୍ୱର, ୧୫।୧୦: ଗତ ସେପ୍ଟେମ୍ବରରେ ରାଜ୍ୟରେ ଦରଦାମ୍ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଥିଲା। କୌଣସି ଜିନିଷର ଦାମ୍‌ରେ ବିଶେଷ ବୃଦ୍ଧି ଘଟିନଥିଲା। ସେଥିପାଇଁ ସେପ୍ଟେମ୍ବରରେ ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ହାର ମାତ୍ର ୦.୨୦ ପ୍ରତିଶତକୁ ହ୍ରାସ ପାଇଛି। ସହରାଞ୍ଚଳରେ ଏହି ହାର ୦.୫୮ ପ୍ରତିଶତ ଓ ଗ୍ରାମାଞ୍ଚଳରେ ୦.୦୫ ପ୍ରତିଶତ ରହିଛି। ଅର୍ଥାତ ଗ୍ରାମାଞ୍ଚଳରେ ଦରଦାମ୍‌କୁ ନେଇ କୌଣସି ଚିନ୍ତା ନଥିଲା ବୋଲି କୁହାଯାଇପାରିବ। ସାରା ଦେଶରେ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୧.୫ ପ୍ରତିଶତକୁ ହ୍ରାସ ପାଇଛି। ଗତ ଆଠ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତିର ଏହା ସର୍ବନିମ୍ନ ସ୍ତର। ଶେଷ ଥର ପାଇଁ ୨୦୧୭ ଜୁନ୍‌ରେ ଏହାକୁ ଏହି ସ୍ତରରେ ଦେଖିବାକୁ ମିଳିଥିଲା। ଗତବର୍ଷର ସେପ୍ଟେମ୍ବର ତୁଳନାରେ ଚଳିତ ବର୍ଷ ଖାଦ୍ୟ ସାମଗ୍ରୀ ଦାମ୍‌ରେ ଯଥେଷ୍ଟ ହ୍ରାସ ଘଟିଥିଲା। କେବଳ ବାସଗୃହ ଜନିତ ଦରଦାମ୍ ପାଇଁ ମୁଦ୍ରାସ୍ଫୀତିରେ ଯାହା କିଛି ବୃଦ୍ଧି ଘଟିଛି। ଅନ୍ୟଥା ଅବଶିଷ୍ଟ ଜିନିଷଗୁଡ଼ିକର ଦାମ୍ ନିୟନ୍ତ୍ରଣରେ ରହିଥିଲା ବୋଲି କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଜାରି କରିଥିବା ତଥ୍ୟରୁ ଜଣାପଡ଼ିଛି। ମୁଦ୍ରାସ୍ଫୀତି ହ୍ରାସ ପାଇଥିବାରୁ ଆଗାମୀ ଦିନରେ ଭାରତୀୟ ରିଜର୍ଭ ବ୍ୟାଙ୍କ ସୁଧ ହାର ହ୍ରାସ କରିବାର ସମ୍ଭାବନା ସୃଷ୍ଟି ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ଭାରତ ବିରୁଦ୍ଧରେ ବିଶ୍ୱ ବାଣିଜ୍ୟ ସଂଗଠନ ପାଖରେ ଫେରାଦ ହେଲା ଚୀନ



ବେଜିଂ, ୧୫।୧୦: ଭାରତ ବିରୁଦ୍ଧରେ ବିଶ୍ୱ ବାଣିଜ୍ୟ ସଂଗଠନ ପାଖରେ ଫେରାଦ ହେଲା ଚୀନ। ଭାରତ ଇଭି ଓ ବ୍ୟାଟେରୀ ଉତ୍ପାଦନ କ୍ଷେତ୍ରରେ ଯେଉଁ ସବ୍‌ସିଡି ଦେଉଛି ଏଥିରେ କେବଳ ଘରୋଇ କମ୍ପାନୀଗୁଡ଼ିକୁ ପ୍ରତିଯୋଗିତାମୂଳକ ଫାଇଦା ମିଳୁଛି। ଯାହାଦ୍ୱାରା ଚୀନର ସ୍ୱାର୍ଥ ହାନୀ ହେଉଛି। ତେଣୁ ଭାରତ ତୁରନ୍ତ ଏହାର ତ୍ରୁଟି ସଂଶୋଧନ କରୁ ବୋଲି ଚୀନ ବାଣିଜ୍ୟ ମନ୍ତ୍ରଣାଳୟ କହିଛି। ମନ୍ତ୍ରଣାଳୟ ଆହୁରି ମଧ କହିଛି ଯେ ଚୀନ୍ ଏହାର ଘରୋଇ ଶିଳ୍ପଗୁଡ଼ିକର ବୈଧ ଅଧିକାର ଏବଂ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ "ଦୃଢ଼ ପଦକ୍ଷେପ" ନେବ। ଅନ୍ତର୍ଜାତୀୟ ବାଣିଜ୍ୟରେ ଚୀନ୍‌ର ଜାତୀୟ ସ୍ୱାର୍ଥକୁ ଦୁର୍ବଳ କରିବା ପାଇଁ ଭାରତ 'ଅନୁଚିତ ପ୍ରତିଯୋଗିତାମୂଳକ ସୁବିଧା' ପଦକ୍ଷେପ ନେଉଛି ବୋଲି ଚୀନ ଦାବି କରିଛି। ଚୀନ ମନ୍ତ୍ରଣାଳୟରୁ ଖବର ନେଇ ଏଭଳି ରିପୋର୍ଟ ପ୍ରକାଶ କରିଛି ରୟଟର୍ସ। ବର୍ତ୍ତମାନ ଇଭି ମାର୍କେଟ୍‌କୁ ଦେଖିଲେ ମାର୍କେଟ ଉପରେ ଗବେଷଣା କରୁଥିବା ସଂସ୍ଥା ରୋ ମୋସନ୍ ତଥ୍ୟ ଅନୁଯାୟୀ, ଚୀନ୍ ବିଶ୍ୱର ପ୍ରାୟ ଦୁଇ-ତୃତୀୟାଂଶ ଇଲେକ୍ଟ୍ରିକ୍ ଯାନ (EV) ବିକ୍ରି କରୁଛି। ଯାହା ପ୍ରାୟ ୧.୩ ମିଲିୟନ ୟୁନିଟ୍ ହେବ। ଭାରତ ସବ୍‌ସିଡି ମାଧମରେ କମ୍ପାନୀଗୁଡ଼ିକୁ ପ୍ରତିଯୋଗିତା ମୂଳକ ଫାଇଦା ଦେଲେ ଅଧିକ କମ୍ପାନୀ ଏ କ୍ଷେତ୍ରରେ ନିବେଶ କରିବେ, ଓ ଉତ୍ପାଦନ ବଢ଼ିବ। ଫଳରେ ଚୀନକୁ ଟକ୍କର ମିଳିବ। ଯେଉଁଥିପାଇଁ ଚୀନର ଚିନ୍ତା ବଢ଼ିଯାଇଛି। ଏପଟେ ଭାରତ ଏକ ନ୍ୟାସନାଲ କ୍ରିଟିକାଲ୍ ମିନେରାଲ୍ ଷ୍ଟକପାଇଲ୍ (NCMS) କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ଗଣମାଧମରେ ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ବିରଳ ପୃଥିବୀ ଉପାଦାନର ଉପଲବ୍ଧତା ସୁନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମ ମୁଖ୍ୟ ଲକ୍ଷ୍ୟ। ଏହି ବିରଳ ପୃଥିବୀ ଖଣିଜ ପଦାର୍ଥଗୁଡ଼ିକ ଇଭି, ୱିଣ୍ଡ ଟର୍ବାଇନ ଏବଂ ଅନ୍ୟାନ୍ୟ ଗ୍ରୀନ ଏନର୍ଜି ଟେକ୍ନୋଲୋଜୀର ବିକାଶ ପାଇଁ ଅତ୍ୟାବଶ୍ୟକ ପଡ଼ିଥାଏ। ବର୍ତ୍ତମାନ ରେୟାର ଆର୍ଥ ମ୍ୟାଟେରିଆଲ୍‌ର ବିଶ୍ୱ ଯୋଗାଣର ଚୀନର ଅଧିପତ୍ୟ ୯୦ ପ୍ରତିଶତ ରହିଛି। ତେଣୁ ଚୀନ ମନ ଇଚ୍ଛା ଏହା ଉପରେ କଟକଣା ଲଗାଇ ବିଶ୍ୱକୁ ହଇରାଣ କରୁଛି। ଆଉ ଯଦି ଭାରତର ଏହି ପ୍ରୋଗ୍ରାମ ସଫଳ ହେଲା ତେବେ ଚୀନକୁ କଡ଼ା ଟକ୍କର ମିଳିବ। ଏହି ସମ୍ଭାବନାକୁ ଦେଖି ଆମେରିକା ଚୀନ ଠାରୁ ବିମୁଖ ହୋଇ ଭାରତ ଆଡ଼କୁ ମୁହାଁଇଛି। ଏହି ସମୟରେ ଚୀନ ଭାରତ ବିରୁଦ୍ଧରେ ଅଭିଯୋଗ କରି ଅଡୁଆ ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ବିଶ୍ୱର ଅନ୍ୟ ଦେଶ ତୁଳନାରେ ଭାରତ ଇଭି ଉପରେ ସର୍ବାଧିକ ସବ୍‌ସିଡି ଦେଉଛି। ଚୀନ ମାତ୍ର ୧୦ ପ୍ରତିଶତ ସବସିଡି ଦେଉଥିବା ବେଳେ ଭାରତ ଦେଉଛି ୪୬%। ସେହିପରି ଆମେରିକା ଓ ଜାପାନ ୨୬%, ଜର୍ମାନୀ ୨୦ ଓ କୋରିଆ ୧୬% ସବ୍‌ସିଡି ଦେଉଛନ୍ତି।

## ଆଲେନ୍ ଟ୍ୟାଲେଣ୍ଟେକ୍ସରେ ଭାଗନେଲେ ୧.୭୦ଲକ୍ଷ ଛାତ୍ରଛାତ୍ରୀ

କୋଟା, ୧୫।୧୦: ଆଲେନ୍ କ୍ୟାରିୟର୍ ଇନ୍‌ଷ୍ଟିଚ୍ୟୁଟ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆୟୋଜିତ ଆଲେନ୍ ଟ୍ୟାଲେଣ୍ଟେକ୍ସର ଦ୍ୱାଦଶ ସଂସ୍କରଣରେ ଅନୁଷ୍ଠିତ ପରୀକ୍ଷାରେ ୧.୭୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ୨୫ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ୪୪୬ଟି ସହରରେ ୭୨୬ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍‌ର ଉପସଭାପତି ପଙ୍କଜ ଅଗ୍ରୱାଲ କହିଛନ୍ତି ଯେ ଓଡ଼ିଶା, ପଞ୍ଜାବ, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, ତ୍ରିପୁରା, ଛତିଶଗଡ଼, ହିମାଚଳ ପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ଟ୍ୟାଲେଣ୍ଟେକ୍ସ ପରୀକ୍ଷା ହୋଇଥିଲା। ଆରମ୍ଭ ପରଠାରୁ ବର୍ତ୍ତମାନ ସୁଦ୍ଧା ଟ୍ୟାଲେଣ୍ଟେକ୍ସରେ ୧୮.୨୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇସାରିଛନ୍ତି। ଚଳିତ ମାସ ୫ ଓ ୧୨ରେ ଅନୁଷ୍ଠିତ ହୋଇଥିବା ଦୁଇ ପର୍ଯ୍ୟାୟ ପରୀକ୍ଷାର ଫଳ ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ପ୍ରକାଶ ପାଇବ। ଛାତ୍ରଛାତ୍ରୀଙ୍କୁ ଜାତୀୟ ଓ ରାଜ୍ୟ ର୍‍ୟାଙ୍କ ସହିତ ନଗଦ ପୁରସ୍କାର ଓ ବୃତ୍ତି ପ୍ରଦାନ କରାଯିବ। ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ୯୦ ପ୍ରତିଶତ ପର୍ଯ୍ୟନ୍ତ ବୃତ୍ତି ଦେବାର ବ୍ୟବସ୍ଥା ରହିଛି।

## ଇଣ୍ଡିଗୋର ଖାସ୍ ଅଫର

## ନଭେମ୍ବର ୧ରୁ ମାତ୍ର ୨୩୯୦ଟଙ୍କାରେ କରିପାରିବେ ବିମାନ ଯାତ୍ରା



ନୂଆଦିଲ୍ଲୀ, ୧୫।୧୦: ବିମାନ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଖାସ୍ ଅଫର। ଦୀପାବଳି ପାଇଁ ଖାସ୍ ଅଫର ଆଣିଦେଇଛି ଇଣ୍ଡିଗୋ ଏୟାରଲାଇନ୍ସ। ଇଣ୍ଡିଗୋ ଯାତ୍ରୀଙ୍କ ପାଇଁ ନୂଆ ଅଫର୍ ଫ୍ଲାଇଂ କନେକ୍ସନ ସେଲ୍ ଆଣିଦେଇଛି। ଏହି ସେଲ୍ ୧୩ ଅକ୍ଟୋବରରୁ ଆରମ୍ଭ ହୋଇ ୧୭ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ। ଆପଣ ୧ ନଭେମ୍ବର ୨୦୨୫ ରୁ ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ଯାତ୍ରା ଟିକେଟ୍ ବୁକ୍ କରିପାରିବେ। ଇଣ୍ଡିଗୋର ଏହି ଅଫରରେ ଘରୋଇ ଟିକେଟ୍ ମାତ୍ର ୨୩୯୦ ଟଙ୍କା ରୁ ଆରମ୍ଭ ହେଉଥିବା ବେଳେ ଅନ୍ତର୍ଜାତୀୟ ଟିକେଟ୍ ମଧ୍ୟ ୮୯୯୦ ଟଙ୍କାରେ ଉପଲବ୍ଧ ହେଉଛି। ଇଣ୍ଡିଗୋ ଏହି ଅଫରରେ ୮ ହଜାରରୁ ଅଧିକ ରୁଟ୍ ଅନ୍ତର୍ଭୁକ୍ତ କରିଛି। ଯାହା ଦେଶର ପ୍ରାୟ ୯୦ ଟି ଘରୋଇ ଏବଂ ୪୦ ରୁ ଅଧିକ ଅନ୍ତର୍ଜାତୀୟ ସହରକୁ କନେକ୍ଟ କରୁଛି। ଇଣ୍ଡିଗୋର ମଧ୍ୟ ଆନ୍ତର୍ଜାତୀୟ ଯାତ୍ରୀଙ୍କ ପାଇଁ ଜବରଦସ୍ତ ଅଫର ରହିଛି। କୋଚିରୁ ସିଙ୍ଗାପୁରର ବିମାନ ୮୯୯୦ ଟଙ୍କାରୁ ଆରମ୍ଭ ହେଉଛି। ଅହମ୍ମଦାବାଦରୁ ସିଙ୍ଗାପୁରର ଭଡ଼ା ୯୯୯୦ଟଙ୍କା ରୁ ଆରମ୍ଭ ହେଉଛି। ଜୟପୁରରୁ ସିଙ୍ଗାପୁରର ଭଡ଼ା ୧୦୧୯୦ ଟଙ୍କା ରୁ ଆରମ୍ଭ ହେଉଛି। ଏହି ଫ୍ଲାଇଂ କନେକ୍ସନ୍ ସେଲ୍ ଅଧୀନରେ ଏହି ଅଫର୍ କେବଳ ଇଣ୍ଡିଗୋ-ପରିଚାଳିତ ବିମାନ ପାଇଁ ପ୍ରଯୁଜ୍ୟ। କୋଡସେୟାର କିମ୍ବା ସିଧାସଳଖ ବିମାନ ପାଇଁ ନୁହେଁ। ଟିକେଟ୍ ବୁକିଂ ଏକ-ତରଫା ଏବଂ ରାଉଣ୍ଡ-ଟ୍ରିପ୍ ଉଭୟ ବିମାନ ପାଇଁ ବୈଧ, କିନ୍ତୁ ସୀମିତ ସଂଖ୍ୟକ ଟିକେଟ୍ ଉପଲବ୍ଧ ହେବ। ଏହି ଅଫର୍ ଅନ୍ୟ କୌଣସି ଇଣ୍ଡିଗୋ ପ୍ରମୋସନ୍ କିମ୍ବା ରିହାତି ସହିତ ମିଶ୍ରିତ ହୋଇପାରିବ ନାହିଁ। ଏହା ବ୍ୟତୀତ ଅଫରରେ କାଟିଥିବା ଟିକେଟ୍ ନା ବଦଳାଇ ପାରିବେ ନା ରିଫଣ୍ଡ ହୋଇପାରିବ।

## ମଇଳା ଶୌଚାଳୟ ରିପୋର୍ଟ କଲେ ମିଳିବ ହଜାରେ ଟଙ୍କା




ନୂଆଦିଲ୍ଲୀ, ୧୫।୧୦: ମଇଳା ଶୌଚାଳୟ ରିପୋର୍ଟ କରନ୍ତୁ, ଫାସଟାଗ୍‌ରେ ରିଚାର୍ଜ ପାଆନ୍ତୁ। ମିଳିବ ୧୦୦୦ ଟଙ୍କା। ଟୋଲ ପ୍ଲାଜାରେ ଥିବା ମଇଳା ଶୌଚାଳୟର ଫଟୋ ଦେଲେ ମିଳିବ ଏମିତି ପୁରସ୍କାର। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ସ୍ୱଚ୍ଛ ଭାରତ ଅଭିଯାନକୁ ଧ୍ୟାନରେ ରଖି ଏକ ନୂଆ ପଦକ୍ଷେପ ଆରମ୍ଭ କରିଛି। ଏବେ ଯଦି ଆପଣ ଟୋଲ୍ ପ୍ଲାଜାରେ ମଇଳା ଶୌଚାଳୟ ଦେଖନ୍ତି ଏବଂ ଏନଏଚଏଆଇକୁ ରିପୋର୍ଟ କରନ୍ତି, ତେବେ ଆପଣଙ୍କୁ ଫାସଟାଗ୍ ରିଚାର୍ଜ ଆକାରରେ ହଜାରେ ଟଙ୍କାର ପୁରସ୍କାର ମିଳିବ। ଏହି ଯୋଜନା ୩୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ସାରା ଦେଶର ଜାତୀୟ ରାଜପଥରେ ଲାଗୁ ହେବ। ତେବେ ଆସନ୍ତୁ ଜାଣିବା କିପରି ରିପୋର୍ଟ କରିବେ ଏବଂ ପୁରସ୍କାର ପାଇବେ?

ଏହି ଯୋଜନା ଅଧୀନରେ ରାଜପଥ ଯାତ୍ରୀମାନେ ରାଜମାର୍ଗ ଯାତ୍ରା ଆପ୍‌ର ନୂଆ ଭର୍ସନ ବ୍ୟବହାର କରି ମଇଳା ଶୌଚାଳୟର ଜିଓ-ଟ୍ୟାଗ୍ ଏବଂ ଟାଇମ୍-ଷ୍ଟାମ୍ପର ଫଟୋ ଅପଲୋଡ୍ କରିପାରିବେ। ଏହା ସହିତ ଯାତ୍ରୀମାନଙ୍କୁ ନିଜ ନାମ, ସ୍ଥାନ, ଗାଡ଼ିର ରେଜିଷ୍ଟ୍ରେସନ୍ ନମ୍ବର ଏବଂ ମୋବାଇଲ୍ ନମ୍ବର ମଧ ଦେବାକୁ ପଡିବ। ଯାଞ୍ଚ ପରେ ରିପୋର୍ଟ ସଠିକ୍ ବୋଲି ଜଣାପଡିଲେ, ଯାତ୍ରୀଙ୍କ ଗାଡ଼ିକୁ ୧୦୦୦ ଟଙ୍କାର ଫାସଟାଗ୍ ରିଚାର୍ଜ ଦିଆଯିବ। ଏହି ଯୋଜନା ଅନୁସାରେ ପ୍ରତ୍ୟେକ ଯାନବାହନ ରେଜିଷ୍ଟ୍ରେସନ୍ ନମ୍ବରକୁ କେବଳ ଥରେ ପୁରସ୍କାର ମିଳିବ। ସେହିପରି ଏକାଧିକ ଅଭିଯୋଗ ଦାଖଲ ହୋଇଥିଲେ ମଧ ଗୋଟିଏ ଶୌଚାଳୟକୁ ଦିନକୁ କେବଳ ଥରେ ପୁରସ୍କାର ପାଇଁ ନିଶ୍ଚିତ କରାଯିବ। ଯଦି ଏକାଧିକ ଲୋକ ଗୋଟିଏ ଦିନରେ ସମାନ ଶୌଚାଳୟ ବିଷୟରେ ରିପୋର୍ଟ କରନ୍ତି, ତେବେ କେବଳ ପ୍ରଥମ ସଠିକ୍ ରିପୋର୍ଟ ପୁରସ୍କାର ପାଇବ।

ଏନଏଚଏଆଇ କହିଛି ଯେ କେବଳ ଆପ୍ ମାଧମରେ ନିଆଯାଇଥିବା ସ୍ପଷ୍ଟ, ଅସଲ ଏବଂ ଜିଓ-ଟ୍ୟାଗ୍ ଲାଗିଥିବା ଫଟୋ ହିଁ ବୈଧ ହେବ। ଡୁପ୍ଲିକେଟ୍, ପୁରୁଣା କିମ୍ବା ଏଡିଟ୍ ଫଟୋ ଗ୍ରହଣ କରାଯିବ ନାହିଁ। ସମସ୍ତ ଏଣ୍ଟ୍ରିଗୁଡ଼ିକୁ ଏଆଇ ଏବଂ ମାନୁଆଲ୍ ଯାଞ୍ଚ ବ୍ୟବହାର କରି ଯାଞ୍ଚ କରାଯିବ। ଯାହା ଦ୍ୱାରା ଯେଉଁମାନେ ସଠିକ୍ ଭାବରେ ରିପୋର୍ଟ କରିଥିବେ ସେମାନଙ୍କୁ ହିଁ ପୁରସ୍କାର ମିଳିବ।

ଏହି ଯୋଜନା କେବଳ ସେହି ଶୌଚାଳୟ ପାଇଁ ପ୍ରଯୁଜ୍ୟ ହେବ, ଯାହା ଏନଏଚଏଆଇ ଦ୍ୱାରା କରାଯାଇଛି। ପେଟ୍ରୋଲ ପମ୍ପ, ଢାବା କିମ୍ବା ଅନ୍ୟାନ୍ୟ ଘରୋଇ ସାର୍ବଜନୀନ ସ୍ଥାନରେ ଶୌଚାଳୟକୁ ଏଥିରେ ସାମିଲ କରାଯିବ ନାହିଁ। ସ୍ୱଚ୍ଛତାକୁ ବଢ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

# ସରକାରୀ ଯୋଜନାରୁ ବଞ୍ଚିତ ଲବ ଦିଗାଲ



**ଫିରିଙ୍ଗିଆ,୧୫।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ଗାଇଗୁଡ଼ା ଗ୍ରାମର ପାଦେରୀପଡ଼ା-ସାହିର ଲବ ଦିଗାଲ ବୟସ (୬୨) ହୋଇଥିଲେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଦୀର୍ଘ ସାତବର୍ଷ ଧରି ଏହି ଝାଟିମାଟି ଭଙ୍ଗା ଦଦରା କୁଡ଼ିଆରେ ରହି ଆସୁଥିବା ଦେଖିବାକୁ ମିଳୁଛି। ହେଲେ ରାଜ୍ୟ ଓ କେନ୍ଦ୍ର ସରକାର ଗରିବ, ବାସହୀନ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ପକ୍କା ଘର ଯୋଗାଇ ଦେଉଛନ୍ତି ସତ କିନ୍ତୁ ପ୍ରଶାସନ ଇଚ୍ଛାଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ଲବ ଦିଗାଲ ଙ୍କୁ ପକ୍କା ଘର ଖଣ୍ଡିଏ ମିଳି ପାରି ନାହିଁ। ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ୍ କରିବାର ବିଳମ୍ବ କାହିଁକି ବୋଲି ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ନୂତନ ରାସନ୍ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଓ ପକ୍କା ଘର ଖଣ୍ଡିଏ ପାଇବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ଅଭିଯୋଗ କରିଛନ୍ତି। ଲବ ଦିଗାଲ ଜଣେ ଯୋଗ୍ୟ ହିତାଧିକାରୀ ହୋଇଥିଲେ ବି ତାଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି। ଦିନ ମଜୁରିଆ ହୋଇଥିବାରୁ ଯାହା ମିଳୁଛି ସେତିକି ରେ ଜଣେ ଚଳିବା କଷ୍ଟ କର ହେଉଛି। ଘର ଖଣ୍ଡିଏ ତିଆରି କି ଘର ଛପର କରିବା ତାଙ୍କ ପକ୍ଷେ ଅସମ୍ଭବ ବୋଲି କହିଛନ୍ତି ଲବ ଦିଗାଲ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇ ଲବ ଦିଗାଲ ଙ୍କୁ ପକ୍କା ଘର ଖଣ୍ଡିଏ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ଲବ ଦିଗାଲ ପରିବାର ର ଦୁଃଖ ସରକାର କେବେ ଶୁଣୁଛନ୍ତି।

# ଗଛରେ ଏସିଆନ ଓପେନବିଲ ଷ୍ଟର୍କ ପକ୍ଷୀ



**ଭବାନୀପାଟଣା, ୧୫।୧୦ (ସଂଚାର ବ୍ୟୁରୋ):** ପ୍ରାକୃତିକ ପରିବେଶରେ ବିଭିନ୍ନ ଜୀବଜନ୍ତୁ ପକ୍ଷୀ କିପରି ନିର୍ଭୟ, ମୁକ୍ତ ଓ ନିରାପଦରେ ବିଚରଣ କରିବା ସହିତ ବଂଶବିସ୍ତାର କରିପାରିବେ, ଏଥିପାଇଁ କେବଳ ବନ କର୍ମଚାରୀଙ୍କ ପଦକ୍ଷେପ ଯଥେଷ୍ଟ ନୁହେଁ, ପ୍ରତ୍ୟେକଙ୍କ ସାହାଯ୍ୟ ଓ ସହଯୋଗ ଜରୁରୀ ବୋଲି ବିଶ୍ୱାସ କରନ୍ତି କଳାହାଣ୍ଡି ଜିଲ୍ଲାର ପକ୍ଷୀ ପ୍ରେମୀ ଗାଁ ବୋରଭଟା ଗ୍ରାମବାସୀ। ପକ୍ଷୀଙ୍କୁ ସୁରକ୍ଷା ଦେଉଛନ୍ତି ଗାଁର ଯୁବ ଗୋଷ୍ଠୀ। ଭବାନୀପାଟଣା ବ୍ଲକ ଅନ୍ତର୍ଗତ କାମଠଣା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୋରଭଟା ଗ୍ରାମ ହେଉଛି ପକ୍ଷୀ ପ୍ରେମୀ ଗାଁ। ପ୍ରତି ବର୍ଷ ବର୍ଷା ଋତୁ ଆରମ୍ଭ ହେଲେ ଏସିଆନ ଓପେନବିଲ ଷ୍ଟର୍କ ପ୍ରଜାତିର ହଜାର ହଜାର ପକ୍ଷୀ ଏଠାକୁ ଆସନ୍ତି। ଗ୍ରାମ ଶେଷ ମୁଣ୍ଡରେ ଥିବା ଗ୍ରାମଦେବୀ ମାଁ ଧରଣୀ ପୀଠରେ ଥିବା ଗଛରେ ଅବା ଗଛରେ ବସା ବାନ୍ଧି ଆଶ୍ରୟ ନିଅନ୍ତି, ଯାହା ଚିଲିକାର ଭ୍ରମ ସୃଷ୍ଟି କରେ। ଏହି ପକ୍ଷୀ ମୁଖ୍ୟତଃ ଦକ୍ଷିଣ ପୂର୍ବ ଏସିଆରେ ଦେଖାଯାଉଥିବା ଏକ ବଡ଼ ଜଳପକ୍ଷୀ। ଆଖପାଖ ଜମି ଓ ପୋଖରୀରୁ ଖାଦ୍ୟ ସଂଗ୍ରହ କରିଥାଆନ୍ତି ଓ ବଂଶ ବିସ୍ତାର କରିଥାନ୍ତି। ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ସଚେତନତା ସୃଷ୍ଟି କରିବା ପରେ କେତେଜଣ ବୁଦ୍ଧିଜୀବୀ, ପରିବେଶବିତ୍‌ଙ୍କ ସହ ଏହି ଗ୍ରାମର ଯୁବ ଗୋଷ୍ଠୀ ସ୍ୱତଃପ୍ରବୃତ୍ତ ଭାବେ ପକ୍ଷୀ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଥିଲେ। ଏପରିକି ପକ୍ଷୀ ଶିକାରରୁ ନିବୃତ୍ତ ରହିବା ପାଇଁ ଆଖପାଖ ଅଞ୍ଚଳବାସୀଙ୍କୁ ସଚେତନ କରାଇବାରେ ମଧ୍ୟ ସଫଳ ହୋଇଛନ୍ତି। ବୋରଭଟା ଗ୍ରାମର ଯୁବ ଗୋଷ୍ଠୀ ପକ୍ଷୀମାନଙ୍କ ସୁରକ୍ଷା ଦେବା ସହ କୌଣସି ବାହାରିଆ ଲୋକ ପକ୍ଷୀ ଶିକାର କରିବା ପାଇଁ ଆସିଲେ ମନା କରନ୍ତି।

# ଅଷ୍ଟମ ପୋଷଣ ମାସ ପାଳନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ସମାରୋହ



**ବରଗଡ଼,୧୫।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଅଷ୍ଟମ ପୋଷଣ ମାସ-୨୦୨୫ ପାଳନର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସନ୍ଧ୍ୟାରାଣୀ ନେପାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମାରୋହରେ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କ ସମେତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୋଇ, ଅତିରିକ୍ତ କୃଷି ଉଦ୍ୟାନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଡା. ବି. ଯୋଶୀ, ଡି ପି ଏଚ ଓ, ଅତିରିକ୍ତ କୃଷି ଅଧିକାରୀ ଡ଼ା ଅଞ୍ଜନ କୁମାର ନାୟକ ପ୍ରମୁଖ ମଞ୍ଚାସିନ ହୋଇ ଜିଲ୍ଲା ସ୍ତରୀୟ ପୋଷଣ ମାସ ଉପରେ ଆଲୋଚନା କରିବା ସହ ମେଦ ବହୁଳ ରୋଗ ଏବଂ ତାର ସମାଧାନ ଉପରେ ଆଲୋକପାତ କରିଥଲେ। ମାଁ ମାନେ ଶିଶୁ ମାନଙ୍କୁ କିପରି ଉତ୍ତମ ପୋଷଣ ଖାଦ୍ୟ ସହ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବା ତା ଉପରେ ମାଁ ମାନେ କିପରି ସଚେତନ ରହିବେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଏବଂ ଏକ ପେଡ୍ ମାଁ କେ ନାମ ସଭାରେ ଉପସ୍ଥିତ ଜନସାଧାରଣ ଓ କର୍ମଚାରୀ ମାନଙ୍କୁ ଗଛ ଟିଏ ଲଗାଇବା ପାଇଁ ଆହ୍ୱାନ କରିଥିଲେ।

# ଦୁଇ ଅଭିଯୁକ୍ତ ଗିରଫ, ସୁନା ଅଲଙ୍କାର ଜବତ୍

## ଗାଁର ଚୋରକୁ ଧରିବାକୁ ଲାଗିଲା ଦୁଇମାସ



**ନୟାଗଡ଼,୧୫।୧୦ (ସଂଚାର ବ୍ୟୁରୋ):** ଦୁଇ ମାସର ପରିଶ୍ରମ ପରେ ଶରଣକୁଳ ପୋଲିସକୁ ମିଳିଛି ସଫଳତା। ପୋଲିସର ମୁଣ୍ଡ ବିନ୍ଧା କରିଦେଇଥିଲେ ଅଭିଯୁକ୍ତ। ଆଜି ତା ଘରୁ ତ କାଲି ଆଉ କା ଘରୁ ଏମିତି ଦିନକ ପରେ ଦିନେ ଆ ତା ଘରୁ ଚୋରି ହେଉଥିଲା। ଏବଂ ଥାନାକୁ ମଧ୍ୟ ଅଭିଯୋଗର ଲାଇନ୍ ଲାଗିଥିଲା। ଦୁଇ ମାସ ଧରି ଶରଣକୁଳ ପୋଲିସର ମୁଣ୍ଡ ବିନ୍ଧାଇ ଦେଇଥିଲେ ଚୋର। ଚୋର କୁ ଧରିବା ପାଇଁ ଦୁଇ ମାସ ଧାଇଁ ଧାଇଁ ଅନୁସଂଧାନ କରି ଶେଷରେ ପୋଲିସକୁ ସଫଳତା ମିଳିଛି। ଏହାକୁ ନେଇ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା ସାମ୍ବାଦିକ ସମ୍ମିଳନୀ କରିଥିଲେ। ସୂଚନାନୁସାରେ, ଶରଣକୁଳ ଥାନା ନିକଟବର୍ତ୍ତୀ ବାଉଁଶିଆ ଗ୍ରାମର ପ୍ରଶାନ୍ତ କୁମାର ରଥଙ୍କ ଘରର ତାଲା ଭାଙ୍ଗି ଘରେ ପଶି ଚଳିତ ମାସ ୮ ତାରିଖର ବିଳମ୍ବିତ ରାତିରେ କିଛି ଅଜଣା ବ୍ୟକ୍ତି ତାଙ୍କ ଘରୁ ସୁନା ଗହଣା ସମେତ ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ଚୋରି କରି ନେଇ ଯାଇଥିଲେ। ଏଥିନେଇ ଶ୍ରୀ ରଥ ଥାନାରେ ଚୋରି ସମ୍ପର୍କରେ ଅଭିଯୋଗ କରିଥିଲେ। ଥାନାରେ ମାମଲା ରୁଜୁ କରି ଅନୁସନ୍ଧାନ ଜାରୀ ରଖିଥିଲା। ଆଜିକୁ ଦୁଇମାସ ଧରି ଚୋରମାନେ ବାଉଁଶିଆ ଗ୍ରାମର ୧୦ ଜଣଙ୍କ ଘରୁ ଚୋରି କରି ଚାଲିଥିଲେ। ଚୋରମାନଙ୍କ ପ୍ରାଦୁର୍ଭାବ ବାଉଁଶିଆ ଗ୍ରାମରେ ବଢ଼ି ଚାଲିଥିଲା। ସେହି ଦିନଠାରୁ ଶରଣକୁଳ ପୁଲିସ ଚୋରଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିଲା।

# ସହିଦ୍ ଭଗତ ସିଂହ ଯୁବକ ସଂଘ ପକ୍ଷରୁ ୬୧ ବିଶ୍ୱ ଧଳାବାଡି ଦିବସ ପାଳନ



**ଯାଜପୁର ରୋଡ଼,୧୫।୧୦ (ସଂଚାର ବ୍ୟୁରୋ):** ବ୍ୟାସନଗର ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସହିଦ୍ ଭଗତ ସିଂହ ଯୁବକ ସଂଘ" ପକ୍ଷରୁ ବ୍ୟାସଦେବ ଟାଉନ୍ ହଲ୍ ଠାରେ ରାଜ୍ୟସ୍ତରୀୟ ୬୧ ତମ "ବିଶ୍ୱ ଧଳାବାଡ଼ି ଦିବସ" ପାଳନ ହୋଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତ ତଥା ଭଦ୍ରକ ଯାଜପୁର କଟକ ବାଲେଶ୍ୱର ଖୋର୍ଦ୍ଧା ବ୍ରହ୍ମପୁର ନୟାଗଡ଼ ନବରଙ୍ଗପୁର କେଉଁଝର ଆଦି ବିଭିନ୍ନ ଜିଲ୍ଲାରୁ ପ୍ରାୟ ଷାଠିଏ ରୁ ଉର୍ଦ୍ଧ୍ୱ ଦୃଷ୍ଟି ବାଧିତ ବ୍ୟକ୍ତି ଏହି ଦିବସରେ ଉପସ୍ଥିତ ଥିଲେ।ସେମାନଙ୍କୁ ବସ୍ ଷ୍ଟାଣ୍ଡ ଏବଂ ରେଳ ଷ୍ଟେସନରୁ ସଂଘର ସଭ୍ୟ ମାନେ ସ୍ୱାଗତ ସହକାରେ ପାଛୋଟି ଆଣିଥିଲେ ବ୍ୟାସଦେବ ଟାଉନ୍ ହଲ୍ କୁ। ସଭାପତି ରାଜେନ୍ଦ୍ର ବିଶ୍ୱାଳ'ଙ୍କ ଅଧ୍ୟକ୍ଷତାରେ ଏକ ସଭାକାର୍ଯ୍ୟ କରାଯାଇଥିଲା। ଉକ୍ତ ସଭାରେ କୋରାଇର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରିତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବେ ସମାଜ ସେବୀ ତଥା ପୀୟୂଷକାନ୍ତ ପାଣି ଯୋଗଦେଇ ଆଜିର ଦିବସ ଉପରେ ଆଲୋକପାତ କରିଥିଲେ।

# ନଭେମ୍ବର ୩ରୁ ରୋଟାରୀ କ୍ଲବର ମାଗଣା କୃତ୍ରିମ ଅଙ୍ଗରୋପଣ ଶିବିର



**ନୟାଗଡ଼,୧୫।୧୦ (ସଂଚାର ବ୍ୟୁରୋ):** ରୋଟାରୀ କ୍ଲବ ନୟାଗଡ଼ ଏବଂ ରୋଟାରି କ୍ଲବ ଅଫ ବ୍ରହ୍ମପୁର ଇଷ୍ଟର ମିଳିତ ଆନୁକୂଲ୍ୟରେ, ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ବିଜୁ ମହାବୀର ଫୁଟ୍ ସେଣ୍ଟର, ଖେକ୍ଷର୍ଦ୍ଧାଙ୍କ ସହଭାଗିତାରେ ନୟାଗଡ଼ ରୋଟାରୀ କ୍ଲବ ପରିସରରେ ଭିନ୍ନକ୍ଷମଙ୍କ ପାଇଁ ମାଗଣାରେ କୃତ୍ରିମ ଅଙ୍ଗ ରୋପଣ ଶିବିର ଆୟୋଜନ କରାଯାଉଛି। ଏହି କ୍ରମରେ ନୟାଗଡ଼ଠାରେ ନଭେମ୍ବର ୩ ରୁ ୭ ପର୍ଯ୍ୟନ୍ତ ଆୟୋଜନ କରାଯିବ। ଏହି ଶିବିରରେ କୃତ୍ରିମ ଅଙ୍ଗ ଯଥା -ଗୋଡ଼ ଓ ହାତ ସହ ଆଶା ବାଡି ଓ ଶ୍ରବଣ ଯନ୍ତ୍ର ମାଗଣାରେ ଯୋଗାଇଦିଆଯିବ। ଏହି ମହତ କାର୍ଯ୍ୟରେ ସମାଜର ସବୁ ବର୍ଗର ଜନ ସାଧାରଣଙ୍କୁ ସହଯୋଗ, କରିବା ପାଇଁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

# ହୋଟେଲ ଏମପେୟାର୍ସ ତରଫରୁ ଦୀପାବଳି ଅଫର

**ପାରାଦ୍ୱୀପ,୧୫।୧୦ (ସଂଚାର ବ୍ୟୁରୋ):** ରାସ୍ତା କଡ଼ ରେ ଝଲସୁଛି ବିଭିନ୍ନ ପ୍ରକାର ର ମିଠା ସହିତ ଡ୍ରାଏ ଫ୍ରୁଡ଼ ର ପ୍ୟାକେଟ, ସବୁ ବର୍ଷ ଭଳି ଏ ବର୍ଷ ମଧ ପାରାଦ୍ୱୀପ ଏମପେୟାର୍ସ ହୋଟେଲ ତରଫରୁ ଦୀପାବଳି ଅଫର ଆଣିଛି! ଡ୍ରାଏ ଫ୍ରୁଡ଼, ବିଭିନ୍ନ ପ୍ରକାର ମିଠା ପ୍ୟାକେଟ ବିକ୍ରି ପାଇଁ ହୋଟେଲ ବାହାରେ ଏକ ଷ୍ଟଲ ଖୋଲିଛି ଏମପେୟାର୍ସ ଏଥିରେ ୫୦୦ ଟଙ୍କା ଠୁ ୫୦୦୦ ପର୍ଯ୍ୟନ୍ତ ପ୍ୟାକେଟ ମିଳୁଛି ଏବଂ ଯେହେତୁ ପାରାଦ୍ୱୀପ ସହର ରେ ବିଭିନ୍ନ କର୍ପୋରେଟ କମ୍ପାନୀ ସବୁ ରହିଛି ସେଥିପାଇଁ ଏ ସବୁ ଅଫର ଦୀପାବଳି ପାଇଁ ଆଣିଛନ୍ତି ବୋଲି ଆଜି ଏକ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ହୋଟେଲ ର ମ୍ୟାନେଜର ଏମ ଏମ ଖାନ କହିଛନ୍ତି।

# ନଦୀରେ ଗାଧେଇବା ସମୟରେ ଯୁବକର ମୃତ୍ୟୁ



**ଗାଇସିଲେଟ,୧୫।୧୦ (ସଂଚାର ବ୍ୟୁରୋ):** ଗତକାଲି ତା ୧୪-୧୦-୨୦୨୫ ରିଖ ଦୁଇ ଜନ ବନ୍ଧୁ ଗାଧୋଇବାକୁ ଯାଇ ଜଣକର ଜୀବନ ଚାଲିଗଲା। ଜଣେ ଶ୍ରୀ ନିରୋଜ ବାରିକ ବୟସ ୨୪, ପିତା ପ୍ରସନ୍ନ ବାରିକ ଓ ଅନ୍ୟଟି ଛାୟାକାନ୍ତ ସାହୁ ବୟସ ପ୍ରାୟ ୩୦, ପିତା ପ୍ରହଲ୍ଲାଦ ସାହୁ ସାଙ୍ଗ ଦୁଇ ଡୁଡୁକାମୁଣ୍ଡା ଗାଁର ଅଟନ୍ତି। ଉଭୟେ ସାଙ୍ଗ ହୋଇ କଣ୍ଟିପାଲି ଛକଙ୍କୁ ବୁଲିବାକୁ ଆସି ପ୍ରାୟ ୨/୩ବଜେ ଗାଧୋଇବାକୁ ନଦୀ ଆରପଟକୁ ଆସି ଥିଲେ ଓ ଶୁଣିବାକୁ ମିଳିଛି ଯେ ନିଶାସକ୍ତ ଅବସ୍ଥାରେ ପାଣି ଟାଙ୍କି ଉପରକୁ ଚଢ଼ି ଜମ୍ପ କରିଥିଲେ। ଡେଇଁ ପଡ଼ି ବାହାରି ନ ପାରିଲେ ମଙ୍ଗଳବାର ଦିନ ନିରୋଜ ବାରିକ ନିଖୋଜ ହୋଇ ଯାଇଥିଲେ। ଏହି ଘଟଣା ହସ୍ତଗତ କରି ଆଗଲପୁର, ଗାଇସିଲେଟ ଓ ପଦ୍ମପୁର ପୋଲିସ ଏବଂ ଅଗ୍ନିଶମ ବାହିନୀ ଯଥାଶୀଘ୍ର ଯଥାସ୍ଥାନକୁ ପହଂଚିଥିଲେ। ଗତ ମଙ୍ଗଳବାରରୁ ଆଜି ବୁଧବାର ସମୟ ପ୍ରାୟ ୧୧ଟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ। ନିରୋଜ ବାରିକଙ୍କ କିଛି ପତ୍ତା ମିଳି ନ ଥିଲା। ଠିକ ବାରଟାରେ ନିଖୋଜ ଥିବା ସ୍ଥାନରେ ପୁଣି ମୃତ ଦେହ ମିଳିଥିଲା।

● ଗଞ୍ଜାମରେ ବାଇକ ଚୋରି ବୃଦ୍ଧି

# ସିସିଟିଭିର ଅଭାବରୁ ପୁଲିସ ତଦନ୍ତରେ ବାଧା

**ଗଞ୍ଜାମ,୧୫।୧୯(ସଂଚାର ବ୍ୟୁରୋ):** ଗଞ୍ଜାମ ଥାନା ଅଧୀନରେ ବାଇକ ଚୋରିର ଘଟଣା ବୃଦ୍ଧି ପାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସୋମବାର ବିଳମ୍ବିତ ରାତିରେ ଦୁଇଟି ବାଇକ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଇଁତଳା ଗ୍ରାମ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଦୋକାନ ନିକଟରୁ ସୁନୀଲ କୁମାର ବେହେରାଙ୍କର ଆପାଚି ବାଇକ (ନମ୍ବର: ଓଡ଼ି୦୭ଏଏନ ୬୬୬୩) ଚୋରି ହୋଇଯାଇଛି। ଏହି ଘଟଣାରେ ଗଞ୍ଜାମ ଥାନାରେ କେସ ନମ୍ବର ୩୨୪/୨୫ ରୁଜୁ କରାଯାଇଛି। ସେହିପରି ଲକ୍ଷ୍ମୀପୁର ଗ୍ରାମରେ ପି. ଦେବରାଜ ରେଡ୍ଡୀଙ୍କ ଘର ସମ୍ମୁଖରୁ ଗ୍ଲାମର୍ ବାଇକ (ନମ୍ବର: ଓଡ଼ି୦୭ ୧୭୬୪) ମଧ୍ୟ ଚୋରି ହୋଇଯାଇଛି। ଏହା ପୂର୍ବରୁ ଗତ ଜୁଲାଇ ମାସରେ ଲକ୍ଷ୍ମୀ ବସ୍‌ର ଚାଳକ ଗୋବିନ୍ଦ ଦାସଙ୍କର ଗ୍ଲାମର୍ ବାଇକ (ନମ୍ବର: ଓଡ଼ି୦୭କେ ୪୬୦୭) ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପାର୍କିଂରେ ରଖାଯାଇଥିବା ଅବସ୍ଥାରେ ଚୋରି ହୋଇଯାଇଥିଲା। ଗୋବିନ୍ଦ ଯାତ୍ରୀ ନେବାକୁ ବସ ପାଖକୁ ଯାଇଥିବା ବେଳେ ଫେରିବା ସମୟରେ ବାଇକ ଗାୟବ ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାଗୁଡ଼ିକ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ଚୋରିର ମୂଳକାରଣ ହେଉଛି ଅଞ୍ଚଳରେ ସିସିଟିଭିର ଅଭାବ। ବଜାରରେ ଲାଗିଥିବା ସିସି କ୍ୟାମେରାଗୁଡ଼ିକ କାର୍ଯ୍ୟକ୍ଷମ ନୁହେଁ, ଏବଂ ପୁଇଁତଳାର ଦୋକାନଗୁଡ଼ିକରେ କ୍ୟାମେରା ନ ଥିବାରୁ ଦୁର୍ବୃତ୍ତମାନଙ୍କୁ ସୁଯୋଗ ମିଳୁଛି।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ



**ସୁନ୍ଦରଗଡ଼,୧୫।୧୦ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କନକତୁରା ଠାରେ ଅକ୍ଟୋବର ୧୫ ତାରିଖ ବୁଧବାର ଦିନ ଆଞ୍ଚଳିକ ସାଧନ କର୍ମୀ କୁମର ମଣି କାଲୋଙ୍କ ତତ୍ତ୍ୱାବଧାନରେ ଓ ପ୍ରଧାନ ଶିକ୍ଷକ ତେଜରାମ ସାହୁଙ୍କ ଅଧ୍ୟକ୍ଷତାରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶୀଲ ପୋଢ ମଞ୍ଚ ପରିଚାଳନା କରିଥିଲେ। ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କରୁଣା ସାଗର ପଟେଲ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଢ଼ୋଲାମଣୀ ପଟେଲ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର କୁମାର ଅର୍କ, ରାଜେଶ ଓରାମ୍, ଲୋଭାରାମ ପଟେଲ, ଶିକ୍ଷାବିତ୍ ଲିଙ୍ଗରାଜ ପ୍ରଧାନ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ରୀତାରାଣୀ ନାଏକ, ରୋଜାଲିନ ଶତପଥୀ, ଯାଜ୍ଞସେନୀ ସା, ପ୍ରଶାନ୍ତ ସାହୁ, ହିମାନୀ କୁଅଁର, ସୁଷମା ଭୋଇ, ରାଜେଶ୍ୱରୀ ସୁନାନୀ, ପ୍ରତିଭା ତନ୍ତି, ଗୋବିନ୍ଦ ରଣା, ନନ୍ଦିତା ମାଝୀ, ସଞ୍ଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କଳାହାଣ୍ଡି ଜିଲ୍ଲା ଗଠନ ଦିବସ, ଜିଲ୍ଲାପାଳଙ୍କ ପ୍ରସ୍ତୁତି ବୈଠକ



**ଭବାନୀପାଟଣା, ୧୫।୧୦ (ସଂଚାର ବ୍ୟୁରୋ):** ଆସନ୍ତା ନଭେମ୍ବର ୦୧ ତାରିଖ ଦିନ କଳାହାଣ୍ଡି ଜିଲ୍ଲା ଗଠନ ଦିବସ-୨୦୨୫ ପାଳନ ଉପଲକ୍ଷେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ବୈଠକ ର କାର୍ଯ୍ୟ ସୂଚୀ ଅନୁଯାଇ ଆଲୋଚନା କରିବା ପାଇଁ ଜିଲ୍ଲାପାଳ ଙ୍କୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ବୈଠକ ର କାଯ୍ୟସୂଚୀ ପଠନ ସହିତ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିଲ୍ଲା ଗଠନ ଦିବସ କୁ ମହାସମାରୋହରେ ପାଳନ କରିବା ନିମନ୍ତେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ଗଠନ ଦିବସକୁ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବ୍ଲକ, ସହରାଞ୍ଚଳ, ଓ ଜିଲ୍ଲାସ୍ତରରେ ମହାସମାରୋହରେ ପାଳନ କିପରି କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଭବାନୀପାଟଣା ସହରରେ ମସାଲ ଶୋଭାଯାତ୍ରା, ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ପୁସ୍ତକ ମେଳା, ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ଆଲୋଚନା କରାଯାଇଥିଲା।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ନାଉଗାଁ,୧୫।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ପଞ୍ଚାୟତରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ବୁଧବାର କରାଯାଇଛି। ଏଥିରେ ସମନ୍ୱିତ ଗୋଷ୍ଠୀ କେନ୍ଦ୍ର ନିର୍ମାଣ, ଆଦିବାସୀ ସାହି ଶାଳିଜଙ୍ଗାର ଗୋଷ୍ଠୀ ଶୌଚାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶାଳିଜଙ୍ଗାର ନୂତନ ଶ୍ରେଣୀ ଗୃହ ଆଦିର ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବିଡିଓ ନିରଞ୍ଜନ ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ବିଜେପି ରାଷ୍ଟ୍ରୀୟ ପରିଷଦ ସଭ୍ୟ ଉପେନ୍ଦ୍ରନାଥ ବିଶ୍ୱାଳ, ଯୁବନେତା ବିଶ୍ବୟାନନ୍ଦ ସ୍ୱାଇଁ, ମନୋଜ କୁମାର ସ୍ୱାଇଁ ଆଦି ଉପସ୍ଥିତ ଥିଲେ।

# ସାର୍ବଜନୀନ ରାବଣ ପୋଡ଼ି ଉତ୍ସବ



**ବାଲିଆପାଳ,୧୫।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ବଣିଆଡ଼ିହା ପଞ୍ଚାୟତ ଅଧିନସ୍ଥ ଲଙ୍ଗଳେଶ୍ୱର କାଳିଝାଟି ପଡ଼ିଆ ଠାରେ ହର ପାର୍ବତୀ କ୍ଲବ୍ ଆନୁକୂଲ୍ୟରେ ସାର୍ବଜନୀନ ରାବଣ ପୋଡ଼ି ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହର ପାର୍ବତୀ କ୍ଲବ୍ ର ସଭାପତି ତୁଷାର କାନ୍ତ ବେହେରା ଉତ୍ସବରେ ସଭାପତିତ୍ୱ କରିଥିଲେ କ୍ଷଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରି ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଆମ ମାନଙ୍କ ମଧ୍ୟରେ ଥିବା ହିଂସା, ଦ୍ୱେଷ ଓ ଅହଂକାର ସ୍ୱରୂପର ରାବଣକୁ ଜାଳି ସ୍ନେହ, ପ୍ରୀତି, ମୈତ୍ରୀରେ ପରସ୍ପର ସହ ବାନ୍ଧି ହେବା ପାଇଁ ସମସ୍ତଙ୍କୁ ମୁଖ୍ୟ ଅତିଥି ମାନ୍ୟବର ବିଧାୟିକା ଶ୍ରୀମତୀ ଜେନା ଆହ୍ୱାନ କରିଥିଲେ କ୍ଷଅନ୍ୟ ମାନଙ୍କ ମଧ୍ୟରେ ସିଂଲା ଥାନାଧିକାରୀ ଆଲୋକ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ ଜେନା, ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ, ବଣିଆଡ଼ିହା ସରପଞ୍ଚ କାଳି ଚରଣ ଜେନା, ସମିତି ସଦସ୍ୟ କଟି ମାରାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ୧୦୭ ବସ୍ତା ବିସ୍ଫୋରକ କଞ୍ଚାମାଲ ଜବତ



**ବୈଶିଙ୍ଗା,୧୫।୧୦ (ସଂଚାର ବ୍ୟୁରୋ):** ଆଗାମୀ ଦିପାବଳୀ କୁ ଲକ୍ଷ୍ୟରେ ରଖି ବାଛୁରୀପଡା ଗ୍ରାମ ରେ ବିପୁଳ ବାଣ କାରାଗାର କୁ ରୋକିବା ପାଇଁ ବାରମ୍ବାର ପୋଲିସ ଚଢାଉ କରି ଲକ୍ଷ ଲକ୍ଷ ଟଙ୍କାର ତିଆରି ବାଣ ଜବଦ କରିଛି।ବେଆଇନ ବାଣ ତିଆରି ପାଇଁ କଞ୍ଚାମାଲ ଯୋଗାଉ ଥିବା ବ୍ୟକ୍ତି ଏବେ ହରଡଘଣାରେ। ଆଜି ସନ୍ଧ୍ୟାରେ ବେତନଟୀ ଏସ୍ ଡି ପି ଓ ମିନତୀ ବିଶ୍ୱାଳ ଙ୍କ ନେତୃତ୍ୱରେ ପୋଲିସ ଟିମ୍ ବୈଶିଙ୍ଗା ଥାନା ଅନ୍ତର୍ଗତ ପଦ୍ମନାଭପୁର ଗ୍ରାମରୁ ୧୦୭ ବସ୍ତା ବିସ୍ଫୋରକ କଞ୍ଚାମାଲ ଜବତ କରାଯାଇଥିବା ଜଣାଯାଇଛି। ସେହି ଘରଟି ବୈଶିଙ୍ଗା ଗ୍ରାମ ର ସମୀର କୁମାର ପଣ୍ଡା ବାଣ ବ୍ୟବସାୟୀ ପ୍ରଶାନ୍ତ କୁମାର ସାହୁ ଙ୍କୁ ଭଡା ସୂତ୍ରରେ ଦେଇଥିଲେ।ଜବଦ ଘଟଣା ପରେ ଆଇ ଆଇ ସି ବାରିଣୀ ଦାସ ଙ୍କୁ ପଚାରିବାରେ ସେ କହିଲେ କଞ୍ଚାମାଲ ରଖିଥିବା ବ୍ୟକ୍ତି ପ୍ରଶାନ୍ତ ସାହୁ ଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଏହି ଘଟଣାକୁ ନେଇ ଜିଲ୍ଲାପାଳ ଙ୍କ ତରଫରୁ ଦିଆଯିବାକୁ ଥିବା ଅସ୍ଥାୟୀ ବାଣ ଲାଇସେନ୍ସ ଦିଆଯିବା ଉପରେ କଟକଣା ଲାଗିପାଇପାରେ।

# ଆଞ୍ଚଳିକ ଉନ୍ନୟନ ପରିଷଦର ଆନୁଷ୍ଠାନିକ ଶୁଭ ଉଦ୍‌ଘାଟନ

**ଲାଞ୍ଜିଗଡ଼,୧୫।୧୦(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ସାପ୍ତାହିକ ବଜାର ପ୍ରାଙ୍ଗଣରେ ବୁଧବାର ଲାଞ୍ଜିଗଡ଼ ଆଞ୍ଚଳିକ ଉନ୍ନୟନ ପରିଷଦର ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ ହୋଇଯାଇଛି।ଏହି ଅନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲାଞ୍ଜିଗଡ଼ରେ ବ୍ଲକ୍ ଅଫିସ୍ ସ୍ଥାପନ କରିବା, ଲାଞ୍ଜିଗଡ଼କୁ ଏନ୍ଏସି ଘୋଷଣା, ସରକାରଙ୍କ ଦ୍ୱାରା ଘୋଷିତ ଲାଞ୍ଜିଗଡ଼ ଆଇଟିଆଇ ପ୍ରତିଷ୍ଠା, ଲାଞ୍ଜିଗଡ଼ରେ ରେଜିଷ୍ଟ୍ରାର ଓ ଟ୍ରେଜେରି ଅଫିସ୍ ପ୍ରତିଷ୍ଠା, ଅତିରିକ୍ତ ତହସିଲ ଅଫିସ୍ ପ୍ରତିଷ୍ଠା, ବସ୍‌ଷ୍ଟାଣ୍ଡ ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନତୀକରଣ, ଛଅ ଗୋଟି ପଞ୍ଚାୟତର ବିଭିନ୍ନ ରାସ୍ତା, ଆଲୋକି କରଣ ଆଦି ଦାବି ସରକାରଙ୍କ ପାଖରେ ଉପସ୍ଥାପନ କରିବା ନେଇ ଲାଞ୍ଜିଗଡ଼ ତଥା ପାଖ ପଡୋଶୀ ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଗତ ସେପ୍ଟେମ୍ବର ୧୪ ତାରିଖରେ ଏହି ଅନୁଷ୍ଠାନ ଗଠନ ହୋଇଥିଲା। ଆଜି ଏହିର ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନୀ ହୋଇଯାଇଛି।

# ଶିଖର ପଞ୍ଚାୟତରେ ବିଜେପିର କର୍ମୀ ସମ୍ମିଳନୀ



**ନାଉଗାଁ,୧୫।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନାଉଗାଁ ବ୍ଲକର ଶିଖର ପଞ୍ଚାୟତରେ ବିଜେପି ଦଳ ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅଙ୍ଗେଶ୍ୱରପଡ଼ା ଆଶ୍ରମ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିଖର ପଞ୍ଚାୟତର ବିଜେପି ଯୁବନେତା ମନୋଜ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ ସରକାରଙ୍କ ଜନହିତକାରୀ ଯୋଜନା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଙ୍କ ସହିତ ସମ୍ମାନିତ ଅତିଥି ଭାବେ ବିଜେପି ରାଷ୍ଟ୍ରୀୟ ପରିଷଦ ସଭ୍ୟ ଉପେନ୍ଦ୍ରନାଥ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଜଗନ୍ନାଥ ଦାସ, ଶିଖର ପଞ୍ଚାୟତ ସଭାପତି ବଂଶୀଧର ନାୟକ, ପୂର୍ବତନ ନାଉଗାଁ ମଣ୍ଡଳ ସଭାପତି ନିଲୁରାମ ଜେନା, ନାଉଗାଁ ମଣ୍ଡଳ ସଭାପତି ନିଗମାନନ୍ଦ ପରିଡ଼ା, ନାଉଗାଁ ମଣ୍ଡଳ ପ୍ରତିନିଧି ବିଷ୍ଣୁଚରଣ ବେହେରା, ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ସରକାରଙ୍କ ଜନହିତକାରୀ ଯୋଜନାର ସୁଫଳ ଜନସାଧାରଣ କିପରି ପାଇବେ ଏହାଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର ପ୍ରଶାନ୍ତ କୁମାର ଲେଙ୍କା, କୈଳାଶ ଚନ୍ଦ୍ର ରାଉତ, ରତ୍ନାକର ତରାଇ, ଶରତ ଚନ୍ଦ୍ର ବାରିକ, ଶୁଭ୍ରଜିତ ଜେନା, ଜ୍ୟୋତିଷ ଚନ୍ଦ୍ର ସ୍ୱାଇଁ, ବାବୁରାମ ନାୟକ, ନିରଞ୍ଜନ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ଏହି କର୍ମୀ ସମ୍ମିଳନୀରେ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ।

# ଗୋହତ୍ୟା ମାମଲାରେ ୧ ଗିରଫ

**ବଲାଙ୍ଗୀର, ୧୫ ।୧୦ (ସଂଚାର ବ୍ୟୁରୋ):** ବଲାଙ୍ଗୀର ସହର ଉପକଣ୍ଠରେ ବିଭିନ୍ନ ସମୟରେ ଗୋହତ୍ୟା କରାଯାଇ ଗୋମାଂସ ରପ୍ତାନୀ କରାଯାଉଥିବା ଅଭିଯୋଗ ହୋଇଆସୁଥିଲା। ଗତକାଲି ବିଳମ୍ବିତ ରାତିରେ ବିଜାଖମନଠାରେ ଏକ ବାଛୁରୀକୁ କାଟି ତାର ମାଂସଭର୍ତି କରୁଥିବାବେଳେ ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଏହି ଘଟଣାକୁ ନେଇ ବଜରଙ୍ଗଦଳ ଓ ହିନ୍ଦୁତ୍ୱବାଦୀ ସଂଗଠନମାନେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଏନେଇ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସର୍ବେଶ୍ୱର ରଣାଙ୍କ ଲିଖିତ ଅଭିଯୋଗ ପରେ ପୋଲିସ ଅଧିକ ତଦନ୍ତ ଆରମ୍ଭ କରିବା ସହିତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜୁଛି। ଏହି ଘଟଣାକୁ ନେଇ ବଜରଙ୍ଗ ଦଳର କର୍ମକର୍ତାଙ୍କ ମଧ୍ୟରେ ଗଭୀର ଉଦବେଗ ପ୍ରକାଶ ପାଇଛି ଓ ପୂର୍ବରୁ ଗୋହତ୍ୟାନେଇ କରାଯାଉଥିବା ଅଭିଯୋଗ ସତ୍ୟ ହୋଇଛି ବୋଲି ଗୋସେବକ କାହ୍ନା ଶତପଥି ଓ ବଜରଙ୍ଗଦଳର ସୌମ୍ୟରଞ୍ଜନ ମିଶ୍ର କହିଛନ୍ତି।

SANCHAR
ସଂଚାର ଗୁରୁବାର ୧୬ ଅକ୍ଟୋବର ୨୦୨୫

# ସ୍ୱାସ୍ଥ୍ୟ




# ସକାଳେ ଖାଲି ପେଟରେ ବ୍ଲାକ୍ କଫି ଖଟା ଫଳକୁ ନା



ସକାଳର ଜଳଖିଆ ସବୁବେଳେ ଭାବିଚିନ୍ତି ଖାଇବା ଉଚିତ। କାରଣ ସକାଳ ସମୟରେ ଆପଣ ଯାହା ଖାଆନ୍ତି ତାହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଦିନର ଆରମ୍ଭ ସର୍ବଦା କିଛି ହେଲ୍ଦି ଫୁଡ୍ ସହିତ ହେବା ଉଚିତ। ଯାହାଦ୍ୱାରା ଶରୀର ଆବଶ୍ୟକୀୟ ପୁଷ୍ଟି ଏବଂ ଶକ୍ତି ପାଇପାରିବ। ତଥାପି ଅଧିକାଂଶ ଲୋକ ସକାଳେ ଚା' କିମ୍ବା କଫି ପିଇ ଦିନର ଆରମ୍ଭ କରନ୍ତି। କିଛି ଲୋକ ଭାବନ୍ତି ଯେ ସକାଳେ ଖାଲି ପେଟରେ ଫଳ ଖାଇବା ଭଲ ହୋଇଥାଏ। ଯେତେବେଳେ କି ଡାକ୍ତରଙ୍କ ମତରେ, ସକାଳେ ଖାଲି ପେଟରେ କିଛି ଫଳ ଖାଇବା ଲାଭଦାୟକ ହେବା ପରିବର୍ତ୍ତେ କ୍ଷତିକାରକ ହୋଇପାରେ। ଏହା ପେଟର ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ। ଏହା ଦ୍ୱାରା ଗ୍ୟାସ୍, ଏସିଡିଟି ଏବଂ ପେଟ ଫୁଲିବା ଭଳି ସମସ୍ୟା ମଧ୍ୟ ହୋଇପାରେ। ତେଣୁ ସକାଳେ ଖାଲି ପେଟରେ ଏହି ୩ଟି ଜିନିଷ ଖାଇବାରୁ ଦୂରେଇ ରହିବା ଉଚିତ। ତେବେ ଆସନ୍ତୁ ଜାଣିବା କ'ଣ ଏହି ୩ଟି ଜିନିଷ।

**ବ୍ଲାକ୍ କଫି:** ଚା ଏବଂ କଫି ପିଉଥିବା ଲୋକମାନେ ବିଶେଷ ସତର୍କ ରହିବା ଉଚିତ। ବିଶେଷକରି ସକାଳେ ଖାଲି ପେଟରେ ବ୍ଲାକ୍ କଫି ପିଇବା ଉଚିତ୍ ନୁହେଁ। ଲୋକମାନେ ବ୍ଲାକ୍ କଫି ପିଇବା ପରେ ଜିମ୍ ଯାଆନ୍ତି ଏବଂ କିଛି ଲୋକ ଏନର୍ଜି ପାଇଁ ବ୍ଲାକ୍ କଫି ପିଅନ୍ତି। କିନ୍ତୁ ଖାଲି ପେଟରେ ବ୍ଲାକ୍ କଫି ପିଇବା ଦ୍ୱାରା ଏସିଡ୍ ସମସ୍ୟା ହୋଇପାରେ। ପେଟରେ ଏସିଡ୍ ହଠାତ୍ ବୃଦ୍ଧି ପାଇବା ଦ୍ୱାରା ଜଳାପୋଡ଼ା ମଧ୍ୟ ହୋଇପାରେ। କଫିରେ କ୍ୟାଫିନ୍ ମିଳିଥାଏ। ଯେଉଁଥିପାଇଁ ଶରୀରରେ କର୍ଟିସୋଲ୍ ଅର୍ଥାତ୍ ଷ୍ଟ୍ରେସ ହରମୋନ୍ ବୃଦ୍ଧିପାଏ। ଏହା ଯୋଗୁଁ ଶରୀରର ନ୍ୟାଚୁରାଲ ଏନର୍ଜି କମିଯାଏ।

**ଖଟା ଫଳ:** ସକାଳେ ଫଳ ଖାଇବା ଲାଭଦାୟକ କିନ୍ତୁ ସକାଳେ ଖଟା ଫଳ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଯେପରିକି ଖାଲି ପେଟରେ କମଳା କିମ୍ବା ଲେମ୍ବୁ ଖାଇବା ଅନୁଚିତ। ଏସିଡିକ୍ ଫଳ ଖାଇବା ଦ୍ୱାରା ଗ୍ୟାସ୍, ପେଟ ଜଳାପୋଡ଼ା ଏବଂ ଏସିଡିଟି ବଢ଼ିପାରେ। ଯେଉଁମାନେ ଏସିଡିଟି କିମ୍ବା ଗ୍ୟାଷ୍ଟ୍ରିକ୍ ସମସ୍ୟାରେ ଅଛନ୍ତି ସେମାନେ ସକାଳେ ଲେମ୍ବୁ, ଋତୁକାଳୀନ ଫଳ ଏବଂ କମଳା ପରି ଫଳ ଖାଇବାରୁ ଦୂରେଇ ରହିବା ଉଚିତ।

**ଫ୍ରାଏଡ୍ ଫୁଡ୍:** ସକାଳେ ଖାଲି ପେଟରେ ଅତ୍ୟଧିକ ତେଲଯୁକ୍ତ ଖାଦ୍ୟ ଖାଇବାରୁ ଦୂରେଇ ରୁହନ୍ତୁ। ଅତ୍ୟଧିକ ଫ୍ରାଏଡ୍ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପେଟ ଏବଂ ପାଚନ ତନ୍ତ୍ର ଉପରେ ଅନାବଶ୍ୟକ ପ୍ରେସର ପଡ଼ିଥାଏ, ଯାହା ଫଳରେ ଭାରୀପଣ, ଗ୍ୟାସ ଏବଂ ବଦହଜମୀ ଭଳି ସମସ୍ୟା ହୋଇଥାଏ। ଫ୍ରାଏଡ୍ ଫୁଡରେ ଅଧିକ ଟ୍ରାନ୍ସ ଫ୍ୟାଟ୍ ପରିମାଣ ପେଟ ଫୁଲିବାର କାରଣ ହୋଇପାରେ, ଯାହା ଏସିଡିଟି ବୃଦ୍ଧି କରିପାରେ ଏବଂ ସକାଳେ ଆଳସ୍ୟ ଏବଂ ଥକ୍କାପଣ ସୃଷ୍ଟି କରିପାରେ।

ସକାଳେ ଉଠିବା ମାତ୍ରେ ଗୋଟିଏ ଗ୍ଲାସ ଉଷୁମ ପାଣି ପିଅନ୍ତୁ। ଏହା ଶରୀରକୁ ଡିଟକ୍ସ କରିଥାଏ ଏବଂ ପାଚନ ଶକ୍ତିକୁ ଉନ୍ନତ କରିଥାଏ। ଯଦି ଆପଣ ଚାହିଁବେ ତେବେ ଆପଣ ଅଳ୍ପ ଲେମ୍ବୁ ଏବଂ ମହୁ ମିଶ୍ରିତ ପାଣି ମଧ୍ୟ ପିଇପାରିବେ। ଏକ ହେଲ୍ଦି ଏବଂ ହାଲୁକା ଜଳଖିଆ ସହିତ ଆପଣଙ୍କ ଦିନ ଆରମ୍ଭ କରନ୍ତୁ। ଜଳଖିଆରେ ଆପଣ ଭିଜା ଡ୍ରାଏ ଫ୍ରୁଟସ, ଓଟ୍ସ କିମ୍ବା କଦଳୀ ମଧ୍ୟ ଖାଇପାରିବେ। ଏହା ବ୍ୟତୀତ, ଆପଣ ଟିକେ ବ୍ରେଡ୍-ଓମଲେଟ୍, ଇଡଲି-ସମ୍ବର, ଦୋସା-ସାମ୍ବର, ସିଝା ଅଣ୍ଡା କିମ୍ବା ସେଓ ମଧ୍ୟ ଖାଇପାରିବେ।



# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଉଥିବା ଖାଦ୍ୟ

ଋତୁ ପରିବର୍ତ୍ତନ ହେବା ସହିତ, ଅନେକ ଲୋକ ଥଣ୍ଡା, ଫ୍ଲୁ, ଜ୍ୱର କିମ୍ବା ଗଳା ସଂକ୍ରମଣର ଶିକାର ହୁଅନ୍ତି। ଏହି ସଂକ୍ରମଣର ମୁଖ୍ୟ କାରଣ ହେଉଛି ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି। ଯେତେବେଳେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ, ଏହା ପରିବର୍ତ୍ତନଶୀଳ ତାପମାତ୍ରା ଏବଂ ସଂକ୍ରମଣ ସହିତ ପ୍ରଭାବଶାଳୀ ଭାବରେ ଲଢ଼ିପାରେ ନାହିଁ। ତେଣୁ, ଆପଣଙ୍କ ଖାଦ୍ୟରେ ଏପରି ଜିନିଷ ସାମିଲ କରନ୍ତୁ, ଯାହା ଆପଣଙ୍କ ଶରୀରକୁ ଭିତରୁ ଶକ୍ତିଶାଳୀ କରିବ ଏବଂ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇବ।

**ବାଦାମ:** ବାଦାମରେ ହେଲ୍ଦି ଫ୍ୟାଟ୍ ଏବଂ ଭିଟାମିନ୍ ଇ ଭରପୂର ମାତ୍ରାରେ ରହିଥାଏ । ଯାହା କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରେ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ। ତେଣୁ, ପରିବର୍ତ୍ତିତ ଋତୁରେ ପ୍ରତିଦିନ କିଛି ଭିଜା ବାଦାମ ଖାଇବା ଦ୍ୱାରା ପର୍ଯ୍ୟାପ୍ତ ଶକ୍ତି ମିଳିଥାଏ ଏବଂ ଥକାପଣ ଦୂର ହୁଏ।

**ଅଁଳା:** ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଁଳାକୁ ସର୍ବୋତ୍ତମ ଫଳ ଭାବରେ ବିବେଚନା କରାଯାଏ। ଏଥିରେ ଭିଟାମିନ୍ ସି ଭରପୂର ମାତ୍ରାରେ ରହିଥାଏ । ଯାହା ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ବୃଦ୍ଧି କରେ ଏବଂ ରୋଗ ପ୍ରତିରୋଧକ କୋଷଗୁଡ଼ିକୁ ସକ୍ରିୟ କରେ। ପ୍ରତିଦିନ ଗୋଟିଏ ଅଁଳା ଖାଇବା ଦ୍ୱାରା ଶରୀର ମଜବୁତ ହୁଏ ଏବଂ ପରିବର୍ତ୍ତିତ ଋତୁରେ ଥଣ୍ଡା ଏବଂ ଫ୍ଲୁ ଭଳି ସମସ୍ୟାକୁ ରୋକିବାରେ ସାହାଯ୍ୟ କରେ। ଆପଣ ଏହାକୁ ଜୁସ୍ କିମ୍ବା ଜାମ୍ ତିଆରି କରି ମଧ୍ୟ ସେବନ କରିପାରିବେ।

**ହଳଦୀ:** ହଳଦୀରେ ଥିବା କରକ୍ୟୁମିନ୍ ଯୌଗିକରେ ଶକ୍ତିଶାଳୀ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି । ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ଶୀତଦିନେ ପ୍ରତିଦିନ ରାତିରେ ହଳଦୀ କ୍ଷୀର ପିଇବା ବହୁତ ଲାଭଦାୟକ। ଏହା କେବଳ ଶରୀରକୁ ଭିତରୁ ଉଷ୍ମ ରଖେ ନାହିଁ ବରଂ ସଂକ୍ରମଣରୁ ମଧ୍ୟ ରକ୍ଷା କରେ।

**କମଳା:** ଶୀତ ଋତୁରେ କମଳାକୁ ଏକ ଅତ୍ୟାବଶ୍ୟକ ଫଳ ଭାବରେ ବିବେଚନା କରାଯାଏ। କମଳାରେ ଥିବା ଭିଟାମିନ୍ ସି ଶରୀରକୁ ସଂକ୍ରମଣରୁ ରକ୍ଷା କରେ ଏବଂ ଧଳା ରକ୍ତ କଣିକା ଉତ୍ପାଦନକୁ ବୃଦ୍ଧି କରେ। ପ୍ରତିଦିନ ଗୋଟିଏ କମଳା ଖାଇବା ଦ୍ୱାରା ଥଣ୍ଡା ଏବଂ ଫ୍ଲୁ ଭଳି ଋତୁକାଳୀନ ରୋଗରୁ ରକ୍ଷା ମିଳିଥାଏ ଏବଂ ଶରୀରକୁ ଶକ୍ତିଶାଳୀ ମିଳିଥାଏ।

**ମଞ୍ଜି ଜାତୀୟ ଖାଦ୍ୟ:** ମଞ୍ଜି ଜାତୀୟ ଖାଦ୍ୟ ଯେପରିକି ବାଦାମ, ସୂର୍ଯ୍ୟମୁଖୀ ମଞ୍ଜି ଏବଂ କଖାରୁ ମଞ୍ଜିରେ ଜିଙ୍କ, ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଭିଟାମିନ୍ ଏ ଥାଏ । ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଏଗୁଡ଼ିକୁ ଆପଣଙ୍କ ଖାଦ୍ୟରେ ସାମିଲ କରିବା ଦ୍ୱାରା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ସୁଦୃଢ଼ ହୋଇପାରିବ।

**ଲେମ୍ବୁ ପାଣି:** ବଦଳୁଥିବା ଋତୁ ସହିତ, ଆପଣ ଆପଣଙ୍କ ଖାଦ୍ୟରେ ଲେମ୍ବୁ ପାଣି ମଧ୍ୟ ସାମିଲ କରିପାରିବେ। ସକାଳେ ଉଷୁମ ଲେମ୍ବୁ ପାଣି ପିଇବା ଶରୀର ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ଶରୀରକୁ ବିଷମୁକ୍ତ କରିଥାଏ ଏବଂ ପାଚନ ଶକ୍ତିକୁ ଉନ୍ନତ କରିଥାଏ। ଲେମ୍ବୁରେ ଥିବା ଭିଟାମିନ୍ ସି ମଧ୍ୟ ସଂକ୍ରମଣକୁ ରୋକିବାରେ ସାହାଯ୍ୟ କରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ନିଦ ଅଭାବ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦିଏ, ତେଣୁ ବଦଳୁଥିବା ପାଗ ସହିତ ଦୈନିକ ୭ ରୁ ୮ ଘଣ୍ଟା ଶୋଇବା ଉଚିତ। ଯୋଗ ଏବଂ ଧ୍ୟାନ ଅଭ୍ୟାସ କରନ୍ତୁ । ଏହା ଚାପ ରୋଗ ପ୍ରତିରୋଧକ ଶକ୍ତି ଉପରେ ନକାରାତ୍ମକ ପ୍ରଭାବ ପକାଏ । ପ୍ରତିଦିନ ଟିକିଏ ଧ୍ୟାନ ଏବଂ ଯୋଗ କରିବା ଦ୍ୱାରା ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଉଭୟରେ ଉନ୍ନତି ଆସିପାରେ। ପରିବର୍ତ୍ତିତ ପାଗ ସହିତ ମଧ୍ୟ ଦିନସାରା ପାଣି ରହିବାକୁ ଚେଷ୍ଟା କରନ୍ତୁ। ଏହା ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ ଏବଂ ସଂକ୍ରମଣର ଆଶଙ୍କା ହ୍ରାସ କରେ।

# ନିୟମିତ ପିଅନ୍ତୁ ପଇଡ଼ ପାଣି

**ପଇଡ ପାଣି ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ଏଥିରେ ଆଣ୍ଟି ଅକ୍ସିଡେଣ୍ଟ, ଭିଟାମିନ ସି, ଏନଜାଇମ, ବି କୋମ୍ପେଲକ୍ସ ଠାରୁ ମଧ୍ୟ ଅନେକ ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ରହିଥାଏ। କେବଳ ଗରମ ଦିନରେ ନୁହେଁ ବରଂ ସବୁ ସମୟରେ ଏହାର ସେବନ ଲାଭଦାୟକ ହୋଇଥାଏ। ଏଥିରୁ ମିଳୁଥିବା ଫାଇଦା ସମ୍ପର୍କରେ ଆସନ୍ତୁ ଜାଣିବା।**

ଓଜନକୁ ନେଇ ଚିନ୍ତାରେ ଅଛନ୍ତି କି ?ତେବେ ସେମାନେ ପଇଡ଼ ପାଣିକୁ ପ୍ରତିଦିନ ପିଇବା ଆବଶ୍ୟକ। ଯାହାଦ୍ୱାରା ମେଦବହୁଳତା କମ୍ କରିବାରେ ସାହାଯ୍ୟ କରିବ। ଏହି ପାଣି ପିଇବା ଦ୍ୱାରା ବ୍ଲଡ ସାର୍କୁଲେସନ ଭଲ ହୋଇଥାଏ। ନେଚୁରାଲ ଆଣ୍ଟିଅକ୍ସିଡେଣ୍ଟ ଭାବରେ ପଇଡ ପାଣି ବହୁତ ଲାଭ ଦାୟକ। ଏହାକୁ ପିଇବା ଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବରେ ଚାଲିଥାଏ। ଆପଣଙ୍କୁ ଜଣାଇ ରଖୁଛୁ ଯେ, କୋଲେଷ୍ଟ୍ରଲ ବଢ଼ିବା କାରଣରୁ ହୃଦୟ ଜନିତ ସମସ୍ୟା ଦେଖାଯାଇଥାଏ। ଏଥିରୁ ମୁକ୍ତି ପାଇବା ପାଇଁ ଆପଣଙ୍କ ଡାଏଟରେ ପଇଡ ପାଣି ନିଶ୍ଚୟ ସାମିଲ କରନ୍ତୁ। ଯାହା ଖୁବ୍ ଶୀଘ୍ର କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିଥାଏ। ଏହି ପାଣି ପିଇବା ଦ୍ୱାରା ହୃଦୟ ସମ୍ବନ୍ଧୀୟ ରୋଗରୁ ଆପଣମାନେ ମୁକ୍ତି ପାଇପାରିବେ। ଏତିକି ନୁହେଁ ଏହାକୁ ପିଇବା ଦ୍ୱାରା ହାଇପରଟେନେସନର ଚିନ୍ତା ଦୂର ହୋଇଥାଏ। ଯାହାଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣ କରାଯାଇଥାଏ। ମୁଣ୍ଡବ୍ୟଥା ଏବଂ ମାଇଗ୍ରେନର କଷ୍ଟରୁ ମୁକ୍ତି ପାଇବା ପାଇଁ ପଇଡ ପାଣି ଫଳପ୍ରଦ ହୋଇଥାଏ। ଏଥିରେ ଭରି ରହିଥିବା ମ୍ୟାଗ୍ନେସିୟମ କଷ୍ଟରୁ ମୁକ୍ତି ଦେବାରେ ସାହାଯ୍ୟ କରିଥାଏ। ପଇଡ ପାଣି ପୋଷକ ତତ୍ତ୍ୱ ଏବଂ ପ୍ରାକୃତିକ ଲକ୍ଷଣଯୁକ୍ତ ପଦାର୍ଥ। ଗର୍ଭବତୀ ମହିଳାଙ୍କର ପୋଷଣରେ ଜଡିତ ଅନେକ ଆବଶ୍ୟକକୁ ପୂରା କରିବାରେ ଏହା ବହୁତ ଲାଭଦାୟକ ହୋଇଥାଏ। ଏହା ପିଇବା ଦ୍ୱାରା ୟୁରିନ ଇନଫେକସନ ଭଳି ଚିନ୍ତାକୁ ଦୂର କରିଥାଏ। ପ୍ରତିରୋଧକ କ୍ଷମତାକୁ ମଜବୁତ କରିବାରେ ମଧ୍ୟ ସାହାଯ୍ୟ କରେ। ଯଦି ଆପଣଙ୍କର କେଶ ଝଡୁଥାଏ, ତେବେ ପଇଡ ପାଣି ପିଅନ୍ତୁ। ଏଥିରେ ଭିଟାମିନ ଏବଂ ଆଇରନ ରହିଥାଏ ଯାହା କେଶକୁ ବଢ଼ାଇବା ସହିତ କେଶ ଝଡିବା କମ୍ କରିଥାଏ। ଏକ ଅନୁସନ୍ଧାନରୁ ଜଣାପଡିଛି ଯେ ପଇଡ ପାଣି ରକ୍ତ ସର୍କରାର ସ୍ତରକୁ କମ୍ କରି ମଧୁମେହକୁ ସୁଧାରି ଥାଏ। ଯେଉଁ ଲୋକଙ୍କୁ ଥାଇରଏଡର ସମସ୍ୟା ହୋଇଥାଏ, ସେମାନେ ସକାଳୁ ପଇଡ ପାଣି ପିଇବାର ଅଭ୍ୟାସ କରିଦିଅନ୍ତୁ।





# ସିଙ୍ଗଡ଼ା ଖାଉଥିଲେ ହୋଇ ଯାଆନ୍ତୁ ସାବଧାନ

ଯଦି ଆପଣ ଭାରତରେ, ବିଶେଷକରି ଉତ୍ତର ଭାରତରେ ଲୋକମାନଙ୍କୁ ପଚାରନ୍ତି ଯେ ସବୁଠାରୁ ଲୋକପ୍ରିୟ ଷ୍ଟ୍ରିଟ ଫୁଡ କ'ଣ, ତେବେ ଉତ୍ତର ସମ୍ଭବତଃ ସମୋସା ହେବ। ଏହା ଏକ ଷ୍ଟ୍ରିଟ ଫୁଡ ଯାହାକୁ ଆପଣ ଦିନ କିମ୍ବା ରାତିରେ ଯେକୌଣସି ସମୟରେ ଖାଇପାରିବେ। ଆପଣ ଏହାକୁ ଚଟଣି, ପନିପରିବା ତରକାରୀ, ଦହି ସହିତ ଖାଇପାରିବେ, ଚାଟ ତିଆରି କରିପାରିବେ ଏବଂ ଜଲେବି ସହିତ ମିଶାଇ ଖାଇପାରିବେ। ଯଦିଓ ଏହା ସ୍ୱାଦିଷ୍ଟ, ଯଦି ଆପଣ ଏହାର ଯତ୍ନ ନ ନିଅନ୍ତି, ତେବେ ଏହା ଆପଣଙ୍କ ସ୍ୱାଦ ଏବଂ ସ୍ୱାସ୍ଥ୍ୟ ଉଭୟକୁ ନଷ୍ଟ କରିପାରେ। ତେଲକୁ ବାରମ୍ବାର ଫୁଟାଇବା ଘାତକ ହୋଇପାରେ। ଆସନ୍ତୁ ଜାଣିବା କିପରି ଏବଂ କାହିଁକି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ତେଲକୁ ବାରମ୍ବାର ଗରମ କରିବା ଦ୍ୱାରା ମୁକ୍ତ ରାଡିକାଲ୍ସ ସୃଷ୍ଟି ହୁଏ, ଯାହା କର୍କଟ, ଷ୍ଟ୍ରୋକ ଏବଂ ଆଲଜାଇମର ଭଳି ସମସ୍ୟା ସୃଷ୍ଟି କରିପାରେ। ଏହା ସହିତ, ଏଥିରେ ଥିବା ଫ୍ୟାଟି ଏସିଡ ଭାଙ୍ଗିଯାଏ, ଯାହା ଟ୍ରାନ୍ସ ଫ୍ୟାଟ ଏବଂ ମୁକ୍ତ ରାଡିକାଲ୍ସ ଭାବରେ ଜଣାଶୁଣା କ୍ଷତିକାରକ ପଦାର୍ଥ ସୃଷ୍ଟି କରେ। ଯଦି ଆପଣ ଏହାକୁ ବାରମ୍ବାର ଗରମ କରନ୍ତି, ତେବେ ଏହାର ସୁଗନ୍ଧ କମିଯାଏ ଏବଂ ଏହାର ପ୍ରଭାବ ହ୍ରାସ ପାଇବାକୁ ଲାଗେ। ଅନେକ ସ୍ୱାସ୍ଥ୍ୟ ଅଧ୍ୟୟନ ଅନୁଯାୟୀ, ବାରମ୍ବାର ପୋଡ଼ାଯାଇଥିବା ତେଲରେ ଭଜା ଖାଦ୍ୟ ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ କର୍କଟ, ଯକୃତ ସମସ୍ୟା ଏବଂ ହୃଦରୋଗର ଆଶଙ୍କା ବହୁତ ବଢ଼ିଯାଏ। ପ୍ରକୃତରେ, ଅକ୍ସିଡେସନ ପ୍ରକ୍ରିୟା ଆକ୍ରୋଲିନ ଏବଂ ପଲିସାଇକ୍ଲିକ ଆରୋମେଟିକ ହାଇଡ୍ରୋକାର୍ବନ ଭଳି ଯୌଗିକ ଉତ୍ପାଦନ କରେ, ଯାହା କର୍କଟ ରୋଗର କାରଣ ବୋଲି ଜଣାଯାଏ। PubMed ରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟ ଅନୁଯାୟୀ, ବାରମ୍ବାର ଗରମ ତେଲ ପଲିସାଇକ୍ଲିକ ଆରୋମେଟିକ ହାଇଡ୍ରୋକାର୍ବନ (PAHs) ଭଳି ଅନେକ ଯୌଗିକ ସୃଷ୍ଟି କରେ, ଯାହା କର୍କଟ ରୋଗର ବିପଦ ସୃଷ୍ଟି କରିପାରେ। ସମୋସା ଏବଂ ପକୋଡା ଭଳି ମିଠା ଜିନିଷ ଲୋକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ। ସେଗୁଡ଼ିକୁ ସତେଜ ରଖିବା ପାଇଁ ଯେଉଁ ତେଲରେ ଭାଜି ଦିଆଯାଇଥିଲା ସେହି ତେଲରେ ବାରମ୍ବାର ଗରମ କରାଯାଏ। ଦୋକାନୀମାନେ ତେଲକୁ ପୁନଃବ୍ୟବହାର କରିବା ପାଇଁ ଏହା କରନ୍ତି, କିନ୍ତୁ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଏ। ଏଥିରେ ବିଷାକ୍ତ ଯୌଗିକ ସୃଷ୍ଟି ହୁଏ। ସେଗୁଡ଼ିକୁ ତୁରନ୍ତ ଖାଇବା କ୍ଷତିକାରକ ନୁହେଁ, କିନ୍ତୁ ଏହା ଧୀରେ ଧୀରେ ନିଜର କ୍ଷତି କରିବାକୁ ଆରମ୍ଭ କରେ। ଏହାକୁ ରୋକିବା ପାଇଁ, ବାହାରେ ଭଜା ଖାଦ୍ୟ ପରିବର୍ତ୍ତେ ଘରେ ସତେଜ ତେଲ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରିବାକୁ ଚେଷ୍ଟା କରନ୍ତୁ। ଭଜା ଖାଦ୍ୟ ବଦଳରେ ଆପଣଙ୍କ ଖାଦ୍ୟରେ ଫୁଟା, ଗ୍ରୀଲ କିମ୍ବା ବେକ ହୋଇଥିବା ଖାଦ୍ୟ ସାମିଲ କରନ୍ତୁ।

# ଲେମ୍ବୁ ସହିତ ମହୁ ମିଶାଇ ମୁହଁରେ ଲଗାନ୍ତୁ



ଚମକ ଏବଂ ସୁନ୍ଦର ଦେଖାଯିବା ପାଇଁ ମହିଳାମାନେ କ'ଣ କରିନଥାନ୍ତି। ତ୍ୱଚାକୁ ମେଣ୍ଟେନ୍ ଏବଂ ସୁନ୍ଦର ରଖିବା ପାଇଁ ଆନେକ ପ୍ରକାରର ବିୟୁଟି ପ୍ରଡକ୍ଟ ବ୍ୟବହାର କରିଥାନ୍ତି। ମାର୍କେଟରେ ମିଳୁଥିବା ବିୟୁଟି ପ୍ରଡକ୍ଟ ଦାମି ହେବା ସହିତ ତ୍ୱଚାକୁ ମଧ୍ୟ କ୍ଷତି ପଂହଚାଇଥାଏ। ତେଣୁ ଅଧିକାଂଶ ସମୟରେ ଏହାକୁ ବ୍ୟବହାର କରିବା ଉଚିତ୍ ନୁହେଁ। କାରଣ ଏହା ଫେସକୁ ଖରାପ କରିଦେଇଥାଏ। ତେବେ ଆଜି ଆପଣଙ୍କୁ ତ୍ୱଚାକୁ ସୁନ୍ଦର କରିବା ପାଇଁ ଏପରି ଟିପ୍ସ କହିବାକୁ ଯାଉଛୁ ଯାହାକୁ ବ୍ୟବହାର କରିବା ଖୁବ୍ ସହଜ ହୋଇଥାଏ। ଆଜି ଆମେ ଆପଣଙ୍କୁ ଚମକ ତ୍ୱଚା ପାଇବା ପାଇଁ ଲେମ୍ବୁର ବ୍ୟବହାର ବିଷୟରେ ଜଣାଇବୁ। ଏଥିରେ ଭିଟାମିନ୍ ସି ଏବଂ ଭିଟାମିନ୍ ବି ବହୁତ ରହିଥାଏ। ଯାହା ଦ୍ୱାରା ରୁକ୍ଷ ତ୍ୱଚା ଏବଂ ବ୍ଲାକ ସ୍ପଟକୁ ଠିକ୍ କରିବାରେ ସାହାଯ୍ୟ କରିଥାଏ। ଚେହାରାର ଚମକ ତ୍ୱଚା ପାଇଁ ଲେମ୍ବୁରେ ତିଆରି ଫେସପ୍ୟାକ୍ ବ୍ୟବହାର କରନ୍ତୁ। ଫେସପ୍ୟାକ୍ ପ୍ରସ୍ତୁତ କରିବା ପାଇଁ ଏକ ଚାମଚ ମହୁରେ ଏକ ଚାମଚ୍ ଲେମ୍ବୁ ରସ ଏବଂ ଏକ ଚାମଚ୍ ଦହି ମିଶାଇ ନିଅନ୍ତୁ। ଏହି ମିଶ୍ରଣକୁ ଭଲଭାବେ ମିଶେଇ ସାରିବା ପରେ ଫେସ୍ ଏବଂ ବେକରେ ଲଗାନ୍ତୁ ଏବଂ ୧୫ମିନିଟ୍ ସୁଖିବା ପାଇଁ ଛାଡି ଦିଅନ୍ତୁ। ଏହାପରେ ଥଣ୍ଡା ପାଣିରେ ଭଲଭାବେ ଧୋଇ ନିଅନ୍ତୁ।

**ବଡି ସ୍କ୍ରବ୍:** ଲେମ୍ବୁକୁ ସ୍କ୍ରବ୍ ଭଳି ବ୍ୟବହାର କରିବା ପାଇଁ ଅଧା କପ୍ ଅଲିଭ୍ ତେଲ, ଅଧା କପ୍ ଚିନି ଏବଂ ଏକ ଚାମଚ୍ ମହୁ ସହିତ ଏକ ଚାମଚ୍ ଲେମ୍ବୁ ରସ ମିଶାନ୍ତୁ। ଏହି ମିଶ୍ରଣକୁ ପୂରା ଶରୀରରେ ଲଗାନ୍ତୁ। ୧୦ମିନିଟ୍ ରଖିବା ପରେ ସଫା ପାଣିରେ ପୂରା ଶରୀରକୁ ଭଲଭାବେ ଧୋଇ ନିଅନ୍ତୁ।

**ହାତରେ କରନ୍ତୁ ମାଲିସ୍:** ଗୋଟେ ଟମାଟୋର ରସ, ଲେମ୍ବୁ ରସ ଏବଂ ଗ୍ଲିସେରିନର ସମାନ୍ ମାତ୍ରାକୁ ମିଶାଇ ନିଅନ୍ତୁ। ଏବେ ସଫା ପାଣିରେ ଧୋଇବା ପାରେ ଏହି ମିଶ୍ରଣକୁ ଭଲଭାବେ ହାତରେ ମାଲିସ୍ କରନ୍ତୁ। ଯେତେବେଳେ ଠିକ୍ ଭାବେ ଶୁଖିଯିବ ସେବେ ହାତକୁ ଧୋଇ ନିଅନ୍ତୁ। ହାତର ତ୍ୱଚା ସହିତ ନଖ ମଧ୍ୟ ଚମକିବ।

**ବ୍ଲାକ୍ ସ୍ପଟ୍:** ଏକ ଚାମଚ ଲେମ୍ବୁ ରସ ସହିତ ତୁଳସୀ ପତ୍ରକୁ ଛେଚି ନିଅନ୍ତୁ। ଏହାକୁ ଫେସରେ ଲଗାଇ ଶୁଖିବା ପାଇଁ ଛାଡି ଦିଅନ୍ତୁ। ଏବେ ଏହା ଭଲଭାବେ ଶୁଖିଗଲା ପରେ ଏହାକୁ ଥଣ୍ଡା ପାଣିରେ ଧୋଇ ନିଅନ୍ତୁ। ଏଥିସହ ଫେସରେ ଚମକ ଆସିବା ସହିତ ବ୍ଲାକ୍ ସ୍ପଟ ମଧ୍ୟ ଦୂର ହେବ।

**ଅଣ୍ଡର୍ ଆର୍ମର ତ୍ୱଚା ପାଇଁ:** ଅଣ୍ଡର୍ ଆର୍ମର ତ୍ୱଚା ଯଦି କଳା ପଡିଯାଇଛି ତେବେ ଏଥିରୁ ରକ୍ଷା ପାଇବା ପାଇଁ ଲେମ୍ବୁର ବ୍ୟବହାର ଲାଭଦାୟକ ହୋଇଥାଏ। ଅଣ୍ଡର୍ ଆର୍ମର ତ୍ୱଚା ଗନ୍ଧ ଏବଂ କଳା ଦାଗ ସଫାକରିବା ପାଇଁ କଟନ ଦ୍ୱାରା ଲେମ୍ବୁ ରସକୁ ଲଗାନ୍ତୁ। ଏଥିସହ ଯଦି ଆପଣଙ୍କର ଏହି ସମସ୍ତ ସମସ୍ୟା ହେଉଛି, ତେବେ ନିଶ୍ଚିତ ଭାବରେ ଏହି ଟିପ୍ସକୁ ଫଲୋ କରନ୍ତୁ।

# ମେଲାଣି ନେଲେ ମା' ଗଜଲକ୍ଷ୍ମୀ

● ମନମୋହିଲା ପାରମ୍ପରିକ ବାଦ୍ୟ ଓ ନୃତ୍ୟ



**ବୋରିଗୁମ୍ମା,୧୬।୧୦(ସଂଚାର ବ୍ୟୁରୋ):** ଭକ୍ତଙ୍କୁ ଦର୍ଶନ ଦେବାକୁ ଧରାବତରଣ କରିଥିଲେ ମା' ଗଜଲକ୍ଷ୍ମୀ। ଖୁସିରେ ପୂରି ଉଠିଥିଲା ବୋରିଗୁମ୍ମା ସହର। ପୂଜାର୍ଚ୍ଚନା ପରେ.ବୁଧବାର ସନ୍ଧ୍ୟାରେ ମା ଧନଦାତ୍ରୀ ମା' ଗଜଲକ୍ଷ୍ମୀ ମେଲାଣି ନେଇଛନ୍ତି।ବୋରିଗୁମ୍ମା ପୁଲିସର କଡା ସୁରକ୍ଷା ଭିତରେ ଭଷାଣି ଶୋଭାଯାତ୍ରାରେ ମା'ଙ୍କୁ ଭାବପୂର୍ଣ୍ଣ ବିଦାୟ ଦେଇଛନ୍ତି ବୋରିଗୁମ୍ମା ମିଲ ସାହିବାସିନ୍ଦା ସମେତ ଅଞ୍ଚଳବାସୀ। ଚଳିତ ବର୍ଷ ବୋରିଗୁମ୍ମା ମିଲ ସାହି ପୂଜା କମିଟି ତରଫରୁ ୨୬ତମ ସୁସଜ୍ଜିତ ପୂଜା ପାଇଥିଲେ ଜଗତଜନନୀ ମା ଗଜଲକ୍ଷ୍ମୀ। ବୁଧବାର ସନ୍ଧ୍ୟାରେ ବୋରିଗୁମ୍ମା ମିଲସାହି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମା'ଙ୍କ ମେଲାଣି ପାଇଁ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ସମାରୋହରେ ବୋରିଗୁମ୍ମା ବଜାର ଦୁଲୁକି ଉଠିଥିଲା। ଦର୍ଶକଙ୍କ ମନମୋହିଲା ଆଦିବାସୀ ବାଦ୍ୟ ଉପସ୍ଥିତ ଦର୍ଶକ ଙ୍କୁ ବିମୋହିତ କରିଥିଲା।ଶଙ୍ଖ, ଘଣ୍ଟ, ଘଣ୍ଟା, ସିଂଘବାଜା, ତୁରୀ, ମହୁରୀ ସାଙ୍ଗକୁ ଦୁଲୁଦୁଲି ଢୋଲ ମର୍ଦ୍ଦଳ ରେ ଶୋଭାଯାତ୍ରା ପ୍ରକମ୍ପିତ ହୋଇ ଉଠିଥିଲା। ସେହିଭଳି ବିଭିନ୍ନ ବାଦ୍ୟ ସାଙ୍ଗକୁ ନାଚ ଆଦି ଦେଖଣାହାର ଙ୍କ ମନକୁ ଛୁଇଁଥିଲା।

# ବିନା କ୍ୱାରୀରେ ଚାଲିଛି କ୍ରସର୍: ତଦନ୍ତ ପାଇଁ ଦାବି



**କଳାହାଣ୍ଡି,୧୫।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ପଥର କ୍ୱାଆରି ନଥାଇ କ୍ରସର ଚାଲିଥିବା ଅଭିଯୋଗ ହୋଇଛି।କିଛି ମାସ ତଳେ ଖଣି ବିଭାଗ ପକ୍ଷରୁ ୧୩ ରୁ ଅଧିକ କ୍ରସର ୟୁନିଟ୍‌କୁ କାରଣ ଦର୍ଶାଅ ନୋଟିସ ଦେଇଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଜିଲ୍ଲାରେ ବିଭିନ୍ନ କ୍ରସର ୟୁନିଟ୍‌ମାନଙ୍କରେ ନିଜସ୍ୱ କ୍ୟୁଆରି ନାହିଁ। ବିଜୁଳି ବିଲ ଉଠୁଛି, କ୍ରସର ଚାଲିଛି ଅଥଚ କେଉଁ କ୍ୟୁଆରି ରୁ ପଥର ଆସୁଛି କାହାରି ପାଖରେ ଖବର ନାହିଁ। ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ପଛରେ ରାଜନୈତିକ ଚାପ ରହିଥିବା ଚର୍ଚ୍ଚା ହେଉଛି। ଏପରିକି ଲାଞ୍ଜିଗଡ଼, ଜୟପାଟଣା ଓ କୋକସରା ବ୍ଲକରେ ବିନା ଏନ୍‌ଓସିରେ ମଧ୍ୟ କ୍ରସର ଚାଲିଛି। ଅନ୍ୟପଟେ ବନ୍ଧୁ କ୍ରସରର ରୟାଲଟି ଜମା କରୁ ନଥିବା ଯୋଗୁଁ ରାଜ୍ୟ ସରକାର ରାଜସ୍ୱ ହରାଉଛନ୍ତି। କଳାହାଣ୍ଡିର ତତ୍କାଳୀନ ଜିଲ୍ଲାପାଳ ଗାଭାଳି ପରାଗ ହର୍ଷଦ ରୟାଲଟି ଫାଙ୍କୁଥିବା କ୍ରସର ମାଲିକ ଙ୍କୁ ଜରିମାନା କରିଥିଲେ। କୋଟି କୋଟି ଟଙ୍କା ଜରିମାନା ଜମା ନକରି କ୍ରସର ମାଲିକମାନେ କୋର୍ଟରୁ ରହିତାଦେଶ ଆଣି ପରେ ଜମା କରିବା ପରିବର୍ତ୍ତେ ବ୍ୟାପକ ଟିକସ ଫାଙ୍କିଥିବା ଘଟଣା ତଦନ୍ତ ସାପେକ୍ଷ ଅଟେ। କଳାହାଣ୍ଡି ଜିଲ୍ଲାର ଜୟପାଟଣା ବ୍ଲକର ରାଣିବାହାଲର ଜୟଦୁର୍ଗା ଷ୍ଟୋନ କ୍ରସର, ଅଗ୍ରୱାଲ ଷ୍ଟୋନ କ୍ରସର, ଉତ୍‌କେଲାର ତାରାତାରିଣୀ କନ୍‌ଷ୍ଟ୍ରକସନ, ଜଗନ୍ନାଥ ଷ୍ଟୋନ କ୍ରସର, ମୁଡେଲଗୁଡାର ବଂଶୀ ମାଧବ ଷ୍ଟୋନ କ୍ରସର, ଜୁନାଗଡ଼ ବ୍ଲକର ବୋରଗୁଡ଼ା ଆନନ୍ଦ ଷ୍ଟୋନ କ୍ରମର, ଜୟପାଟଣା ବ୍ଲକର ମଙ୍ଗଳପୁର ଶ୍ୟାମଜି କ୍ରସର ଷ୍ଟୋନ, ମୁଖୀଗୁଡାର ବିଦ୍ୟା ଷ୍ଟୋନ କ୍ରମର, ଛେନା ଗାଁ ମାଳତିପଡା ଗୌତମ ଅଗ୍ରୱାଲ ଷ୍ଟୋନ କ୍ରସର ସମେତ ପ୍ରାୟ ୧୩ରୁ ଅଧିକ କ୍ରସର ୟୁନିଟ୍‌ର ନିଜସ୍ୱ ପଥର କ୍ୟୁରୀ ର ଲିଜ୍ ନଥାଇ ଚାଲିଛି। ଏନେଇ ଖଣି ବିଭାଗ ପକ୍ଷରୁ ଏହି ୟୁନିଟ୍‌ଗୁଡ଼ିକୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିଲା। ନୋଟିସ୍‌ର ସନ୍ତୋଷ ଜନକ ଉତ୍ତର ନଦେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦିଆଯାଇଥିଲା। କେତେକ କ୍ରସର ୟୁନିଟ୍ କିଛି ଦିନ ପାଇଁ ବନ୍ଦ କରିଥିବା ବେଳେ ଆହୁରି ଅନେକ ୟୁନିଟ୍ ଖୋଲାଖୋଲି ଚାଲିଛି। ଏହି ୧୩ଟି ୟୁନିଟ୍‌ର ବଜୁଳି ବିଲର ତର୍ଜମା କରାଗଲେ ଅସଲ ଗୁମର ସାମ୍ନାକୁ ଆସିବ ବୋଲି ମତ ପ୍ରକାଶ ପାଇଛି। ଏନେଇ କଳାହାଣ୍ଡି ଖଣି ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱନାଥ ସୋରେନଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ୍ ଉଠାଇନଥିଲେ।ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି।

# ବିଦ୍ୟୁତ ଖୁଣ୍ଟରେ ଧକ୍କାହେଲା ବାଇକ୍

**ଦାରିଙ୍ଗବାଡି,୧୫।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବାଡାବାଙ୍ଗା ପଞ୍ଚାୟତ ସିକକେତାର ୩ ଜଣ ଯୁବକ ବିଦ୍ୟୁତ ଖୁଣ୍ଟକୁ ବାଇକ ଧକ୍କା ଦେଇ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ବିଦ୍ୟୁତ କର୍ମଚାରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ସେ ହେଲେ ବିଦ୍ୟା ସାଗର ପ୍ରଧାନ ଏବଂ ଅନ୍ୟ ଆହତ ୨ ଜଣ ହେଲେ ଅମଦ ପ୍ରଧାନ ଏବଂ କେଦାର ପ୍ରଧାନ ସେମାନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଇକିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ବିଦ୍ୟୁତ କର୍ମଚାରୀ ବିଦ୍ୟାସାଗର ଅଧିକା ଗୁରୁତର ରହିଥିବାରୁ ତାଙ୍କୁ ଅନ୍ୟତ୍ର ଚିକିତ୍ସା ପାଇଁ ଯିବାକୁ ଚିକିତ୍ସା କରୁଥିବା ଡାକ୍ତର ପରାମର୍ଶ ଦେଇଥିଲେ। ପରେ ବିଦ୍ୟାସାଗରଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ଗ୍ରାମର ପଙ୍କଜ ପ୍ରଧାନ କହିଛନ୍ତି, ଅନ୍ୟ ୨ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡିଦିଆଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ୩ ଜଣ ଏକ ବାଇକ ଯୋଗେ ରାତ୍ର ସାଢେ ୮ଟାରେ ସିକାକେତାରୁ ବାହାରି କୌଣସି କାର୍ଯ୍ୟରେ ରାଇକିଆ ଅଭିମୁଖେ ଯାଉଥିଲେ।

# ଜିଲ୍ଲା ଦକ୍ଷତା ବିକାଶର ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ



**କନ୍ଧମାଳ,୧୫।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଫୁଲବାଣୀସ୍ଥିତ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି କାର୍ଯ୍ୟାଳୟଠାରେ ମଙ୍ଗଳବାର ଦିନ କନ୍ଧମାଳ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ଶ୍ରୀ ପୁରୁଷୋତ୍ତମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଆୟୋଜନ କରାଯାଇଥିଲା। କନ୍ଧମାଳ ଜିଲ୍ଲାର ବେକାର ଯୁବକ ଯୁବତୀମାନଙ୍କ ପାଇଁ ପ୍ଲେସମେଣ୍ଟ ଲିଙ୍କେଡ୍ ସ୍କିଲ୍ ଡେଭଲପମେଣ୍ଟ ଟ୍ରେନିଂ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଟ୍ରେନିଂ ପାର୍ଟନରମାନେ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗାୟତ୍ରୀ ଚେରିଟେବଲ୍ ଟ୍ରଷ୍ଟ, ଡାଟାପ୍ରୋ କମ୍ପ୍ୟୁଟର, ଗ୍ୟାଲାକ୍ସି କମ୍ପ୍ୟୁଟର, ବିଜ୍ଞାନ ଭାରତୀ ଚେରିଟେବଲ୍ ଟ୍ରଷ୍ଟ, ଉପାସନା ଏଜୁକେସନ୍ ଟ୍ରଷ୍ଟ, ବ୍ୟାଙ୍କିଙ୍ଗ୍ ଆଣ୍ଡ ଫାଇନାନ୍ସିଆଲ୍ ସେକ୍ଟର୍ ସ୍କିଲ୍ କାଉନସିଲ୍ ଓ ଭିକ୍ଟସ୍ ଡାଇଙ୍ଗର ଅଧିକାରୀମାନଙ୍କ ସମେତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠୀ, ଅଧ୍ୟକ୍ଷ, ଆଇଟିଆଇ ଫୁଲବାଣୀ, ଯୁବ ପେସାଦାର ଓ ସିଏମ୍ ଦକ୍ଷତା ବିକାଶ ଫେଲୋମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ।

# ଲାସେରି କ୍ଲଷ୍ଟରର ଶିଶୁ ସୁରଭି ମହୋତ୍ସବ



**କନ୍ଧମାଳ,୧୫।୧୦(ସଂଚାର ବ୍ୟୁରୋ):** ଜିଲ୍ଲାର କୋଟଗଡ଼ ବ୍ଲକ ନୂଆ ଭାଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଲାସେରି କ୍ଲଷ୍ଟର ୧୦ ଗୋଟି ବିଦ୍ୟାଳୟରୁ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ।ବିଦ୍ୟାଳୟରୁ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସୁରଭି କାର୍ଯ୍ୟକ୍ରମ ସାଙ୍ଗକୁ ନାଚ, ଗୀତ, ଚିତ୍ରାଙ୍କଣ, ବକ୍ତୃତା, କୁଇଜ, ପ୍ରଧାନମନ୍ତ୍ରୀ ପୋଷଣ ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇଥିଲା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର, ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଏବଂ ଲାସେରି କ୍ଲଷ୍ଟର ସି.ଆର.ସି ଶ୍ରୀ ସୁଗ୍ରୀବ ନାୟକ ଓ ଅନ୍ୟାନ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସହ ଶିକ୍ଷକ ବିଭିନ୍ନ ପ୍ରକାର ପୁରସ୍କାର ଏବଂ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଧରାକୋଟ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀ ସୁବେନ୍ଦ୍ର ତଲମ୍ବା ସମ୍ମାନୀତ ଅତିଥି ସମିତି ସଭ୍ୟ ଶ୍ରୀ ଶୁଭକାନ୍ତ ସୁକାମାଝୀ, ଲକିନାତ ମାଝି ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସଜେଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରୋମଦ କୁମାର ପାତ୍ର ସଭାପତି ଭାବେ ଯୋଗ ଦେଇଥିଲେ ଏବଂ ନିଜର ଅଭିବାଷଣ ରଖିଥିଲେ।

# କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ



**କନ୍ଧମାଳ,୧୫।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଦଳପଡା ଗ୍ରାମପଞ୍ଚାୟତ ଅଧିନସ୍ଥ ଝାମ୍ପି ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ଡାଞ୍ଜୁ ପ୍ରାଥମିକ ବିଦ୍ୟାଳୟ ଠାରେ ମଙ୍ଗଳବାରଦିନ ଆଞ୍ଚଳିକସାଧନ କେନ୍ଦ୍ର ସଂଯୋଜକ, ଶ୍ରୀ ସୁଶାନ୍ତ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାଞ୍ଜୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପରମାନନ୍ଦ ଦେହୁରୀ, ସମ୍ମାନିତ ଅତିଥି ଭାବେ ରମାକାନ୍ତ ମଲ୍ଲିକ ଯୋଗ ଦେଇ କାର୍ଯ୍ୟକ୍ରମ ଟିକୁ ଆଗେଇ ନେଇଥିଲେ। କ୍ଲଷ୍ଟରରେ ଥିବା ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସୁରଭି କାର୍ଯ୍ୟକ୍ରମ ହେଉଛି ବିଦ୍ୟାଳୟର ଏକ ସାଂସ୍କୃତିକ ମହୋତ୍ସବ, ଯେଉଁଠି ଛାତ୍ରଛାତ୍ରୀ ମନୋରଞ୍ଜନ ସହିତ ତାଙ୍କ ଲୁକାୟତ ଥିବା ପ୍ରତିଭା ଦେଖାନ୍ତି। ଏହା ଶିକ୍ଷା, ସଂସ୍କୃତି, ଓ ମୂଲ୍ୟବୋଧକୁ ଏକସାଥିରେ ଆଣିଥାଏ। ଶେଷରେ କୃତ କାର୍ଯ୍ୟ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କ୍ଲଷ୍ଟରର ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

● ଲଘୁ ଖଣିଜ ସମ୍ପଦ ଚାଲାଣ ବେଳେ ରେଡ୍

# ୬ ମୋରମ ବୋଝେଇ ଟ୍ରାକ୍ଟର ଜବତ, ୬ ଡ୍ରାଇଭର ଅଟକ

**ଉଦଳା,୧୫।୧୦(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ପୁଲିସର ଟାର୍ଗେଟରେ ମାଫିଆ। ଅନନ୍ତପୁର ଅଞ୍ଚଳରେ ଗଳା ବାଟ ଦେଇ ମୋରମ ଚୋରା ଚାଲାଣ ବେଳେ ମାଫିଆଙ୍କୁ ମାଡ଼ି ବସିଲା ପୁଲିସ। ୬ଟି ମୋରମ ବୋଝେଇ ଟ୍ରାକ୍ଟର ଜବତ ସହ ୬ ଡ୍ରାଇଭରଙ୍କୁ ଅଟକ ରଖିଛି ପୁଲିସ। ଅଟକ ଡ୍ରାଇଭର ହେଲେ ବୃନ୍ଦାବନ ଟୁଡୁ, ଭାନୁ ପ୍ରତାପ ସିଂ,ବାପୁନ ପାତ୍ର, ଗୁନାରାମ ଟୁଡୁ, ତପୁ ପାଲ ଏବଂ ଗୁଣ ନାଏକ। ସୂଚନା ମୁତାବକ, ଉଦଳା ଥାନା ପଥୁରିଆ ଅଞ୍ଚଳରେ ଚୋରା ମୋରମ ଖାଦାନରୁ ମୋରମ ଚାଲାଣ ହେଉଥିବା ନେଇ ଉଦଳା ପୁଲିସକୁ ସୂଚନା ମିଳିଥିଲା । ଖବର ପାଇ ପୁଲିସ ଅନନ୍ତପୁର ଅଞ୍ଚଳରେ ଚଢ଼ାଉ କରିଥିଲା । ମାଫିଆମାନେ ମୋରମ ନେଇ ଯାଉଥିବା ୬ଟି ଟ୍ରାକ୍ଟର ହାବୁଡ଼ରେ ପଡିଥିଲେ।

# ବିଶ୍ୱ ହାତଧୁଆ ଦିବସ ପାଳିତ




**କଣାସ,୧୫।୧୦(ସଂଚାର ବ୍ୟୁରୋ):** କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତ ଦେଠିଆପଡ଼ା ଗ୍ରାମରେ ପ୍ରତିଷ୍ଠିତ ଦେଠିଆପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟାମାନେ ଯୋଗଦେଇ ଥିଲେ। 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଜଣେ ବ୍ୟକ୍ତି ପ୍ରଥମେ ସୁସ୍ଥ ରହିବାକୁ ହେଲେ ତାଙ୍କର ହାତକୁ ଭଲ ଭାବରେ ସଫା କରିବା ଦରକାର। ବ୍ୟକ୍ତିଗତ ପରିଷ୍କାର ଓ ପରିଚ୍ଛନ୍ନତା ହିଁ ବିଭିନ୍ନ ପ୍ରକାର ରୋଗରୁ ଶିଶୁକୁ ରକ୍ଷା କରିଥାଏ। ହାତକୁ କିପରି ସାତ ଗୋଟି ପଦ୍ଧତି ମାଧ୍ୟମରେ ଭଲଭାବରେ ସଫା କରିବାକୁ ହେବ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଦେଖାଇଥିଲେ। ଖାଇବା ପୂର୍ବରୁ, ଶୌଚହେବା ପରେ ହାତକୁ ଏହି ୭ଗୋଟି ପଦ୍ଧତି ମାଧ୍ୟମରେ ସଫାକଲେ ସମସ୍ତେ ନିରୋଗ ରହିବେ। ପରେ ପରେ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଏକ ଜନସଚେତନତା କାର୍ଯ୍ୟକ୍ରମ ଦେଠିଆପଡ଼ା, ଏକରୁଖା ଗ୍ରାମରେ କରାଯାଇଥିଲା।

# ଚକଡା ପୋକ ଲାଗି ଶାରଦ ଧାନ ଫସଲ କ୍ଷତିଗ୍ରସ୍ତ

● ମୁଣ୍ଡରେ ହାତଦେଇ ବସିଛନ୍ତି ଚାଷୀ

**କଣାସ,୧୫।୧୦(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର ଭାତହାଣ୍ଡି ଭାବେ ପରିଚିତ କଣାସ ବ୍ଲକରେ ବର୍ତ୍ତମାନ ଶାରଦ ଧାନଫସଲରେ ଚକଡାପୋକ ଲାଗିଯାଇଥିବାରୁ ବ୍ୟାପକ ଅଞ୍ଚଳ ଧାନ ଫସଲ ନଷ୍ଟ ହେବାସହ ଚାଷୀମାନେ ମୁଣ୍ଡର ହାତ ଦେଇ ବସିଛନ୍ତି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ଗ୍ରାମ୍ୟ ମହାଜନଙ୍କ ଠାରୁ ଚଢ଼ା ଦରରେ ସୁଧକୁ ଅର୍ଥ ଆଣି ଧାନ ଫସଲ କରିଥିଲେ। ବିଶେଷ କରି ରୁଆ ହୋଇଥିବା ଧାନ ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଚାଷୀମାନେ କୃଷି ଅଧିକାରୀଙ୍କ ନିକଟକୁ ଯାଇ ଧାନରେ ଲାଗିଥିବା ପୋକ ସମ୍ପର୍କରେ ସୂଚନା ଦେବାସହ ତାଙ୍କ ପରାମର୍ଶ ଅନୁଯାୟୀ ଔଷଧ ଆଣି ବିଲରେ ପକାଇଲେ ମଧ୍ୟ ରୋଗ କମୁ ନାହିଁ। ଦିନକୁ ଦିନ ରୋଗ ବଢ଼ି ବଢ଼ି ଚାଲିଥିବାରୁ ଚାଷୀମାନେ ବହୁ ଚିନ୍ତାଗ୍ରସ୍ତ ବସ୍ଥାରେ ଅଛନ୍ତି।

# ଡିଏମ କମ୍ୟୁନିକେସନ ଦୋକାନ ଉପରେ ଗୁଳି ମାଡ଼ କଲେ ଦୁର୍ବୃତ୍ତ



**ଯାଜପୁର ରୋଡ଼,୧୫।୧୦(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହର ସ୍ଥିତ ୱାର୍ଡ ନମ୍ବର -୧୩ ଅନ୍ତର୍ଗତ ପାଂଚାଳି ହୋଟେଲ ସାମ୍ନାରେ ଥିବା ଡିଏମ କମିନିକେସନ ଦୋକାନ ଉପରେ ଆଜି ସନ୍ଧ୍ୟା ପରେ ପରେ ଦୃବୃତ ମାନେ ଗୁଳି ମାଡ଼ କରି ଫେରାର ହୋଇଯାଇଛନ୍ତି। ଏହାର କାରଣ ସଠିକ୍ କ'ଣ ରହିଛି ବୋଲି ତାହା ଜଣାପଡ଼ିନଥିବା ବେଳେ ଏହା ବ୍ୟାସନଗର ପୌର ସହରର ପ୍ରଥମ ଘଟଣା ବୋଲି ସାଧାରଣରେ ଆଲୋଚନା ହେଉଛି। ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ଼ ଥାନା ଅଧିକାରୀ ଶ୍ରୀ ଆଶିଷ କୁମାର ସାହୁ ଓ ପୋଲିସ ଦଳ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଆଗକୁ କାଳି ପୂଜା ଆସୁଥିବାରୁ ଏପରି ଘଟଣା ଜନସାଧାରଣ ମାନଙ୍କ ମନରେ ଭୟ ସୃଷ୍ଟି କରିଛି।

# ସ୍କୁଲ ବସ ଧକ୍କାରେ ବୃଦ୍ଧ ମୃତ, ଛାତ୍ର ଛାତ୍ରୀ ଆହତ



**ରାଇଘର,୧୫।୧୦(ସଂଚାର ବ୍ୟୁରୋ):** ସ୍ଥାନୀୟ ବିଜୁ ପଟ୍ଟନାୟକ ପବ୍ଲିକ ସ୍କୁଲ ବସ ପିଲା ମାନଙ୍କୁ ଧରି ସ୍କୁଲ ଆସିବା ସମୟରେ ଗଂଜାପରା ଠାରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଏକ ଲୁନା ଚାଳକ ପମ୍ପ ରେ ତେଲ ପକାଇବାକୁ ହଟାତ ବସ ସାମ୍ନାରେ ବୁଲି ଟାଙ୍କିକୁ ଯିବାକୁ ଚେଷ୍ଟା କରିଥିଲା। ଏହି ସମୟରେ କୁନି କୁନି ସ୍କୁଲ ପିଲା ମାନଙ୍କୁ ନେଇ ଆସୁଥିବା ବସ ଡ୍ରାଇଭର ଲୁନା ଚାଳକଙ୍କୁ ବଞ୍ଚାଇବାକୁ ଚେଷ୍ଟାକରି ଥିଲେ ସୁଦ୍ଧା ତାହା ସମ୍ଭବ ହୋଇନଥିଲା।ଯାହା ଫଳରେ ବସ ଟି ବୃଦ୍ଧ ସମାରୁ ଗଣ୍ଡ(୬୦) ଙ୍କ ଲୁନାରେ ପିଟି ହୋଇ ରାସ୍ତା କଡ଼କୁ ଚାଲିଯାଇଥିଲା।ଏବଂ ଘଟଣା ସ୍ଥଳରେ ସମାରୁ ଙ୍କ ମୃତ୍ୟୁ ହୋଇଥିଲା। ଘଟଣାଟି ପେଟ୍ରୋଲ ପମ୍ପ ସିସି ଟି ଭି ରେ କଏଦ ହୋଇଥିଲା।ଖବର ପାଇ ରାଇଘର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀର କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇ ବସ ଏବଂ ଲୁନାକୁ ଥାନାକୁ ଆଣିବା ସହ ଡ୍ରାଇଭର କୁ ଅଟକ ରଖିଥିବା ଜଣା ପଡ଼ିଛି।ପରେ ଶବ ବ୍ୟବଚ୍ଛେଦ ସାରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏହି ଦୁର୍ଘଟଣାରେ ବସ ରେ ଥିବା ଛାତ୍ର ଛାତ୍ରୀ ମାନେ ସାମାନ୍ୟ ଆଘାତ ହୋଇଥିଲା ବେଳେ ତିନୋଟି ପିଲା ଙ୍କୁ ଗଭୀର ଆଘାତ ଲାଗିଥିଲା। ମେଡିକାଲ ରେ ପ୍ରାଥମିକ ଚିକିତ୍ସକ୍ଷପରେ ସେମାନେ ଘରକୁ ଯାଇଥିବା ପୋଲିସ ପ୍ରକାଶ କରିଛି। ଏଥି ସହ ସ୍କୁଲ ସଭାପତି ମୃତକ ପରିବାର ଙ୍କୁ ୩୦ହଜାର ଟଙ୍କା ଦେଇଥିବା ବେଳେ ଇନସୁରାନ୍ସ କମ୍ପାନିରୁ ଯାହା କ୍ଷତି ପୁରଣ ବାବଦକୁ ମିଳିବ ତାହା ପରିବାର ପାଇବେ ବୋଲି ସଭାପତି ରାଇସିଙ୍ଗ ଗଣ୍ଡ କହିଛନ୍ତି।

● ବିଶ୍ୱ ଛାତ୍ର ଦିବସ ପାଳିତ

# କାଲାମଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ

**ବାଲିଆପାଳ,୧୫।୧୦(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ନୂଆଗାଁ ସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବୁଧବାର ପୂର୍ବାହ୍ନରେ ଡଃ ଅବଦୁଲ କାଲାମଙ୍କ ଜନ୍ମଦିନ ଅବସରରେ ବିଶ୍ୱ ଛାତ୍ର ଦିବସ ପାଳନ କରାଯାଇଛି।ବିଦ୍ୟାଳୟର ସମ୍ପାଦକ ରଞ୍ଜନ କୁମାର ବେହେରା ବିଶ୍ୱ ଛାତ୍ର ଦିବସ ବିଷୟରେ ପ୍ରାରମ୍ଭିକ ସୂଚନା ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପଞ୍ଚୁପାଲି କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ବାରିକ ଯୋଗଦେଇ କାଲାମଙ୍କ ନିତି ଆଦର୍ଶକୁ ଅନୁସରଣ କରି ସୁସ୍ଥ ସମାଜ ଗଠନରେ ସହାୟକ ହୁଅନ୍ତୁ ବୋଲି କହିଥିଲେ।ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ ଯୋଗଦେଇ କାଲାମଙ୍କ ପରି ସ୍ୱପ୍ନ ଦେଖ ତାହା ଦିନେ ବାସ୍ତବରେ ପରିଣତ ହେବ, ପ୍ରତ୍ୟେକ ପିଲା ନିଜ ଜନ୍ମଦିନରେ ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଦେଇଥିଲେ।

# ଦୁଇ ଛାତ୍ରଛାତ୍ରୀ ରାଜ୍ୟସ୍ତରକୁ ମନୋନୀତ



**ବୋରିଗୁମ୍ମା,୧୫।୧୦(ସଂଚାର ବ୍ୟୁରୋ):** ଜାନୁଆରୀ ମାସ ୨୬ ତାରିଖରେ ଦିଲ୍ଲୀ ରେ ସାଧାରଣତନ୍ତ୍ର ଦିବସ ପାଇଁ ଏନ ଏସ ଏସ ତରଫରୁ ବିଶ୍ୱବିଦ୍ୟାଳୟ ସ୍ତରୀୟ ସ୍ୱେଚ୍ଛାସେବୀ ଶିବିର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ହୋଇଥିଲା। ଏଥିରେ ଅବିଭକ୍ତ କୋରାପୁଟ ଜିଲ୍ଲା ର ୫୨ଟି ମହାବିଦ୍ୟାଳୟ ରୁ ଏନ ଏସ ଏସ ର ପ୍ରତ୍ୟେକ ୟୁନିଟ ରୁ ଦୁଇ ଦୁଇ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ବିକ୍ରମଦେବ ବିଶ୍ୱବିଦ୍ୟାଳୟ ର ଜାତୀୟ ସେବା ଯୋଜନା ର କାର୍ଯ୍ୟକ୍ରମ ସଂଯୋଜକ ଡ଼ଃ ମନୋରଞ୍ଜନ ପ୍ରଧାନ ଙ୍କ ତତ୍ତ୍ୱାବଧାନ ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏ ଅବସରରେ ଶିବିରାର୍ଥୀମାନଙ୍କର ଶାରୀରିକ ପ୍ରଦର୍ଶନ, ପ୍ୟାରେଡ, ଦୌଡ଼ ପ୍ରତିଯୋଗିତା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ୧୪ ଜଣ ଶିବିରାର୍ଥୀ ଙ୍କୁ ଚୟନ କରାଯାଇଥିଲା।

# କ୍ଲଷ୍ଟରରେ ଶିଶୁ ସୁରଭି କାର୍ଯ୍ୟକ୍ରମ



**ବାଲିଆପାଳ,୧୫।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ଶିକ୍ଷା ଅ ଧି କ ା ର ୀ ଙ୍କ ଅଧୀନରେ ବୋଳଂ କ୍ଲଷ୍ଟର ସରକାରୀ ଈଶ୍ୱର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ସୁରଭି କାର୍ଯ୍ୟକ୍ରମ ଉତ୍ସାହଭରା ପରିବେଶରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସିଆରସିସି ଜୟକୃଷ୍ଣ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୋଳଂ ସରକାରୀ ଈଶ୍ୱର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ପାଠୀ ଏବଂ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଞ୍ଚାନନ ପ୍ରଧାନ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ବୋଳଂ ସରପଞ୍ଚ ଜ୍ୟୋସ୍ନାରାଣୀ ମଲ୍ଲିକ ଏବଂ ସମିତି ସଦସ୍ୟ ପ୍ରତିନିଧି ତପନ ରାଉତ ଉପସ୍ଥିତ ଥିଲେ। ବିଦ୍ୟାଳୟ ଶିକ୍ଷକ ବିଦୁର କୁମାର ବଡ଼ିଆରୀ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଏବଂ ନବୀନ କୁମାର ରଣା ଧନ୍ୟବାଦ ଜ୍ଞାପନ କରିଥିଲେ। ପିଲାମାନଙ୍କର ଅନ୍ତର୍ନିହିତ ଦକ୍ଷତା ଓ ସୃଜନଶୀଳତାକୁ ଉଜାଗର କରିବା ପାଇଁ ଏହି ସୁରଭି କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୩ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କୁଇଜ, ଚିତ୍ରାଙ୍କନ, ନୃତ୍ୟ, ଗୀତ, ବକ୍ତୃତା ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଭାଶାଳୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଈଶ୍ୱରଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷିକା ଓ ଶିକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ।

# ବାଛୁରୀପଡ଼ାରେ ବାଣମେଳା ନେଇ ଏବେବି ଅନିଶ୍ଚିତତା

**ବୈଶିଙ୍ଗା,୧୫।୧୦(ସଂଚାର ବ୍ୟୁରୋ):** ଦୀପାବଳୀରେ ବାଣ ବିକ୍ରୀ ପାଇଁ ବାଣର ଗନ୍ତାଘର ଭାବେ ବାଛୁରୀପଡା ଗ୍ରାମ ବହୁ ଚର୍ଚ୍ଚିତ। ଏକ ମାସ ପୂର୍ବରୁ ବାଣ ତିଆରି ହୋଇ ଜିଲ୍ଲା ବାହାରକୁ ରପ୍ତାନି କରାଯାଇଥାଏ। ଚଳିତ ବର୍ଷ ଅକ୍ଟୋବର ୫ ତାରିଖରେ ଏକ ବିସ୍ଫୋରଣ ଘଟି ଅନୀଲ ଦାସ ନାମକ ବ୍ୟକ୍ତିଙ୍କର ମୃତ୍ୟୁ ହେବା ପରେ ବାଣ ବିକ୍ରୀ ପାଇଁ ଅନୁମତି ମିଳି ପାରିନାହିଁ। ଏଥି ସହିତ ବାଣ ମେଳା ଅନୁଷ୍ଠିତ ହେବା ଯୋଗୁଁ ପ୍ରତିବର୍ଷ ଅଘଟଣ ଘଟି କେହିନା କେହି ମୃତ୍ୟୁ କରୁଥିବା ଘଟଣାକୁ ନେଇ ପୁରୁଣିଆ ସରପଞ୍ଚ ସୁନ୍ଦର ମୋହନ ସିଂ, ବେତନଟି ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡି ଚଳିତ ବର୍ଷ ବାଣ ମେଳାକୁ ଅନୁମତି ନ ଦେବା ପାଇଁ ଜିଲ୍ଲାପଳ ଙ୍କ ଠାରେ ଅଭିଯୋଗ କରିଥିଲେ।ଏହି ବିଷୟ କୁ ନେଇ ଜିଲ୍ଲାପାଳ ହେମକାନ୍ତ ସଏ ଗୁରୁବାର ପୂର୍ବାହ୍ନରେ ଏକ ଜରୁରୀ ବୈଠକ ଡକାଇ ଥିଲେ। ସ୍ଥାୟୀ ଲାଇସେନ୍ସ ଧାରୀ ୪ ଜଣ ଏବଂ ଅସ୍ଥାୟୀ ବାଣ ଦୋକାନ ପାଇଁ ଆବେଦନ କରିଥିବା ୧୬ ଜଣ ବ୍ୟବସାୟୀ ବୈଠକରେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏସ୍ .ପି. ବରୁଣ ଗୁଣ୍ଡୁପାଲି, ଏଡିଏମ୍ ଈଶ୍ୱର ନାୟକ, ଉପ ଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ଏସ.ଡିପିଓ ମିନତୀ ବିଶ୍ୱାଳ, ବିଡିଓ ଶୁଶାନ୍ତ ସୁତାର, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା. ଆଇଆଇସି ବାରିଣି ଦାସ ପ୍ରମୁଖ ଉପସ୍ଥିତ ରହି ସମସ୍ତ ବିଷୟ ଉପରେ ଚର୍ଚ୍ଚା କରିଥିଲେ। ଶେଷରେ ନିଷ୍ପତ୍ତି ନିଆଯାଇଥିଲା ଯେ ଆବେଦନକାରୀ ମାନେ ଏକ ସତ୍ୟପାଠ ଜରିଆରେ କେବଳ ଗ୍ରୀନ ବାଣ ବିକ୍ରୀ କରିବେ, ହାତ ତିଆରି ବାଣ ବିକ୍ରୀ କରିଲେ ୧୦ ବର୍ଷ ଜେଲଦଣ୍ଡ ଭୋଗିବେ। ଏଥି ସହିତ ପୋଲିସ ଟିମ୍ କ୍ୟାମ୍ପ କରି ରହି ତଦାରଖ କରିବେ। ସର୍ତ୍ତ ଖିଲାପ ହେଲେ ମୃତୟନ ଥିବା ଅଗ୍ନିଶମ ବିଭାଗ ସମସ୍ତ ବାଣ ଉପରେ ପାଣି ପକାଇ ନଷ୍ଟ କରିଦିଆଯିବ।

# ବଚସାରୁ ହତ୍ୟା କାଣ୍ଡ ୧ମୃତ ୧ ଗୁରୁତର, ଅଭିଯୁକ୍ତ ଅଟକ

**ଲାଞ୍ଜିଗଡ଼,୧୫।୧୦ (ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ଜଣେ ଯୁବକ ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଭାଟଗୁଡ଼ା ଗ୍ରାମରେ ଟାଙ୍ଗିଆରେ ଆକ୍ରମଣ କରିଥିବା ବେଳେ ଘଟଣା ସ୍ଥଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ହୋଇ ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲ ରେ ଚିକିତ୍ସିତ ହଉଛନ୍ତି।ସୂଚନାନୁସାରେ ଭାଟଗୁଡ଼ା ଗ୍ରାମରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ଚାରିଜଣ ଯୁବକ ସେଠାରେ ଶ୍ରମିକ ଭାବେ ରହି ନିର୍ମାଣ କାର୍ଯ୍ୟ କରୁଥିଲେ।ଚାରିଜଣ ଯୁବକ କୁନିଲ ଲୋହାରା, ଲଳିତ ମାଝୀ, ଦିଲ୍ଲୀପ ଲୋହାରା, କୁଣୁଯା ମାଝୀ ଅଟନ୍ତି। ଗତ କାଲି ରାତିରେ ପ୍ରାୟ ୧୧ ଟା ବେଳେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା ଏବଂ ଗଣ୍ଡଗୋଳ ଆରମ୍ଭ ହୋଇଥିଲା ବଳଭଦ୍ରପୁର ଗ୍ରାମର ସୀତା ଲୋହାରାଙ୍କ ପୁତ୍ର କୁନାଲ ଲୋହୋରା(୨୧) ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ।

# ଭିନ୍ନକ୍ଷମ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତକୁ କୋର୍ଟ ଚାଲାଣ

**ରାସଗୋବିନ୍ଦପୁର,୧୫।୧୦(ସଂଚାର ବ୍ୟୁରୋ):** ଶୌଚ ହେବାକୁ ଯାଇଥିବା ବେଳେ ପଞ୍ଚମ ଶ୍ରେଣୀର ଶାରିରିକ ଭିନ୍ନକ୍ଷମ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ। ପୋକ୍ସୋ ଆଇନ ଅନୁଯାୟୀ ଅଭିଯୁକ୍ତ ସୁଶାନ୍ତ ଜେନା (୨୫ ବର୍ଷ)କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ । ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ଏଭଳି ଘଟଣା ଘଟିଛି । ସୂଚନା ମୁତାବକ, ଭିନ୍ନକ୍ଷମ ନାବାଳିକା ମଙ୍ଗଳବାର ଅପରାହ୍ଣ ୩ଟାରେ ଏକ ପୋଖରୀକୁ ଶୌଚ ପାଇଁ ଯାଇଥିଲେ । ଏତିକି ବେଳେ ଏକୁଟିଆ ଥିବାର ସୁଯୋଗ ନେଇ ବସ୍ତା ଥାନା ଦାଣ୍ଡନାବଦା ଗାଁର ସୁଶାନ୍ତ କୁମାର ଜେନା ଝିଅଟିକୁ ନିଛାଟିଆ ସ୍ଥାନକୁ ଟେକି ନେଇ ଦୁଷ୍କର୍ମ କରି ଛାଡ଼ି ଦେଇଥିଲା । ଝିଅଟି ଯନ୍ତ୍ରଣା ସହି ନପାରି ଘରେ ସମସ୍ତ କଥା କହିଥିଲା । ତେବେ ନାବାଳିକାର ଏଭଳି ଅବସ୍ଥା ଦେଖି ବାପା ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ।